# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-354 ◆MONDAY ◆22 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫୪ ◆ସୋମବାର ◆୨୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଦୀପିକାଙ୍କ ସ୍ଥାନ ନେବେ ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

## ୨ ମହିଳା କଳାକାରଙ୍କୁ ଅପହରଣ କରି ଗଣଦୁଷ୍କର୍ମ



■ ପାଟନା, ୨୧।୬ (ଏଜେନ୍ସି): ବିହାରର ପାଟନା ଅନ୍ତର୍ଗତ ନୌବତପୁର ଅଞ୍ଚଳରେ ଏକ ଅତି ଅମାନବୀୟ ଘଟଣା ଘଟିଛି। ଏକ ସଙ୍ଗୀତ ଓ ନୃତ୍ୟ ଦଳର ଦୁଇ ଜଣ ମହିଳା କଳାକାରଙ୍କୁ ଅପହରଣ କରି ପ୍ରାୟ ୧୩ ଜଣ ବ୍ୟକ୍ତି ବନ୍ଧୁକ ମୁନରେ ସାରା ରାତି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୧୮ ତାରିଖରେ ଏହି ନିନ୍ଦନୀୟ ଘଟଣା ଘଟିଥିଲା। ପୀଡ଼ିତା ଦୁଇ ମହିଳା ସମ୍ପର୍କୀୟ ଭଉଣୀ ଏବଂ ସେମାନେ ମୂଳତଃ ଝାଡ଼ଖଣ୍ଡର ଲାତେହାର ଜିଲ୍ଲାର ବାସିନ୍ଦା। ସେମାନଙ୍କୁ ଏକ ଶୁଭ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ପାଇଁ ମୁନ୍ନା କୁମାର ନାମକ ଜଣେ ବ୍ୟକ୍ତି ବୁକ୍ କରିଥିଲେ। ମାତ୍ର କାର୍ଯ୍ୟକ୍ରମ ସ୍ଥଳକୁ ନନେଇ ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ। ସେଠାରେ ଉଭୟଙ୍କୁ ଅଲଗା କରି ବନ୍ଧୁକ ଦେଖାଇ ମାଡ଼ ମରାଯିବା ସହ ରାତିସାରା ନିର୍ଯାତନା ଦିଆଯାଇଥିଲା। ପରଦିନ ସକାଳେ ଗାଡ଼ିରେ ନିଆଯାଉଥିବା ବେଳେ ମହିଳାମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ପୁଲିସ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା ସହିତ ଧରିବା ଲାଗି ଉଦ୍ୟମ ଚାଲିଛି।

## ମାଛ ରପ୍ତାନୀ କାରଖାନାରେ ଗ୍ୟାସ୍ ଲିକ୍; ୭ ମହିଳା ମୃତ



### ୬୭ ଅସୁସ୍ଥ, ମୃତକଙ୍କ ମଧ୍ୟରେ ୨ ଓଡ଼ିଆ ଶ୍ରମିକ

■ ଚେନ୍ନାଇ, ୨୧।୬ (ଏଜେନ୍ସି): ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ପଲ୍ ସାମୁଦ୍ରିକ ଖାଦ୍ୟ (ମାଛ) ରପ୍ତାନି କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୬୭ ଜଣ ଶ୍ରମିକ ଅସୁସ୍ଥ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ମୃତାହତଙ୍କ ମଧ୍ୟରେ କିଛି ଓଡ଼ିଆ ଶ୍ରମିକ ରହିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆତଙ୍କ ଖେଳିଯାଇଛି।

କାରଖାନାର ମାଛ ପ୍ରକ୍ରିୟାକରଣ ୟୁନିଟ୍‌ରୁ ଏହି ଆମୋନିଆ ଗ୍ୟାସ୍ ଲିକ୍ ହୋଇ ସମ୍ପୂର୍ଣ୍ଣ ପରିସରକୁ ବ୍ୟାପି ଯାଇଥିଲା। ସେଠାରେ କାମ କରୁଥିବା ଶ୍ରମିକମାନେ ହଠାତ୍ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ ଏବଂ କେତେକ ଶ୍ରମିକଙ୍କ ପାଟି ଓ ନାକରୁ ରକ୍ତସ୍ରାବ ମଧ୍ୟ ହୋଇଥିଲା। ଅସୁସ୍ଥ ଶ୍ରମିକମାନଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବେସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ୯ ଜଣ ଗୁରୁତର ▶ପୃଷ୍ଠା-୭



# ଶ୍ରୀଲଙ୍କାରେ ବୈଭବ ଝଡ଼

### ୧୧ ବଲ୍‌ରେ ୫୦

■ ଡାମ୍ବୁଲା, ୨୧।୬ (ଏଜେନ୍ସି): ନିଜର ବିଧ୍ୱଂସୀ ବ୍ୟାଟିଂ ପାଇଁ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଖବରର ଶିରୋନାମା ପାଲଟିଛନ୍ତି। ରବିବାର ଡାମ୍ବୁଲାରେ ଘରୋଇ ଶ୍ରୀଲଙ୍କା-ଏ ବିପକ୍ଷରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ବୈଭବ ମାତ୍ର ୨୯ ବଲରେ ୯୪ ରନର ବିସ୍ଫୋରକ ଇନିଂସ ଖେଳି ଭାରତ-ଏ'କୁ ଚାମ୍ପିଅନ କରାଇଛନ୍ତି। ସିଂହଳୀ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିବା ସୂର୍ଯ୍ୟବଂଶୀ ମାତ୍ର ୧୧ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ୧୧ଟି ବଲରୁ ସେ ଯଥାକ୍ରମେ ୪, ୪, ୪, ୬, ୬, ୦, ୪, ୪, ୬, ୬ ରନ ସଂଗ୍ରହ କରିଥିଲେ। ଏହିକ୍ରମରେ ସେ ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ୨୦୦୫ରେ ଶ୍ରୀଲଙ୍କାର କୌଶଲ୍ୟ ବୀରରତ୍ନେ ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ୨୧ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ରହିଥିଲେ। ବୈଭବ ୧୦ ଚୌକା ଓ ୮ ଛକା ବଲରେ ୨୯ ବଲରେ ୯୪ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଲିଷ୍ଟ-ଏ'ରେ ଅଷ୍ଟ୍ରେଲିଆର ଜ୍ୟାକ ଫ୍ରେଜର ମ୍ୟାକଗର୍କ (୨୯ ବଲ)ଙ୍କ ନାମରେ ରହିଥିବା ଦ୍ରୁତତମ ଶତକ ରେକର୍ଡରୁ ମଧ୍ୟ ସେ ଅଳ୍ପକେ ପଛରେ ରହିଯାଇଥିଲେ।

# ଅଟକିଲା ଶାନ୍ତି ଆଲୋଚନା

## ଟ୍ରମ୍ପଙ୍କ ଧମକ; ସ୍ୱିଜରଲାଣ୍ଡ ବୈଠକରୁ ଉଠି ପଳାଇଲେ ଇରାନ ପ୍ରତିନିଧି



■ ବର୍ନ, ୨୧।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଚୁକ୍ତି ପରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଆଜି ଇରାନ ଓ ଆମେରିକା ମଧ୍ୟରେ ସ୍ୱିଜରଲାଣ୍ଡରେ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଆଲୋଚନା ସଫଳ ହୋଇଛି ବୋଲି ଆମେରିକା ପ୍ରତିନିଧି ଦଳର ନେତା ତଥା ଉପରାଷ୍ଟ୍ରପତି ଭାନ୍ସ ଦାବି କରିଥିଲେ। ସେ କହିଲେ ଯେ ଉଭୟ ଆମେରିକା ଏବଂ ଇରାନ ଏକାଠି ହୋଇ ଆଗକୁ ବଢ଼ିବା ଲାଗି ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ନେଇ ବାତାବରଣରେ ଉତ୍ସାହ ଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିବେଶକୁ ପୁଣି ଅଶାନ୍ତ କରିଦେଇଛି। ଲେବାନନ ଏବଂ ହର୍ମୁଜକୁ ନେଇ ଇରାନ ଉପରେ ଆକ୍ରମଣ କରିବା ଲାଗି ଟ୍ରମ୍ପଙ୍କ ଧମକର ପ୍ରତିବାଦ ଜଣାଇ ବୈଠକ ଅଧାରୁ ଉଠି ପଳାଇଛନ୍ତି ଇରାନ ପ୍ରତିନିଧି ଦଳ। ଇରାନ ପ୍ରତିନିଧି ଦଳର ନେତା ତଥା ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି କହିଛନ୍ତି ଯେ ଟ୍ରମ୍ପଙ୍କ ଧମକରେ ଇରାନ ଡରିଯିବ ନାହିଁ। ଇରାନ ଉପରେ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦେବାକୁ ସେନା ପ୍ରସ୍ତୁତ ଅଛନ୍ତି। ଶାନ୍ତି ବୁଝାମଣାକୁ ବିଫଳ କରିବା ଲାଗି ଇସ୍ରାଏଲ ଉଦ୍ୟମ ଚଳାଇଛି ଏବଂ ଏହାକୁ ରୋକିବା ପରିବର୍ତ୍ତେ ଇରାନ ଉପରେ ଆକ୍ରମଣ ପାଇଁ ଧମକ ଦେଇ ରାଷ୍ଟ୍ରପତି ଟ୍ରମ୍ପ ଭୁଲ କରୁଛନ୍ତି। ଏହାକୁ ଇରାନ ଗ୍ରହଣ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ଏହାସହିତ ଇରାନ ସଂସଦର ବାଚସ୍ପତି କହିଛନ୍ତି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ ଇରାନ ଆଲୋଚନାକୁ ଫେରିବ ନାହିଁ।

ସ୍ୱିଜରଲାଣ୍ଡରେ ଆଲୋଚନା ଚାଲିଥିବା ବେଳେ ଟ୍ରମ୍ପ ଧମକ ଦେଇଥିଲେ ଯେ ଲେବାନନରେ ହେଜବୁଲ୍ଲା ସଂଗଠନକୁ ଆୟତ୍ତ ନକଲେ ଏବଂ ହର୍ମୁଜରେ ଅବରୋଧ ଜାରି ରଖିଲେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ। ଏହି ଖବର ମିଳିବା ମାତ୍ରେ ଇରାନୀ ପ୍ରତିନିଧି ଦଳ ବିରକ୍ତି ପ୍ରକାଶ କରିବା ସହିତ ବୈଠକ ଛାଡ଼ି ପଳାଇଛନ୍ତି।

ସୂଚନାଯୋଗ୍ୟ ଶାନ୍ତି ବୁଝାମଣା ପରେ ଲେବାନନ୍ ଉପରେ ଇସ୍ରାଏଲର କ୍ରମାଗତ ଆକ୍ରମଣକୁ ବିରୋଧ କରି ଇରାନ 'ହର୍ମୁଜ ପ୍ରଣାଳୀ'କୁ ପୁଣି ଥରେ ବନ୍ଦ କରିଦେଇଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଏହାର ସମାଧାନ ପାଇଁ ସ୍ୱିଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ଆରମ୍ଭ ହୋଇଥିଲା। ବୈଠକରେ ଇସ୍ରାଏଲ ଆକ୍ରମଣ ନେଇ ଇରାନ ଚିନ୍ତା ପ୍ରକଟ କରିଥିଲେ ମଧ୍ୟ କଥାବାର୍ତ୍ତାରେ ଅଗ୍ରଗତି ଘଟିଥିବା ଆମେରିକାର ଉପରାଷ୍ଟ୍ରପତି ଭାନ୍ସ କହିଥିଲେ। ଆଲୋଚନା ବେଳେ ଇରାନ ଅଭିଯୋଗ କରିଥିଲା ଯେ ଚୁକ୍ତିର ପ୍ରଥମ ସର୍ତ୍ତର ଉଲ୍ଲଂଘନ ହୋଇଛି। ସର୍ତ୍ତ ଅନୁସାରେ ଲେବାନନ୍ ସହିତ ସମସ୍ତ ସମ୍ମୁଖ ଭାଗରେ ସାମରିକ ▶ପୃଷ୍ଠା-୭



ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଳିଙ୍ଗ ଷ୍ଟାଡିୟମଠାରେ ଯୋଗମୁଦ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମାନବ ଚେତନାର ବିକାଶ ପାଇଁ ଯୋଗ ଅମୂଲ୍ୟ ଉପହାର: ମୋହନ

**ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ କାର୍ଯ୍ୟକ୍ରମରେ ଯୋଡ଼ିହେଲେ ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୨୧।୬ (ସମିସ): ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି। ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ "ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ'। ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ▶ପୃଷ୍ଠା-୭



**କଲେଜ ଛାତ୍ରୀ ଆତ୍ମହତ୍ୟା**

## ଖଣିମନ୍ତ୍ରୀଙ୍କ ପୁତୁରା ଗିରଫ

### ପ୍ରେମ ଆଳରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ

ବ୍ରହ୍ମପୁର,୨୧।୬(ସମିସ): ଗୋଳନ୍ଥରା ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ଜନୈକ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ୍ ଜେନାଙ୍କୁ ଗିରଫ କରିଛି ପୁଲିସ। ସମ୍ପୃକ୍ତ ଛାତ୍ରୀଙ୍କୁ ବିଶ୍ୱଜିତ୍ ପ୍ରେମ କରୁଥିଲେ ଓ ଶାରୀରିକ ସମ୍ପର୍କ ରଖିବାକୁ ବିଶ୍ୱଜିତ୍ ସମ୍ପୃକ୍ତ ଛାତ୍ରୀଙ୍କୁ ବାରମ୍ବାର ବାଧ୍ୟ କରୁଥିଲେ। ବିଶ୍ୱଜିତ୍‌ଙ୍କ ଚାପ ଓ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ଛାତ୍ରୀଜଣକ ଆତ୍ମହତ୍ୟା କରିଥିଲେ। ମୃତ ଛାତ୍ରୀଙ୍କ ମାମୁ ମଙ୍ଗୁଲୁ ପ୍ରଧାନଙ୍କ ଅଭିଯୋଗ ପରେ ପୁଲିସ ବିଶ୍ୱଜିତ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜୁନ୍ ୨୦ ତାରିଖରେ ଗାନ୍ଧୀ ଇଞ୍ଜିନିୟରିଂ କଲେଜର ଜନୈକା ବିସିଏ ଛାତ୍ରୀଙ୍କୁ ହଷ୍ଟେଲ କୋଠରୀରେ ଝୁଲନ୍ତା ଅବସ୍ଥାରେ ତାଙ୍କ ଭଉଣୀ ଓ ସହପାଠୀ ମାନେ ଦେଖିଥିଲେ। ତୁରନ୍ତ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡ଼ାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀଙ୍କ ମାମୁଙ୍କ ଏତଲା ଆଧାରରେ ଗୋଳନ୍ଥରା ଥାନାରେ କେସ ନମ୍ବର ୨୨୬/୨୦୨୬ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ ଅନୁଯାୟୀ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା ଅଭିଯୋଗରେ ମୃତ ଛାତ୍ରୀଙ୍କ ପ୍ରେମିକ ବିଶ୍ୱଜିତ୍ ଜେନାଙ୍କୁ ଗିରଫ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତ ଛାତ୍ରୀଙ୍କ ବ୍ୟବଚ୍ଛେଦ କରାଯାଇଛି । ବିଶ୍ୱଜିତ୍ ବ୍ୟବହାର କରୁଥିବା ମୋବାଇଲ ଫୋନ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ ଉପକରଣ ମଧ୍ୟ ଜବତ କରାଯାଇଛି।

ଛାତ୍ରୀଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ୍ ଜେନା ହିଁ ମୁଖ୍ୟ ଅଭିଯୁକ୍ତ । ପ୍ରେମ ଓ ପ୍ରତାରଣା ପାଇଁ ହିଁ ଛାତ୍ରୀଜଣକ ▶ପୃଷ୍ଠା-୭

**ପ୍ରଥମରୁ ଅଷ୍ଟମ ପଢ଼ାବହି ଛପା**

## ମାଳମାଳ ପଣ୍ଡିତ; ପଣପଣ ତ୍ରୁଟି

■ ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ପୁସ୍ତକରେ ତ୍ରୁଟି ଓ ଏ ସଂକ୍ରାନ୍ତ ବିବାଦ ରାଜ୍ୟମଧ୍ୟରେ ସୀମିତ ନାହିଁ। ଏହା ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନିୟୁଟନ୍ ଜଣେ ପ୍ରସିଦ୍ଧ ପାଇଲଟ୍ ଥିଲେ ବୋଲି ଓଡ଼ିଆ ସ୍କୁଲ ବହିରେ ଲିଖିତ ପ୍ରସଙ୍ଗକୁ ନେଇ ଜାତୀୟ ଗଣମାଧ୍ୟମରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ତ୍ରୁଟିବିଚ୍ୟୁତିକୁ ନେଇ ମଧ୍ୟ ସାମାଜିକ ଗଣମାଧ୍ୟମରେ ସମାଲୋଚନା ଲହରି ଭାଙ୍ଗୁଛି। ମୁଖ୍ୟମନ୍ତ୍ରୀ ଏହାକୁ ନେଇ ବିଚଳିତ ଥିବା କୁହାଯାଉଛି ଏବଂ ୭ ଦିନରେ ରିପୋର୍ଟ ଦେବାକୁ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ପୁସ୍ତକଗୁଡ଼ିକର ସମୀକ୍ଷା ପାଇଁ ଯେଉଁ ଦୁଇଡ଼ଜନ ଶିକ୍ଷାବିତ୍ ଓ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା; ସେମାନେ କ'ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ବିଭିନ୍ନ ଉଚ୍ଚ ପଦରେ ଥିବା ଏହି ବିଜ୍ଞ (!) ଶିକ୍ଷାବିତ୍‌ମାନଙ୍କ ତଥାକଥିତ ଜ୍ଞାନ ଓ ପାଣ୍ଡିତ୍ୟ ପାଇଁ ଓଡ଼ିଶା ଯେପରି ଜାତୀୟସ୍ତରରେ ନିନ୍ଦିତ ହେଲା, ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

**ପୁସ୍ତକ ସମୀକ୍ଷା ଦାୟିତ୍ୱରେ ଥିଲେ ୨୪ ଶିକ୍ଷାବିତ୍ ଓ ଅଧିକାରୀ**

**କମିଟିର ଅଧ୍ୟକ୍ଷ ଥିଲେ ଗଣଶିକ୍ଷା ସଚିବ ଏନ୍.ଥିରୁମାଲା ନାଏକ**

ସୂଚନା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ସିଲାବସ୍ ଓ ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ କୋର କମିଟି ଗଠନ କରିଥିଲେ। ଦେଶ ଓ ରାଜ୍ୟର ୧୦ ଶିକ୍ଷାବିତ୍‌ଙ୍କ ସମେତ ୧୪ ଜଣ ପ୍ରଶାସନିକ ଅଧିକାରୀ କୋର କମିଟିର ସଦସ୍ୟ ହୋଇଥିଲେ। ମାତ୍ର ବହୁ ଆଡମ୍ବରରେ ଲଘୁକ୍ରିୟା ପରି ଏତେ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ସାତ୍ତ୍ୱେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ବାହାରିଛି। ଓଡ଼ିଆ ଓ ଇଂରାଜୀ ବନାନ୍ ସମେତ ବ୍ୟାକରଣ, ବାକ୍ୟ ଗଠନରେ ମାଳମାଳ ତ୍ରୁଟିକୁ ପାଇଁ ସାରା ଦେଶରେ ଓଡ଼ିଶା ବଦନାମ ମୁଣ୍ଡାଇଥିବାବେଳେ ଏହି କରିତକର୍ମା ଅଧିକାରୀ ଓ ଶିକ୍ଷାବିତଙ୍କ ଦକ୍ଷତା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣଶିକ୍ଷା ବିଭାଗର ସଚିବ ଏନ୍ ଥିରୁବାଳା ନାଏକ ଏହାର ଅଧ୍ୟକ୍ଷ ରହିଥିଲେ। ସେହିପରି ସଦସ୍ୟ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ▶ପୃଷ୍ଠା-୭




୨୧/୬/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୬୯,୦୫୩/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ରୋଗ ମୁକ୍ତ ପାଇଁ ଯୋଗ ମହୌଷଧି ସଦୃଶ



ପୁରୀ,୨୧।୬(ସମିସ): ଯୋଗ ଆମ ସମସ୍ତଙ୍କ ପାଇଁ ଜରୁରୀ। ଏହା ସୁସ୍ଥ, ନିରୋଗ ଓ ମାନସିକ ସ୍ଥିରତା ପାଇଁ ମହୌଷଧି ସଦୃଶ୍ୟ। ତେଣୁ ପ୍ରତ୍ୟେକ ଦିନ ନିଜ ଜୀବନଚର୍ଯ୍ୟାରେ ଯୋଗକୁ ଯୋଡ଼ିବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ରବିବାର ପ୍ରତ୍ୟୁଷରେ ଜିଲ୍ଲା ପ୍ରଶାସନ, କ୍ରୀଡ଼ା ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗଦେଇଥିଲେ। ଯୋଗ ଆଜି କେବଳ ଆମ ଦେଶରେ ଲୋକପ୍ରିୟ ହୋଇ ନାହିଁ ବରଂ ସମଗ୍ର ବିଶ୍ୱ ଏହାକୁ ଗ୍ରହଣ କରିବା ସହ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରୁଛନ୍ତି। ଚଳିତ ବର୍ଷର ବିଷୟ ରହିଛି ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ। ତେଣୁ ଯୋଗ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ପୁରୀ ସାଂସଦ ଡ. ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆଜି ସମଗ୍ର ବିଶ୍ୱରେ ଯୋଗ ପାଳିତ ହେଉଛି। ସୁସ୍ଥତା ପାଇଁ ଯୋଗର ଭୂମିକା ସର୍ବଦା ଗୁରୁତ୍ୱ ରହିଛି। ସମଗ୍ର ବିଶ୍ୱରେ ଯୋଗର ପ୍ରସାର ଆମ ଦେଶର ଦକ୍ଷତା ଓ ପାରଦର୍ଶିତାର ପ୍ରତୀକ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଡିଏଫ୍‌ଓ ମଗର ଧନଜୀ ରାଓସୋ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁସୂଦନ ସିଂହାରୀ, ପୁରୀ ଯୋଗ ମହୋତ୍ସବ ସମିତିର ସଂଯୋଜକ ବୈଦ୍ୟନାଥ ମହାସୁଆର, ଆଲୋକ ସ୍ୱାଇଁ, ଜମ୍ମେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଯୋଗ କ୍ରିୟାରେ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରୋଟୋକଲ ଅନୁସାରେ ବିବିଧ ଯୋଗ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟ ଅଧିକାରୀ, କର୍ମଚାରୀ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାଧାରଣ ଲୋକ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଯୋଗ ଶିକ୍ଷା ଲାଭ ଓ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ସହରାଞ୍ଚଳରେ ଯୋଗ ଦିବସ ପାଳନ କରାଯାଇଥିଲା।

## ଯୋଗାଭ୍ୟାସ ପାଇଁ ଶପଥପାଠ

ପୁରୀ,୨୧।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ ଯୋଗ ଜିଲ୍ଲା ପୁରୀ ତରଫରୁ ରବିବାର ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ମା' ମଙ୍ଗଳା କଲ୍ୟାଣ ମଣ୍ଡପ ମାଟିତୋଟା ଯୋଗ କେନ୍ଦ୍ରରେ ପାଳିତ ହୋଇଯାଇଛି। ପୁରୀ ଯୋଗ ଜିଲ୍ଲା ଉପଦେଷ୍ଟା ବିବିରାମ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଯୋଗ ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ କ୍ଷେତ୍ରର ମନ୍ତ୍ରୀ ପ୍ରଦୀପ ମହାନ୍ତି ଓ ସମ୍ମାନିତ ଅତିଥି ସମାଜସେବୀ ଅର୍ଜୁନ ପାତ୍ର ଯୋଗଦେବା ସହ ଶତାଧିକ ସାଧକସାଧିକା ଯୋଗଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ମହାନ୍ତି ଚଳିତ ବର୍ଷର ବିଷୟ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟରେ ବିସ୍ତୃତ ଭାବେ କହିବା ସହ ଯୋଗ ଆମ ପାଇଁ ସୁସ୍ଥ ଶରୀର, ସୁସ୍ଥ ମନ, ସୁସ୍ଥ ସମାଜ ଗଠନ କରିବାରେ କିପରି ସହଯୋଗ କରେ ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତ ଶପଥପାଠ କରାଇଥିଲେ। ତ୍ରିଲୋଚନ ସାହୁ, କୁନ୍ତୀ ପ୍ରଧାନ, ମମତା ପରିଡ଼ା, ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ବିବିରାମ ସ୍ୱାଇଁ ଯୋଗାଭ୍ୟାସ କରାଇଥିଲେ। ମଞ୍ଚ ପରିଚାଳନା ସୁକାନ୍ତ ସ୍ୱାଇଁ କରିଥିବାବେଳେ ମାନସ ମହାପାତ୍ର, ବିଦ୍ୟାଧର ପରିଡ଼ା, ଦୁର୍ଯ୍ୟୋଧନ ବିଶ୍ୱାଳ ସହଯୋଗ କରିଥିଲେ। ଚିନ୍ମୟୀ ଗଜେନ୍ଦ୍ର ଧନ୍ୟବାଦ ଦେଇଥିଲେ।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ଯୋଗ ଦିବସ



ପୁରୀ, ୨୧।୬ (ସମିସ): ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ ରବିବାର ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି। କଲେଜ ଅଡିଟୋରିୟମ୍‌ଠାରେ ବିଭିନ୍ନ ପାଠ୍ୟକ୍ରମ ଯଥା ବି.ଫାର୍ମ, ଡି. ଫାର୍ମ, ଡିଏମ୍‌ଏଲ୍‌ଟି, ବିଏମ୍‌ଏଲ୍‌ଟିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାଳିତ ଏହି ଯୋଗ ଶିବିରରେ ପ୍ରଥମେ ଲଘୁ ବ୍ୟାୟାମ, ପରେ ଯୋଗ ଆସନ ଓ ଶେଷରେ ପ୍ରଣାୟାମର ପ୍ରଶିକ୍ଷଣ ଏବଂ ଅଭ୍ୟାସ କରାଯାଇଥିଲା। ଅନ୍ତର୍ଜାତୀୟ ଯୋଗ ଦିବସରେ କଲେଜ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଡ. ଧର୍ମେନ୍ଦ୍ର ପ୍ରଧାନ, ଜଗନ୍ନାଥ ପ୍ରସାଦ ମିଶ୍ର, ସ୍ମୃତିକ୍ ଦାଶ, ଜ୍ୟୋତିର୍ମୟୀ ଦାଶ, ଚନ୍ଦ୍ରକାନ୍ତ ଜେନା, ପ୍ରଦୀପ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାଗଣ।

## ରଥଖଳାରୁ... ତିନିରଥର ଦୁଆର ବେଢ଼ା ନିର୍ମାଣ ଶେଷ



ପୁରୀ,୨୧।୬(ସମିସ): ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚାଲିଛି ତିନିରଥ ନିର୍ମାଣ। ପ୍ରତ୍ୟେକ ରଥର ୪ଟି ଲେଖାଏଁ ୧୨ଟି ଦୁଆର ବେଢ଼ାରୁ ଶନିବାର ସୁଦ୍ଧା ପ୍ରତ୍ୟେକର ଦୁଇଟି ଲେଖାଏଁ ନିର୍ମାଣ ଶେଷ ହୋଇଥିଲା। ରବିବାର ଆଉ ଦୁଇଟି ଲେଖାଏଁ ଦୁଆର ବେଢ଼ା ନିର୍ମାଣ ଶେଷ ହୋଇଛି। ସେହିପରି ତିନିରଥର ୧୨ଟି ଲେଖାଏଁ କଣି ଫାଉଡ଼ା ନିର୍ମାଣ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥର ଚାରି କୋଣକୁ ଛାଡ଼ି ବେଦୀ ଚାରିପଟେ ପାରୁସ ପଟା ବାଡ଼ିଆ ସରିଛି। ତିନି ରଥକୁ ଦୁଆର ବେଢ଼ା ଉଠିଲା ପରେ, ଖାଲି ଥିବା ଏହି କୋଣଗୁଡ଼ିକରେ ପଟା ପଡ଼ିବା କାର୍ଯ୍ୟ ସମ୍ପନ୍ନ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ରୂପକାର ସେବକମାନେ ୧୨ଟି ନାଟ ଗୋଡ଼ରେ ରୂପ ଖୋଦେଇ ସାରିଛନ୍ତି। ବାକି ୧୨ଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରି ରଖିଛନ୍ତି। ଖୋଦେଇ ଶେଷ ହୋଇଥିବା କନ୍ଦର୍ପ ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ସହ ରୂପଗୁଡ଼ିକରେ ଅଳଙ୍କାର ପକାଉଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଧ୍ୱଜଦଣ୍ଡା ପାଇଁ ଅଗ ପାତେଳୀ ଚଉରସ କଣ୍ଟା ଏବଂ ଓଲଟ ଶୁଆ ପାଇଁ ନରାଜ କଣ୍ଟା ନିର୍ମାଣ ଶେଷ କରିଛନ୍ତି। ତିନିରଥର ଘୋଡ଼ା, ସାରଥୀ ବାଗିଆ କଣ୍ଟା(ଜଏଣ୍ଟ ସ୍ଥାନରେ ମରାମତି କାର୍ଯ୍ୟ ପାଇଁ) ନିର୍ମାଣ ସହ ରଥ ଚକ ସୁରକ୍ଷା ପାଇଁ ଲୁହା ପ୍ଲେଟ୍ ଫିଟିଂ କାର୍ଯ୍ୟ, ତିନିରଥର ଦଣ୍ଡାରେ ଗୁଜ ଜଏଣ୍ଟଗୁଡ଼ିକରେ ଏଲ୍ କ୍ଲାମ୍ପ ଫିଟିଂ କରୁଛନ୍ତି। ଚିତ୍ରକର ସେବକମାନେ ନାଟ ଗୋଡ଼ର ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ହଂସ ପଟା, କନ୍ୟା ପଟା, ଶିଖର ଡମ୍ବରୁ, ଓଲଟ ଶୁଆ ସହ ରଥ ବାହ୍ୟ ଅଂଶରେ ରଙ୍ଗ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ସ୍ନାନ ମଣ୍ଡପ ଉପରେ ରୁନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା କାଠି ପ୍ରସ୍ତୁତ ଶେଷ କରି ରଥଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

## ବାବା ବାଲିକପିଳେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ

ପୁରୀ,୨୧।୬(ସମିସ): ନରେନ୍ଦ୍ର କୋଣସ୍ଥିତ ବାବା ବାଲିକପିଳେଶ୍ୱର ମନ୍ଦିରରେ ଗତ ଗୁରୁବାର ଦେବ ବିବାହ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଦେବ ବିବାହ ନୀତିରେ ଗିରିରାଜ ନନ୍ଦିନୀ ମା' ପାର୍ବତୀଙ୍କ ପକ୍ଷରୁ ପିତା ରୂପେ ନିରଞ୍ଜନ ପତି ଓ ତ୍ରିଭୁବନେଶ୍ୱର ମହାଦେବଙ୍କ ପିତା ରୂପେ ରାମଚନ୍ଦ୍ର ରଥଙ୍କ ଦ୍ୱାରା ଉମା ପରିଣୟ ନୀତି ସମ୍ପୂର୍ଣ୍ଣ ହୋଇଥିଲା। ଶୁକ୍ରବାର ଶ୍ରୀଜୀଉଙ୍କ ଜଳାଶାୟୀ ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବାବା ବାଲିକପିଳେଶ୍ୱର ଓ ମା' ପାର୍ବତୀ ସୁସଜ୍ଜିତ ବୃଷଭ ବାହାନରେ ବିଜେ କରି ନଗର ପରିକ୍ରମା (ଗୁଆଲି) ଯାତ୍ରାରେ ବିଭିନ୍ନ ଭକ୍ତମାନଙ୍କ ଦୁଆରରେ ପନ୍ତି ଭୋଗ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ପଟୁଆରରେ ଶ୍ରୀମନ୍ଦିର ଯାଇ ହରିହର ଭେଟ ନୀତି ସମାପନ କରି ନିଜସ୍ୱ ଦେଉଳକୁ ବାହୁଡ଼ି ଆସିଥିଲେ। ଏହି ଶୀତଳଷଷ୍ଠୀ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ବାବା ବାଲିକପିଳେଶ୍ୱର ମନ୍ଦିର ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ରାଜେଶ କୁମାର ମହାନ୍ତି, ନିରଞ୍ଜନ ପତି, ଶ୍ୟାମ ପ୍ରକାଶ ସେନାପତି, ମନୁ ଓଝା, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଶ୍ୟାମସୁନ୍ଦର ସାହୁ, ନିରଞ୍ଜନ ମହାରଣା, ବାବୁଲି ପ୍ରଧାନ, ନୃସିଂହ ଚରଣ ଦାସ, ଭବାନୀ ପଣ୍ଡା, ସାଇ ମହାପାତ୍ର, ରିତେଶ ମହାନ୍ତି, ଦିବ୍ୟ ପ୍ରକାଶ ସୁବୁଦ୍ଧି, ପ୍ରଶାନ୍ତ କୁମାର ସାହୁ, ପୁଷ୍କର ସାହୁ, ସତ୍ୟ ନାରାୟଣ ମହାରଣା, ପୂର୍ଣ୍ଣ ଚନ୍ଦ୍ର ଓଝା, ପୂର୍ଣ୍ଣ ଚନ୍ଦ୍ର ସାହୁ, ରାବଣ ରାଓ ପ୍ରମୁଖ ଯୋଗଦେଇଥିଲେ।



## ପୁରୀ ଜିଲ୍ଲାରୁ ଦୂରଉଛି ସାମାଜିକ ବାସନ୍ଦ

# ପୁଣି ଗାଁ ଲୋକଙ୍କ ସହ ସମ୍ପର୍କ ବାନ୍ଧିଲେ ବିଶ୍ୱରଞ୍ଜନ

ପୁରୀ,୨୧।୬(ସମିସ): ସମୟ ଥିଲା ଯେତେବେଳେ ସାମାଜିକ ବାସନ୍ଦ ନାମକ କୁପ୍ରଥା ପୁରୀ ଜିଲ୍ଲାର ଅନେକ ପରିବାରକୁ ଦୁର୍ବିସହ ଜୀବନ ବଞ୍ଚିବାକୁ ବାଧ କରୁଥିଲା। ଚନ୍ଦନପୁର ଥାନା ପୁଲିସ୍‌ର ଉଦ୍ୟମରେ ଗୌଡ଼କେରା ପଞ୍ଚାୟତ ଅଧୀନ ଯତିପୁର ଗ୍ରାମର ଏକ ବାସନ୍ଦ ପରିବାର ଏହି କୁପ୍ରଥାରୁ ମୁକ୍ତି ପାଇଲା। ଗାଁ ଲୋକଙ୍କ ସହ ବସି କଥା



ଗାଁର ପୂଜା, ପର୍ବ, ଶୋକ, ସମସ୍ତ କିଛିରୁ ଦୂରେଇ ରହିବା, ଏଇଟା ହିଁ ଥିଲା ସେମାନଙ୍କ ନିୟତି। ମାତ୍ର ଏବେ ଚିତ୍ର ବଦଳୁଛି। ପୁରୀ ପୁଲିସ୍‌ର ଅଣ୍ଟାଭିଡ଼ା ପ୍ରଚେଷ୍ଟା ଫଳରେ ଏଥିରେ ସୁଧାର ଆସିବାରେ ଲାଗିଛି। ବାସନ୍ଦ ପରିବାର ପୁଣି ଗାଁ ଲୋକଙ୍କ ସହ ପୁରୁଣା ସମ୍ପର୍କକୁ ଫେରୁଛନ୍ତି। ଶନିବାର ହେଲେ, ପୁଣି ସେମାନଙ୍କ ମୁହଁରେ ହସ ଫୁଟିଲା। ରବିବାର ପୁଣି ଏଭଳି ଖବର ଆସିଛି କୃଷ୍ଣପ୍ରସାଦ ଅଞ୍ଚଳରୁ। ଏହି ଥାନା ଅଧୀନ ନନ୍ଦଳା ଗ୍ରାମର ବିଶ୍ୱରଞ୍ଜନ ନାୟକଙ୍କ ପରିବାର ପୁଣି ଗାଁ ସମାଜର ମୁଖ୍ୟ ସ୍ରୋତରେ ସ୍ଥାନ ପାଇଲା। ଗ୍ରାମବାସୀ ସାମାଜିକ ବାସନ୍ଦ ପ୍ରତ୍ୟାହାର କରି ସେମାନଙ୍କୁ ସ୍ୱାଗତ କରିଛନ୍ତି।

ଏସ୍‌ପି ଶ୍ରୀ ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ କୃଷ୍ଣପ୍ରସାଦ ପୁଲିସ ଏ ଦିଗରେ ଉଦ୍ୟମ ଜାରି ରଖିଲା। ସମ୍ବିଧାନର ମୂଲ୍ୟବୋଧ, ମାନବ ମର୍ଯ୍ୟାଦା ଓ ସାମାଜିକ ସମନ୍ୱୟ କଥା ବୁଝାଇ ଭ୍ରମ ଦୂର କଲା। ଗାଁର ବୁଦ୍ଧିଜୀବୀ, ମୁରବୀ, ସଭାପତି ଧ୍ରୁବ ଚରଣ ପ୍ରଧାନ, ସମ୍ପାଦକ ଛଇଳ ନାୟକ ଓ ଅନ୍ୟ ବରିଷ୍ଠ ଲୋକେ ସହଯୋଗର ହାତ ବଢ଼ାଇଲେ। ସାମାଜିକ ସହାବସ୍ଥାନକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କ ଭୂମିକା ପାଇଁ ପୁରୀ ପୁଲିସ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଗଲା। ପୁଲିସ ପକ୍ଷରୁ କୁହାଯାଇଛି ନନ୍ଦଳାର ଏହି ଉଦାହରଣ ଗୋଟିଏ ସକାରାତ୍ମକ ବାର୍ତ୍ତା। ବାସନ୍ଦ ଭଳି କୁପ୍ରଥାକୁ ହରାଇ ମାନବତା, ସହନଶୀଳତା ଓ ସାମାଜିକ ସମାବେଶର ପଥରେ ଆଗେଇବାର ପ୍ରେରଣା।

## ପୁରୀର ୩ଟି କେନ୍ଦ୍ରରେ ଶେଷ ହେଲା ନିଟ୍ ପରୀକ୍ଷା

ପୁରୀ,୨୧।୬(ସମିସ): ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ଆୟୋଜିତ ହୋଇଥିବା ନିଟ୍ ପୁନଃ ପରୀକ୍ଷା ପୁରୀ ଜିଲ୍ଲାର ୩ଟି କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା ବଳୟ ମଧ୍ୟରେ ପୁରୀ ଜିଲ୍ଲା ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୨ଟାରୁ ପରୀକ୍ଷା ଆରମ୍ଭ ହୋଇ ୫ଟା ୧୫ଟାରେ ଶେଷ ହୋଇଥିଲା। ପରୀକ୍ଷା କେନ୍ଦ୍ର ଭିତରେ ଓ ବାହାରେ ପୁଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ଦେଇ ବାହାରକୁ ଆସି ଛାତ୍ରଛାତ୍ରୀମାନେ କହିଥିଲେ ଫିଜିକ୍ସ ଓ କେମିଷ୍ଟ୍ରି ପ୍ରଶ୍ନପତ୍ର ଟିକେ କଠିନ ଥିଲା। ଗତଥର ଭଳି ପ୍ରଶ୍ନପତ୍ର ଲିକ୍ ନ ହେଉ ବୋଲି ସମସ୍ତେ ଆଶା ରଖିଛନ୍ତି। କଡ଼ା ସୁରକ୍ଷା ଯୋଗୁଁ ସେମାନେ ନିଶ୍ଚିନ୍ତ ହୋଇ ପରୀକ୍ଷା ଦେଇଥିବା କହିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବାବା ରାମଦେବ



ପୁରୀ,୨୧।୬(ସମିସ): ବିଶ୍ୱ ଯୋଗ ଦିବସ ଅବସରେ ଯୋଗଗୁରୁ ବାବା ରାମଦେବ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ରବିବାର ସକାଳେ ଶ୍ରୀମନ୍ଦିରରେ ପହଞ୍ଚି ବାବା ରାମଦେବ ରତ୍ନସିଂହାସନରେ ବିରାଜମାନ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ପବିତ୍ର ଖଣ୍ଡୁଆ ପାଟ ଓ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବାବା ରାମଦେବ କହିଥିଲେ, ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଆନନ୍ଦ ଅନୁଭବ କରୁଛି। "ଆଜି ମୋର ସୌଭାଗ୍ୟ ଯେ ଚତୁର୍ଦ୍ଧାବିଗ୍ରହଙ୍କୁ ରତ୍ନ ସିଂହାସନରେ ଦର୍ଶନ କରିପାରିଲି। ଅର୍ଥନୀତି, ଧର୍ମନୀତି, ରାଜନୀତି ଓ ଶିକ୍ଷାନୀତିରେ ଭାରତବର୍ଷ ଆଗକୁ ବଢୁ। କେବଳ ଯୋଗ ଦିବସ ନୁହେଁ, ପ୍ରତ୍ୟେକ ଦିନ ଯୋଗ କରି ସମସ୍ତେ ସୁସ୍ଥ ରୁହନ୍ତୁ।' ଏହି ଅବସରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନିରାମୟ ଜୀବନ ପାଇଁ ଯୋଗ ଜରୁରୀ

ପୁରୀ,୨୧।୬(ସମିସ): ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ। ଏହି ବାର୍ତ୍ତା ନେଇ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଦି ବେଲ୍ ୟୁଥ୍ କ୍ଲବ୍ ଓ ଗଭର୍ଣ୍ଣମେଣ୍ଟ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆ ମିଳିତ ସହଯୋଗରେ "ଯୋଗ ଫର୍ ହ୍ୟାପି ଲାଇଫ୍' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ଡିଏସ୍‌ପି ତଥା ହୋମ୍‌ଗାର୍ଡ କମାଣ୍ଡର ବିଜୟ ରତ୍ନମ୍ ଲୁଲା ନିରାମୟ ଜୀବନ ପାଇଁ ସମସ୍ତେ କିଛି ସମୟ ଯୋଗ କଲେ ଉତ୍ତମ ନିରୋଗୀ ଜୀବନ ଅତିବାହିତ କରିପାରିବେ। ସେଥିପାଇଁ ବିଶେଷ ଭାବରେ ଯୁବଗୋଷ୍ଠୀ ଯୋଗକୁ ନିଜ ଜୀବନଚର୍ଯ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ବିଭିନ୍ନ ସ୍କୁଲ କଲେଜରୁ ୬୦ ଜଣ ଛାତ୍ରଛାତ୍ରୀ ଏହି ଯୋଗ ଶିବିରରେ ଯୋଗଦେଇଥିଲେ। ଏହି ଅବସରରେ ପ୍ଲେ ବିଟ୍ ଡ୍ୟାନ୍ସ ଗ୍ରୁପ୍‌ର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ୟୁଥ୍ ହଷ୍ଟେଲ ମ୍ୟାନେଜର ଭାସ୍କର ମହାରଣା ଓ ବେଲ୍ ସାଧାରଣ ସମ୍ପାଦକ ରାଜ କିଶୋର ପାତ୍ର ଶିବିର ପରିଚାଳନା କରିଥିଲେ।

## ହତ୍ୟା ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

ପୁରୀ,୨୧।୬(ସମିସ): ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ବାସେଳିସାହି ଥାନା ପୁଲିସ୍ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ମାଟିତୋଟା ପଞ୍ଚମ ଲେନ୍‌ରେ ରହୁଥିବା ସମୁଦ୍ରକୂଳ ଥାନା ଶାରଦା ଦେବୀ ରୋଡ୍ ବାଲିସାହିର ଅର୍ଜୁନ କୁମାର ନାୟକ ଓରଫ ମଙ୍ଗା (୧୯)। ଅଭିଯୋଗ ଅନୁଯାୟୀ, ରବିବାର ସକାଳ ୮ଟା ବେଳେ ମାଟିତୋଟା ୫ମ ଲେନ୍ ନୂଆସାହିର ପ୍ରଶାନ୍ତ କୁମାର ରାଉତ ବଜାରରୁ ସ୍କୁଟିରେ ଘରକୁ ଫେରୁଥିଲେ। ମାଟିତୋଟା ୩ୟ ଲେନ୍ ନିକଟ ଟ୍ରାନ୍ସମିଟର ଛକ ପାଖରେ ଅଭିଯୁକ୍ତ ଅର୍ଜୁନ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ।

ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳି କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆହତ ଅବସ୍ଥାରେ ପ୍ରଶାନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶ୍ରୀମନ୍ଦିରରେ ନକଲି ସେନା ଅଧିକାରୀ

### ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ହାତରେ ଧରାପଡ଼ିଲେ ରାଜସ୍ଥାନର ଯୁବକ

ପୁରୀ,୨୧।୬(ସମିସ): ଶ୍ରୀମନ୍ଦିର ଭିତରକୁ ଏୟାରଫୋର୍ସ ଅଧିକାରୀ ସାଜି ପ୍ରବେଶ କରୁଥିବା ବେଳେ ଜଣେ ନକଲି ସେନା ଅଧିକାରୀ ଶ୍ରୀମନ୍ଦିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ସେ ହେଉଛନ୍ତି ରାଜସ୍ଥାନର ପାଲି ଜିଲ୍ଲା ଗୁଡ଼ା ଏଣ୍ଡଲା ଥାନା ଚାଞ୍ଚୋରୀ ଗାଁର ଭୂପେନ୍ଦ୍ର କୁମାର ପୁରୋହିତ (୫୨)। ପୁଲିସ ସୂଚନା ଅନୁଯାୟୀ, ଶନିବାର ଭୂପେନ୍ଦ୍ର ପୁରୀ ଆସି ମରିଚୀକୋଟ ଛକ ନିକଟ ଏକ ହୋଟେଲରେ ରହିଥିଲେ। ରବିବାର ସକାଳ ୬ଟା ୧୫ ବେଳେ ସେ ସମ୍ପୂର୍ଣ୍ଣ ଆର୍ମି ଡ୍ରେସ୍, ଏୟାରଫୋର୍ସ ବ୍ୟାଜ୍ ପିନ୍ଧି ଏବଂ ଭାରତୀୟ ବାୟୁସେନାର ନକଲି ଆଇକାର୍ଡ ଧରି ନିଜକୁ ସେନା ଅଧିକାରୀ ପରିଚୟ ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ବିନା ବାଧାରେ ମନ୍ଦିର ଭିତରକୁ ଯିବା ତାଙ୍କ ଉଦ୍ଦେଶ୍ୟ ଥିଲା। ତେବେ ଶ୍ରୀମନ୍ଦିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ତାଙ୍କୁ ମନ୍ଦିର ଭିତରେ ସନ୍ଦେହ କରି ଅଟକାଇ ପଚରାଉଚରା କରିଥିଲେ। ପଚରାଉଚରା ବେଳେ ତାଙ୍କ ପରିଚୟ ସମ୍ପର୍କରେ ସନ୍ଦେହ ଦୃଢ଼ ହେବାରୁ ତୁରନ୍ତ ତାଙ୍କୁ ଅଟକ ରଖାଯାଇଥିଲା। ଫଳରେ ଏଭଳି ଏକ ଠକେଇ ବିଷୟରେ ଜଣାପଡ଼ିଥିଲା। ଅଭିଯୁକ୍ତ ଭୂପେନ୍ଦ୍ରଙ୍କ ନିକଟରୁ ପୁଲିସ୍ ଏକଯୋଡ଼ା ଆର୍ମି ଡ୍ରେସ୍, ଭୂପେନ୍ଦ୍ର ପୁରୋହିତ ନାମରେ ନକଲି ଇଣ୍ଡିଆନ୍ ଏୟାରଫୋର୍ସ ଆଇକାର୍ଡ, 'ରାଜପୁରୋହିତ' ଲେଖାଥିବା ଷ୍ଟିଲ୍ ନେମ୍‌ପ୍ଲେଟ୍, ଗୋଟେ ଯୋଡ଼ା କଲର୍ ବ୍ୟାଜ୍, ଗୋଟେ ଯୋଡ଼ା ଅଶୋକ ଚିହ୍ନ, ଏୟାରଫୋର୍ସ ମୋନୋଗ୍ରାମ୍ ଥିବା ନେଭି ବ୍ଲୁ କଟନ୍ ବେଲ୍ଟ, ଆକ୍ରିଲିକ୍ ରିବନ୍ ପଟି ପ୍ଲେଟ୍ ଓ ଅଫିସିଆଲ୍ ଏମ୍ବ୍ରୋଡର୍ଡ ପାଇଲଟ୍ ବ୍ୟାଜ୍ ଜବତ କରିଛି। ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ପ୍ରଶାନ୍ତ ମହାନ୍ତିଙ୍କୁ ଅଭିଯୋଗ ଦେଇଥିଲେ। ସେନାର ପୋଷାକ ପିନ୍ଧି ଠକେଇ କରିବା ଆଇନ ଦୃଷ୍ଟିରୁ ଦଣ୍ଡନୀୟ ଅପରାଧ। ତେଣୁ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୫୬/୨୬) ରୁଜୁ ହୋଇ ଅଭିଯୁକ୍ତ ଭୂପେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବେଲଦଳରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପୁରୀ,୨୧।୬(ସମିସ): ଦି ମିରର୍ ଓ ହେଲ୍ଥ ଏଜ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ପୁରୀ ସଦରର ବେଲଦଳ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳଠାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର କରାଯାଇଥିଲା। ସ୍ତ୍ରୀ ବିଶେଷଜ୍ଞ ଓ ସାଧାରଣ ପରୀକ୍ଷା ସହିତ ଔଷଧ ମଧ୍ୟ ଦିଆଯାଇଥିଲା। ଏଥିରେ ମୋଟ୍ ୧୭୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ୮୮ ଜଣ ମହିଳା ଥିଲେ। ଶିବିରକୁ ଦି ମିରର୍ ସଭାପତି ଲାୟନ୍ ସଞ୍ଜୟ କୁମାର ପ୍ରଧାନ ଓ ହେଲ୍ଥ ଏଜ୍ ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ଶୈଳେଶ ଚନ୍ଦ୍ର ନାଗ ପରିଚାଳନା କରିଥିଲେ। ସାଧାରଣ ରୋଗ ବିଶେଷଜ୍ଞ ଡାକ୍ତର କେ. ହରିପ୍ରସାଦ ପାତ୍ର, ସ୍ତ୍ରୀ ବିଶେଷଜ୍ଞ ଡାକ୍ତର ସୁଭାଷିନୀ ପଟ୍ଟନାୟକ, ବରିଷ୍ଠ ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ହରିଚନ୍ଦନ ଓ ସୁବ୍ରତ ବେହେରା ପରୀକ୍ଷାମାନ କରିଥିଲେ। ବେଲଦଳ ସରପଞ୍ଚ ବିପିନ ଦାସ ଓ ସୁଜାତା ପ୍ରଧାନ ସହଯୋଗ କରିଥିଲେ।

# ଡିସେମ୍ବର ୨୬ରୁ ୨୯ ତମ 'ଗ୍ଲୋରୀ ଫେଷ୍ଟ'



### ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେବେ

ପୁରୀ,୨୧।୬(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୨୯ତମ 'ଗ୍ଲୋରୀ ଫେଷ୍ଟ-୨୦୨୬' ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର(ଏନ୍‌ୱାଇଆଇସି)ର ଅଧ୍ୟକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ସୂଚନା ଦେଇଥିଲେ ଯେ, ଆସନ୍ତା ଡିସେମ୍ବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ "ଗ୍ଲୋରୀ ଫେଷ୍ଟ' ଆୟୋଜିତ ହେବ। ଏହି ଚାରିଦିନିଆ ମହୋତ୍ସବରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ସାଂସ୍କୃତିକ ପ୍ରତିଭାର ପ୍ରଦର୍ଶନ କରିବେ। ଏହି ଅବସରରେ 'ବିକଶିତ ଭାରତ ନିର୍ମାଣରେ ସଂସ୍କୃତ ଯୁବ ସମାଜର ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ ସେମିନାର ଆୟୋଜନ କରାଯିବ। ଏହି ସେମିନାର ଏବଂ ମହୋତ୍ସବର ଆୟୋଜନରେ ୪ଟି ବିଶ୍ୱବିଦ୍ୟାଳୟ ଯଥା- କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ ସହଯୋଗୀ ଭାବେ ଅଂଶଗ୍ରହଣ କରିବେ।

ବୈଠକରେ ଚଳିତ ବର୍ଷ ପାଇଁ ବିଭିନ୍ନ କମିଟିର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯାଇଥିଲା। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କୁ ଆୟୋଜନ କମିଟି ଅଧ୍ୟକ୍ଷ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ମହୋତ୍ସବ କମିଟି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଶ୍ରୀ ଷଡ଼ଙ୍ଗୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ସଫଳ ଆୟୋଜନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଏଥିରେ ଏନ୍‌ୱାଇଆଇସିର କାର୍ଯ୍ୟକର୍ତ୍ତା ରାଜେଶ କୁମାର ମହାନ୍ତି, ହରପ୍ରସାଦ ବିଶ୍ୱାଳ, ସଂଗ୍ରାମ କେଶରୀ କାନୁନ୍‌ଗୋ, ରାକେଶ ସାମଲ, ଦାମୋଦର ଶତପଥୀ, ବିଦ୍ରୋହ ସିଂହ, ସୌମ୍ୟରଞ୍ଜନ ମିଶ୍ର, ସୌମିତ୍ର ହରିଚନ୍ଦନ, ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ଜିତେନ୍ଦ୍ରନାଥ କର୍ଟିସ, ଅଜୟ ରଣସିଂହ, ଆଲୋକ ବିଶୋଇ, ପ୍ରଦୀପ ପରିଡ଼ା, ଶିବସୁନ୍ଦର ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ସମରେନ୍ଦୁ ମହାନ୍ତି ଏବଂ ଭବାନୀ ଶଙ୍କର ପ୍ରମୁଖ ସଦସ୍ୟ ଉପସ୍ଥିତ ରହି 'ଗ୍ଲୋରୀ ଫେଷ୍ଟ-୨୦୨୬'କୁ ଦେଶର ଏକ ଅଗ୍ରଣୀ ଯୁବ ଓ ସାଂସ୍କୃତିକ ମହୋତ୍ସବ ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ।

## ଧାମନଗରରେ ଚାଲିଛି ଦଳୀୟ କର୍ମୀ ତୁଷ୍ଟୀକରଣର ମହାଖେଳ

# ବୋଟ୍ ମରାମତି ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ ଅଭିଯୋଗ

ଦୋବଲ,୨୧।୬(ସମିସ)

ଧାମନଗର ବ୍ଲକ୍, ତହସିଲ୍ ଅଧୀନରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଥିବା ବୋଟ୍‌ଗୁଡ଼ିକ ଏବେ ସରକାରୀ ଅର୍ଥ ହରିଲୁଟ୍ ଏବଂ ରାଜନୈତିକ ତୁଷ୍ଟୀକରଣର ପ୍ରମୁଖ ମାଧ୍ୟମ ପାଲଟିଛି। ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ମିଳୁଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ମରାମତି ନାଁରେ କେବଳ ରଙ୍ଗ ବୋଳି ଚଳୁ କରାଯାଉଥିବା ବେଳେ, ପ୍ରଭାବଶାଳୀ ନେତାମାନେ ନିଜ କର୍ମୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ସରକାରୀ ତହବିଲ୍‌କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଧାମନଗର ଅଞ୍ଚଳରେ ବନ୍ୟା ସ୍ଥିତିକୁ ସାମ୍ନା କରିବା ପାଇଁ ଦୀର୍ଘ ବର୍ଷ ହେବ ୧୦ଟି ମୋଟର ଚାଳିତ ବୋଟ୍ ମୁତୟନ କରାଯାଇଛି। ଏଥିରୁ ୭ଟି ବ୍ଲକ୍ ଏବଂ ୩ଟି ତହସିଲ୍ ଅଧୀନରେ ରହିଛି। ପ୍ରତିବର୍ଷ ଜୁନ୍ ମାସ ପୂର୍ବରୁ ଏଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ସରକାରୀ ଖାତାରେ ଦର୍ଶାଯାଉଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୋଟ୍‌ଗୁଡ଼ିକର କୌଣସି ଯାନ୍ତ୍ରିକ ମରାମତି ନ କରି, କେବଳ ଉପରଠାଉରିଆ ଭାବେ ରଙ୍ଗ ମାରି




ଲକ୍ଷ ଲକ୍ଷ ଟଙ୍କାର ଜାଲ୍ ବିଲ୍ ପାସ୍ କରାଯାଉଛି। ବୋଟ୍‌ଗୁଡ଼ିକରେ ଏବେ ବି ସେହି ପୁରୁଣା ଓ ଅଚଳ ମୋଟର ଲାଗି ରହିଛି, ଯାହା ଜରୁରୀକାଳୀନ ସମୟରେ ବିପଦକୁ ଆମନ୍ତ୍ରଣ କରୁଛି।

ସରକାରୀ ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ବ୍ଲକ୍ କିମ୍ବା ତହସିଲ୍ ପରିସରରେ ହେବା କଥା। କିନ୍ତୁ ଧାମନଗରରେ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ବୋଟ୍‌ଗୁଡ଼ିକୁ ବ୍ୟକ୍ତିଗତ ସମ୍ପତ୍ତି ଭଳି ବ୍ୟବହାର କରାଯାଉଛି। ଗୋଟିଏ ବୋଟ୍ ସୋହଡ଼ା ପଞ୍ଚାୟତର ବିଜେପି ନେତା ଅରବିନ୍ଦ ପତିଙ୍କ ବାଡ଼ିରେ ରହିଛି। ବାକି ବୋଟ୍‌ଗୁଡ଼ିକ ମୁସ୍ତଫାପୁରର କାଳୀବଜାର ଗଡ଼ା, ବୈତରଣୀ ନଦୀର ଅସ୍ତକ ଘାଟ, କଣ୍ଟାପାରି ବରଗଛ ମୂଳ ଓ ପିତେଇପୁର ଘାଟରେ ଅସଂରକ୍ଷିତ ଭାବେ ପଡ଼ିରହି ନଷ୍ଟ ହେଉଛି। ବିଗତ କିଛି ବର୍ଷ ହେବ ଧାମନଗରରେ ସେଭଳି କୌଣସି ବଡ଼ ବନ୍ୟା ଆସିନାହିଁ। ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଜରୁରୀ ସମୟରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ହେଉଛନ୍ତି। ଏଭଳି ସ୍ଥିତିରେ ଏହି ମୋଟର ବୋଟ୍‌ଗୁଡ଼ିକର କୌଣସି ପ୍ରାସଙ୍ଗିକତା ନ ଥିବାବେଳେ କେବଳ ଆଭିଜାତ୍ୟ ଦେଖାଇବା ପାଇଁ ଏହାକୁ ବଞ୍ଚାଇ ରଖାଯାଇଛି। ପ୍ରତି ବୋଟ୍‌ରେ ୨ ଜଣ ଲେଖାଏଁ ମୋଟ୍ ୨୦ ଜଣ କର୍ମଚାରୀ ଅଛନ୍ତି, ଯେଉଁଥିରୁ ୧୯ ଜଣ ଅସ୍ଥାୟୀ। ଜୁନ୍ ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଏହି ଅସ୍ଥାୟୀ ଲଞ୍ଚ ଡ୍ରାଇଭରଙ୍କୁ ୧୩ ହଜାର ୯୦୦ ଟଙ୍କା ଏବଂ କ୍ରିଉ ଷ୍ଟାଫ୍‌ଙ୍କୁ ୧୨ ହଜାର ୯୦୦ ଟଙ୍କା ମାସିକ ଦରମା ଦିଆଯାଉଛି। ବନ୍ୟା ନ ଥାଇ ମଧ୍ୟ ରାଜନୈତିକ ପ୍ରଭାବରେ ନିଜ ଦଳୀୟ କର୍ମୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇ ସରକାରୀ ପାଣ୍ଠିରୁ ପୋଷାଯାଉଛି। ଏପରିକି ଏହି କର୍ମଚାରୀମାନଙ୍କୁ ବୋଟ୍ କାମ ପରିବର୍ତ୍ତେ ବ୍ଲକ୍‌ର ଅନ୍ୟ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଯାଉଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଟିକସ ଟଙ୍କାରେ ଚାଲିଥିବା ଏହି ଦଳୀୟ ପ୍ରୀତି ଓ ଦୁର୍ନୀତି ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

● ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତିରେ ଭେଟି

# ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମନା

ଯାଜପୁର,୨୧।୬(ସମିସ): ରାଜ୍ୟ ସରକାର ଏବେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏଥିପାଇଁ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରତି ବ୍ଲକ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଯାଜପୁର ଜିଲ୍ଲାପ୍ରଶାସନ ଏଥିପାଇଁ ଅଧିକ ଉତ୍ସାହିତ ହେବା ଫଳରେ ଜିଲ୍ଲାର ସଂସ୍କୃତି ଭବନରେ ହେବାକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାହାକୁ ନେଇ ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂଚନା ମୁତାବକ ଯାଜପୁର ସଦର ମହକୁମାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ରହିଛି। ଏଠାରେ ପ୍ରତିଦିନ ଉଭୟ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟକ୍ରମ ହୋଇଥାଏ। ଏହି ସଂସ୍କୃତି ଭବନକୁ ମଧ୍ୟ ସିନେମା ହଲ ଭାବେ ବ୍ୟବହାର କରାଯାଇ ଆସୁଛି। କିନ୍ତୁ ନିକଟରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏହି ସଂସ୍କୃତି ଭବନର ସମସ୍ତ ବୁକିଂ ଗତ ୧୨ ତାରିଖରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି। ଫଳରେ ଏହି ସମୟ ମଧ୍ୟରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ଏପରିକି ରଜ ସମୟରେ ହୋଇଥିବା ସମସ୍ତ ବୁକିଂକୁ ବାତିଲ ଫଳରେ ଅନେକ ସଂସ୍କୃତି ପ୍ରେମୀଙ୍କ ମନରେ ଆଘାତ ଲାଗିଛି। କେତେକ ଘରୋଇ କାର୍ଯ୍ୟକ୍ରମ ପାଇଁ ବହୁ ପୂର୍ବରୁ ବୁକିଂ କରିଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ଏହାକୁ ବାତିଲ କରିଦେବା ଫଳରେ ଆୟୋଜକ ମାନେ ନିରାଶ ହୋଇଛନ୍ତି। ରଜ ସମୟରେ ପ୍ରତ୍ୟେକ ଦର୍ଶକ ଓଡ଼ିଆ ଚଳଚ୍ଚିତ୍ରକୁ ଅପେକ୍ଷା କରିଥିବା ବେଳେ ଚଳିତ ବର୍ଷରେ ଏଠାରେ ସିନେମା ଦେଖିବାର ସୁଯୋଗ ପାଇନାହାଁନ୍ତି ଦର୍ଶକ। ଜିଲ୍ଲା ପ୍ରଶାସନ ସିନା ଆଗୁଆ ସତର୍କତା ପାଇଁ ସମସ୍ତ ବୁକିଂକୁ ବାତିଲ କରି ଦେଇଛି କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଗୋଟିଏ ଦିନ ମଧ୍ୟ କାମରେ ଆସିନଥିବା କୁହାଯାଇଛି। ତେବେ କାହିଁକି ସଂସ୍କୃତି ଭବନରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନ କରି ଏହାକୁ ବନ୍ଦ କରାଯାଇଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ‘ବିକାଶର ଧାରା, ଓଡ଼ିଶା ସାରା’ ସମ୍ମିଳନୀ

ଯାଜପୁର,୨୧।୬(ସମିସ): ଦୀର୍ଘ ବର୍ଷ ଧରି ଯାଜପୁରକୁ ରେଳ ସଂଯୋଗ ହୋଇପାରିନଥିଲା। କିନ୍ତୁ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ପରେ ଯାଜପୁର-ଧାମରା ରେଳ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ। ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜାତୀୟ ଜଳପଥ-୫ ପ୍ରକଳ୍ପ ପାଇଁ ପ୍ରୟାସ ଚାଲିଛି। ଏହା ଆମର ନୌବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର କରିବ, ଯାହା




ଦ୍ୱାରା ଯାଜପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ଜିଲ୍ଲାସ୍ତରୀୟ “ବିକାଶର ଧାରା, ଓଡ଼ିଶା ସାରା” ସମ୍ମିଳନୀରେ ଯୋଗ ଦେଇ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦଙ୍କ ସମେତ ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ୨୧ ଜୁନରୁ ୨୩ ଜୁନ୍ ଯାଏଁ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯାଜପୁରର ବୌଦ୍ଧ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ସହ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ଗୋପାଳପୁରରେ ହସ୍ତତନ୍ତ ପାର୍କ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟଅତିଥି କହିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଜିଲ୍ଲାର ବିଭିନ୍ନ ନାଟକ ଅନୁଷ୍ଠାନ ଏବଂ ପ୍ରତିଭାବାନ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ ଦ୍ୱାରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କିତ ଏକ ସୁନ୍ଦର ନାଟକ ପ୍ରଦର୍ଶିତ ହୋଇଥିଲା। ଏହାସହ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉପଲକ୍ଷେ ସଂସ୍କୃତି ଭବନ ପରିସରରେ ଦକ୍ଷତା ବିକାଶ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ସୁଭଦ୍ରା ଶକ୍ତି ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିକାଶମୂଳକ ଯୋଜନା ଭିତ୍ତିକ ଷ୍ଟଲ ଖୋଲାଯାଇଛି।

■ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

# ବହି ତ୍ରୁଟି ଓ ଭତ୍ତା ବନ୍ଦକୁ ପ୍ରମିଳାଙ୍କ ସମାଲୋଚନା



ବିଞ୍ଝାରପୁର,୨୧।୬(ସମିସ): ବିଞ୍ଝାରପୁର ବ୍ଲକ ପରିସରରେ ବ୍ଲକସ୍ତରୀୟ ‘ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ’ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବକ ଓ ଯୁବତୀ ଯୋଗଦେଇ ସ୍ୱରୋଜଗାର, ଦକ୍ଷତା ବିକାଶ ଓ ଉଦ୍ୟୋଗୀ ସୃଷ୍ଟି ସମ୍ପର୍କିତ ସରକାରୀ ଯୋଜନା ବିଷୟରେ ଅବଗତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ରାଜ୍ୟ ସରକାରଙ୍କ ଯୁବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ବନ୍ଦ ହୋଇଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ରହିଛି ଏବଂ ଗତ ତିନି ମାସ ଧରି ବୃଦ୍ଧବୃଦ୍ଧାଙ୍କ ଭତ୍ତା ବନ୍ଦ ରହିଥିବା ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଯୁବପିଢ଼ିଙ୍କ ପାଇଁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି, ସ୍ୱାବଲମ୍ବନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି ଉଠାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ବିଡିଓ ଛବିଳତା ସାହୁ, ସିଡିପିଓ ରୁକ୍ମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ଏବିଡିଓ ସତ୍ୟଜିତ ବିଶ୍ୱାଳ ପରିଚାଳନା କରିଥିଲେ। ସମାବେଶରେ ଯୋଗଦେଇଥିବା ଯୁବକ ଓ ଯୁବତୀମାନେ ସରକାରୀ ଯୋଜନା, ସ୍ୱରୋଜଗାର ଏବଂ ଉଦ୍ୟୋଗୀ ସୁଯୋଗ ସମ୍ପର୍କରେ ବିସ୍ତୃତ ସୂଚନା ପାଇଥିଲେ।

## ଦୁଇ ବାଲି ବୋଝେଇ ହାଇୱା ଜବତ



ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ଦୁଇଟି ବାଲି ବୋଝେଇ ହାଇୱା ଜବତ ହୋଇଛି। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ରାତ୍ରିକାଳୀନ ତନଖି ଚାଲିଥିବାବେଳେ ଗାଡ଼ି ଦୁଇଟି ଧରାପଡ଼ିଛି। ନିକଟସ୍ଥ ବୈତରଣୀ ନଦୀରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ହାଇୱା ଦୁଇଟିକୁ ଛତାବର ଟୋଲ୍‌ପ୍ଲାଜା ନିକଟରେ ପୁଲିସ ଅଟକ ରଖିଥିଲା। କାଗଜପତ୍ର ଯାଞ୍ଚ ବେଳେ ସେଥିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ପୁଲିସ ଅଧିକାରୀ ଜାଣିବାକୁ ପାଇଥିଲେ। ପରେ ହାଇୱା ଦୁଇଟିକୁ ଥାନା ହେପାଜତରେ ରଖାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ନିୟମିତ ଭାବେ ବେଆଇନ ବାଲି ପରିବହନ ହେଉଥିବାବେଳେ କେବଳ ପୁଲିସ ଏହା ଉପରେ କିଛିଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ଥାନୀୟ ତହସିଲ୍‌ଦାର ଓ ଖଣି ବିଭାଗ ବେଆଇନ ଚାଲାଣ ଉପରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପରିତାପର ବିଷୟ ପାଲଟିଛି।

## ଚନ୍ଦନେଶ୍ୱର ପୀଠରେ ଶୀତଳଷଷ୍ଠୀ

କୁଆଖିଆ,୨୧।୬(ସମିସ): ରସୁଲପୁର ବ୍ଲକର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ତିନିଦିନ ବ୍ୟାପି ଏହି ଉତ୍ସବରେ ଗତ ୧୮ ତାରିଖ ଗୁରୁବାର ଅଙ୍କୁରାରୋପଣ ହୋଇ ଗ୍ରାମ ଦେବଦେବୀଙ୍କ ନିମନ୍ତ୍ରଣ। ସନ୍ଧ୍ୟାରେ କଳସ ଯାତ୍ରା ଘଟସ୍ଥାପନ ପରେ ସନ୍ଧ୍ୟା ୭ଟାରେ ଅଭିନ୍ନ ସୁନ୍ଦର ନୃତ୍ୟ ପରିଷଦ, ଖୋର୍ଦ୍ଧା କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ। ୧୯ ତାରିଖ ଶୁକ୍ରବାର ପ୍ରାତଃ ୯ଟାରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ସହିତ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ଆତସବାଜୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବିଶିଷ୍ଟ କଣ୍ଠ ଶିଳ୍ପୀ ଅର୍ପିତା ଚୌଧୁରୀ ଓ ସାଥୀ ଭଜନ ପରିବେଷଣ ହୋଇଥିଲା। ବେଳେ ଶନିବାର ପ୍ରାତଃ ୭ଟାରେ ଶିବ ପାର୍ବତୀଙ୍କୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଆୟୋଜିତ ଏହି ଉତ୍ସବରେ ବର ପିତାମାତା ଭାବରେ କଟକ ଡଗରପଡା ନିବାସୀ ପ୍ରଭାତ କୁମାର ଦାଶ ଓ ତାଙ୍କ ସହ ଧର୍ମିଣୀ ଡିମ୍ପଲପ୍ରିୟା ଦାଶ ଥିବାବେଳେ କନ୍ୟା ପିତାମାତା ଭାବରେ ମଧୁବନ ପାଳସାହିର ଆଲୋକ ରଥ ଏବଂ ପତ୍ନୀ ଲିଲି ରଥ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କର୍ୟାଁଗୋଲା,୨୧।୬(ସମିସ): ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ଆଜି ବିଜେପି ନେତ୍ରୀ ବବିତା ମଲ୍ଲିକ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ଅଞ୍ଚଳର ସୁନାମଧନ୍ୟ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦାଶରଥି ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ନାୟକ ବିଗତ ଦିନରେ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଜେପି ନେତା ଶୈରେନ୍ଦ୍ର ସାମଲ, ସ୍ମୃତିରଞ୍ଜନ ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରଜ୍ଞା ନାୟକ, ଯୁବନେତା ସୁନୀଲ ବେହୁରିଆ,ଓମ ପ୍ରକାଶ ପୃଷ୍ଟି, ସତ୍ୟପ୍ରକାଶ ପୋଥାଳ, ରଂଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଗୋଟି ପ୍ରକଳ୍ପର ଶିଳାନ୍ୟାସ

ଧର୍ମଶାଳା,୨୧।୬(ସମିସ): ଧର୍ମଶାଳା ବ୍ଲକର ଦୁଇଗୋଟି ସ୍ଥାନରେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣର ପାଇଁ ଅଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାଶ କରିଛନ୍ତି। ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଡ଼ମଧୁପୁର ରେଳଷ୍ଟେସନ ଠାରୁ ଗେଙ୍ଗୁଟିଆ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୬ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତାର ଶିଳାନ୍ୟାଶ କରାଯାଇଛି। ସେହିପରି ୫ କୋଟି ୯ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶାନ୍ତିବଜାର ଠାରୁ ବାହାଗଡା ଭାୟା ଦକ୍ଷିଣଶାସନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ୍ତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ଜାରକା ସରପଞ୍ଚ ସୁଦାମ ବେହେରା, ଆମ୍ରାର ଅଧ୍ୟକ୍ଷ ଉପେନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଜେନାପୁର,୨୧।୬(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଈପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମର ସୁଲୋଚନା ଖଟୁଆ (୭୬)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାରେ ରହୁଥିଲେ। ଗତକାଲି ରାତିରେ ହଠାତ ତାଙ୍କର ଦେହ ଅସୁସ୍ଥ ହୋଇପଡିଥିଲା। ରାତିରେ ପରିବାର ଲୋକ ଦେଖିଲା ବେଳକୁ ମୃତ୍ୟୁ ଘଟିଥିଲା। ସେ ଜଣେ ଧର୍ମପରାୟଣ ପରୋପକାରୀ ମେଳାପି ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ ଶରୀରକୁ ଗ୍ରାମରେ ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀ ପଠାକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଜଟେଶ୍ୱର ଖଟୁଆ ମୁଖାଗ୍ନି ଦେଇଥିଲେ।

## ଧାମନଗରରେ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ

# ରାସ୍ତା କାମକୁ ନେଇ ଅର୍ଜୁନପୁରରେ ମାର୍‌ପିଟ୍




ଅସୁରାଳି,୨୧।୬(ସମିସ): ଧାମନଗର ବ୍ଲକ୍ ଶାସକ ଦଳ (ବିଜେପି) ଭିତରେ ଦୀର୍ଘ ଦିନରୁ କୁହୁଳୁଥିବା ଗୋଷ୍ଠୀ କନ୍ଦଳ ଏବେ ସର୍ବସମ୍ମୁଖକୁ ଆସିଛି। ରବିବାର ଅର୍ଜୁନପୁର ପଞ୍ଚାୟତରେ ଏକ ବିକାଶମୂଳକ ରାସ୍ତା କାମର ଶ୍ରେୟ ନେବାକୁ କେନ୍ଦ୍ର କରି ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଉଗ୍ର ଗଣ୍ଡଗୋଳ ଓ ମାର୍‌ପିଟ୍ ହୋଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିବା ସହ ଧାମନଗର ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଅର୍ଜୁନପୁର ପଞ୍ଚାୟତର ତରେଇସାହି ହନୁମାନ ମନ୍ଦିରଠାରୁ ବୈତରଣୀ ବନ୍ଧ ଏବଂ ବାସୁଦେବ ମନ୍ଦିର ବନ୍ଧରୁ ଶୈଳ ପାଣିଟାଙ୍କି ପର୍ଯ୍ୟନ୍ତ ଦୁଇଟି ପ୍ରମୁଖ ରାସ୍ତାର ମରାମତି ଓ ଉନ୍ନତୀକରଣ ପାଇଁ ‘ଏଫ୍‌ଡିଆର୍’ ପାଣ୍ଠିରୁ କାର୍ଯ୍ୟ ଚାଲିଛି। ତେବେ କାର୍ଯ୍ୟସ୍ଥଳରେ ଲଗାଯାଇଥିବା ସୂଚନାଫଳକ (ସାଇନ୍‌ବୋର୍ଡ)ରେ ଲେଖାକୁ ଲିଭାଇବାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ପଞ୍ଚାୟତ ସଭାପତି ଅଧର ପରିଡ଼ା ଓ ଅନ୍ୟତମ ଗୋଷ୍ଠୀର ନେତା ରୁଦ୍ର କିଶୋର ନାୟକଙ୍କ ସମର୍ଥକମାନେ ଏହାକୁ ନେଇ ମୁହାଁମୁହିଁ ହୋଇଥିଲେ। ଦେଖୁଦେଖୁ ଉଭୟ ପକ୍ଷ ମଧ୍ୟରେ ବାକ୍‌ବିତଣ୍ଡା ଉଗ୍ର ରୂପ ନେଇଥିଲା ଏବଂ ପରିସ୍ଥିତି ମାର୍‌ପିଟ୍ ପର୍ଯ୍ୟନ୍ତ ଯାଇଥିଲା। ତେବେ ରାଜନୈତିକ ସମୀକ୍ଷକଙ୍କ ମତରେ, ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବିଜେପି ମଧ୍ୟରେ ଏକାଧିକ ଉପ ଗୋଷ୍ଠୀ ସକ୍ରିୟ ରହିଛନ୍ତି। ବିଶେଷ କରି ଦଳୀୟ ସଂଗଠନରେ ସ୍ଥାନ ପାଇବାକୁ ନେଇ କର୍ମୀଙ୍କ ମଧ୍ୟରେ ଅଶାନ୍ତି ରହିଛି। ସରକାରୀ ବିକାଶମୂଳକ କାର୍ଯ୍ୟର ଶ୍ରେୟ କିଏ ନେବ ଏବଂ ଦଳୀୟ କାର୍ଯ୍ୟକ୍ରମରେ କିଏ ନେତୃତ୍ୱ ନେବ, ତାକୁ ନେଇ ଟଣାଓଟରା ଚାଲିଛି। ଏପର୍ଯ୍ୟନ୍ତ ଏହି ବିବାଦ ଚାରିକାନ୍ଥ ଭିତରେ ସୀମିତ ଥିବାବେଳେ ଅର୍ଜୁନପୁର ଘଟଣା ଶାସକ ଦଳର ଆଭ୍ୟନ୍ତରୀଣ ଦୁର୍ବଳତାକୁ ସମ୍ପୂର୍ଣ୍ଣ ପଦାରେ ପକାଇ ଦେଇଛି। ଅର୍ଜୁନପୁର ଘଟଣା ପରେ ସ୍ଥାନୀୟ ବିଜେପି ନେତୃତ୍ୱର କାର୍ଯ୍ୟଶୈଳୀ ଏବଂ ଦଳ ମଧ୍ୟରେ ସମନ୍ୱୟର ଅଭାବକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶାସକ ଦଳ ଭିତରେ ଥିବା ଏହି ଅନ୍ତଃଦ୍ୱନ୍ଦ୍ୱକୁ ବରିଷ୍ଠ ନେତୃତ୍ୱ କିପରି ସମାଧାନ କରୁଛନ୍ତି ଏବଂ ଆଗାମୀ ଦିନରେ ସଂଗଠନକୁ କିପରି ଏକଜୁଟ୍ ରଖୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ଚେତିଲା ପ୍ରଶାସନ

# ତହସିଲ୍‌ଦାରଙ୍କ ସମୀକ୍ଷା; ୩୦ ଯାଏ ବିକିପାରିବେ ଧାନ

ଅସୁରାଳି,୨୧।୬(ସମିସ): ଧାମନଗର ଅଞ୍ଚଳର ବମକୁରା ସେବା ସମବାୟ ସମିତି (ସୋସାଇଟି)ରେ ଗତ ଗୁରୁବାର ଜଣେ ଚାଷୀ ଧାନ ବିକ୍ରି ସମସ୍ୟାକୁ ନେଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାକୁ ପ୍ରଶାସନ ଗମ୍ଭୀରତାର ସହ ନେଇଛି। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ରବିବାର ବିଭିନ୍ନ ପ୍ରଶାସନିକ ଉଚ୍ଚପଦସ୍ଥ ଅଧିକାରୀ ବମକୁରା ସୋସାଇଟିରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି। ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ପିପିୟୁସି ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଏବଂ ଧାମନଗର ଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ସୋସାଇଟି ପରିସରରେ ପହଞ୍ଚି ଉଦ୍‌ବେଗ ଓ ଚିନ୍ତିତ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ବାବଦରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସମୀକ୍ଷା ପରେ ଚାଷୀଙ୍କ ଧାନ ବିକ୍ରି ପ୍ରକ୍ରିୟାକୁ ସ୍ୱାଭାବିକ ଓ ସହଜ କରିବା ପାଇଁ ପ୍ରଶାସନ ତରଫରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ଯଥା- ଚାଷୀଙ୍କଠାରୁ ଶୀଘ୍ର ଧାନ ଉଠାଇବା ପାଇଁ ଏକ ନୂତନ ରାଇସ୍ ମିଲ୍‌କୁ ଏହି ସୋସାଇଟି ସହ ତୁରନ୍ତ ଅଟାଚ୍ କରାଯାଇଛି। ଯେଉଁ ଚାଷୀମାନଙ୍କର ଧାନ ବିକ୍ରି ଟୋକନ୍ ଲାପ୍ସ (ଅବଧି ଶେଷ) ହୋଇଯାଇଥିଲା ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ାଯାଇଛି। ଏହି ପ୍ରକ୍ରିୟା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ୨ ହଜାର କ୍ୱିଣ୍ଟାଲ ଧାନ



ସଂଗ୍ରହ ଟାର୍ଗେଟ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ନୋଟିସ୍, ଦୃଢ଼ କାର୍ଯ୍ୟାନୁଷ୍ଠାନର ଚେତାବନୀ ମଧ୍ୟ ଦିଆଯାଇଚି। ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀମାନେ ନିୟମିତ ଅଫିସରେ ଅନୁପସ୍ଥିତ ରହିବା ଏବଂ ଚାଷୀଙ୍କ କାର୍ଯ୍ୟରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଚାଷୀମାନେ ଅଧିକାରୀଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ସୋସାଇଟି କର୍ମଚାରୀମାନଙ୍କ ବିରୋଧରେ ତୁରନ୍ତ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହା ସହିତ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ବି ଅନିୟମିତତା କିମ୍ବା ଗଫଲତି ଦେଖାଗଲେ, ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

# ସମାଜସେବୀ ନିରଞ୍ଜନ ପଣ୍ଡାଙ୍କ ସ୍ମୃତିଚାରଣ ସଭା



ଧାମନଗର,୨୧।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ସମସ୍ତଙ୍କର ଜଣାଶୁଣା ବିଶିଷ୍ଟ ସମାଜସେବୀ ନିରଞ୍ଜନ ପଣ୍ଡାଙ୍କ ବାସଭବନରେ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ତଥା ସେବାନିବୃତ୍ତ କୃଷି ଅଧିକାରୀ ସନ୍ତୋଷ କୁମାର ପାଢ଼ୀଙ୍କ ମଞ୍ଚ ସଞ୍ଚାଳନରେ ଆୟୋଜିତ ସ୍ମୃତିସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପୂଜ୍ୟପୂଜା ସଂସଦ ସମ୍ପାଦକ ଅଜୟ ସାମଲ, ଉପସଭାପତି କବି ଦାମୋଦର ସାହୁ, କାନ୍ତ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ସିଂ, ଜାଗୁଳାଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ପ୍ରୀତମ୍ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ସହକାରୀ ଶିକ୍ଷକ ରବୀନ୍ଦ୍ର ସେଠୀ, ଅରୁଣ କୁମାର ରାଉତ, କଳାକାର ସୁନୀଲ ଭୋଇ, ମନୋଜ ଭୂୟାଁ, ହୃଷୀକେଶ ପଣ୍ଡା, ସମାଜସେବୀ ନରେନ୍ଦ୍ର ମଲ୍ଲିକ, ପ୍ରତାପ ଦାସ ଓ ପରିବାର ତରଫରୁ ସ୍ୱର୍ଗତ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ନଟବର ପଣ୍ଡା, ଜାମାତା ନିରଞ୍ଜନ ରାଉତ, ନାତି ବାଦଲ ରଞ୍ଜନ ରାଉତ ସ୍ମୃତିଚରଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ନାତୁଣୀ ଭାଗ୍ୟଶ୍ରୀ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଅପରିହାର୍ଯ୍ୟ



ବ୍ରହ୍ମପୁର,୨୧।୬(ସମିସ): ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ ସୁବାସ ଚନ୍ଦ୍ର ବରାଳଙ୍କ ତତ୍ତ୍ୱାବଧାନରେ ସକାଳ ୭ଟାରେ ବୈଦିକ ମନ୍ତ୍ରୋଚ୍ଚାରଣ ଓ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରାଯାଇଥିଲା। ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ପି. କେ. ପାଢ଼ୀ, ପୂର୍ବତନ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ. ସିଦ୍ଧେଶ୍ୱର ବେହେରା, ଡ. କୈଳାସ ଚନ୍ଦ୍ର ପାତ୍ର ଓ ଡ. ଉଜ୍ଜ୍ୱଳା ସାହୁ, କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ହସ୍ପିଟାଲ କର୍ମଚାରୀ, ଛାତ୍ରଛାତ୍ରୀ, ଇଣ୍ଟର୍ଣ୍ଣ ଏବଂ ହସ୍ପିଟାଲକୁ ଆସିଥିବା ରୋଗୀମାନେ ଯୋଗଦେଇ ୪୫ ମିନିଟ୍ ଧରି ସାଧାରଣ ଯୋଗ ପ୍ରୋଟୋକଲ ଅଭ୍ୟାସ କରିଥିଲେ। ପୂର୍ବରୁ 'ଯୋଗ ଓ ସୁସ୍ଥ ବାର୍ଦ୍ଧକ୍ୟ' ବିଷୟବସ୍ତୁ ଉପରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟକ୍ଷା ଡ଼. ଗୀତାଞ୍ଜଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତା ପାଇଁ ଯୋଗକୁ ଜୀବନର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଗ୍ରହଣ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କର୍ମଚାରୀ ରାଜ କୁମାର ବଡୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ● ଆସିକା




ଗଞ୍ଜାମ ଜିଲ୍ଲା ଆସିକା ସମେତ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇ ଯାଇଛି। ଆସିକା ମିନି ଷ୍ଟାଡିୟମ, ହରିହର ହାଇସ୍କୁଲ ଓ ହାଟ ପଦା ସ୍ଥିତ ପ୍ରାଥମିକ ମେଡିକାଲରେ ଯୋଗ ପ୍ରଦର୍ଶନ କରି ଥିଲେ। ସେହିପରି ଆସିକା ଟାଉନ ହଲ ଠାରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଗ ଶିବିରରେ ଯୋଗର ମହତ୍ତ୍ୱ ସୁସ୍ଥ ସ୍ୱାସ୍ଥ୍ୟ ଓ ଶରୀର ଗଠନ ପାଇଁ ଯୋଗର ଭୂମିକା ଆଦି ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇବା ସହ ଏକ ସମୂହ ଯୋଗ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଯୋଗ ମାଧ୍ୟମରେ ସାମ୍ପ୍ରତିକ ପରିସ୍ଥିତିରେ ଉପୁଜୁଥିବା ରୋଗ କିପରି ସାଧନ ସମ୍ଭବ ନିଜେ ଉପସ୍ଥିତ ଥିବା ଆସିକା ଏସ୍‌ଡିପିଓ କହିଛନ୍ତି। ଆଜି ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ପ୍ରତିଦିନ କିଛି ସମୟ ବାହାର କରି ଜୀବନର ଉପକାରିତା ଉପଲବ୍‌ଧି କରି ଯୋଗ ଓ ବ୍ୟାୟାମ କରିବା ପାଇଁ ଶପଥ ନିଆଯାଇଛି। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ଅବସର ପ୍ରାପ୍ତ ଶିକ୍ଷକ ଗଣେଶ ରଥ, ଯୋଗ ଗୁରୁ ପ୍ରସନ୍ନ ଦାସ, ଦିଲ୍ଲୀପ ପାଣିଗ୍ରାହୀ, ସୁରି ବିଷୋୟୀ, କାମେଶ୍ୱର ଆଚାରୀ, ବିପ୍ର ବେହେରା, ସୀମାଞ୍ଚଳ ପଣ୍ଡା, ମହାଦେବ ସେଠୀ।

## ● ରମ୍ଭା

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରମ୍ଭା ସହରର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଦ୍ୱାଦଶ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆୟୋଜିତ ସାମୁହିକ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷା ମାନସୀ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଯୋଗଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ଏବଂ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ରମ୍ଭା ଏନ୍‌ଏସିର ସମସ୍ତ କର୍ମଚାରୀ, ବିଭିନ୍ନ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ, ପି.ଏମ୍‌ଶ୍ରୀ ରମ୍ଭା ହାଇସ୍କୁଲ, ଏମ.ଏସ. ଭି ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ, ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତି, ପତଞ୍ଜଳି ଯୋଗ ସମିତି, ଗୋପବନ୍ଧୁ ପ୍ରଭାତ ଶାଖା କଳିଙ୍ଗ ବୈଶ୍ୟ ଯୁବକ ସଂଘ, କଳିଙ୍ଗ ବୈଶ୍ୟ ମହିଳା ସଂଘ ସହିତ ସହରର ଅନ୍ୟାନ୍ୟ ଯୋଗାନୁଷ୍ଠାନର ସଭ୍ୟମାନେ ଯୋଗଦେଇ ଯୋଗ ଓ ପ୍ରାଣାୟାମ କରିଥିଲେ।

ଯୋଗଗୁରୁ ଅକ୍ଷୟ ସୁବୁଦ୍ଧି, ଡା. ମୀରାବାଈ ପଣ୍ଡା ଏବଂ ବିଜୟ ମିସ୍ତ୍ରୀ ବିଭିନ୍ନ ପ୍ରାଣାୟାମ ସହିତ ଧ୍ୟାନ ଆଦି ଯୋଗ ଶିକ୍ଷା ଦେଇ ନିଜ ଘରେ ପରିବାର ସହ ପ୍ରତ୍ୟେକ ଦିନ ଅନ୍ତତଃ ଅଧଘଣ୍ଟା ଯୋଗ ଓ ପ୍ରାଣାୟାମ କରିବାକୁ ନିବେଦନ କରିଥିଲେ। ଏହି ସାମୁହିକ ଯୋଗ ଶିବିରରେ ଆନନ୍ଦ ସାହୁ, ରାମଚନ୍ଦ୍ର ବାଉତ୍ୟା, କାହ୍ନା ସ୍ୱାଇଁ, ରଘୁନାଥ ମହାପାତ୍ର,ବାପୁଜୀ ସୁବୁଦ୍ଧି, ଭୀମସେନ ବେହେର, ଶିକ୍ଷକ ଗୋପୀନାଥ ବେହେରା, ବିରଞ୍ଚି ନାରାୟଣ ନାହାକ, ଶେଷଦେବ ବେହେରା,ସତ୍ୟ ନାରାୟଣ ଅଚାରୀ, ସୁଦର୍ଶନ ଜେନା, ସୁଶାନ୍ତ ପାତ୍ର, ସମୀର ଅଧିକାରୀ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମାଙ୍କ ସହିତ ତିନି ଶହରୁ ଉର୍ଦ୍ଧ ଯୋଗାଭ୍ୟାସୀମାନେ ଯୋଗଦେଇ ଯୋଗଶିକ୍ଷା କରିଥିଲେ। ରମ୍ଭା ଏନ୍‌ଏସିର ସମସ୍ତ କର୍ମଚାରୀ ପରିଚାଳନା କରିଥିବାବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ସୁଜିତ କୁମାର ବେହେରା ଏବଂ ବନବାସୀ ସେଠୀ ଉତ୍ସାହିତ କରିଥିଲେ।

## ● ରାଇକିଆ

ରବିବାର କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଶରୀରକୁ ସୁସ୍ଥ ରଖେ। ଏଥିସହିତ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଦୈନିକ ଯୋଗଭ୍ୟାସ ଦ୍ୱାରା ଶରୀର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସନ୍ତୁଳିତ ରହିବା



ସହ ଏକାଗ୍ରତା ବୃଦ୍ଧି ଘଟିଥାଏ। ଯୋଗ ଶରୀରକୁ ସୁସ୍ଥ, ମନକୁ ସନ୍ତୁଳିତ କରିଥାଏ। ଦୈନନ୍ଦିନ ଜୀବନ ରେ ଅପରିହାର୍ଯ୍ୟ ହୋଇ ପଡ଼ିଥିବା ବିଭିନ୍ନ ସ୍ଥାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ରୀନା ପ୍ରଧାନ, ବିଡିଓ ସବ୍ୟସାଚୀ ସାହୁ, ଜିପିଡିଓ ମହେଶ ପଟ୍ଟନାୟକ, ରାଇକିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଗୀତାଞ୍ଜଳି ନାୟକ, ଭାଜପା ଓବିସୀ ମୋର୍ଚ୍ଚା ଜିଲ୍ଲା ସଭାପତି ସନ୍ତୋଷ ଲେଙ୍କା, ଭାଜପା ଜିଲ୍ଲା ସମ୍ପାଦକ ସୁକାନ୍ତ ସାହୁ, ମଣ୍ଡଳ ସଭାପତି ସନ୍ତୋଷ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜୀବନ ଜ୍ୟୋତି କଲେଜରେ ଅଧ୍ୟକ୍ଷ ଉମାକାନ୍ତ ରଥଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସିପାଲ ଅମିୟ ମହାପାତ୍ର, ଏକଲ ଅଭିଯାନ +ତରଫରୁ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ ଶିକ୍ଷକ ଏହିସବୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ ପାଇଁ ଶପଥ



ଜି ଉଦୟଗିରି,୨୧।୬(ସମିସ): ଜି. ଉଦୟଗିରିର ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ପତଞ୍ଜଳି ଯୋଗ ସମିତି ସହଯୋଗରେ ଜି ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଟ୍ରେନିଂ ସ୍କୁଲ ଅଧିକାରୀ ମୁଖ୍ୟ ଅତିଥିଭାବେ ଉପ ବନ ସଂରକ୍ଷକ ଆଶିଷ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ ଜାରିବା ସହିତ ଯୋଗ ପ୍ରାଣାୟାମକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପତଞ୍ଜଳି ହାଇସ୍କୁଲ ସମିତି ତରଫରୁ ପତଞ୍ଜଳି ଯୋଗ ସମିତି ଜିଲ୍ଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ, ଯୋଗଗୁରୁ ରାଜେନ୍ଦ୍ର ମହାପାତ୍ର, ଡା. ସତ୍ୟନାରାୟଣ ପଟ୍ଟନାୟକ, ଅରୁଣ କୁମାର ଷଡ଼ଙ୍ଗୀ, ଚତୁର୍ଭୁଜ ସାହୁ, ସୂର୍ଯ୍ୟ ନାରାୟଣ ପାତ୍ର, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଯୋଗ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମରେ ବନପାଳ ଶଙ୍କର ପଣ୍ଡା, ବନରକ୍ଷୀ ରାଜା ମହାରଣା, ନରୋତ୍ତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ସହିତ ଉପସ୍ଥିତ ଥିବା ସାଧାରଣ ଜନତା ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବାକୁ ଶପଥ ନେଇଥିଲେ। ସେହିଭଳି ପିଏମ୍‌ଶ୍ରୀ ହବାକ ହାଇସ୍କୁଲରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଏବଂ ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଛାତ୍ରମାନେ ଯୋଗ ଅଭ୍ୟାସ କରିଥିଲେ। ସେହିଭଳି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇ ଯାଇଛି। ଅଧ୍ୟାପିକା ମିନତୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଯୋଗ ଗୁରୁବାର ରାଜେନ୍ଦ୍ର ମହାପାତ୍ର ଯୋଗ ଅଭ୍ୟାସ କରାଇଥିଲେ। ସେହିଭଳି ଜି ଉଦୟଗିରି ବ୍ଲକ ତରଫରୁ ସାମୁହିକ ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ, ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏସ୍‌ଡିପିଓ ଏ ଶିବା ରେଡ୍ଡୀ, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ବ୍ଲକ୍ କର୍ମଚାରୀ, ଏନଏସି କର୍ମଚାରୀ କାଉନସିଲରଙ୍କ ସହିତ ବାଳିକା ହାଇ ସ୍କୁଲ ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ୍ ହୋଇଥିଲେ। ଏଥିରେ ଜିଲ୍ଲା ଯୋଗ ସମିତି ସମ୍ପାଦକ ଭେଙ୍କେଟେଶ୍ୱର ବେହେରା ଯୋଗ ଶିକ୍ଷା ଦେଇଥିଲେ। ଏହି କ୍ରମରେ ରଟିଙ୍ଗିଆ ପଞ୍ଚାୟତ ହାଇ ସ୍କୁଲରେ ଖେଳ ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଆଜି ଜେଲରେ ମଧ୍ୟ ଯୋଗ ଦିବସ ପାଳିତ ହୋଇ ଯାଇଛି।

# ଧୋବାଲିଙ୍ଗିରେ ଜ୍ୱର ଆତଙ୍କ, ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ପାତ୍ରପୁର,୨୧।୬(ସମିସ): ମୌସୁମୀ ଆସିବା ପରେ ଉପାନ୍ତ ପାଣିପାଗରେ ପରିବର୍ତ୍ତନ ଦେଖାଦେଇଛି। ପାଣିପାଗ ପରିବର୍ତ୍ତନ ହୋଇଥିବା ବେଳେ ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ଧୋବାଲିଙ୍ଗି ଗ୍ରାମରେ ଜ୍ୱର ଆତଙ୍କ ଦେଖାଦେଇଛି। ଗ୍ରାମର ବହୁ ପରିବାରରେ ସଦସ୍ୟ ଜ୍ୱରରେ ପୀଡ଼ିତ ହୋଇପଡ଼ିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଅନିଶା ଦଳେଇ, ତନିଶା ଦଳେଇ, ସୁମିତ୍ରା କାର୍ଯ୍ୟୀ, ମୁକ୍ତା ବେହେରା, ଲତା ବେହେରା, କୋରାମଣି ବେହେରା, ସଂଯୁକ୍ତା ଦଳେଇ, ଶୁକୁଟା ଦଳେଇ, ବିନୋଦ ଭୂୟାଁ, ପ୍ରମୋଦିନୀ ପ୍ରଧାନ, କୁନା ପ୍ରଧାନ, କାଳିଆ ବେହେରା ଙ୍କ ସମେତ ୨୦ରୁ ଅଧିକ ଗ୍ରାମବାସୀ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କ ମଧ୍ୟରେ ପିଲାଙ୍କ ସମେତ ବୟସ୍କ ରହିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ଗତ ୫ ଦିନ ଧରି ଆକ୍ରାନ୍ତମାନେ ଉଚ୍ଚ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚି ନଥିବା ରୁ ରୋଗୀମାନେ ଠିକ୍ ସମୟରେ ପାଇପାରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଗ୍ରାମରେ ତୁରନ୍ତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଆକ୍ରାନ୍ତମାନଙ୍କ ରକ୍ତ ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

# ବସ୍ ଧକ୍କାରେ ବୃଦ୍ଧ ମୃତ

ଆସିକା,୨୧।୬(ସମିସ): ଆସିକା ଥାନା ଗୁଣ୍ଡପୋଡ଼ା ନିକଟରେ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବରାଳ ଦେବୀ ନାମକ ଏକ ଘରୋଇ ବସ୍ 'ବରାଳ ଦେବୀ' ଧକ୍କା ଦେବାରୁ ଭିକ୍ଷାବୃତ୍ତି କରୁଥିବା ବୃଦ୍ଧ ଜଣଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ନାମ ସୂର୍ଯ୍ୟନାରାୟଣ ମହାନ୍ତି ଓ ଘର ଧରାକୋଟ ଥାନା ନନ୍ଦିଘୋର ଗ୍ରାମରେ। ସେ ଜଣେ ଭିନ୍ନକ୍ଷମ ଥିଲେ ଓ ପ୍ରତିଦିନ ଭିକ୍ଷା ବୃତ୍ତି କରି ଚଳୁଥିଲେ। ରବିବାର ସକାଳୁ ସୂର୍ଯ୍ୟ ଭିକ୍ଷା ପାଇଁ ଚାଲି ଚାଲି ଯାଉଥିବା ସମୟରେ ରାସ୍ତା ପାର ହେବା ବେଳେ ଭଞ୍ଜନଗର ପଟୁ ଆସୁଥିବା ବସ୍‌ଟି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ କିଛି ସମୟ ପାଇଁ ଆସିକା-ଭଞ୍ଜନଗର ରାସ୍ତା ଉପରେ ଯିବା ଆସିବା ବାଧାପ୍ରାପ୍ତ ହୋଇ ଥିଲା। ଖବର ପାଇ ପୁଲିସ ପହଞ୍ଚି ବୃଦ୍ଧଙ୍କ ମୃତଦେହକୁ ଜବତ କରି ଯାତ୍ରୀ ବାହୀ ବସ୍‌କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ ଯାତ୍ରୀ ବସ୍‌କୁ ଥାନାରେ ଅଟକ ରଖା ଯାଇଥିବା ବେଳେ ବୃଦ୍ଧଙ୍କ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରା ଯାଇଥିବା ଜଣା ପଡ଼ିଛି।

# ଜଳିଗଲା ଲକ୍ଷାଧିକ ଟଙ୍କାର ଖଲି



ବାଲିଗୁଡା,୨୧।୬(ସମିସ): ବାଲିଗୁଡାର ଏକଖଲିଗଦାମରେ ନିଆଁଲାଗି ଲକ୍ଷାଧିକ ଟଙ୍କାର ଖଲି ସହ ମେସିନ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ପ୍ରକାରେ ବାଲିଗୁଡାର କଟାରୀ ସାହିରେ ଏକ ଖଲି ଗୋଦାମରେ ବିଳମ୍ବିତ ରାତିରେ ଲାଗିଥିଲା ନିଆଁ ,ଏହାକୁ ସକାଳ ପ୍ରାୟ ୪ଟା ସମୟରେ ସ୍ଥାନୀୟ ଲୋକେ ଏହି ଗୋଦାମ ଭିତରୁ ଧୂଆଁ ଓ ନିଆଁ ବାହାରିବାର ଦେଖି ଏହି ଗୋଦାମ ଦାୟିତ୍ୱର କର୍ମଚାରୀ ମାନଙ୍କୁ ଫୋନ କରି ଜଣାଇଲେ। କର୍ମଚାରୀ ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀକୁ ଫୋନ କରିବା ସହ ଗୋଦାମ ଆସି ଦେଖିବା ବେଳେ ଲାଗିଛି ନିଆଁ। ଅଗ୍ନିଶମ ବାହିନୀ ସଙ୍ଗେସଙ୍ଗେ ଉକ୍ତ ସ୍ଥାନରେ ପହଞ୍ଚି ନିଆଁକୁ ଲିଭାଇଥିବା ପାଇଁ ଚେଷ୍ଟା କରିଥିଲେ। ନିଆଁ ଜୋରରେ ଲାଗିଥିବା ହେତୁ ଅଧିକ ସମୟ ଲାଗିଥିଲା ନିଆକୁ ଆୟତ କରିବାକୁ। ଗୋଦାମ ଭିତରେ ଥିବା ଖଲି, ହଳଦୀ ଥିଲା ଏବଂ ବିଭିନ୍ନ ପ୍ରକାରର ମେସିନ ଜଳିପୋଡି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି ଯାହାର କି ପ୍ରାୟ୨୦ଲକ୍ଷଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ଆକଳନ କରାଯାଉଛି।

# ଗଞ୍ଜାମ କଲେଜରେ ଯୋଗ ଦିବସ

ଗଞ୍ଜାମ,୨୧।୬(ସମିସ): ଗଞ୍ଜାମ କଲେଜରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କଲେଜ ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ନିର୍ଦ୍ଦେଶନାରେ କଲେଜ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୮୦ରୁ ଉର୍ଦ୍ଧ୍ୱ କଲେଜ




କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍, ୱାଇଆର୍‌ସି,ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବାର୍ତ୍ତା ପ୍ରଚାର କରୁଥିବା ଏହି ବିଶ୍ୱସ୍ତରୀୟ ଦିବସକୁ ସମସ୍ତେ ମିଳିତ ଭାବେ ପାଳନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଏବଂ ସୁସ୍ଥ ଜୀବନଶୈଳୀ ଗଠନରେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଏବଂ ଧ୍ୟାନ ଅଭ୍ୟାସ କରିଥିଲେ। ବିଶିଷ୍ଟ ଯୋଗ ପ୍ରଶିକ୍ଷକ ଝଡ଼ିଆ ବେହେରା ଏବଂ ନିରଞ୍ଜନ ରେ‡ୀ ଯୋଗ ଅଭ୍ୟାସର ନେତୃତ୍ୱ ନେଇ ବିଭିନ୍ନ ଯୋଗାସନ ଓ ଶ୍ୱାସକ୍ରିୟା ପ୍ରଣାଳୀର ପ୍ରଦର୍ଶନ କରିଥିଲେ। ସେମାନେ ସମସ୍ତଙ୍କୁ ନିୟମିତ ଭାବେ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ପରାମର୍ଶ ଦେଇଥିଲେ। ଅବସରରେ ବକ୍ତାମାନେ ଯୋଗ ମାଧ୍ୟମରେ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ସ୍ଥାପନ ଏବଂ ଆଧୁନିକ ଜୀବନର ଚାପକୁ ହ୍ରାସ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନିୟମିତ ଯୋଗାଭ୍ୟାସ ଓ ସମଗ୍ର ସୁସ୍ଥତାର ବାର୍ତ୍ତା ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ସେହିପରି ସହର ସ୍ଥିତ ବ୍ରହ୍ମ କୁମାରୀ ଈଶ୍ୱରୀୟ ଆଧାତ୍ମିକ ଅନୁଷ୍ଠାନରେ ମଧ୍ୟ ଆଧ୍ୟା ିକ ପରିବେଷ ମଧ୍ୟରେ ଆନ୍ତର୍ଯ୍ୟାତିୟ ଯୋଗ ଦିବସ ପାଳିତ ହୋଇଥିଲା କ୍ଷ ରାଜ ଯୋଗିନୀ କସ୍ତୁରୀ ଭଉଣୀଙ୍କ ପୌରୋହିତ୍ୟରେ ଓ ଯମୁନା ଭଉଣୀ ଙ୍କ ନେତୃତ୍ୟ ରେ ଯୋଗ ର ଆଭିମୁଖ୍ୟ ଓ ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଧାନ କରାଯାଇଥିଲା କ୍ଷ ଏଥିରେ ଯୋଗଗୁରୁ ପଦ୍ମନାଭ ବେହେରା, ଓଜେୟୁ ରାଜ୍ୟ ମହିଳା ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ବିଜୟଲକ୍ଷ୍ମୀ ମହାଙ୍କୁଡ଼, ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡୀ, ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ବିକେ ହୃଷିକେଶ ଭାଇ, ଆଇନଜୀବୀ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିବା ସହ ଆଧ୍ୟାତ୍ମିକ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ।

● ଜୁଆ ଆଡ୍ଡାରେ ଚଢ଼ଉବେଳେ ପୁଲିସକୁ ଆକ୍ରମଣ ଘଟଣା

# ୫ ମାସ ପରେ ୨ ଅଭିଯୁକ୍ତଙ୍କୁ ଜେଲ୍

ଦିଗପହଣ୍ଡି,୨୧।୬(ସମିସ): ଦିଗପହଣ୍ଡି ପୁଲିସ ରବିବାର କେ.ନୂଆ ଗାଁ ଥାନା ଦେଓଖାଳି ଗ୍ରାମର କୁନା ପ୍ରଧାନ ଏବଂ ରଜତ ପ୍ରଧାନଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୧୨/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା - ୧୯୧(୨)/୧୯୧(୩)/୨୨୧/୧୨୬(୨)/୧୧୫(୨) /୧୩୨/୧୨୫/୧୦୯/୧୧୨(୨)/୧୯୦ ଏବଂ ୩ ଓପିଜି ଆକ୍ଟ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟ ଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଜାନୁୟାରୀ ୧୦ ତାରିଖ ବିଳମ୍ବିତ ସନ୍ଧ୍ୟାରେ ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଜଙ୍ଗମା ଗାଁ ନିକଟ ଜଙ୍ଗଲରେ ଚାଲିଥିଲା ବଡ଼ ଧରଣର ଜୁଆ ଆଡ୍ଡା। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଦିଗପହଣ୍ଡି ଥାନା ପୁଲିସ ଟିମ୍ ସହାୟତାରେ ଉକ୍ତ ଜୁଆଆଡ୍ଡାରେ ଚଢ଼ଉ କରାଯାଇଥିଲା। ଘଟଣାଦିନ ସନ୍ଧ୍ୟାରେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ନିଜ ନିଜକୁ ଜୁଆଡ଼ି ସଜାଇ ଜୁଆ ଆଡ୍ଡାକୁ ଜୁଆ ଖେଳିବାକୁ ଯାଇଥିଲେ। ପରେ ଯୋଜନାବଦ୍ଧ ଭାବେ ଜୁଆ ଆଡ୍ଡାର ଚାରିପଟେ ବହୁ ସଂଖ୍ୟକ ପୁଲିସ କର୍ମଚାରୀ ଘେରି ଯାଇ ଦିଗପହଣ୍ଡି, ଶେରଗଡ଼, ଗୋଳନ୍ଥରା, ବଡ଼ଗଡ଼, ପୁରୀ, କେ . ନୂଆଗାଁ , ଗଞ୍ଜାମ, ଜରଡ଼ା, ଜଗନ୍ନାଥ ପ୍ରସାଦ ଏବଂ ଭଞ୍ଜନଗର ଅଞ୍ଚଳର ୨୬ ଜୁଆଡି ଙ୍କୁ ଗିରଫ କରି ଘଟଣାର ପରଦିନ କୋର୍ଟ ଚାଲାଣ କରିଥିଲେ। ଉକ୍ତ ଜୁଆଆ‡ାରୁ ୯ ଲକ୍ଷ ୨୪ ହଜାର ଟଙ୍କା ସମେତ ୩୨ ମୋବାଇଲ, ୧୨ ବାଇକ, ୧୮ ତାସ୍ ପକେଟ ଏବଂ ଗୋଟିଏ କାର୍ ଜବତ କରାଯାଇଥିଲା। ଜୁଆଡ଼ିମାନଙ୍କୁ ଗିରଫ ସମୟରେ ସେମାନେ ସଂଘବଦ୍ଧ ଭାବେ କିଛି ପୁଲିସ କର୍ମଚାରୀଙ୍କୁ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ଦିଗପହଣ୍ଡି ଥାନା ଏଏସ୍‌ଆଇ ମନୋଜ ସିଂ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ପାଇଥିବା ମନିପର୍ସ ଫେରାଇଲେ ମହିଳା ଯାତ୍ରୀ




ପାରଳାଖେମୁଣ୍ଡି,୨୧।୬(ସମିସ): ବସ୍‌ରେ ପଡ଼ିଯାଇଥିବା ମନିପର୍ସ ସହ ଦସ୍ତାବିଜ୍‌କୁ ଫେରାଇଛନ୍ତି ଜଣେ ଯାତ୍ରୀ। ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରୁ ବ୍ରହ୍ମପୁର ଯାଉଥିବା ରଂଜନ ନାମକ ଏକ ଘରୋଇ ବସରେ ଗତକାଲି ହିଙ୍ଗିଳିକାଟୁର ସୁନୀଲ କୁମାର ନାମକ ଜଣେ ଯୁବକ ପାରଳାଖେମୁଣ୍ଡିରୁ ବ୍ରହ୍ମପୁର ଯାତ୍ରା କରୁଥିଲେ। ତେବେ ଭୁଲବଶତଃ ମନିପର୍ସ ବସ ମଧ୍ୟରେ ପଡ଼ିଯାଇଥିଲା। ଏହି ମନିପର୍ସରେ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରହିଥିବା ବେଳେ ଏଥିରେ ମୁଖ୍ୟ କରି ତାଙ୍କର ସମସ୍ତ ଦସ୍ତାବିଜ ରହିଥିଲା। ଯାହାକୁ ନେଇ ଚିନ୍ତିତ ହୋଇ ବ୍ରହ୍ମପୁର ଠାରେ ବସ୍ ଓହ୍ଲାଇପଡିଥିଲେ। ସେତେବେଳେ ବସ୍‌ର କର୍ମଚାରୀଙ୍କୁ କହିଥିଲେ ଯେ ଯଦି କେହି ବ୍ୟକ୍ତି ମନିପର୍ସ ପାଇବେ ମୋର ମୋବାଇଲ ଫୋନ୍‌କୁ ଯୋଗାଯୋଗ କରିବେ। ହେଲେ ଏହି ବସ୍ ରେ ଯାତ୍ରା କରୁଥିବା ଜଣେ ମହିଳାଙ୍କୁ ମନିପର୍ସଟି ମିଳିଥିଲା। ମହିଳା ଜଣକ ତାଙ୍କ ପରିବାର ଲୋକଙ୍କୁ କହିଥିଲେ ଏବଂ ମହିଳାଙ୍କ ସମ୍ପର୍କୀୟ ମାନେ ଆଜି ବସ୍ କର୍ମଚାରୀଙ୍କୁ ମନିପର୍ସଟି ଫେରାଇଥିଲେ। ଏ ନେଇ ସୁନୀଲ କୁମାରଙ୍କୁ ସୂଚନା ଦେବା ପରେ ସେ ଉକ୍ତ ମନିପର୍ସଟି ପାରଳାଖେମୁଣ୍ଡି ସ୍ଥିତ ତାଙ୍କର ସମ୍ପର୍କୀୟଙ୍କୁ ଦେବା ପାଇଁ ବସକର୍ମଚାରୀଙ୍କୁ କହିଥିଲେ। ତଦଅନୁଯାୟୀ ବସକର୍ମଚାରୀ ସଞ୍ଜୟ ବେହେରା ସୁନୀଲ କୁମାରଙ୍କ ସମ୍ପର୍କୀୟ ରାମକୃଷ୍ଣ ପଣ୍ଡିତଙ୍କୁ ଫେରାଇଥିଲେ।

# ଆଲିଆବାଦରେ ପ୍ରତିଷ୍ଠା ହେଲା ମା'ବୁଢ଼ୀଠାକୁରାଣୀଙ୍କ ମନ୍ଦିର

ଗଞ୍ଜାମ,୨୧।୬(ସମିସ): ଗଞ୍ଜାମ ବ୍ଲକ୍ କରପଡ଼ା ପଞ୍ଚାୟତର ଆଲିଆବାଦ ଗ୍ରାମର ଗ୍ରାମ୍ୟଦେବୀ ମା' ବୁଢ଼ୀଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ଅବସରରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିଲେ। ସାଂସଦ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। କରପଡ଼ା ପଞ୍ଚାୟତ ସରପଞ୍ଚ ଅଜୟ ନାୟକ, ଠାକୁରାଣୀ ମନ୍ଦିର ସଭାପତି ଡମ୍ବରୁ ଚୌଧୁରୀ, ସମ୍ପାଦକ ଲିଙ୍ଗରାଜ ନାୟକ, ଗ୍ରାମଅଧିକାରୀ ଗୋପାଳ ପଟ୍ଟନାୟକ, ମା' ରାମଚଣ୍ଡୀ ପୂଜା କମିଟି ଉପଦେଷ୍ଟା ତଥା ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ (ମହାରାଜ), ତ୍ରିପତି ବାଲାଜୀ ମିଶ୍ର, ସୁଧୀର ମହାରଣା, ରାମଚଣ୍ଡୀ ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ଲକ୍ଷ୍ମୀ ନୃସିଂହ ପଣ୍ଡା, ସାଂସଦ ପ୍ରତିନିଧି ଦୀପ୍ତିଶ ପଟ୍ଟନାୟକ, ସନ୍ତୋଷ ରେଡ୍ଡୀ, ବିକ୍ରମ କେଶରୀ ପଣ୍ଡା, କରପଡ଼ା ଠାକୁରାଣୀ ମନ୍ଦିର କୋଷାଧକ୍ଷ କୁଞ୍ଜ ବିହାରୀ ନାୟକ ଓ ହଜାର ହଜାର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ସହଣିକ ଧାରୀ ଗ୍ରାମବାସୀ ଓ ମାଆମାନେ ହଜାର ହଜାର ସଂଖ୍ୟାରେ ଭାଗ ନେଇଥିଲେ। ଘଣ୍ଟ, ଢୋଲ,ଯୋଡ଼ି ଶଙ୍ଖ ଏବଂ ଏକାଧିକ ପଟୁଆର ନେଇ ଆଧ୍ୟାତ୍ମିକ ରୀତିନୀତିରେ ସାଂସଦ ଓ ସରପଞ୍ଚଙ୍କ ନେତୃତ୍ୱରେ କଳସ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଗୋ ଯଜ୍ଞ ଓ ଜ୍ଞାନ ଯଜ୍ଞ ୨୧ ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ।

# ରାୟଗଡ଼ରେ ରଥଯାତ୍ରା ପ୍ରସ୍ତୁତି; ଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ

ରାୟଗଡ଼(ଗଜପତି),୨୧।୬(ସମିସ)

:ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ପବିତ୍ର ରଥଯାତ୍ରା ପରିଚାଳନା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଶୋଭେନ୍ଦ୍ର ନାଥ ଘଡାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଚଳିତ ବର୍ଷର ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳା ଓ ବହୁ ଆଡ଼ମ୍ବର ସହକାରେ ସମ୍ପନ୍ନ କରାଯିବ ସେ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀଙ୍କ ଆଗମନ ହେବାର ସମ୍ଭାବନା ରହିଛି। ଏହା ସହିତ ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ପାଇଁ ବିଶେଷ ଭାବେ ମୀନ ବଜାରର ଆୟୋଜନ କରାଯାଉଥିବାରୁ ଯାତ୍ରାରେ ପ୍ରବଳ ଭିଡ଼ ହେବା ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ବଜାୟ ରଖିବା ସହ ସୁଚାରୁ ରୂପେ



ସମସ୍ତ ନୀତିକାନ୍ତି ସମ୍ପାଦନ କରିବା ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି। ଏହି ଘୋଷଯାତ୍ରାକୁ ସଫଳ କରିବା ପାଇଁ ଅଞ୍ଚଳର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ବିଶେଷ ଭାବେ ଆମନ୍ତ୍ରଣ କରାଯାଇଛି। ଯାତ୍ରା ଓ ମୀନ ବଜାର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରି ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଇଛି। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବି. କୃଷ୍ଣ ଚନ୍ଦ୍ର ପାତ୍ର ବୈଠକକୁ ପରିଚାଳନା କରିଥିବା ବେଳେ ଏଥିରେ କମିଟିର ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ, ସ୍ଥାନୀୟ ଗ୍ରାମବାସୀ, ଅଞ୍ଚଳବାସୀ ଏବଂ ଯୁବଗୋଷ୍ଠୀ ଉପସ୍ଥିତ ରହି ନିଜ ନିଜର ଗଠନମୂଳକ ମତାମତ ପ୍ରଦାନ କରିଥିଲେ।

# ‘ଶିକ୍ଷକଙ୍କ ପାଇଁ ଅବସରର ସୀମା ନାହିଁ’



ବାରିକପୁର,୨୧।୬(ସମିସ): ଶିକ୍ଷକଙ୍କ ପାଇଁ ଅବସରର ସୀମା ନାହିଁ ବୋଲି ରବିବାର ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ପିରିପୁରସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଲତା ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଯତିନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ବଦ୍ରିନାରାୟଣ ଧଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଶଶିଶେଖର କରଶର୍ମା, ପ୍ରଭାତ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଦାସ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ହୃଷୀକେଶ ଦାସ, ମନୋରଞ୍ଜନ ପଣ୍ଡା, ଲକ୍ଷ୍ମୀକାନ୍ତ ନାୟକ, ପୁରୁଷୋତ୍ତମ, ସଞ୍ଜୟ ନନ୍ଦ, ଶରତ କୁଣ୍ଡୁ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସତ୍ୟବ୍ରତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ବିରଞ୍ଚି ନାରାୟଣ ବେହେରା, ପ୍ରଭାତ ବାରିକ, ବିଶ୍ୱନାଥ ନାୟକ, ମଧୁସୂଦନ ବେହେରା, ସଞ୍ଜୟ ପାତ୍ର, କେଶବ ସାହୁ, ପ୍ରଦୀପ ମହାନ୍ତି, ଅର୍ଚ୍ଚନା ଦାସ, ଆଶୀର୍ବାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ସ୍କୁଲ ପାଚେରି ନିକଟରୁ ବାଲି ଉତ୍ତୋଳନ



ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରଶାସନ ପକ୍ଷରୁ ବାଲି ଚୋରି ରୋକିବା ପାଇଁ ସମ୍ଭବ ହେଉନାହିଁ। ତେଣୁ ବାଲି ଚୋରମାନେ ନଦୀ ସହିତ ବାଲି ଗଚ୍ଛିତ ଥିବା ଅନ୍ୟାନ୍ୟ ଆଖପାଖ ସ୍ଥାନରୁ ମଧ୍ୟ ବେଆଇନ ଉତ୍ତୋଳନ କରୁଛନ୍ତି। ସୂଚନା ମୁତାବକ, କଣ୍ଟି ନାଳ ସଂଯୁକ୍ତ ଖଣ୍ଡିଆ ନାଳରୁ ମଧ୍ୟ ଅନେକାଂଶରେ ବାଲି ଚୋରି ହେଉଥିବା ଅଭିଯୋଗ ହୋଇଛି। ମଣୀନାଥପୁର ସ୍କୁଲ ପାଚେରିକୁ ଲାଗି ଏହି ନାଳଟି ରହିଥିବାବେଳେ ସେଠାରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଜଣାଯାଇଛି। ତେଣୁ ସ୍କୁଲକୁ ବିପଦ ମାଡ଼ି ଆସୁଛି ବୋଲି ଗ୍ରାମବାସୀମାନେ କହିଛନ୍ତି। କିଛି ସଚେତନ ନାଗରିକ ଏହାକୁ ବିରୋଧ କରିବା କାରଣରୁ କିଛି ଦିନ ହେଲା ସେଠାରୁ ବାଲି ପରିବହନ ହେଉନାହିଁ। ତେଣୁ କେତେବେଳେ ଯେ ବେଆଇନ ଉତ୍ତୋଳନ ହେବ ନାହିଁ ତାହା କହିବା ମୁସ୍କିଲ୍ ହୋଇଛି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜଗନଙ୍କ ପରିବାରକୁ ଭେଟିଲେ ବିଜେପି ନେତା

ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା ପଞ୍ଚାୟତ ଉତରାଗଡ଼ିଆ (କଟରାଗଡ଼ିଆ) ଠାରେ ଗତ ୪ଦିନ ପୂର୍ବରୁ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ୱାର୍ଡ ସଭ୍ୟ ଜଗନ ସାହୁଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହଯୋଗୀ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ଜଗନଙ୍କ ପରିବାର ନିକଟରେ ରବିବାର ବିଜେପି ପ୍ରତିନିଧି ମଣ୍ଡଳୀ ପହଞ୍ଚି ଗଭୀର ସମବେଦନା ଜଣାଇଛନ୍ତି। ଏହାଛଡ଼ା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ପୂର୍ବତନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ତପନ ମହାନ୍ତି, କିଶୋର ପଡ଼ିହାରୀ, ମଣ୍ଡଳ ସଭାପତି ତରଣୀ ଜେନା, ରଞ୍ଜନ ପରିଡ଼ା, ବିଷ୍ଣୁ ପ୍ରସାଦ ନାୟକ, ନିରାକାର ସାହୁ, କିଶୋର ଷେଣ୍ଠ ପ୍ରମୁଖ ଗ୍ରାମରେ ପହଞ୍ଚି ପରିବାର ବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ସମନ୍ୱୟ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନି ନୂତନ କୋଠା

ବନ୍ତ/ଆଗରପଡ଼ା,୨୧।୬(ସମିସ)

ଅଧିକାରୀଙ୍କ ସମନ୍ୱୟର ଅଭାବରୁ ୯କୋଟି ୯୦ଲକ୍ଷର ଅଟକଳ ମୂଲ୍ୟରେ ନିର୍ମାଣାଧୀନ ପ୍ରକଳ୍ପ ୧୨କୋଟି ୬୮ଲକ୍ଷ ଟଙ୍କାରେ ପହଞ୍ଚିବା ସହିତ କାର୍ଯ୍ୟାରମ୍ଭକୁ ୨ ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ପ୍ରକଳ୍ପ ବିଭାଗକୁ ହସ୍ତାନ୍ତର ନ ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନସ୍ଥ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କ୍ଷେତ୍ରରେ।

- ୯କୋଟି ୯୦ ଲକ୍ଷ ଟଙ୍କା ଅଟକଳ; ୧୨ କୋଟି ୬୮ ଲକ୍ଷରେ ପହଞ୍ଚିଲାଣି
- ନୂତନ କୋଠା କାର୍ଯ୍ୟାରମ୍ଭକୁ ୨ ବର୍ଷ ପୂରିଲାଣି

ଗତ ସରକାର ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ନିମନ୍ତେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିରେ ଉନ୍ନତି ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୯କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ ଅର୍ଥରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥର ପରିମାଣ ୧୨କୋଟି ୬୮ଲକ୍ଷ ଟଙ୍କାରେ ପହଞ୍ଚିଥିଲା ଏବଂ ଇତି ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିଥିବାର ସୂଚନା ଜାତୀୟ ସ୍ୱାସ୍ଥ୍ୟମିଶନ ସହକାରୀ ନିର୍ବାହୀଯନ୍ତ୍ରୀ ଦେଇଥିଲେ ସୁଦ୍ଧା ନିର୍ମାଣାଧୀନ କୋଠାର ରଙ୍ଗ ମରା କାମ ସରିଛି। ପୁନଃ ରଙ୍ଗ ମରାଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗେରୁଆମୟ କାମ କେବେ ସରିବ ଓ କୋଠା ବିଭାଗକୁ କେବେ ହସ୍ତାନ୍ତର ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ଗତ ଜାନୁଆରୀ ମାସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଦାଲପଙ୍କ ପ୍ରାଥମିକ



ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ପରିସରରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମିତି ଅଧ୍ୟକ୍ଷ ତଥା ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ନିର୍ମାଣାଧୀନ କୋଠା ସମେତ ସ୍ୱାସ୍ଥ୍ୟସେବା ନିମନ୍ତେ ଆଉ ଯେଉଁ ସବୁ ଆନୁସଙ୍ଗିକ କାର୍ଯ୍ୟର ଆବଶ୍ୟକତା ରହିଛି ତାହାକୁ କିଭଳି ପୂରଣ କରାଯିବ ତାକୁ ନେଇ ଆଲୋଚନା ହେବା ସହ ଏକ ଚିଠା ପ୍ରସ୍ତୁତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ସମନ୍ୱୟର ଅଭାବ ଯୋଗୁଁ ଉକ୍ତ ଚିଠା କେବଳ ଚିଠାରେ ରହିଯାଇଥିବା ଜଣାପଡ଼ିଛି। ତେଣୁ କୋଠାର ନିର୍ମାଣ କାର୍ଯ୍ୟ ସରିଯିବା ପରେ ମଧ୍ୟ ଆଉ ଯେଉଁ ସବୁ ଆନୁସଙ୍ଗିକ କାର୍ଯ୍ୟ ବାକି ରହିଯିବ ତାହା ସ୍ୱାସ୍ଥ୍ୟ ସେବାରେ ପ୍ରଭାବ ପକାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ କୋଠାକୁ ବିଭାଗକୁ ହସ୍ତାନ୍ତର କରିବା ଆଗରୁ ସ୍ୱାସ୍ଥ୍ୟ ସେବା ସହିତ ଜଡ଼ିତ ଅନ୍ୟ ସବୁ କାର୍ଯ୍ୟ ମଧ୍ୟ ସମାପନ ହେବା ଜରୁରୀ। ସେହିପରି ୧୯୯୨ ମସିହାରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଥିଲା। ଜିଲ୍ଲାରେ ୨ଟି ଏଫ୍‌ଆର୍‌ୟୁ ମାନ୍ୟତା ପାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏହା ଅନ୍ୟତମ। ୨୦୧୬ରେ ଏହା ଏଫ୍‌ଆର୍‌ୟୁ ମାନ୍ୟତା ପାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତାକୁ ୩୪ ବର୍ଷ ପୂରିବା ସହିତ ଏଫ୍‌ଆର୍‌ୟୁ ମାନ୍ୟତାକୁ ୧୧ବର୍ଷ ପୂରିଲାଣି କିନ୍ତୁ ଆଜି ବି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଫଳ ହୋଇପାରି ନାହିଁ। କାରଣ ଯେଉଁଠି ବିଶେଷଜ୍ଞ ଡାକ୍ତରଙ୍କ ସମେତ ୮ରୁ ୧୦ଜଣ ଡାକ୍ତର ରହିବା ଦରକାର, ସେଠାରେ ଶିଶୁ ବିଭାଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ତ୍ରୋପଚାର ବିଭାଗ ବିଶେଷଜ୍ଞ ଡାକ୍ତର ଥିବାବେଳେ ବିଡ଼ମ୍ବନାର ବିଷୟ ଶିଶୁ ବିଭାଗ ବିଶେଷଜ୍ଞ ଜଣକ ୫ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ରହୁଛନ୍ତି। ଏମ୍‌ବିବିଏସ୍ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ଏଠାରେ ୨ଜଣ କାର୍ଯ୍ୟରତ ଅଛନ୍ତି। ଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱ ଅର୍ପଣ କରାଯାଇଥିବାରୁ ଅନ୍ୟ ଜଣଙ୍କ ସମେତ ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି।

ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକ୍‌ର ୨୫ଟି ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥା'ନ୍ତି ଏବଂ ସୂଚନା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃବିଭାଗରେ ପ୍ରତିଦିନ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଛନ୍ତି। ଏପରିସ୍ଥଳେ ଡାକ୍ତର ସମସ୍ୟା ଯୋଗୁଁ ଏଠାରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି। ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁର୍ବେଦିକ ମେଡିସିନ ଉପଲବ୍ଧ ଥିବା ସ୍ଥଳେ ଏହାକୁ ଲେଖିବା ପରିବର୍ତ୍ତେ ଏଲୋପାଥିକ୍ ମେଡିସିନ ଲେଖୁଥିବାର ଅଭିଯୋଗ ମଧ୍ୟ ହେଉଛି। ଯାହାକି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୫ରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆୟୁଷ ଡାକ୍ତରମାନଙ୍କ ନିମନ୍ତେ ପ୍ରଣୟନ କରିଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି। ସେହିପରି ନୂତନ କୋଠା ହସ୍ତାନ୍ତର ହେଉ ନ ଥିବାରୁ ଏହାର ପ୍ରଭାବ ଦନ୍ତ ଚିକିତ୍ସା ଉପରେ ପଡୁଛି। ଉକ୍ତ ଚିକିତ୍ସା ନିମନ୍ତେ ଉପଲବ୍ଧ ଯନ୍ତ୍ରାଂଶ ବ୍ୟବହାର ଯୋଗ୍ୟ ହୋଇ ନ ପାରି ଖତ ଖାଉଛି। ତେଣୁ ମନମାନୀରେ ଚାଲୁଥିବା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରି ଯଥାଶୀଘ୍ର ବିଭାଗକୁ ହସ୍ତାନ୍ତର କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ସାଲନ୍ଦୀ ସାହିତ୍ୟ ସଂଗମର 'ଆଲାପନ'

# 'ବାପା ସଭିଙ୍କ ପାଇଁ ଭରସାର ନିବୁଜ୍ ଲଫାପା'

ଭଦ୍ରକ,୨୧।୬(ସମିସ): ବାପା କେବଳ ଘରର କାନ୍ଥ କି ଛାତ ନୁହନ୍ତି; ସେ ଘରର ମଝି ଖୁଣ୍ଟ। ବାପା ସର୍ବଦା ଏକ ଛାୟାପ୍ରଦ ଦ୍ରୁମ ହେଲେ ବି ରହିଥା'ନ୍ତି ବିଲ ମଝିର ଏକୁଟିଆ ତାଳ ଗଛଟିଏ ପରି। ମାଆକୁ ନେଇ ସାରା ଦୁନିଆ ମୁଖରିତ ଥିଲାବେଳେ ବାପା ଆମ ପାଇଁ ଆଶା, ଭାଷା ଓ ଭରସାର ଏକ ନିବୁଜ ଲଫାପା ହୋଇ ରହିଥା'ନ୍ତି।




"ବିଶ୍ୱ ପିତୃ ଦିବସ" ଅବସରରେ ଆରଡ଼ି ଛକ ପ୍ରେମ ନଗର ସଭାକକ୍ଷରେ ଟାଇମ୍‌ପାସ୍ ପକ୍ଷରୁ ଆୟୋଜିତ "ସାଲନ୍ଦୀ ସାହିତ୍ୟ ସଂଗମ"ର ବାପା ଶୀର୍ଷକ ଆଲାପନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ସାହିତ୍ୟ ସଂଗମର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ସଞ୍ଚାଳନ କରିଥିଲେ ସାଲନ୍ଦୀ ସାହିତ୍ୟ ସଂଗମର ନିର୍ଦ୍ଦେଶକ ସରୋଜ ବଳ ଓ ସ୍ୱାଗତ ସମ୍ଭାଷଣ ରଖିଥିଲେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା। ମୁଖ୍ୟ ଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଡ. ବାସୁଦେବ ବାରିକ ଓ ତ୍ୟାଗଭୂମିର ସଭାପତି ଅଜୟ ନାୟକ ବାପାଙ୍କୁ ନେଇ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ।

'ବାପା: କିଛି କଥା, ବ୍ୟଥା ଓ କବିତା' କ୍ରମରେ କିଶୋର ପାଣିଗ୍ରାହୀ, ମମତା ସାହୁ, ସାବିତ୍ରୀ କବି, ଅଭିଜିତ୍ ନାୟକ, ଅଶୋକ ଜେନା, ପୂର୍ଣ୍ଣଚନ୍ଦ୍ର ବହଳୀ, ପ୍ରମୋଦ ରାୟ, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କବି, ବିସ୍ମୟ ବିହାରୀ ସାହୁ ଆଦି ବାପାଙ୍କୁ ନେଇ କଥା ଓ କବିତା ଉପସ୍ଥାପନ କରିଥିଲେ। ଆବହ ସଙ୍ଗୀତର ମୃଦୁ ମୂର୍ଚ୍ଛନା ଭିତରେ କବିତା ପାଠ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଶେଷରେ ଡ. ହରିପ୍ରିୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ମାନସିକ ଶାନ୍ତି ଓ ସୁସ୍ଥ ଜୀବନଶୈଳୀର ମୂଳମନ୍ତ୍ର: ଜିଲ୍ଲାପାଳ

ଭଦ୍ରକ,୨୧।୬(ସମିସ)



ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ (ଓଡ଼ିଶା ପ୍ରାନ୍ତ) ତରଫରୁ ରାଣୀତାଲଠାରେ ଯୋଗ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଯୋଗଦେଇ ଯୋଗ କେବଳ ଶାରୀରିକ ସୁସ୍ଥତା ନୁହଁ ବରଂ ମାନସିକ ଶାନ୍ତି, ଆତ୍ମବିଶ୍ୱାସ ଓ ସୁସ୍ଥ ଜୀବନଶୈଳୀର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ପ୍ରାନ୍ତ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜଗଦଲପୁର ସରପଞ୍ଚ ତିଳୋତ୍ତମା ମହାପାତ୍ର, ସମ୍ମାନିତ ବକ୍ତା ଭାବେ କୃଷିକବି ଡ. ଅରୁଣ କୁମାର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଯୋଗୀ ବିନୋଦ ମୁନିଙ୍କ ରଚିତ "ଚିତ୍ତ ବିନୋଦିନୀ" ପୁସ୍ତକର ଲୋକାର୍ପଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରଭି ସମ୍ମାନ, ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଯୋଗୀ ବସନ୍ତ ମୁନି ସଭାକୁ ଅତିଥିଙ୍କୁ ନିମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଯୋଗାଚାର୍ଯ୍ୟ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





### ବାସୁଦେବପୁର

ପ୍ରତିଦିନ ନିୟମିତ ଭାବେ ଯୋଗ କରି ଶରୀରକୁ ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି ଆହ୍ୱାନରେ ସାମିଲ୍ ହୋଇଥିଲେ ଶହଶହ ଯୁବକଯୁବତୀ। ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ସମିତି, ଏ.ବି. କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ଶୈଳେନ୍ଦ୍ର ନାରାୟଣ ସେନାପତି ଯୋଗ, ପ୍ରାଣାୟାମ ଅଭ୍ୟାସ କରିଥିଲେ। ବହୁ ସଂଖ୍ୟାରେ ଯୁବକ ଓ ଯୁବତୀ ଯୋଗଦେଇ ଯୋଗ, ଆସନ, ପ୍ରାଣାୟାମ ଅଭ୍ୟାସ କରିଥିଲେ। ମେଜର ଡ. ପରେଶ କୁମାର ଦାସ, ଏନ୍‌ଏସ୍‌ଏସ୍ ବାଳକ ବିଭାଗ ପ୍ରତାପ କୁମାର ବେହେରା, ଚନ୍ଦନା ସାହୁ, ୟୁଥ୍ ରେଡ୍‌କ୍ରସ ବିପ୍ଳବ ଜେନା ଯୋଗଦେଇଥିଲେ। ନୀଳମଣି ଟାଉନ୍ ହଲ୍ ପରିସରରେ ପୌରପାଳିକା ଓ ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ଆନ୍ତର୍ଜାତିକ ଯୋଗ ଦିବସ। ଆୟୋଜିତ ଯୋଗ ଶିବିରରେ ଯୁବକ, ଯୁବତୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଧିକାରୀମାନେ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ବିଡିଓ ତନ୍ମିତା କର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ସରକାରୀ କର୍ମଚାରୀ ଓ ସାଧାରଣ ଜନତା ଯୋଗଦେଇ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ବିଜେପିର ବିଧାନସଭାର ନେତା ବାଣୀକଲ୍ୟାଣ ମହାନ୍ତି, ଯୁବନେତା ଉଦୟ ନାରାୟଣ ମଲ୍ଲିକ ଓ ଅସିତ୍ କୁମାର ଦାଶ ଯୋଗଦେଇଥିବା ବେଳେ ଯୋଗ ପ୍ରଶିକ୍ଷକ ଶଶାଙ୍କ ଶେଖର ସାମଲ ବିଭିନ୍ନ ଯୋଗ ପ୍ରଦର୍ଶନ କରିବା ସହିତ ଶରୀରରେ ଏହାର ଉପକାରିତା ବୁଝାଇଥିଲେ। ସେହିପରି ବଇଁଚା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଶିବିରକୁ ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ମନୋଜ କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଯୋଗ ପ୍ରଶିକ୍ଷକ ମମତା ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ଯୋଗ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଏହି ଶିବିରରେ କମ୍ୟୁନିଟି ହେଲ୍‌ଥ ଅଫିସର ଗୀତାଞ୍ଜଳି, ମହିଳା ସ୍ୱାସ୍ଥ୍ୟ କର୍ମୀ ସରୋଜିନୀ ପଣ୍ଡା ସହଯୋଗ କରିଥିଲେ।

### ଧାମନଗର



ଧାମନଗର ବ୍ଲକ୍ ଏବଂ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ, ସ୍ୱାସ୍ଥ୍ୟ ଓ ଶିକ୍ଷା କେନ୍ଦ୍ର, ଅଫିସ ଦପ୍ତରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସଭାଗୃହ ପରିସରରେ ଅନ୍ତର୍ଜାତୀୟ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ଭାରତୀୟ ମୁନି ଋଷିମାନେ ବେଦରୁ ଯୋଗର ଉପକାରିତାକୁ ମାନବ ସମାଜକୁ ପ୍ରଦାନ କରିଛନ୍ତି। ଶରୀର ଓ ମନର ସନ୍ତୁଳନ ଓ ବ୍ୟକ୍ତିତ୍ୱର ବିକାଶ ହିଁ ସମ୍ଭବ ହୋଇଥାଏ ଯୋଗ ଦ୍ୱାରା। ରୋଗୀ ହେବାଠାରୁ ରୋଗ ନ ହେବା ଶିକ୍ଷା ଦେଇଥାଏ ଯୋଗ। ଯୋଗଗୁରୁ ହେମନ୍ତ ଖିଲାରଙ୍କ ପ୍ରଶିକ୍ଷଣରେ ସଭାପତି ଅନିଲ ବାରିକ, ଉପସଭାପତି ସୁରଥ ସେଠୀ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଇଂ. ନୃସିଂହ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଯୋଗ ବିଜ୍ଞାନ ସର୍ବଶ୍ରେଷ୍ଠ। ଏହାର ମୂଲ୍ୟାୟନ କରି ପ୍ରତି ପଞ୍ଚାୟତରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲା ଗଲେ ସମାଜରେ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମଣ୍ଡଳ ସଭାପତି ହୃଦାନନ୍ଦକର, ନରେନ୍ଦ୍ର ମଲ୍ଲିକ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ପ୍ରଫୁଲ୍ଲ ବେହେରା, ଲମ୍ବୋଦର ମହାନ୍ତି, ବ୍ରହ୍ମାନନ୍ଦ ପୃଷ୍ଟି, ରମଣୀ ରଞ୍ଜନ ଦାଶ, ଭିକାରୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ପ୍ରାକ୍ତନ ଶିକ୍ଷକ ପ୍ରଭଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ତନବିର ଆବିଦ, ବିଜୟ କୁମାର ଜେନା, ଅର୍ଜୁନ ସାମଲ, ଏସ୍.କେ ସାଦାମ କାଦରି, ବାସୁଦେବ ପାଢ଼ୀ, ଆବବାସ ସାମଲ, ସିପୁ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ମାଆ ନାମରେ ଗୋଟିଏ ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଧୂଷୁରୀ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବନବିହାରୀ ଦିହାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଚତୁର୍ଭୁଜ ନାୟକ ଓ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛନ୍ତି। ଧାମନଗର, ଭଗବାନପୁର, ଚୁଡ଼ାକୁଟି, ବୟାଙ୍ଗଡିହ, ଧୂଷୁରୀ, ଦୋବଲ, ରାଧାବଲ୍ଲଭପୁର, କଲ୍ୟାଣି ପଞ୍ଚାୟତ ସମେତ ପ୍ରତ୍ୟେକ କୋଣ ଅନୁକୋଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ଦ୍ୱାରା ସମସ୍ତେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସୁସ୍ଥତା ରହିବା ସହ ଏକ ସୁସ୍ଥ ସମାଜ ଗଠିତ ହୋଇଥାଏ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଭାବେ ଏସ୍‌କେ ମୁଜାମିଲ ଓ ମମତା ରାଉଳ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ବିଭିନ୍ନ ପ୍ରକାର ରୋଗ ଦେଖା ଦେଇଥିବାବେଳେ ଏଥିରୁ ମୁକ୍ତି ପାଇବାକୁ ହେଲେ ଯୋଗ ଅପରିହାର୍ଯ୍ୟ ବୋଲି ପ୍ରଶିକ୍ଷକ ମତ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକମାନେ



ବିଭିନ୍ନ ଶାରୀରିକ ଯୋଗ ପ୍ରଦର୍ଶିତ କରିଥିବା ବେଳେ କର୍ମଚାରୀମାନଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଜିପିଓ ବିଳାସିନୀ ସେନାପତିଙ୍କ ସମେତ ସାନ୍ତ୍ୱନା ଦାସ, ଉଦୟନାଥ ବେଜ, ସୁଧାଂଶୁ ପାଢ଼ୀ, ଶୋଭନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ରହଣିଆ ସରକାରୀ ହୋମିଓପାଥି ମେଡିକାଲଠାରେ ଡାକ୍ତର ଅରୁଣୀମାଳା ଦାସଙ୍କ ସଂଯୋଜନାରେ ଯୋଗ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁରୂପ ଭାବେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟମାନଙ୍କରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

### ଭଦ୍ରକ: ବ୍ରହ୍ମାକୁମାରୀ ସେବା କେନ୍ଦ୍ର



ପ୍ରଜିପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଭଦ୍ରକର ମିଳିତ ସହଯୋଗରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ପ୍ରମୁଖଙ୍କ ଉପସ୍ଥିତିରେ ଯୋଗ ଦିବସ ପାଳନ କରାଯାଇଥିଲା। ବ୍ରହ୍ମାକୁମାର କମଳା ଭାଇ ଯୋଗ ପ୍ରାଣାୟମ କରାଇଥିଲେ। ଯୋଗ ଦିବସ ଅବସରରେ ନିଶା ନିବାରଣ ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ସଚେତନ କରାଇଥିଲେ। ବ୍ରହ୍ମାକୁମାର ସୌଭାଗ୍ୟ ଭାଇ ସମସ୍ତଙ୍କୁ ରାଜଯୋଗର ଅନୁଭୂତି କରାଇଥିଲେ।

### ଯାତ୍ରା ପଡ଼ିଆକୁ ଜବରଦଖଲ

# ଉପଜିଲ୍ଲାପାଳଙ୍କୁ ଗୋହିରାପଶି ଗ୍ରାମବାସୀଙ୍କ ଅଭିଯୋଗ

ହିନ୍ଦୋଳ, ୨୧।୬ (ସମିସ)



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ କନ୍ତାମିଲା ପଞ୍ଚାୟତ ଗୋହିରାପଶି ଗ୍ରାମ ଯାତ୍ରାପଡ଼ିଆରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଶତାଧିକ ଗ୍ରାମବାସୀ ଉପିଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗୋହିରାପଶି ରାଜସ୍ୱ ଗ୍ରାମରେ ଥିବା ଖାତା ନଂ-୫୦, ପ୍ଲଟ ନଂ-୪୬୫ରେ ଏ୧.୧୧ ଡିସିମିଲ ଆବାଦଯୋଗ୍ୟ ଅନାବାଦୀ କିସମ ଜାଗାରେ ଆଜକୁ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ମାଘ ପୂର୍ଣ୍ଣିମା ଯାତ୍ରାପଡ଼ିଆ ଭାବେ ବ୍ୟବହାର କରିବା ସହ ଗ୍ରାମର ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଆଦି କାମରେ ବ୍ୟବହାର କରିଆସୁଛନ୍ତି। ଗ୍ରାମରେ ଅନ୍ୟ କୌଣସି ଖୋଲାସ୍ଥାନ ନ ଥିବାରୁ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ଯାତ୍ରାପଡ଼ିଆ ଉପରେ ନିର୍ଭର କରନ୍ତି। ମାତ୍ର ଗ୍ରାମର ଜଣେ ବ୍ୟକ୍ତି ତଞ୍ଚକତା କରି ଆରଆଇ, ଅମିନଙ୍କୁ ହାତକରି ଏଥିରୁ ୪ ଡିସିମିଲ ଜାଗା ନିଜ ନାମରେ କରାଇନେବା ସହ ଘରକରି ସମ୍ପୂର୍ଣ୍ଣ ଜାଗାକୁ ହାତେଇବା ପାଇଁ ଚକ୍ରାନ୍ତ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ଏହି ଗ୍ରାମରେ କୋଠାବାଡ଼ି ଓ ୧୦ ଏକରରୁ ଅଧିକ ଜାଗା ଥିବା ସତ୍ତ୍ୱେ ସେ ଯାତ୍ରା ପଡ଼ିଆ ଜାଗା ହଡ଼ପ ଉଦେଶ୍ୟରେ ଏପରି କରିଛନ୍ତି। ପ୍ରତିବାଦ କଲେ ଗ୍ରାମବାସୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଗଣ୍ଡଗୋଳ କରୁଛନ୍ତି। ଏପରିକି ସମସ୍ତଙ୍କୁ ମାରିବାକୁ ଉଦ୍ୟତ ହେଉଛନ୍ତି ବୋଲି ଗ୍ରାମବାସୀ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ସର୍ବସାଧାରଣ ଜାଗାକୁ ଜବରଦଖଲମୁକ୍ତ କରିବାକୁ ଦାବି କରିଛନ୍ତି। ଏହାର ବିଚାର କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଖୁବଶୀଘ୍ର ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରାଯିବାକୁ ଉଦ୍ୟମ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜେଏମ୍‌ପି ମଡେଲ ସ୍କୁଲ ପକ୍ଷରୁ ଚାରାରୋପଣ



କାମାକ୍ଷାନଗର,୨୧।୬(ସମିସ): ସବୁଜ ଓ ସୁସ୍ଥ ପୃଥିବୀ ଗଠନ ଅଭିଯାନ ଆଧାରରେ କାମାକ୍ଷାନଗର ସହର ସ୍ଥିତ ଜେଏମପି ମଡେଲ ସ୍କୁଲ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ସ୍କୁଲର ଅଧକ୍ଷ ଦୀନେଶ ସେନାପତିଙ୍କ ଅଧକ୍ଷତାରେ ଏ ନେଇ ସ୍ଥାନୀୟ ରେଙ୍ଗାଳି କେନାଲ ନିକଟରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଅଧାପିକା ଲିପ୍ସା ପ୍ରଧାନ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ପରିବେଶ କୁ ସୁସ୍ଥ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକ ଥିବାବେଳେ ସମସ୍ତେ ଏ ନେଇ ଆଗେଇ ଆସିବାନେଇ ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନାଲ ନିକଟରେ ଜାମୁ, ମେହଗାନି, ପଣସ, ଆମ୍ବ, ନିମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ, ଫରେଷ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ,ଓ ବନବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିବାବେଳେ ଜେଏମପି ମଡେଲ ସ୍କୁଲ ତରଫରୁ ରନବୀର ପ୍ରତାପ ବେଉରା, ସ୍ୱାଗତିକା ବାରିକ, ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଋତୁପର୍ଣ୍ଣା ମହାପାତ୍ର, ମୋନାଲିସା ପ୍ରିୟଦର୍ଶିନୀ, ସୁଚିସ୍ମିତା ତ୍ରିପାଠୀ, ଶୁଭଲକ୍ଷ୍ମୀ ରାଉତ, ନନ୍ଦିନୀ ବେହେରା, ସୁଜାତା ଜେନା ଓ ଯଶୋବନ୍ତ ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୂଅରୁ ବାରହା ଉଦ୍ଧାର କଲା ବନବିଭାଗ

ପରଜଙ୍ଗ,୨୧।୬(ସମିସ): ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁର ସାହିର ଏକ କୂଅରେ ପଡ଼ିଯାଇଥିବା ବାର୍ହାକୁ ବନବିଭାଗ ଉଦ୍ଧାର କରିଛି। ସାହିର ଦୀନେଶ କୁମାର ସର୍ଦ୍ଦାର ସିଣ୍ଟ ବାଡ଼ିରେ ଥିବା ପରିତ୍ୟକ୍ତ କୂଅରେ ବାରହା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଡିହଡୋଳ ସେକ୍ସନ ବନପାଳ ଚନ୍ଦ୍ରଶେଖର ବେହେରାଙ୍କୁ ସୂଚନା ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରଜଙ୍ଗ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଉଭୟ ବିଭାଗର ମିଳିତ ଉଦ୍ୟମରେ ବାର୍ହାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପ୍ରାଥମିକ ଚିକିତ୍ସା କରାଯାଇ ବାର୍ହାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ମହୋତ୍ସବ

## ସମ୍ମାନିତ ହେବେ ରାଜା କାମାକ୍ଷାପ୍ରସାଦ ସିଂହଦେଓ

ଢେଙ୍କାନାଳ,୨୧।୬(ସମିସ): କପିଳାସ ତପୋବନ ମହିମାପୀଠ ପରିଚାଳନା ଟ୍ରଷ୍ଟ ଓ ଢେଙ୍କାନାଳ ଆନୁକୂଲ୍ୟରେ ଚଳିତ ଜୁନ୍ ମାସ ୨୪ ତାରିଖ ବୁଧବାର ଦିନ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନ ୧୮୨୬ ଖ୍ରୀ.ର ୨୦୦ବର୍ଷ ପୂର୍ତ୍ତି ମହୋତ୍ସବ ମହିମା ତପୋବନ ପୀଠ ପାଦଦେଶରେ ଅବସ୍ଥିତ କାଦୁଆ ମହିମା ଆଶ୍ରମରେ ପାଳିତ ହେବାକୁ ଯାଉଛି। ଏଥିପାଇଁ ଏକ ବିଶାଳ ଧର୍ମସଭାର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ରାଜ୍ୟ ଶିକ୍ଷା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଏଥିସହ ଜିଲ୍ଲା ଯୋଜନା କମିଟି ଅଧକ୍ଷା ତଥା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଉଛନ୍ତି। ଏହି ଧର୍ମସଭାରେ ମହିମାଧର୍ମର ପ୍ରମୁଖ ପ୍ରବଚକ ଭାବେ କୌପିନଧାରୀ ମହିମା ସମାଜର ସଭାପତି ଅବିନାଶ ବାବା, ସନ୍ୟାସୀ ଶେଷଦେବ ବାବା, ପଣ୍ଡିତ ମହେଶ ସାହୁ, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବା ଯୋଗ ଦେଉଛନ୍ତି। ଏହି ସ୍ୱତନ୍ତ୍ର ସମାରୋହରେ ଢେଙ୍କାନାଳ ମହାରାଜା ଭଗୀରଥ ମହିନ୍ଦ୍ର ବାହଦୂରଙ୍କ ଉତରଦାୟାଦ ପଣନାତି ୮୫ ବର୍ଷ ବୟସ୍କ ରାଜା ବ୍ରିଗେଡିୟର କାମାକ୍ଷାପ୍ରସାଦ ସିଂହଦେଓଙ୍କୁ ପରିଚାଳନା ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯିବ। ଏଥିପାଇଁ ଶନିବାର ସଂଧ୍ୟାରେ ଢେଙ୍କାନାଳ ପ୍ୟାଲେସ୍ ଠାରେ ଟ୍ରଷ୍ଟ ବୋର୍ଡର ଅଧକ୍ଷ ଶ୍ରୀମଦ୍ ରଘୁନାଥ ବାବା, ଉପାଧକ୍ଷ ପ୍ରଦ୍ୟୁମ୍ନ ରଥ, ସଂପାଦକ ପ୍ରଶାନ୍ତ ମହାପାତ୍ର ଓ ଅଶୋକ ପ୍ରଧାନ ପ୍ରମୁଖ ଶ୍ରୀ ସିଂହଦେଓଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଆନୁଷ୍ଠାନିକ ନିମନ୍ତ୍ରଣ କରିଥିଲେ। ଶ୍ରୀ ସିଂହଦେଓ ଏଥିପାଇଁ ତାଙ୍କର ସମ୍ମତି ପ୍ରଦାନ କରିଥିଲେ। ଏହି ଧାର୍ମିକ ସମାରୋହରେ ଭକ୍ତ ଓ ଶ୍ରଦ୍ଧାଳୁବୃନ୍ଦ ବହୁସଂଖ୍ୟାରେ ଯୋଗଦେବା ପାଇଁ ଏକ



ପ୍ରଚାର ରଥର ରବିବାର ପୂର୍ବାହ୍ନରେ ଟ୍ରଷ୍ଟବୋର୍ଡ ଅଧକ୍ଷ ଶ୍ରୀମଦ୍ ରଘୁନାଥ ବାବା ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାଦୁଆ ମହିମା ଆଶ୍ରମ ଠାରେ ବ୍ରାହ୍ମ ମୁହୂର୍ତ୍ତରୁ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅହ୍ଲଣିଆ ଟେକା ସହ ବ୍ରହ୍ମଧୂନୀ ଓ ଅଖଣ୍ଡଜ୍ୟୋତିର ସଂସ୍ଥାପନ କରାଯାଇ ଘୃତାହୁତି ଦିଆଯିବ। ମହିମା ଭଜନକୀର୍ତନ ମଧ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ବଛାବଛା ମହିମା ଭଜନଗୋଷ୍ଠୀ ଗୋଷ୍ଠୀଙ୍କ ଦ୍ୱାରା ପରିବେଷିତ ହେବାର ସ୍ଥିର ହୋଇଛି। ଏହି ସମାରୋହ ଉପଲକ୍ଷେ ଅନ୍ନଯଜ୍ଞ, ଘୃତଯଜ୍ଞ ଓ ନାମଯଜ୍ଞର ସୁବନ୍ଦୋବସ୍ତ କରାଯାଉଛି।

# ଉତ୍ସାହର ସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଢେଙ୍କାନାଳ,୨୧।୬(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ବିବି ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଛି। ଏଥିରେ ବହୁ ସଂଖ୍ୟକ ସ୍ୱାସ୍ଥ୍ୟ ସଚେତନ ନାଗରିକ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଯୋଗ ମାଧ୍ୟମରେ ସୁସ୍ଥ ଓ ସନ୍ତୁଳିତ



ଜୀବନଯାପନ ବାର୍ତ୍ତା ପ୍ରଚାର କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ଯୋଗ ଆମକୁ ସୁସ୍ଥ, ସୁଖୀ ଏବଂ ମାନସିକ ଭାବେ ସଶକ୍ତ ରଖିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଉଚିତ ବୋଲି କହିଥିଲେ। ପରେ ଯୋଗ ମହୋତ୍ସବ ସମିତିର ପ୍ରଶିକ୍ଷକଙ୍କ ନେତୃତ୍ୱରେ ସାମୂହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଏସ୍‌ପି ଅଭିନବ ସୋନକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ ଓ ବିତର୍କ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

କାମାକ୍ଷାନଗର: ସ୍ଥାନୀୟ ସାଇବିହାରରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଛି। ସାଇମନ୍ଦିର ଯୋଗକେନ୍ଦ୍ର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବହୁ ବରିଷ୍ଠ ନାଗରିକ, ସମାଜସେବୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ଓ



ମହିଳା ଯୋଗଦେଇଥିଲେ। ଯୋଗଗୁରୁ ଲିଙ୍ଗରାଜ ଜେନା ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଯୋଗକେନ୍ଦ୍ରର ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ସାହୁ, ଉପପ୍ରମୁଖ ମାନସୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାମାକ୍ଷାନଗର: କାମାକ୍ଷାନଗର ସନିକ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତା ତଥା ଯୋଗଗୁରୁ ଶଙ୍କର୍ଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ,



ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ ମୁଖ୍ୟଅତିଥି, ପାରିକୁଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଏନ୍‌ସିସି ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ଅବସରପ୍ରାପ୍ତ ସେନା ଜେସିଓ ପ୍ରଦୀପ୍ତ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଢେଙ୍କାନାଳସ୍ଥିତ ୧୨ ଓଡ଼ିଶା ବାଟାଲିୟନ୍ ଏନ୍‌ସିସିର କାମାକ୍ଷାନଗରୁ ଜୋନର ଫାଷ୍ଟ ଅଫିସର ଧ୍ରୁବଚରଣ ସୁନ୍ଦରାୟ, ଏନ୍‌ସିସି ଅଧିକାରୀ ଅଭିଷେକ ସାହୁ, ସିଟିଓ ଗୀତା ମାହାପାତ୍ର, ଲକ୍ଷ୍ମୀପ୍ରିୟା ପାତ୍ର ଓ କ୍ୟାଡେଟମାନେ ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ, କ୍ରୀଡ଼ା ଶିକ୍ଷକ ବାନାର୍ଜୀ ମହାନ୍ତି, ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସମରେନ୍ଦ୍ର ନାୟକ, ନିର୍ମଳ କୁମାର ମହାନ୍ତି, ସୌଭାଗ୍ୟ ସାହୁ, ଦୀପ୍ତିକୁମାର ରାଉତ, ରାଜେଶ ସାହୁ, ଶ୍ରୀକର ସାହୁ, ପ୍ରଶାନ୍ତ ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, କର୍ମଚାରୀ ରବିନାରାୟଣ ରାଉତ, ସାନ୍ତନୁ ରାଉତ, ପ୍ରଶାନ୍ତ ରାଉତ, ଜୟସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଗଁଦିଆ: ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧକ୍ଷ କୋଦଣ୍ଡଧର ସାହୁ, ବିଶିଷ୍ଟ ଅତିଥି ଭାବେ



ସାଂସଦଙ୍କ ଗଁଦିଆ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, କାବେରା ମାଧପୁର ସମିତି ସଭ୍ୟ ଶତ୍ରୁଘ୍ନ ରାଉତ ଯୋଗଦେଇଥିଲେ। ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୋଗଗୁରୁ ଚାରଣ ଅଭିମନ୍ୟୁ ଦାସ, ରାଜେନ୍ଦ୍ର ସିଂ, କୃଷ୍ଣଚନ୍ଦ୍ର ସାହୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଏମ୍ ମହିମା ଉପସ୍ଥିତ ଥିଲେ। ଏବିଡିଓ ଏସ୍ ନୈବେଦ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗଁଦିଆ: ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯୋଗଦିବସ ପାଳିତ ହୋଇଛି। ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ ଓ ସମାଜସେବୀ ତଥା କବି ଅଶୋକ କୁମାର



ପତି ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଫାର୍ମାସିଷ୍ଟ ଦେବାଶିଷ ଦାସ, ସେବିକା ପ୍ରିୟଦର୍ଶିନୀ ରାଏ, ରଶ୍ମିତା ସ୍ୱାଇଁ, ଆଶାକର୍ମୀ ନିରୁପମା ସାହୁ, ଗୀତାଞ୍ଜଳି ମହାନ୍ତ ସହଯୋଗ କରିଥିଲେ।

ଢେଙ୍କାନାଳ: ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କଲୋନୀ ବାସିନ୍ଦାଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଯୋଗଗୁରୁ ଶରତ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ କଲୋନୀ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମ ଅଭ୍ୟାସ କରିଥିଲେ।

ଢେଙ୍କାନାଳ: ଯୋରନ୍ଦା ମହିମା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରେଞ୍ଜ ରୋଭର ଆନୁକୂଲ୍ୟରେ ଅଧକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଯୋଗ ଦିବସ ପାଳିତ ହୋଇଛି। ଅଧାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ରଞ୍ଜନ



କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗାଚାର୍ଯ୍ୟ ଅନ୍ତର୍ଯ୍ୟାମୀ ସାମଲ ଉପସ୍ଥିତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ପୂର୍ବତନ ଛାତ୍ର ଧର୍ମାନନ୍ଦ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅଧାପକ ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଜେଶ ଜେନା, ଡ. ଶକୁନ୍ତଳା ଭୂୟାଁ, ଡ. ଦୟାମ୍ବର ଶବର, ଜ୍ୟୋତିରଞ୍ଜନ ଦଲାଇ, ଡ. ଆଇ ଶିବଶଙ୍କର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଶ୍ରୀଚନ୍ଦନ ସାସମଲ, ଜୟନ୍ତ କୁମାର ନାୟକ, ଜୟକୃଷ୍ଣ ବାରିକ, ରମାକାନ୍ତ ନାଏକ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ଅଧାପିକା ସୁନିଆ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଢେଙ୍କାନାଳ: ସ୍ଥାନୀୟ ରୟାଲ୍ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ୍‌ରେ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସାମୂହିକ



ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ସରୋଜକାନ୍ତ ଦାଶ ତଥା ଅଧକ୍ଷା ରଶ୍ମିତା ବିଶୋଇ ଯୋଗର ଗୁରୁତ୍ୱ ବିଷୟରେ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟର ରଚନା, ସାଧାରଣଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି। ଯୋଗ ପ୍ରଶିକ୍ଷକ ସସ୍ମିତା ନାୟକ ଯୋଗାଭ୍ୟାସ କରାଇଥିଲେ। ସେଣ୍ଟର ଆଡମିନିଷ୍ଟ୍ରେଟର ରଞ୍ଜିତାମଞ୍ଜରୀ



କର, କାଉନସେଲର ଶ୍ୱେତା ପରିଡ଼ା, କେସ୍ ୱାର୍କର ଲିପ୍ସା ପାତ୍ର, ମଧୁସ୍ମିତା ପଣ୍ଡା, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସ୍ୱାଗତିକା ସାହୁ, କର୍ମଚାରୀ ମେନକା ଜେନା, ରୋଜାଲିନ ସାହୁ, ମାମାଲି ପ୍ରଧାନ, ଭାଗ୍ୟଶ୍ରୀ ବେହେରା, ସଞ୍ଜିତା ନାୟକ, ରାଜଶ୍ରୀ ପ୍ରଧାନ, ଆଶୁତୋଷ ସାହୁ ଓ ଅନ୍ତେବାସୀ ଯୋଗାଭ୍ୟାସ କରିଥିଲେ।

ଖଜୁରିଆକଟା: ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଛି। ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ



କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ଛାତ୍ରଛାତ୍ରୀ ସମେତ ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ୍ ଡ. କିଶୋର କୁମାର ପୃଷ୍ଟି, ଇତିହାସ ବିଭାଗ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଶୁଭଲକ୍ଷ୍ମୀ ଦାଶ, ଶିକ୍ଷା ବିଭାଗ ମୁଖ୍ୟ ବ୍ରଜକିଶୋର ବେହେରା, କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ଜେନାମଣି ଓ ପଦାର୍ଥ ବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର୍ ବିଶ୍ୱରଞ୍ଜନ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

ଢେଙ୍କାନାଳ: ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପରିସରରେ ଯୋଗ ଦିବସ ପାଳନ ତଥା ଯୋଗ ଶିବିର ଅନୁଷ୍ଠିତ ହୋଇଛି।



ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରି ସୁସ୍ଥ ରହିବାକୁ ସେ ପରାମର୍ଶ ଦେଇଥିଲେ।

ଢେଙ୍କାନାଳ: ଆନ୍ତର୍ଜାତୀୟ ଯୋଗ ଦିବସ କୋରିଆଁ ଗ୍ରାମରେ ଶତାଧିକ ଲୋକଙ୍କୁ ନେଇ ମହା ସମାରୋହରେ ପାଳିତ ହୋଇଯାଇଅଛି। ଏଥିରେ ଯୋଗ ଶିକ୍ଷୟିତ୍ରୀ ଦିପ୍ତୀ ମହାପାତ୍ର ଏବଂ ଯୋଗ ଉପଦେଷ୍ଟା ରସାନନ୍ଦ ସ୍ୱାଇଁ ସଂଧ୍ୟା ୬



ଘଟିକାରୁ ୭ ଘଟିକା ପର୍ଯ୍ୟନ୍ତ ଯୋଗଶିକ୍ଷା ଦେବା ସହ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟତଃ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସୁଶ୍ରୀ ସସ୍ମିତା ନାୟକ, ମଧୁସ୍ମିତା ମହାନ୍ତି, ସନାରାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଗାଭ୍ୟାସ କରିଥିଲେ।

ଢେଙ୍କାନାଳ: ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସଦର ବ୍ଲକ୍ ଅନ୍ତର୍ଗତ ବାରଦା ଗ୍ରାମରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଅଛି। ଏଥିରେ ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଯୋଗ ଉପଦେଷ୍ଟା ରସାନନ୍ଦ ସ୍ୱାଇଁ ଯୋଗଶିକ୍ଷା ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବାଳକ, ବାଳିକା ଯୋଗାଭ୍ୟାସ



କରିଥିଲେ। ଗ୍ରାମର ସନ୍ତୋଷ ଖୁଣ୍ଟିଆ, ଦିଲୀପ ସ୍ୱାଇଁ, ସୀମାରାଣୀ ନାୟକ ଆଦି ସହଯୋଗ କରିଥିଲେ। ଏହାର ମୁଖ୍ୟ ଦାୟିତ୍ୱରେ ଥିଲେ ଚନ୍ଦ୍ରଶେଖର ବରାଳ।

# ଜମିବାଡ଼ି ବିବାଦରୁ ଖୁଡ଼ୀକୁ ହତ୍ୟା

ଜଗନ୍ନାଥ ପ୍ରସାଦ, ୨୧।୬(ସମିସ)



ଜଗନ୍ନାଥ ପ୍ରସାଦ ଥାନା ରାଉତି ପଞ୍ଚାୟତ ଏକଘରିଆ ପଲ୍ଲୀର ଜରିପଙ୍କାଳ ସାହିର ବିଧବା ମହିଳା ରେବତୀ ପ୍ରଧାନ (୬୦) ଙ୍କ ଗଳିତ ମୃତଦେହକୁ ଗ୍ରାମ ନିକଟ ୨୦୦ମିଟର ଦୂର ସରପ୍ଲସ୍ ନାଳରୁ ଜବତ କରିଛି ସ୍ଥାନୀୟ ପୁଲିସ। କେସ ନମ୍ବର ୨୪୪/୨୬ପ୍ରକାରେ ମାମଲା ରୁଜୁ କରି ଗ୍ରାମର ଦୁଇ ଜଣକୁ ଅଟକ ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ ସୂଚନା ପ୍ରକାରେ ଆଜି ସକାଳ ୯ଟାରେ ସାହିର କିଛି ମହିଳା ଏହି ନାଳକୁ ଗାଧୋଇ ଆସିଥିଲା ବେଳେ ଏକ ମୃତଦେହ ପଡ଼ିଥିବା ଦେଖି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ଶବକୁ ଚିହ୍ନଟ କରିବା ସହ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଉପଖଣ୍ଡ ଅଧିକାରୀ ଡଃ. ଦୀପକ କୁମାର ମିଶ୍ର, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଅତିରିକ୍ତ ଥାନାଧିକାରୀ ଅନୀଲ କୁମାର ଦେବତା ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ମୃତ ରେବତୀଙ୍କ ନାତି ବୀରେନ୍ଦ୍ର ଓ କୈଳାସ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମୃତ ମହିଳା ସେହି ଗ୍ରାମର ସୋମନାଥ ପ୍ରଧାନଙ୍କୁ ବିବାହ କରିଥିଲେ। ସୋମନାଥ ଦୀର୍ଘ ୮ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କର ଏକମାତ୍ର ୨୨ବର୍ଷର ପୁଅ ବାହାର ରାଜ୍ୟରେ ଦାଦନ ଖଟୁଛି। ସୋମନାଥଙ୍କ ମୃତ୍ୟୁ ପରେ ତାଙ୍କର ସମସ୍ତ ଜମିବାଡ଼ି ଓ ସମ୍ପତ୍ତିକୁ ନିଜର ପୁତୁରା ଆସନ ପ୍ରଧାନ ହଡ଼ପ କରି ରଖିଥିଲା। ଏ ନେଇ ପୂର୍ବରୁ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ସହ ଥାନାରେ ମାମଲା ରୁଜୁ ହୋଇଥିଲା। ଶେଷରେ ଗ୍ରାମ କମିଟିଙ୍କ ନିଷ୍ପତ୍ତି କ୍ରମେ ସମସ୍ତ ସମ୍ପତ୍ତି ବିଧବା ରେବତୀଙ୍କୁ ହସ୍ତାନ୍ତର ପାଇଁ ରାଜି ହୋଇଥିଲା। କିନ୍ତୁ ପୁତୁରା ଆସନ ପ୍ରଧାନର ଖୁଡ଼ୀ ରେବତୀକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଯୋଜନା ଖୋଜୁଥିଲା। ଆଜି ସକାଳୁ ରେବତୀ ନୂତନ ଗୃହ ନିର୍ମାଣ ନିମନ୍ତେ ପଥର ଆଣିବାକୁ ସରପ୍ଲେସ ନାଳକୁ ଯାଇଥିଲା। ଏକୁଟିଆ ସୁଯୋଗ ପାଇ ଆସନ(୫୫) ଏବଂ ତାର ସ୍ତ୍ରୀ ରଙ୍ଗବତୀ (୪୫) ଉଭୟେ ଏକ ଗାମୁଛା ସାହାଯ୍ୟରେ ରେବତୀ (ଖୁଡୀ)ର ଗଳାକୁ ଗୁଡ଼ାଇ ପାଣିରେ ବୁଡାଇ ମାରିଥିବା ଅଭିଯୋଗ ହୋଇଛି। ଉଭୟେ ଗ୍ରାମ ନିକଟ ଶ୍ମଶାନ ଘାଟ ନିକଟରେ ବସିଥିଲେ। ଗ୍ରାମବାସୀଙ୍କୁ ଦେଖି ଘଟଣା ସ୍ଥଳରୁ ଦୌଡ଼ି ପଳାଉଥିଲେ। ପୁଲିସକୁ ଦେଖି ସାଇକେଲ ଯୋଗେ ଖସି ପଳାଉଥିବା ବେଳେ ତାକୁ ଅଟକ ରଖିଥିଲା ପୁଲିସ। ଅଭିଯୁକ୍ତର ସ୍ତ୍ରୀ ରଙ୍ଗବତୀକୁ ମଧ୍ୟ ପୁଲିସ ଥାନାରେ ଅଟକ ରଖିଛି। ଜମି ହଡ଼ପ କରିବା ଉଦ୍ଦେଶ୍ୟରେ ହିଁ ପୁତୁରା ଏବଂ ବୋହୂ ମିଶି ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ପୁଲିସ ଏହି ଅଭିଯୋଗକୁ ଭିତ୍ତି କରି ଏକହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇ ଥିବା ତଦନ୍ତକାରୀ ଅତିରିକ୍ତ ଥାନାଧିକାରୀ ଅନୀଲ କୁମାର ଦେବତା ସୂଚନା ଦେଇଛନ୍ତି। ଘଟଣା ସ୍ଥଳରୁ ସାଇଣ୍ଟିଫିକ ଟିମ ପହଞ୍ଚି ଭଙ୍ଗା କାଚ, ଏକ ଲୁହା କଡ଼େଇ, ବେକରେ ଗୁଡ଼ାଯାଇଥିବା ଗାମୁଛାକୁ ଜବତ କରିଛି।

# ଟିପିଏସ୍‌ଓଡିଏଲ୍ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ



ବ୍ରହ୍ମପୁର, ୨୧।୬(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତା'ର ସମଗ୍ର କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏଥିରେ ଯୋଗ ଉତ୍ସାହୀ ଏବଂ କମ୍ପାନୀର କର୍ମଚାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଏବଂ ମାନସିକ ସୁସ୍ଥତା ଅଧିବେଶନ ମଧ୍ୟ ହୋଇଛି। ଯାହା ମାନସିକ ସ୍ୱାସ୍ଥ୍ୟ, ସଚେତନତା ଏବଂ ଚାପ ପରିଚାଳନା ଉପରେ କେନ୍ଦ୍ରିତ ଥିଲା। ଟିପିଏସ୍‌ଓଡିଏଲର ବ୍ରହ୍ମପୁର, ଭଞ୍ଜନଗର, ଆସିକା ଏବଂ ରାୟଗଡ଼ା ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅଧିବେଶନର ମୂଳ ଲକ୍ଷ୍ୟ ଥିଲା କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏକ ସୁସ୍ଥ ସନ୍ତୁଳନ ବଜାଏ ରଖିବାର ଭାବନାକୁ ପ୍ରୋତ୍ସାହିତ କରିବା। ଯାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏ ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ଯୋଗ ହେଉଛି ଏକ ଜୀବନଶୈଳୀ, ଯାହା ଅନୁଶାସନ, ସକରା।କ ଭାବନା ଏବଂ ଅନ୍ତର୍ନିହିତ ଶକ୍ତିକୁ ପ୍ରୋତ୍ସାହିତ କରେ। ଉପଭୋକ୍ତାଙ୍କୁ ଦକ୍ଷ ଏବଂ ଭରସାଯୋଗ୍ୟ ସେବା ପହଞ୍ଚାଇବା ପାଇଁ ଏକ ସୁସ୍ଥ ଏବଂ ପ୍ରେରଣାପୂର୍ଣ୍ଣ କର୍ମଶକ୍ତିର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ସର୍କଲରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଏପରି ଉଦ୍ୟମ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଉତ୍ସାହିତ କରିବା ଏବଂ ଏକ ସ୍ଥିର, ସତର୍କ ଓ ଭବିଷ୍ୟତ-ପ୍ରସ୍ତୁତ କର୍ମଶକ୍ତିକୁ ପ୍ରୋତ୍ସାହିତ କରିବାର ଅଭିଯାନ ଜାରି ରଖିଛି। ଯାହା ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ଦୃଢ଼ କରେ।

# ଧରାକୋଟ ବ୍ଲକରେ ଯୋଗ ଶିବିର

ଧରାକୋଟ, ୨୧।୬(ସମିସ): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଧରାକୋଟ ବ୍ଲକ ପରିସରରେ ଯୋଗ ଶିବିର ବିଡିଓ ତୃପ୍ତିମୟୀ ଜେନାଙ୍କ ତତ୍ତ୍ୱାବଧାନ ରେ ଯୋଗ ଓ ପ୍ରାଣାୟାମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଡି ଓ ଭବାନୀ ଶଙ୍କର ପ୍ରଧାନ ଯୋଗ ଓ ପ୍ରାଣାୟାମ ଦ୍ୱାରା ଶରୀରର ଉପକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାଦ୍ୱାରା ମଣିଷ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟ ସୁସ୍ଥ ଓ ସଞ୍ଜମ ରହିଥାଏ। ଏଣୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ନିୟମିତ ଭାବରେ ଯୋଗ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ବ୍ଲକର ସମସ୍ତ କର୍ମଚାରୀଙ୍କ ସହ ସାଂସଦ ପ୍ରତିନିଧି ମୁନା ପ୍ରଧାନ ମଧ୍ୟ ଉପସ୍ଥିତ ରହିଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



କୋଦଳା, ୨୧।୬(ସମିସ): କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, ପରିସର ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିନୋଦ କୁମାର ମିଶ୍ର ପୌରୋହିତ୍ୟ କରିଥିବାବେଳେ ଯୋଗ ପ୍ରଶିକ୍ଷିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋଦଳା ଶାଖା ତଥା ଗଞ୍ଜାମର ବରିଷ୍ଠ ରାଜଯୋଗ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ବି କେ ସୁମିତ୍ରା ନିଜ ଅନୁଷ୍ଠାନର ସଦସ୍ୟଙ୍କ ସହ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣକର୍ମଚାରୀଙ୍କୁ ପ୍ରାର୍ଥନା, ଯୋଗ, ପ୍ରାଣାୟାମ, ଧ୍ୟାନ, ଶାନ୍ତି ମନ୍ତ୍ର ଆଦି ଅଭ୍ୟାସ କରାଇବା ପରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା।

# ପିକ୍‌ଅପ୍ ସହ ୬୦ କେଜି ଗଞ୍ଜେଇ ଜବତ; ୩ ଗିରଫ

ଫିରିଙ୍ଗିଆ, ୨୧।୬(ସମିସ): ଫିରିଙ୍ଗିଆ ପୁଲିସ ପିକ୍‌ଅପ୍ ଭ୍ୟାନ ସହ ୬୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ବ୍ୟକ୍ତିର ସୂଚନା ଆଧାରରେ ତାକୁ ଗଞ୍ଜେଇ ଯୋଗାଇଥିବା ଦୁଇ ବାପ-ପୁଅକୁ ମଧ୍ୟ ଗିରଫ କରିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ପିକ୍‌ଅପ୍‌ରେ ନୂଆଗାଁ ଅଞ୍ଚଳରୁ ଭାୟା ଉପର ଦଣ୍ଡିକିଆ ଡାଲିବାଡ଼ି ଛକ ଦେଇ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଖବର ମିଳିବା ପରେ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଦୀପକ କୁମାର ରାଉତଙ୍କ ସହ ଏକ ଟିମ ଡାଲିବାଡ଼ି ଗାଁ ନିକଟରେ ଗାଡିଟିକୁ ଧରିବାରେ ସଫଳ ହୋଇଥିଲେ। ପରେ ଘଟଣା ସ୍ଥଳରେ ହିଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗାଡ଼ିରୁ ଗଞ୍ଜେଇ ବାହାର କରି ଓଜନ କରାଯିବା ସହ ସମ୍ପୃକ୍ତ ଗଞ୍ଜେଇ ମାଫିଆକୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇ ଘଟଣାରେ ଗିରଫ ହୋଇଥିବା ମାଫିଆକୁ ନୂଆଗାଁ ଅଞ୍ଚଳରୁ ଦୁଇଜଣ ବ୍ୟକ୍ତି ଯେଉଁମାନେ କି ସମ୍ପର୍କରେ ବାପ ପୁଅ ଗଞ୍ଜେଇ ଯୋଗାଇ ଦେଇଥିବା ପୁଲିସ ଗିରଫ ମାଫିଆ ଠାରୁ ସୂଚନା ପାଇଥିଲେ। ସୂଚନା ପାଇବା ପରେ ଏହି ଘଟଣାରେ ପୁଲିସ ବାପ ପୁଅ ଙ୍କୁ ମଧ୍ୟ ଗଞ୍ଜେଇ ସପ୍ଲାଏ କରିବା ଅଭିଯୋଗ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ପୁଲିସର ଚଢ଼଼ଉ ସମୟରେ ଗାଡ଼ିରେ ବସିଥିବା ଅନ୍ୟ ଜଣେ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିବା ଜଣା ପଡ଼ିଛି। ତେବେ ଗିରଫ ମାଫିଆ ଜଣକ ନୟାଗଡ଼ ଜିଲ୍ଲା ଓଡଗାଁର ଲକ୍ଷ୍ମୀକାନ୍ତ ଖଟେଇ ବୋଲି ଜଣାପଡ଼ିଥିବା ବେଳେ ଏହି ଘଟଣାରେ ଗଞ୍ଜେଇ ଯୋଗାଣ କରି ଗିରଫ ହୋଇଥିବା ବ୍ୟକ୍ତି ନୂଆଗାଁ ଥାନା ଡାଙ୍ଗୁଲୁ ଗାଁ'ର ମାନସ ଦିଗାଲ ଓ ମୀନକେତନ ଦିଗାଲ ବୋଲି ଜଣାପଡ଼ିଛି। ଫିରିଙ୍ଗିଆ ଥାନାରେ ୧୨୦/୨୦୨୬ ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତକୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆହତ ଗାଈକୁ ମିଳିଲା ଚିକିତ୍ସା

ବ୍ରହ୍ମପୁର, ୨୧।୬(ସମିସ): ହଳଦିଆପଦର ଜାତୀୟ ରାଜପଥ ସମ୍ମୁଖରେ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇ ପଡ଼ିଥିବା ଏକ ଗାଈକୁ ପଶୁ ଚିକିତ୍ସାଳୟର ଡ଼ାକ୍ତମାନେ ଚିକିତ୍ସା କରିଛନ୍ତି। ରବିବାର କୌଣସି ଅଜଣା ଗାଡ଼ିର ଧକ୍କାରେ ଗୋଟିଏ ଗାଈ ଗୁରୁତର ଭାବେ ଆହତ ହୋଇ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ବିଭୂତି ଶତପଥୀ ଓ ରମେଶ ଚନ୍ଦ୍ର ବେହେରା ଦେଖି ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ। କିନ୍ତୁ ତୁରନ୍ତ କୌଣସି ସହାୟତା ନମିଳିବାରୁ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ। ଖବରପାଇ ଶ୍ରୀ ଚୌଧୁରୀ ପଶୁ ଚିକିତ୍ସାଳୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରାଥମିକ ଚିକିତ୍ସା କରିଥିଲେ।

# ବାରିକ ସମାଜର ବାର୍ଷିକ ମହୋତ୍ସବ

ଧରାକୋଟ, ୨୧।୬(ସମିସ): ଧରାକୋଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବାରିକ ସମିତି ଧରାକୋଟ ତାଲୁକା ର ବାର୍ଷିକ ମହୋତ୍ସବ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତାରିଣୀ ଶଙ୍କର ବେହେରା, ସମ୍ପାଦକ ଅଜିତ କୁମାର ବେହେରା, ସହ ସମ୍ପାଦକ ଭିକାରୀ ଚରଣ ଡାକୁଆ, ଉପ ସଭାପତି ମନୁ ଡାକୁଆ, ସଂଗଠକ ସୁଶାନ୍ତ ବେହେରା, ସଂଯୋଜକ ଉଲା ଡାକୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବାରିକ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମ୍ୟ କର୍ମକର୍ତ୍ତା ମାନଙ୍କୁ ଅତିଥି ମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବ୍ଲକ ସ୍ତରରେ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ବାରିକ ସମାଜର ଛାତ୍ର ଛାତ୍ରୀ ପବିତ୍ର ଡାକୁଆ, ସ୍ନେହାରାଣୀ ଡାକୁଆ ଓ ଆଦିତ୍ୟ ଦକୁଆଙ୍କୁ ସ୍ୱତନ୍ତ୍ର ଭାବରେ ସମାଜ ତରଫରୁ ସମ୍ମାନିତ କରାଯାଇଥିଲା। ବାର୍ଷିକ ମହୋତ୍ସବ ରେ ବାରିକ ସମାଜର ସାଂଗଠନିକ ଦକ୍ଷତା ବୃଦ୍ଧି, ସାମାଜିକ ନୀତି ନିୟମ କୁ ମାନି ଚଳିବା, ବାଲ୍ୟ ବିବାହ ରୋକିବା ଓ ଗୋତି ପ୍ରଥା ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମାଜ ପାଇଁ ଏକ କୋଠ ଘର ନିର୍ମାଣ ସକାଶେ ସାନଖେମୁଣ୍ଡି ବିଧାୟକ ଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭିକାରୀ ଚରଣ ଡାକୁଆ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ବେହେରା ଓ ମନୋଜ ବେହେରା ଏଥିରେ ସହଯୋଗ ପ୍ରଦାନ କରିଥିଲେ।

# ବିବାହିତା ମହିଳାଙ୍କୁ ଡାକ୍ତରଖାନାରେ ଛାଡ଼ି ପଳାଇଥିବା ପ୍ରେମିକ ଗିରଫ

ବ୍ରହ୍ମପୁର, ୨୧।୬(ସମିସ): ଅସୁସ୍ଥ ପ୍ରେମିକାଙ୍କୁ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଛାଡି ପଳାଇଥିବା ଯୁବକ ବ୍ରହ୍ମପୁର ଶ୍ରୀରାମନଗର ୧୦ମ ଲାଇନର ତ୍ରିନାଥ ସାହୁ(୩୦) ଙ୍କୁ ବଡବଜାର ଥାନା ପୁଲିସ ଗିରଫ କରିଛି। ପୀଡ଼ିତା ମହିଳା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ସହ ପୋଷାକପତ୍ର ଜବତ ହୋଇଛି। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ତ୍ରିନାଥଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସୂଚନାପ୍ରକାରେ, ପିଡିତା ମହିଳା ଜଣକ ୨୦୧୫ ମସିହାରେ ଦିଗପହଣ୍ଡିରେ ବିବାହ କରିଥିଲେ। ତାଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ନିଜ ପରିବାର ସହ ସେ ପୁରୀରେ ରହୁଥିଲେ। ପୁରୀରେ ରହିବା ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଦେଖାଦେବାରୁ ସେ ଦୁଇ ପୁଅଙ୍କୁ ଧରି ବ୍ରହ୍ମପୁର ପଳାଇ ଆସିଥିଲେ। ପୁରୀରେ ଥିବା ବେଳୁ ହିଁ ଅଭିଯୁକ୍ତ ତ୍ରିନାଥ ସାହୁଙ୍କ ସହ ପିଡିତା ମହିଳାଙ୍କ ଫୋନରେ କଥାବାର୍ତ୍ତା ଚାଲିଥିଲା। ବ୍ରହ୍ମପୁର ଆସିବା ପରେ ତ୍ରିନାଥ ତାଙ୍କୁ ବିବାହ କରିବାର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜାଣିବା ପରେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ମହିଳା ଜଣଙ୍କ ଏହାକୁ କର୍ଣ୍ଣପାତ ନକରି ତ୍ରିନାଥଙ୍କ ସହ ସମ୍ପର୍କ ଜାରି ରଖିଥିଲେ। ମାର୍ଚ୍ଚ ୨୦୨୬ରେ ତ୍ରିନାଥ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ କୁମ୍ଭାର ସାହିରେ ଏକ ଘରେ ରଖିଥିଲେ। ସେଠାରେ ଉଭୟ ସ୍ୱାମୀ-ସ୍ତ୍ରୀ ଭଳି ଏକାଠି ରଖିଥିଲେ। ଜୁନ ୧୪ ତାରିଖରେ ମହିଳା ଜଣଙ୍କ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ତ୍ରିନାଥ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମହିଳା ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତ୍ରିନାଥ ତାଙ୍କୁ ସେଠାରେ ଏକାକୀ ଛାଡ଼ି ଫେରାର ହୋଇଯାଇଥିଲେ। ପୀଡ଼ିତା ତାଙ୍କୁ ଫୋନ୍ କରିବାରୁ ସେ ତାଙ୍କୁ ସାଙ୍ଗରେ ରଖିବାକୁ କିମ୍ବା ବିବାହ କରିବାକୁ ମନା କରି ଦେଇଥିଲେ। ଏହା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣାକୁ ନେଇ ମହିଳା ଜଣକ ୧୯ ତାରିଖ ଅପରାହ୍ନରେ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ।ମଲା(୪୩୧/୨୬) ରୁଜୁ କରିଥିଲା।

# ଛତ୍ରପୁର ପୌରୋପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ସ୍ମୃତିଚାରଣ



ଛତ୍ରପୁର, ୨୧।୬(ସମିସ): ଛତ୍ରପୁର ପୌରପରିଷଦର ଅଧ୍ୟକ୍ଷା ସ୍ୱର୍ଗତା ଶର୍ମିଷ୍ଠା ପ୍ରଧାନଙ୍କ ଦ୍ୱାଦଶାହ କାର୍ଯ୍ୟ ଅବସରରେ ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ସରକାରଙ୍କ ବାଣିଜ୍ୟ, ଖଣି, ଇସ୍ପାତ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଦିଗପହଣ୍ଡିର ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଏବଂ ବିଭିନ୍ନ ରାଜନୈତିକ ଦଳର ଆଗ ଧାଡ଼ିର ନେତା ଓ କର୍ମୀ, ବିଜୁ ଜନତା ଦଳର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଛତ୍ରପୁର ବ୍ଲକ ବିଜେଡି ସଭାପତି ଏସ. ଚକ୍ରପାଣି ରେଡ୍ଡୀ, ନଗର ବିଜେଡି ସଭାପତି ଡି. ରାଜୁବାବୁ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବିମଳ କୁମାର ପଣ୍ଡା, ପ୍ରବାସୀ ପ୍ରଧାନ, ଛତ୍ରପୁର ପୌର ପରିଷଦର ଉପାଧ୍ୟକ୍ଷ ଜୀ. ପାପାରାଓ ଓ ସମସ୍ତ କାଉନସିଲର, ସିପିଏମ ନେତା ହରିକୃଷ୍ଣ ରେଡ୍ଡୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇ ସ୍ୱର୍ଗତା ଶର୍ମିଷ୍ଠା ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କର ଅମର ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମସ୍ତେ ସମବେଦନା ଜଣାଇଥିଲେ।

# ଫିରିଙ୍ଗିଆ ବ୍ଲକ ପରିସରରେ ଦକ୍ଷତା ବିକାଶ କର୍ମଶାଳା

ଫିରିଙ୍ଗିଆ, ୨୧।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସାରା ଜିଲ୍ଲା ମୁଖ୍ୟାଳୟରୁ ଆରମ୍ଭ କରି ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ମଧ୍ୟ ଏହି ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ପଞ୍ଚାୟତ ସମିତି ଆୟୋଜନ କରିଥିବା ବେଳେ କନ୍ଧମାଳ ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ରର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦିବ୍ୟରଞ୍ଜନ ଡାକୁଆ, ଫିରିଙ୍ଗିଆ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁର, ଫିରିଙ୍ଗିଆ ତହସିଲଦାର ଜ୍ୟୋତିରଞ୍ଜନ ସେଠୀ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳିକା ବିଭୁପ୍ରିୟା ଜେନା, ଫିରିଙ୍ଗିଆ ସମିତି ସଭ୍ୟା ମୌସୁମୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ରର କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏଲଇଡି ମାଧ୍ୟମରେ ରାଜ୍ୟ ସରକାର ଯୁବକ ଯୁବତୀଙ୍କୁ କିଭଳି ଭାବରେ ଶିଳ୍ପ ତାଲିମ କରୁଛନ୍ତି ସେ ନେଇ ଭିଡିଓ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଗୋଟିଏ ହେଲେ ମଧ୍ୟ ଯୁବକ ଯୁବତୀ ଉପସ୍ଥିତ ନଥିବାବେଳେ ବ୍ଲକ ପ୍ରଶାସନ କେବଳ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଡାକି କାମ ସାରି ଦେଇଥିଲେ। ଏହି ଘଟଣାକୁ ନେଇ ଉପସ୍ଥିତ ଥିବା ବିଧାୟକ ପ୍ରତିନିଧି ଏବଂ ଜିଲ୍ଲା ଯୁବ ସଭାପତି ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟକ୍ରମକୁ ନାପସନ୍ଦ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଘଟଣା ବିଷୟରେ ଶିଳ୍ପ ତାଲିମ କେନ୍ଦ୍ରର ସାଧାରଣ ପରିଚାଳିକାଙ୍କୁ ପଚାରିବାରୁ ନିଜ ଦୋଷ ଓ ଦୁର୍ବଳତାକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ବିଡିଓଙ୍କ ମାଧ୍ୟମରେ ଯୁବକ ଯୁବତୀଙ୍କୁ ଡକାଯାଇଥିଲା। କିନ୍ତୁ କେହି ଆସିନାହାନ୍ତି ବୋଲି ସଫେଇ ଦେଇଥିଲେ।

ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରରେ ଅବ୍ୟବସ୍ଥା

# ଶୃଙ୍ଖଳା ପଡ଼ିଛି ସୁନା କୂଅ, ବାଧାପ୍ରାପ୍ତ ହେବ ସ୍ନାନଯାତ୍ରା





ଖଲ୍ଲିକୋଟ, ୨୧।୬(ସମିସ)

ସମସ୍ୟା ଜର୍ଜରିତ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର। ଏହାର ସମସ୍ୟା କହିଲେ ସରିବନି। ଏହାରି ଭିତରେ ଏବେ ଉଭା ହୋଇଛି ଉତ୍କଟ ଜଳ ସମସ୍ୟା। ମହାପ୍ରଭୁଙ୍କ ସ୍ନାନ ଯାତ୍ରା କୁ ଆଉ ମାତ୍ର ୮ ଦିନ ବାକି ରହିଲା। ଏପଟେ ମନ୍ଦିର ପରିସରରେ ଥିବା ସୁନା କୂଅ ଶୁଖିଲା ପଡ଼ିଛି। କୂଅ ଭିତରେ ଟୋପେ ମଧ୍ୟ ପାଣି ନାହିଁ।ସ୍ନାନ ପୂର୍ଣ୍ଣିମା ଦିନ ସୁନା କୂଅରୁ ୧୦୮ ଗରା ରେ ସୁବାଷିତ ଜଳ ଆଣି ମହାପ୍ରଭୁ ଙ୍କୁ ସ୍ନାନ କରାଯିବାର ବିଧି ରହିଛି। ତେବେ ବର୍ତ୍ତମାନ ସୁନା କୂଅ ଶୁଖିଲା ପଡ଼ି ଥିବାରୁ କେଉଁଠୁ ଜଳ ଆଣି ମହାପ୍ରଭୁ ଙ୍କୁ ସ୍ନାନ କରାଯିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ନାନ ଯାତ୍ରା ପାଖେଇ ଆସୁଥିବା ବେଳେ ମନ୍ଦିର ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉ ନଥିବାରୁ ଭକ୍ତ ଙ୍କ ମହଲ ରେ ଉଦବେଗ ପ୍ରକାଶ ପାଇଛି।ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ଜଳ କେଉଁଠୁ ଅଣାଯିବ ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ମନ୍ଦିର ସମୂହର ଅଧିକାରୀ ତଥା ତହସିଲଦାର ଡି. ମାଲେଶ୍ୱର ପାତ୍ର କହିଛନ୍ତି। ଆବଶ୍ୟକ ହେଲେ ମନ୍ଦିର ପରିସରରେ ଏକ ବୋରିଂ ଖୋଳିବା ପାଇଁ ଆମେ ଚିନ୍ତା କରୁଛୁ ବୋଲି ମଧ୍ୟ ସେ କହିଛନ୍ତି। ଏପଟେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରୁଣା କାଠ ରେ ନିର୍ମାଣ ଚାଲିଛି ତିନି ରଥ। ସମ୍ପୂର୍ଣ୍ଣ ନୂଆଁ ରଥ ନିର୍ମାଣ ଖଲ୍ଲିକୋଟ ବାସୀ ଙ୍କ ପାଇଁ ସ୍ୱପ୍ନ ପାଲଟିଛି। ମନ୍ଦିର ସମ୍ମୁଖରେ ଯାଇଥିବା ବଡ଼ ଦାଣ୍ଡ ରାସ୍ତା କୁ ଏନଏସି କର୍ତ୍ତୃପକ୍ଷ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କଂକ୍ରିଟ ରାସ୍ତା ନିର୍ମାଣ କରିବା ଫଳ ରେ ରାସ୍ତା ଟି ସିଂହଦ୍ୱାର ପାହାଚ ଠାରୁ ପ୍ରାୟ ୬ ଫୁଟ ଉଚ୍ଚା ହୋଇଗଲା। ଫଳ ରେ ବୟସ୍କ ଭକ୍ତ ମାନଙ୍କ ମନ୍ଦିର କୁ ଯିବା ରେ ସମସ୍ୟା ଉପୁଜିବା ସହିତ ରଥଯାତ୍ରା ରେ ଠାକୁରଙ୍କ ପହଣ୍ଡି ବିଜେ ରେ ମଧ୍ୟ ସମସ୍ୟା ଉପୁଜି ପାରେ। ବର୍ଷା ଜଳ ନିଷ୍କାସନ ପାଇଁ ଠିକାଦାର ରାସ୍ତାକୁ ଖୋଳି ଥିବା ବେଳେ ଆଦ୍ୟାବଧି ପାଇପ ପକାଇ ନଥିବା ରୁ ରଥଯାତ୍ରା ରେ ଭକ୍ତ ଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ମନ୍ଦିର ଭିତରେ ଆନନ୍ଦ ବଜାର ଅବଢ଼ା ସେବନ କରିବାକୁ ଭକ୍ତ ଙ୍କ ପାଇଁ ମନ୍ଦିର ପ୍ରଶାସନ ତରଫରୁ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ମଣ୍ଡପ ନିର୍ମାଣ କାର୍ଯ୍ୟ ଦୁଇ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥା ରେ ପଡ଼ି ରହିଛି।୧୭୩୦ ମସିହା ରେ ନିର୍ମାଣ ଆରମ୍ଭ ହୋଇ ୧୮୮୦ ମସିହା ରେ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବହୁ ପୁରାତନ ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ରକ୍ଷଣା ବେକ୍ଷଣ ଅଭାବ ରୁ ଏବେ ଧ୍ୱଂସାଭିମୁଖୀ। ମନ୍ଦିର ମାଳିନୀ ତଥା କ୍ରମ ବର୍ଦ୍ଧିଷ୍ଣୁ ଖଲ୍ଲିକୋଟ ସହର ର କେନ୍ଦ୍ର ସ୍ଥଳ ରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଅନନ୍ୟ କାରୁକାର୍ଯ୍ୟ ବିମଣ୍ଡିତ ଓ ଏହା ସମ୍ପୂର୍ଣ୍ଣ ପୁରୀ ଶ୍ରୀ ମନ୍ଦିର ଢାଞ୍ଚା ରେ ନିର୍ମିତ ହୋଇ ଥିବାରୁ ଏହି ମନ୍ଦିର ଟି ସହର ର ମୁଖ୍ୟ ଆକର୍ଷଣ ପାଲଟିଛି। କେହି କେହି ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି ମଧ୍ୟ କୁହନ୍ତି।ତେବେ ସରକାର ଙ୍କ ଦୃଷ୍ଟି ଆଢୁଆଳ ରେ ରହି ଯାଇଥିବା ଓଡ଼ିଶା ର ଏହି ଦ୍ୱିତୀୟ ବୃହତ୍ତମ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଧ୍ୱଂସାଭିମୁଖୀ। ସାମାନ୍ୟ ବର୍ଷା ହେଲେ ମନ୍ଦିରରେ ପାଣି ଗଳୁଛି। ମନ୍ଦିର ଦୈନନ୍ଦିନ ସେବା ପାଇଁ ତତ୍କାଳୀନ ରାଜା ବାହାଦୁରମାନେ ପ୍ରାୟ ୧୨ ଶହ ଭରଣ ଜମି ଠାକୁର ଙ୍କ ଅମୃତ ମଣୋହି ପାଇଁ ପ୍ରଦାନ କରିଥିବା ବେଳେ ଏହି ସବୁ ଜମି ରୟତ ମାନଙ୍କ ଦ୍ୱାରା ହଡପ ହୋଇଯାଇ ବର୍ତ୍ତମାନ ମାତ୍ର ୨୦୦ ଭରଣ ଜମି ଥିଲେ ମଧ୍ୟ ଏହି ସବୁ ଜମି ରୁ ଠିକ ଭାବେ ରାଜସ୍ୱ ଆଦାୟ ହୋଇ ପାରୁନି। ଖଲ୍ଲିକୋଟ ସହର କେନ୍ଦ୍ର ସ୍ଥଳ ରେ ଥିବା ତିନି ଶହ ବର୍ଷର ପୁରାତନ ଏବଂ ପୁରୀ ପରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଗୁମୁଟରୁ ପଥର ଖସିଥିଲା। ଗତ ପ୍ରାୟ ଚାରି ବର୍ଷ ତଳେ ସିଂହଦ୍ୱାର ଗୁମୁଟରୁ ୭ କିଲୋ ଓଜନର ପଥର ଖସିଥିବା ବେଳେ ଦୁଇ ବର୍ଷ ତଳେ ପ୍ରାୟ ଦୁଇ କିଲୋ ଓଜନର ପଥର ଖସିଥିଲା। ମନ୍ଦିରର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ମନ୍ତ୍ରୀ ଓ ପ୍ରଶାସକ ଓ ଏପରିକି ପୁରୀ ଗଜପତି ଦିବ୍ୟସିଂହ ଦେବ ଓ କେନ୍ଦ୍ରମନ୍ତ୍ରୀ ଓ ମନ୍ଦିର ର ଅବଢ଼ା ଉଦଘାଟନ ବେଳେ ମନ୍ତ୍ରୀ ବିଭୂତି ଜେନା, ଗୋକୁଳାନନ୍ଦ ମଲିକ ଓ ବିଧାୟକମାନେ ପରିଦର୍ଶନ କରି ଖୁବଶୀଘ୍ର ମନ୍ଦିରର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଏ ଯାବତ ମନ୍ଦିର ପାଇଁ କୌଣସି ସରକାରୀ ଅନୁଦାନ ଘୋଷଣା ହେଲା ନାହିଁ। ଗତ କିଛି ଦିନ ତଳେ ଡକ୍ଟର ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟ ତରଫରୁ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରକୁ ଅବହେଳା ସମ୍ପର୍କରେ ଅଭିଯୋଗ କରା ଯାଇଥିଲା। ଅଭିଯୋଗ କୁ ଗ୍ରହଣ କରି ବିଭାଗୀୟ ମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ଏ ସମ୍ପର୍କରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ମଧ୍ୟ ଖୁବଶୀଘ୍ର ମନ୍ଦିର ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇପାରିନି। ଏଣେ ବେଳକୁ ବେଳ ମନ୍ଦିରରୁ ଗୋଟିଏ ପରେ ଗୋଟିଏ ପଥର ଖସିବାରେ ଲାଗିଛି। ଗତ ଦୁଇବର୍ଷ ତଳେ ଶ୍ରୀଜଗନ୍ନାଥ ମନ୍ଦିରର ଥିବା ମୁଖ୍ୟ ମନ୍ଦିରର କେବଳ ଅଁଳାଶ୍ରୀ ମରାମତି ହୋଇଥିବାବେଳେ ଟଙ୍କା ଅଭାବରୁ ମରାମତି ପାଇଁ ବନ୍ଧା ଯାଇଥିବା ବାଉଁଶ ବହୁ ଦିନ ପରେ ବାହାର କରି ଦିଆଯାଇଥିଲା। ଏତେ ବଡ଼ ମନ୍ଦିର ପ୍ରତି ରାଜ୍ୟ ସରକାର ଙ୍କ ଦୃଷ୍ଟି ନ ପଡ଼ିବା ଖଲ୍ଲିକୋଟ ପ୍ରତି ଅତି ଅବହେଳାର ନିଦର୍ଶନ ବୋଲି ଅଞ୍ଚଳବାସୀ କହିଛନ୍ତି।

**ବିଶ୍ୱ ଯୋଗ ଦିବସ**

# ସୁସ୍ଥ ଓ ଚାପମୁକ୍ତ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ବାରିପଦା, ୨୧।୬(ସମିସ)

ବାରିପଦା ଷ୍ଟାଡ଼ିୟମରେ ରବିବାର ୧୨ତମ ବିଶ୍ୱ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏ ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗାଭ୍ୟାସରେ ସାମିଲ ହେବା ସହିତ ସୁସ୍ଥ, ନିରୋଗ ଓ ଚାପମୁକ୍ତ ଜୀବନ ପାଇଁ ବୟସ୍କ, ଯୁବ ଓ ଛାତ୍ରଛାତ୍ରୀଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ଆହ୍ୱାନ ଦେଇଛନ୍ତି ।

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ, ବୟସ ବଢ଼ିବା ସହିତ ଦେଖାଦେଉଥିବା ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣ ଭଳି ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ସହଜ ସମାଧାନ ଯୋଗ ଓ ପ୍ରାଣାୟାମ ମାଧ୍ୟମରେ ସମ୍ଭବ । ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିପରି ଆଜିର ଡିଜିଟାଲ



ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ରୁ ୩୦ ମିନିଟ୍ ଯୋଗାଭ୍ୟାସ କରିବାକୁ ସେ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ଆହୁରି କହିଥିଲେ ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର । ଯୋଗ ଏକ ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ ଓ ନିରୋଗ ଜୀବନଯାପନର ଏକ ସମ୍ପୂର୍ଣ୍ଣ ବିଜ୍ଞାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିପାରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମାକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏଥିସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପତଞ୍ଜଳି ଯୋଗ ଶିବିର, ସ୍ୱାମୀ ବିବେକାନନ୍ଦ ଯୋଗ ସଂଗଠନ, ଆର୍ଟ ଅଫ ଲିଭିଂ ସଂଗଠନ, କ୍ରୀଡ଼ା ଛାତ୍ରାବାସ, ପୁଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବୟୋଜ୍ୟେଷ୍ଠ ନାଗରିକ, ବାରିପଦା କ୍ରୀଡ଼ା ସଂସ୍ଥାର କର୍ମକର୍ତ୍ତା ଓ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗଦାନ କରିଥିଲେ । ଅବସରପ୍ରାପ୍ତ ବରିଷ୍ଠ ଆଥଲେଟିକ୍ କୋଚ୍ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା । ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ବିଭାଗ ଓ ଯୋଗ ମହୋତ୍ସବ ସମିତି, ମୟୂରଭଞ୍ଜର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା: ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଏହାର ପିଜି ୟୁନିଟ ଦ୍ୱାରା ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ବର୍ଷର ଆନ୍ତର୍ଜାତିକ ଯୋଗ ଦିବସର ଥିମ୍ 'ଯୋଗ ଫର୍ ହେଲ୍‌ଥ ଏଜିଙ୍ଗ୍' । ଏହକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ସମ୍ବୋଧନ କରି କହିଥିଲେ, ଯୋଗକୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାର ଏକ ଅଂଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଯୋଗ ଦ୍ୱାରା ନକାରାତ୍ମକ ଚିନ୍ତା ତଥା ବ୍ୟର୍ଥ ଚିନ୍ତନରୁ ମନକୁ ମୁକ୍ତି, ସକାରାତ୍ମକ ଓ ଶକ୍ତିଶାଳୀ ଚିନ୍ତନରେ ମନକୁ ନିୟୋଜନ, ମାନସିକ ଶାନ୍ତି, ଏକାଗ୍ରତା ବୃଦ୍ଧି, ବ୍ୟକ୍ତିତ୍ୱର ବିକାଶ ଓ ସମ୍ବନ୍ଧ ସମ୍ପର୍କରେ ମଧୁରତାର ଉତ୍ତରଣ ହୋଇପାରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଓ ନ୍ୟାଚୁରୋପାଥି ବିଭାଗର ସହକାରୀ ପ୍ରଫେସର ଡ ସୁଜାତା ପଣ୍ଡା ପ୍ରଟୋକଲ ଅନୁସାରେ ସମସ୍ତଙ୍କୁ ଯୋଗାଭ୍ୟାସ ଓ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ସଂଯୋଜକ ଡ ପ୍ରିୟରଞ୍ଜନ ଦେବତା, ପ୍ରୋଗ୍ରାମ ଅଧିକାରୀ ଡ ଯତୀନ୍ଦ୍ର ନାଥ ବେଶ୍ରା, ଅଜୟ କୁମାର ବଳ, ସୁସ୍ମିତା ପାତ୍ର, ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ ଶିକ୍ଷା କେନ୍ଦ୍ର (ସିଡିଓଇ) ଦ୍ୱାରା ଏକ କମ୍ୟୁନିଟି ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ଶଙ୍ଖଭଙ୍ଗା ଗ୍ରାମରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା । ସିଡିଓଇ ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ



ସିଡିଓଇର ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ବୟସ୍କ ନାଗରିକ, ଛୋଟ ପିଲା, ଯୁବଗୋଷ୍ଠୀ ଓ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଏଭଳି ପ୍ରାୟ ୮୦ ଜଣ ଯୋଗଦାନ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ମାରକ ଟି-ସାର୍ଟ୍ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସରପଞ୍ଚ ପ୍ରତିନିଧି ବଳଭଦ୍ର ହେମ୍ବ୍ରମ୍, ୱାର୍ଡ ମେମ୍ବର ପୁଷ୍ପା ସୋରେନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଯୋଜକ ଅନନ୍ତ କିଶୋର, ଏଡିଇଓ ମହେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସିଏଲ ଏକାଡେମୀ

ବାରିପଦା: ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଓଡ଼ିଶାର ପ୍ରତିଷ୍ଠିତ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ସିଏଲ୍ ଏକାଡେମୀ ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । କ୍ୟାରିୟର ଲାଣ୍ଡର ଏକାଡେମୀ ଟ୍ରଷ୍ଟ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ



ଏକାଡେମୀର ପ୍ରମୁଖ ସଦସ୍ୟ ବାବୁଲାଲ ଟୁଡୁ, ଅଜୟ କୁମାର ଜେନା ଓ ସଞ୍ଜିତ କୁମାର ପଲେଇ ପ୍ରମୁଖ ପରିଚାଳନା କରିଥିଲେ । ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗରେ ସିଏଲ୍ ଏକାଡେମୀ କ୍ୟାମ୍ପସରେ ଯୋଗ ଦିବସକୁ ଅତି ସୁନ୍ଦର ଭାବେ ପାଳନ କରାଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଶିବିରର ପ୍ରାରମ୍ଭରେ ସମସ୍ତ ଅଂଶଗ୍ରହଣକାରୀ ସୂର୍ଯ୍ୟ ନମସ୍କାର ଓ ବିଭିନ୍ନ ପ୍ରକାର ପ୍ରାଣାୟାମର ଅଭ୍ୟାସ କରିଥିଲେ । ଡିଜିଟାଲ୍ ଶିକ୍ଷା ସହିତ ଶାରୀରିକ, ମାନସିକ ସ୍ୱାସ୍ଥ୍ୟର ସନ୍ତୁଳନ ରକ୍ଷା କରିବା ପାଇଁ ଯୋଗ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଥିଲା । କ୍ୟାରିୟର ଲାଣ୍ଡର ଏକାଡେମୀ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ପାଇଁ ଯୋଗ ମ୍ୟାଟ୍ ଓ ସ୍ୱାସ୍ଥ୍ୟକର ପାନୀୟର ବ୍ୟବସ୍ଥା କରାଯାଇଥିଲା । ଶେଷରେ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ମାଧ୍ୟମରେ କେବଳ ପାଠପଢ଼ା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ଏକାଡେମୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ।

## ଏମ୍‌ସିଏମ୍

ବାରିପଦା: ଆଜି ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ ଓ କଲେଜର ଜାତୀୟ ସେବା ଯୋଜନା ୟୁନିଟ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଯୋଗ



ପ୍ରଶିକ୍ଷିକା ନମିତା ମହାନ୍ତ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବା ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ଏହି ଯୋଗ ଶିବିରରେ ୬୦ରୁ ଅଧିକ ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବୀ ଓ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ । ମେରା ଯୁବା ଭାରତ ପକ୍ଷରୁ ପୂର୍ବତନ ଜାତୀୟ ସ୍ତରୀୟ ସ୍ୱେଚ୍ଛାସେବୀ ସାଇରଞ୍ଜନ ଲେଙ୍କା କାର୍ଯ୍ୟକ୍ରମର ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମରେ ବିଏଏଲଏଲ୍‌ବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଶିକ୍ଷା ବିଭାଗ ମୁଖ୍ୟ ସୁଜାତା ପାଲ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଠାକୁରା ଚରଣ ମାରାଣ୍ଡି, ଇତିହାସ ଅଧ୍ୟାପିକା ଲକ୍ଷ୍ମୀ ଚାପିଆର, ଆଇନ ବିଭାଗ ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଦର୍ଶନ ବିଭାଗ ମୁଖ୍ୟ କବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନେ ଯୋଗକୁ ଭାରତର ପ୍ରାଚୀନ ଐତିହ୍ୟ ଓ ସୁସ୍ଥ ସମାଜ ଗଠନର ଏକ ପ୍ରଭାବଶାଳୀ ମାଧ୍ୟମ ବୋଲି ବର୍ଣ୍ଣନା କରିଥିଲେ । ଯୁବପିଢ଼ି ମଧ୍ୟରେ ଯୋଗ ପ୍ରତି ସଚେତନତା ବୃଦ୍ଧି ଓ ନିୟମିତ ଅଭ୍ୟାସ ମାଧ୍ୟମରେ ଏକ ସୁସ୍ଥ ଭାରତ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା । ଶେଷରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ମହୁଲଡିହା: ଠାକୁରମୁଣ୍ଡା ବ୍ଲକର ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଯୋଗଦେଇ ବିଶ୍ୱ ଯୋଗ ଦିବସ ସମ୍ପର୍କରେ



ସୂଚନା ପ୍ରଦାନ କରିଥିଲେ । ମୟୂରଭଞ୍ଜ ବିଭାଗର ଯୋଗ ପ୍ରମୁଖ ଭାଗୀରଥି ପତି ଓ ବିଦ୍ୟାଳୟର ଯୋଗ ପ୍ରମୁଖ ଫାଗୁସର୍ଦ୍ଦାର ମୁର୍ମୁ ଓ ବରିଷ୍ଠ ଆଚାର୍ଯ୍ୟ କରୁଣାକର ମହାନ୍ତ ଯୋଗ କରାଇଥିଲେ । ଏଥିରେ ଶିଶୁ ଭାଇ, ଆଚାର୍ଯ୍ୟ, ସେବକ ଭାଇ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ । ଆଚାର୍ଯ୍ୟ ଆର୍‌ସି ସାଜନ ଶଙ୍କର ଧନ୍ୟବାଦ ଦେଇଥିଲେ ।

## ରାଇକମା ଆଶ୍ରମ ବିଦ୍ୟାଳୟ

ବୈଶିଙ୍ଗା: ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି । ଏ ଅବସରରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯୋଗ ପ୍ରଶିକ୍ଷିକା ଜ୍ୟୋତ୍ସ୍ନାରାଣୀ ଜେନା, ଡାହିସାହିସ୍ଥ ଉପସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏହି ଯୋଗ ଶିବିରରେ ଯୋଗ ଦେଇ



ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଯୋଗ, ପ୍ରାଣାୟାମ ଆଦି ଅଭ୍ୟାସ କରାଇବା ସହିତ ଶପଥ ପାଠ କରାଇଥିଲେ । ନିୟମିତ ଯୋଗ, ପ୍ରାଣାୟାମ କଲେ ଶରୀର ସୁସ୍ଥ ରହିବା ସହିତ ମନ ପ୍ରଫୁଲ୍ଲ ରହେ ଓ ପାଠ ପଢ଼ିବାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧିପାଏ ବୋଲି ପ୍ରଧାନଶିକ୍ଷକ ମତ ପ୍ରକାଶ କରିଥିଲେ । ଏ ଅବସରରେ ବିଦ୍ୟାଳୟ ପରିସରରେ ଲେମ୍ବୁ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ଜେନା, ପ୍ରତୀମା ପରିଡ଼ା, ମଣ୍ଟୁ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

## କପ୍ତିପଦା ବ୍ଲକ କାର୍ଯ୍ୟାଳୟ

କପ୍ତିପଦା: କପ୍ତିପଦା ବ୍ଲକ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏ ଅବସରରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ, ଜନପ୍ରତିନିଧି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଯୋଗପ୍ରେମୀ ଅଂଶଗ୍ରହଣ କରିଥିଲେ । ସୁସ୍ଥ ଶରୀର, ସୁସ୍ଥ ମନ ବାର୍ତ୍ତାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ । ଯୋଗର ଗୁରୁତ୍ୱ, ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ଓ ଶାରୀରିକ



ଓ ମାନସିକ ସୁସ୍ଥତା ପାଇଁ ଯୋଗର ଭୂମିକା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ଆଲୋକପାତ କରିଥିଲେ । ନିୟମିତ ଯୋଗାଭ୍ୟାସ ଦ୍ୱାରା ଏକ ସୁସ୍ଥ ଓ ସଶକ୍ତ ସମାଜ ଗଠନ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା । ଶେଷରେ ସମସ୍ତଙ୍କୁ ନିୟମିତ ଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସେହିପରି ସୋଲଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଜକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ଯୋଗଶିକ୍ଷା କରିଥିଲେ । ସଂକଳ୍ପ କରିଥିଲେ ଯେ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବେ ଓ ଉତ୍ତମ ସ୍ୱାସ୍ଥ୍ୟ ଗଠନ କରିବେ । ଏଥିରେ ଶିକ୍ଷକ ସଂଗ୍ରାମ କିଶୋର ଶତପଥୀ, ବାବୁରାମ ସେଠୀ, ଶିକ୍ଷୟିତ୍ରୀ କମଳାମଣି ଦାସ, ତୁଳସୀ ସାମଲ ଓ ସିପ୍ରା ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## ଜବାହାର ଉଚ୍ଚବିଦ୍ୟାଳୟ

ମୋରଡା: ଚିତ୍ରଡା ଏନଏସିରେ ଥିବା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ୪୮ ଜଣ କ୍ୟାଡେଟଙ୍କୁ ୪୫ ମିନିଟ ଧରି କ୍ରୀଡା ଶିକ୍ଷକ ଭାରତୀ ମହାନ୍ତ ଯୋଗ ଶିକ୍ଷା ଦେଇଥିଲେ । ଏନସିସିର ଫାଷ୍ଟ ଅଫିସର ଅରୁଣ କୁମାର



ବେହେରା ଯୋଗଦେଇ ଆଜିର ଯୁଗରେ ସୁସ୍ଥ ଓ ନିରାମୟ ଜୀବନ ପାଇଁ ଯୋଗର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ଏହାର ନିୟମ ଓ ଉପକାରିତା ବର୍ଣ୍ଣନା କରିଥିଲେ । ତେଣୁ ପ୍ରତିଦିନ ନିଜ ନିଜ ଘରେ କିଛି ସମୟ ଯୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ରହିଥିବା କଥା ସେ ପ୍ରକାଶ କରିଥିଲେ । ସେହିପରି ବିଶ୍ୱ ହିନ୍ଦୁ ପରିଷଦ ମୋରଡା ପ୍ରଖଣ୍ଡ ପକ୍ଷରୁ ମା' ଡକେଇଙ୍କ ପୀଠରେ ଯୋଗ ଦିବସ ପାଳିତ ହୋଇଯାଇଛି । ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ କାର୍ଯ୍ୟକାରୀ ସମିତି ସଦସ୍ୟ ଅଜୟ କୁମାର ପାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦୁର୍ଗା ବାହିନୀ ସଂଯୋଜିକା ମାମିନା ମହାନ୍ତ ଓ ଗୁରୁମା ଭାଗ୍ୟଶ୍ରୀ ମହାନ୍ତଙ୍କ ଦ୍ୱାରା ଗ୍ରୀବା ସଞ୍ଚାଳନା, ସ୍କନ୍ଧ ସଞ୍ଚାଳନ, କଟି ସଞ୍ଚାଳନ, ତ୍ରିକୋଣାସନ, ଉଦ୍ରାସନ ଓ ସୂର୍ଯ୍ୟ ନମସ୍କାର ଭଳି ବିଭିନ୍ନ ଯୋଗ ଆସନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନରେନ୍ଦ୍ର ମହାନ୍ତ, ଅଶ୍ୱନୀ ସେନାପତି ପ୍ରମୁଖ ଯୋଗ ଦେଇଥିଲେ ।

## ଗୋପବନ୍ଧୁନଗର ବ୍ଲକ

କୁଆମରା: ବିଶ୍ୱ ଯୋଗ ଦିବସ ଅବସରରେ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ସାଇଁକୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଦୋଳ ପଡ଼ିଆଠାରେ ଯୋଗ କରାଯାଇଥିଲା । ନାଗରିକ ମଞ୍ଚ ସଭାପତି ସନାତନ ଜେନା, ସମ୍ପାଦକ ଗୌର ଚନ୍ଦ୍ର ଦାସ, ଭଗବାନ ନାୟକ, ଚାରୁଚନ୍ଦ୍ର ପୃଷ୍ଟି, ଜୀବନ କୃଷ୍ଣ ମହାପାତ୍ର, ଚନ୍ଦ୍ରଶେଖର ଦାସ, ରତିକାନ୍ତ ବେହେରା, ନିମାଇଁ ଚାନ୍ଦ ମହାରଣା ପ୍ରମୁଖ ୫୦ରୁ ଅଧିକ ବରିଷ୍ଠ ବ୍ୟକ୍ତି ଦେଇଥିବାବେଳେ ଅବସରପ୍ରାପ୍ତ ପ୍ରଧାପକ କରୁଣାକର ମହାପାତ୍ର ଯୋଗ ଶିକ୍ଷା ଦେଇଥିଲେ । ସେହିପରି କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗ ଶିକ୍ଷା ନେଇଥିଲେ । ପରେ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜାତୀୟ ସେବା ଯୋଜନା ଅଧିକାରୀ ଗୋପିନାଥ ପଣ୍ଡା, ଯୁବ ରେଡକ୍ରସ୍ ଅଧିକାରୀ ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ନିମନ୍ତେ ଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏ ଅବସରରେ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଫେଇ ଓ ବୃକ୍ଷରୋପଣ କରାଯାଇଥିଲା । ସେହିପରି କୁଆମରା ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ମଧ୍ୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଛାତ୍ର ଛାତ୍ରୀ ଓ ଗୁରୁଜୀ ଏବଂ ଗୁରୁମା ମାନେ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ ।

## ମହୁଲିଆ ଆଦର୍ଶ ବିଦ୍ୟାଳୟ

ରାସଗୋବିନ୍ଦପୁର: ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମହୁଲିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବିଶେଷ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଉଦ୍‌ଘାଟନ କରିଥିଲେ । ଏ ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ



ଉତ୍ସାହର ସହିତ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ପଣ୍ଡା ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଯୋଗ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମ । ନିୟମିତ ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ଜୀବନଶୈଳୀ ଗଠନ ସମ୍ଭବ । ଶେଷରେ ସମସ୍ତଙ୍କୁ ଦୈନିକ ଜୀବନରେ ଯୋଗକୁ ଅନ୍ତର୍ଭୁକ୍ତ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

## ପୁରୁଣିଆ ହୋମିଓପ୍ୟାଥିକ ଡାକ୍ତରଖାନା

ପୁରୁଣିଆ: ପୁରୁଣିଆ ହୋମିଓପ୍ୟାଥିକ ଡାକ୍ତରଖାନା ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସୁନ୍ଦର ମୋହନ ସିଂ ମୁଖ୍ୟଅତିଥି, ପଞ୍ଚାୟତ ସମିତି ସଦସ୍ୟ ଦେବଦତ୍ତ ତିଆଡି, ଡାକ୍ତର ଗୋପାଳକୃଷ୍ଣ ମାନ୍ନା ଓ



ଗ୍ରାମ ମୁଖିଆ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ ଯୋଗ ଅଭ୍ୟାସ କରାଯାଇଥିଲା । ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ । ବରିଷ୍ଠ ସହାୟକ ଶରତ କୁମାର ପ୍ରଧାନ, ପ୍ରଜ୍ଞେଶ ପୁହାଣ ଓ ଜୟଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡାକ୍ତରଖାନାର ସିକ୍ୟୁରିଟି, ସାନିଟାରୀ ୱାର୍କର ଓ ଆଶା ଦିଦି ସହଯୋଗ କରିଥିଲେ । ଶେଷରେ ବୃକ୍ଷରୋପଣ କରାଯାଇଥିଲା ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ୍

ବୈଶିଙ୍ଗା, ୨୧।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବେଲାଣପୁରା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲା ଜରୁରିକାଳୀନ



ବିଭାଗ ପକ୍ଷରୁ ପ୍ରାକୃତିକ ବିପଯର୍କ୍ୟୟ ମୁକାବିଲା ସମ୍ପର୍କିତ ମକଡ୍ରିଲ୍ ଆୟୋଜିତ ହୋଇଛି । ଜିଲ୍ଲା ଜରୁରିକାଳୀନ ବିଭାଗ ସହକାରୀ ଜିଲ୍ଲାପାଳ ତାପସ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ରାଜ୍ୟ ପର୍ଯ୍ୟବେକ୍ଷକ ସୁତନୁ କୁମାର ଠାକୁର, ଏନ୍‌ଡିଆରଏଫ୍ ପ୍ରତିନିଧି ଏସ୍‌ଆଇ ବିନୟ କୁମାର, ବେତନଟୀ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ, ପାଟଳିପୁରା ସରପଞ୍ଚ ମମତା ନାଏକ ଓ ଏବିଇଓ ଅପର୍ଣ୍ଣା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସ୍ଥାନୀୟ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଟାଟା ପାୱାର ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ବନ୍ୟାପ୍ରବଣ ପାଟଳିପୁରା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକେ ଏଥିରେ ସକ୍ରିୟ ଭାବେ ଯୋଗ ଦେଇ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ ପୂର୍ବକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

# ମନ୍ତ୍ରୀଡାହିରେ ମିନି ମାରାଥନ



ପୁରୁଣିଆ, ୨୧।୬(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡ଼ିଆ ଗ୍ରାପର ମନ୍ତ୍ରୀଡାହିଠାରେ ୫ କିମି ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମା' ଡାଳଭାଙ୍ଗୀ ଯୁବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଦୁର୍ଯ୍ୟୋଧନ ମହାନ୍ତ, ଶିକ୍ଷକ ଗନ୍ଧମାର୍ଦ୍ଦନ ଦେହୁରୀ, ୱାର୍ଡ ମେମ୍ବର ଲବ ସିଂ, ନନ୍ଦକିଶୋର ମହାନ୍ତ, ସୁଦର୍ଶନ ମହାନ୍ତ ଓ ବିଶ୍ୱଜିତ ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ପୁରୁଷ ବିଭାଗ ମାରାଥନରେ ଯୋଡା ମୁର୍ମୁ ପ୍ରଥମ, ପ୍ରଦୀପ ମୁର୍ମୁ ଦ୍ୱିତୀୟ ଓ ସାଲଖାନ ହେମ୍ବ୍ରମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହିଳା ବିଭାଗରେ ଶକୁନ୍ତଳା ସିଂ ପ୍ରଥମ, ଦିବ୍ୟଶ୍ରୀ ମନ୍ତ୍ରୀ ଦ୍ୱିତୀୟ ଓ ସ୍ୱପ୍ନା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମ୍ୟୁଜିକ ଚେୟାର, ଗଣିତ କଷା, ପହଁରା, ଲମ୍ବଡିଆଁ ଓ ଉଚ୍ଚ ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ଲବର ସଭାପତି ହୃଦାନନ୍ଦ ମହାନ୍ତ, ସମ୍ପାଦକ ଜଟ ହାଁସଦା, ସାକିଲା ହାଁସଦା, ତପନ ମହାନ୍ତ, କାଳୀଚରଣ ମହାନ୍ତ, ଲବ ଟୁଡୁ, କୁଶ ଟୁଡୁ, ମନୋଜ ଟୁଡୁ, କମଲ ମହାନ୍ତ, ତ୍ରିଲୋଚନ ମହାନ୍ତ, ରଘୁ ମୁର୍ମୁ, ସନ୍ତୋଷ ସିଂ ଓ ଟୁନା ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧନପୁରରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ବାରିପଦା, ୨୧।୬(ସମିସ): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍ (ସମସ୍ତ ବ୍ଲକ/ମ୍ୟୁନିସିପାଲଟି/ଏନଏସି) ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂସ୍ଥ ମା' କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିବାବେଳେ ଆଜି ରବିବାର ଶ୍ୟାମାଖୁଣ୍ଟା ବ୍ଲକ ଧନପୁରଠାରେ ଭଞ୍ଜସେନା ଛାତ୍ର ନେତା ଦୀପକ୍ ବେହେରାଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଶୁଭମ୍ ସିଂ, ସଞ୍ଜୟ ମହାନ୍ତ, ରୁଦ୍ର ପଟ୍ଟନାୟକ, ହ୍ରିତିକ୍ ନାଥ, ଅର୍ଜୁନ୍ ପରିଚ୍ଛା, ଶିବାଜୀ ପଣ୍ଡା, ଫାୟାର୍ ମଣ୍ଡଳ, ଶୁଭେନ୍ଦୁ ଭକ୍ତା, ଶ୍ରୀତମ୍ ସେନାପତି, ଦେବାଶିଷ ସାହୁ, ଆନନ୍ଦ ପରିଡ଼ା, ସୁଭାଷିଶ ବେହେରା, ସତ୍ୟଜିତ ସିଂ ପ୍ରମୁଖଙ୍କ ସହିତ ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ ।



# ଭୁବନେଶ୍ୱର ସିଟି



## ପୁଲିସ ଜାଲରେ ଦୁଇ ଜଣିଆ ଛିନ୍‌ତାଇ ଗ୍ୟାଙ୍ଗ୍

**୨୨ ମୋବାଇଲ୍ ଓ ୩ ବାଇକ୍ ଜବତ**

**ନିକଟରେ ଜାମିନରେ ବାହାରିଥିଲେ**

**ବ୍ୟବହାର କରୁଥିଲେ ନକଲି ନମ୍ବର ପ୍ଲେଟ୍**

**ଦୁଇ ଜଣଙ୍କ ନାମରେ ୨ ଡଜନ ମାମଲା**



ଭୁବନେଶ୍ୱର, ୨୧।୬ (ସମିସ): ରାଜଧାନୀରେ ଆତଙ୍କ ଖେଳାଇଥିବା ଛିନତାଇ ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଯାଁଳାର ଦେବାଶିଷ ପୂଜାପଣ୍ଡା (୨୫) ଓ ଖଣ୍ଡଗିରି ବାରିର ରୁଦ୍ର ପ୍ରଧାନ (୨୬)। ସେମାନଙ୍କ ଠାରୁ ମୋବାଇଲ ଫୋନ୍ ଓ ଗାଡ଼ି ଜବତ କରିଛି। ପୁଲିସ ସୂଚନାନୁସାରେ, ଗତକାଲି ପୂର୍ବାହ୍ନରେ ସଜନୀ ମଲ୍ଲିକ ନିଜ ସ୍କୁଟିରେ ଡେଲ୍ଟା ଛକରୁ ଷ୍ଟୁଆର୍ଟ ଛକ ଅଭିମୁଖେ ଯାଉଥିଲେ। ସେହି ସମୟରେ ଦେବାଶିଷ ଓ ରୁଦ୍ର ବାଇକରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲେ। ଉକ୍ତ ବ୍ୟାଗରେ ୨ଟି ମୋବାଇଲ ଫୋନ, ନଗଦ ୧୭ ହଜାର ୮୦୦ ଟଙ୍କା ଓ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଥିଲା। ସଜନୀ ସେମାନଙ୍କୁ ପିଛା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏନେଇ ସଜନୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଦୁଇ ଜଣିଆ ଛିନତାଇ ଗ୍ୟାଙ୍ଗ୍ ସହରର ବିଭିନ୍ନ ସ୍ଥାନରେ ଭ୍ୟାନିଟି ବ୍ୟାଗ୍ ଲୁଟ୍ କରୁଥିବା ସିସିଟିଭି ଫୁଟେଜ ଯାଞ୍ଚରୁ ଜଣାପଡ଼ିଥିଲା। ଆଜି ଷ୍ଟୁଆର୍ଟ ଛକ ନିକଟରେ ଚଢ଼ଉ କରି ଦେବାଶିଷ ପୂଜାପଣ୍ଡା ଓ ରୁଦ୍ରକୁ ଗିରଫ କରିଥିଲା। ସେମାନେ ନେପୁ ଓ ଶୁଭ ସହ ମିଶି ଚୋରି ବାଇକ୍ ଓ ନକଲି ନମ୍ବର ପ୍ଲେଟ୍ ବ୍ୟବହାର କରି ଅପରାଧ ଘଟାଉଥିବା ଜଣାପଡ଼ିଥିଲା। ଦୁଇ ଜଣଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୨୨ଟି ମୋବାଇଲ ଫୋନ ଓ ୩ଟି ଦୁଇ ଚକିଆ ଗାଡ଼ି ଜବତ କରିଥିଲା। ରୁଦ୍ର ନାମରେ ପୂର୍ବରୁ ୧୨ଟି ଓ ଦେବାଶିଷ ନାମରେ ୧୩ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

### ପୋଷ୍ଟମର୍ଟମ ଗୃହ ଆଗରେ ହାଇଡ୍ରାମା

## ଶବ ନେବାକୁ ୨ ପତ୍ନୀ ଓ ପରିବାର ମଧ୍ୟରେ ବିବାଦ

**ଗାଡ଼କଣ ସାଇବିହାର ବସ୍ତିରେ ହତ୍ୟା ଘଟଣାରେ ନୂଆ ମୋଡ଼**

ଭୁବନେଶ୍ୱର, ୨୧।୬ (ସମିସ):

ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଓମ୍ ସାଇ ବିହାର ବସ୍ତିରେ ଶନିବାର ହତ୍ୟାକାଣ୍ଡ ଘଟିଛି। ଠିକାଦାର ସୁଶୀଲ ସିଂ (୫୫)ଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିବା ବେଳେ ପୁଲିସ୍ ଅଭିଯୁକ୍ତ ନୀଳକଣ୍ଠ ମହାନ୍ତି (୪୫)କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମଞ୍ଚେଶ୍ୱର ଥାନା ପୁଲିସ୍ ଏନେଇ ମାମଲା ରୁଜୁ କରି ତଦନ୍ତ କରୁଥିଲାବେଳେ ରବିବାର କ୍ୟାପିଟାଲ ହସ୍ପିଟାଲରୁ ମୃତଦେହ ନେବାକୁ ମୃତ ସୁଶୀଲଙ୍କ ୨ ପତ୍ନୀଙ୍କ ମଧ୍ୟ ବଚସା ହୋଇଥିଲାବା ନଜରକୁ ଆସିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପରକୀୟା ପ୍ରୀତି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ଜୋନ୍ ଏସିପି ବିଶ୍ୱରଞ୍ଜନ ସେନାପତି ସୁଶୀଲ ଅଭିଯୁକ୍ତ ନୀଳକଣ୍ଠର ସ୍ତ୍ରୀ ସହ ସମ୍ପର୍କ ଥିବା ସନ୍ଦେହ କରିବା ପରେ ସୁଶୀଲକୁ ଜଗି ରହି ଛୁରା ମାଡ଼ କରିଥିଲା। ଶନିବାର ପୂର୍ବାହ୍ନରେ ସୁଶୀଲ ସ୍ଥାନୀୟ ସାଇ, ମଙ୍ଗଳା ଓ ଶିବ ମନ୍ଦିରରୁ ଫେରୁଥିଲାବେଳେ ଏହି ଆକ୍ରମଣ ହୋଇଥିଲା। ଆହତ ଅବସ୍ଥାରେ ସୁଶୀଲ ଘର ଆଡ଼କୁ ଦୌଡ଼ି ପଳାଇଥିଲେ। କିନ୍ତୁ ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ପରେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇ ପୋଷ୍ଟମର୍ଟମ୍ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥିବାବେଳେ ହତ୍ୟାରେ ବ୍ୟବହୃତ ଛୁରୀକୁ ଜବତ କରାଯାଇଛି। ସେପଟେ ଏହି ହତ୍ୟା ଘଟଣା ଆଉ ଏକ ନୂଆ ମୋଡ଼ ସାମ୍ନାକୁ ଆସୁଛି। ସୁଶୀଲଙ୍କ ଦୁଇଟି ପତ୍ନୀ ଥିବା ଜଣାପଡ଼ିଛି। ପ୍ରଥମ ପତ୍ନୀ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନିରେ ଏକ ପୁଅ ଓ ଝିଅ ସହ ରହୁଥିବାବେଳେ ଦ୍ୱିତୀୟ ପତ୍ନୀ ସରୋଜିନୀ ସିଂ ଗାଡ଼କଣ ସାଇବିହାରରେ ଝିଅ ସହ ରହୁଥିଲେ। ରବିବାର ପୋଷ୍ଟମର୍ଟମ୍ ପରେ ମୃତଦେହ ହସ୍ତାନ୍ତର କରିବା ନେଇ ୨ ପତ୍ନୀଙ୍କ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହ ଆଗରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ପ୍ରଥମ ପତ୍ନୀ ମୃତଦେହ ନେବାକୁ ଦାବି କରୁଥିବାବେଳେ ଦ୍ୱିତୀୟ ପତ୍ନୀ ସରୋଜିନୀ ମଧ୍ୟ ସମାନ ଦାବି କରୁଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ୍ ହସ୍ତକ୍ଷେପ କରି ପରିସ୍ଥିତି ନିୟନ୍ତ୍ରଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତ ନୀଳକଣ୍ଠ ଓମ୍ ସାଇ ବିହାରର ସରକାରୀ ସୁଲଭ ଆବାସ ଯୋଜନା ଅଧୀନରେ ବ୍ଲକ୍-୧୧, ଫ୍ଲାଟ୍ ୧୧/୫ରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଅଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀ ମହିଳା ଥାନାରେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ନୀଳକଣ୍ଠ ଜେଲ୍ ମଧ୍ୟ ଯାଇଥିଲେ। କିଛିଦିନ ପୂର୍ବେ ସେ ଜେଲରୁ ଫେରିଥିଲେ ବୋଲି ପୁଲିସ୍ ସୂଚନା ଦେଇଛି।

### ଜାଲ୍ ସାର୍ଟିଫିକେଟରେ ନିଯୁକ୍ତି

## ବନ୍ଧା ହେଲେ ସହାୟକ ରାଜସ୍ୱ ନିରୀକ୍ଷକ

ଭୁବନେଶ୍ୱର, ୨୧।୬ (ସମିସ): ଜାଲ୍ ସାର୍ଟିଫିକେଟ ଦେଇ ସରକାରୀ ଚାକିରିରେ ନିଯୁକ୍ତି ପାଇବା ମହଙ୍ଗା ପଡ଼ିଛି। ଜାଲିଆତି ସାମ୍ନାକୁ ଆସିବା ପରେ ଏଆରଆଇଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଗୋପ ତହସିଲ ଅଧିନସ୍ଥ ନାଗପୁର ଆରଆଇ ସର୍କଲର ସହ ସହାୟକ ରାଜସ୍ୱ ନୀରିକ୍ଷକ ଶିବପ୍ରସାଦ ରଥ (୩୩)।



ପୁଲିସ ସୂଚନାନୁସାରେ, ଶିବପ୍ରସାଦ ନାଗପୁର ସର୍କଲର ଏଆରଆଇ ଭାବେ କାମ କରୁଥିବା ବେଳେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ସୁପାରିଶ କ୍ରମେ ଗୃହ ବିଭାଗରେ ଜୁନିୟର ଏକ୍ଜିକ୍ୟୁଟିଭ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶିବପ୍ରସାଦ ମଧ୍ୟ ସଂପୃକ୍ତ ପଦବୀ ପାଇଁ ଆବେଦନ କରି ଅସ୍ଥାୟୀ ଭାବେ ଚୟନ ହୋଇଥିଲେ। ସେ ଉତ୍ତର ପ୍ରଦେଶସ୍ଥିତ ମୋନାଡ୍ ୟୁନିଭର୍ସିଟିରୁ ଏମସିଏ ପାଠ୍ୟକ୍ରମ ପଢ଼ିଥିବାର ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ସାର୍ଟିଫିକେଟର ସତ୍ୟତା ଯାଞ୍ଚ ପାଇଁ ମୋନାଡ୍ ୟୁନିଭର୍ସିଟି ଓ ଉତ୍ତର ପ୍ରଦେଶର ହାପୁର ପୁଲିସର ସହଯୋଗ ନିଆଯାଇଥିଲା। ହେଲେ ଶିବପ୍ରସାଦ ମୋନାଡ୍ ୟୁନିଭର୍ସିଟିରେ ପଢ଼ି ନଥିବା ଯାଞ୍ଚ ପ୍ରକ୍ରିୟାରୁ ଜଣାପଡ଼ିଥିଲା। ସେ ଦାଖଲ କରିଥିବା ପ୍ରମାଣପତ୍ରଗୁଡ଼ିକ ଜାଲିଆତି ଓ ଠକେଇ ଉଦ୍ଦେଶ୍ୟରେ ପ୍ରସ୍ତୁତ କରିଥିବା ଜାଣିବା ପରେ ଗୃହ ବିଭାଗର ଉପ ସଚିବ ପ୍ରଦୀପ କୁମାର ବେହେରା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଆଜି ଶିବପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ଗୃହ ବିଭାଗର ବିଭିନ୍ନ ଚିଠିପତ୍ର, ଯାଞ୍ଚ ରିପୋର୍ଟ ଓ ଶିକ୍ଷାଗତ ଦଲିଲପତ୍ର ଜବତ କରାଯାଇଥିଲା। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୁରୀ ଜିଲ୍ଲାର ଗୋପ ତହସିଲ ଅନ୍ତର୍ଗତ ନାଗପୁର ଆର.ଆଇ. ସର୍କଲ ଅଞ୍ଚଳରୁ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ଶିବପ୍ରସାଦଙ୍କ ନିକଟରୁ ମୋନାଡ୍ ୟୁନିଭର୍ସିଟି ନାମରେ ପ୍ରସ୍ତୁତ ଲାମିନେଟେଡ୍ ବିସିଏ ସାର୍ଟିଫିକେଟ, ମାଇଗ୍ରେସନ ସାର୍ଟିଫିକେଟ ଓ ପ୍ରୋଭିଜନାଲ ସାର୍ଟିଫିକେଟ ମଧ୍ୟ ଜବତ କରାଯାଇଥିଲା।

## ପ୍ରଭାତ ହତ୍ୟା ଘଟଣାରେ ଆଉ ଜଣେ ଗିରଫ

ହଂସପାଳ,୨୧।୬(ସମିସ): ପ୍ରଭାତ ହତ୍ୟାକାଣ୍ଡ ଘଟଣାରେ ଅଭିଯୋଗକାରୀ ବିଷ୍ଣୁ ଚରଣ ବେହେରାଙ୍କ ଲିଖିତ ରିପୋର୍ଟ ଆଧାରରେ ପାହାଳ ଥାନା ପୁଲିସ ଫୁଲନଖରା ମେଳକ ସାହିର ବିଶ୍ୱରଞ୍ଜନ ସାହୁ ଓରଫ ରାଜା (୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ସୂଚନା ଅନୁସାରେ ଗତ ୧୬ ତାରିଖ ରାତି ରେ ମୃତକ ପ୍ରଭାତ ବେହେରା (ଜଗା)ଙ୍କୁ ଚାକିରି ଏବଂ ବକେୟା ଦରମା ସମ୍ପର୍କିତ ଆଲୋଚନା କରିବା ବାହାନାରେ କିଛି ପରିଚିତ ବ୍ୟକ୍ତି ଘରୁ ଡାକି ନେଇଥିଲେ। ପରବର୍ତ୍ତୀ ସମୟରେ ସିନର୍ଜି କଲେଜ ନିକଟସ୍ଥ କେନାଲ ପାଶ୍ୱର୍ରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଅଭିଯୋଗ ଅନୁସାରେ ଅଭିଯୁକ୍ତମାନେ ଷଡଯନ୍ତ୍ର କରି ପ୍ରଭାତଙ୍କୁ ହତ୍ୟା କରିବା ପରେ ମୃତଦେହକୁ ସେଠାରେ ପକାଇ ଚାଲିଯାଇଥିଲେ। ତଦନ୍ତ ସମୟରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ଯାଞ୍ଚ କରିଥିଲେ। ମୃତଦେହର ଇନକ୍ୱେଷ୍ଟ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମୃତକଙ୍କ ବ୍ୟବହୃତ ମୋଟରସାଇକେଲ ମଧ୍ୟ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଘଟଣା ଦିନ ରାତ୍ରିରେ ମୃତକ ପ୍ରଭାତ ବେହେରା ଏବଂ ସାକ୍ଷୀ କୁନୁ ଭୋଇ ଅନନ୍ତପୁର ସ୍ଥିତ ଏକ ମଦ ଦୋକାନକୁ ଯାଇଥିଲେ। ସେଠାରେ ସେମାନଙ୍କର ଅଭିଯୁକ୍ତମାନଙ୍କ ସହ ଦେଖା ହୋଇଥିଲା ଏବଂ ପରେ ସମସ୍ତେ ସିନର୍ଜି କଲେଜ ବ୍ରିଜ ନିକଟ ଅଞ୍ଚଳକୁ ଯାଇଥିଲେ। ମଦ୍ୟପାନ ପରେ ଅଭିଯୁକ୍ତମାନେ ବିୟର ବୋତଲ ଏବଂ ଅନ୍ୟାନ୍ୟ ଉପାୟରେ ମୃତକଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ, ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ସାକ୍ଷୀ କୁନୁ ଭୋଇଙ୍କୁ ମଧ୍ୟ ଧମକ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରଭାତ ଆଘାତ ଯୋଗୁଁ ପ୍ରାଣ ହରାଇଥିଲେ। ତଦନ୍ତ ସମୟରେ ସହଅଭିଯୁକ୍ତ ନାରାୟଣ ନାୟକ ଓରଫ ଆଦି ଏବଂ ବିଶ୍ୱଜିତ ବେହେରା ଓରଫ୍ ଜିତଙ୍କୁ ପୂର୍ବରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ଅଭିଯୁକ୍ତ ବିଶ୍ୱରଞ୍ଜନ(ରାଜା)ଙ୍କ ସମ୍ପୃକ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ଚଢାଉ କରାଯାଇ ବିଶ୍ୱରଞ୍ଜନଙ୍କୁ କାବୁ କରାଯାଇଥିଲା। ଅନ୍ୟ ଫେରାର ଅଭିଯୁକ୍ତ ମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଅଶ୍ୱିନୀ ଜେନା କହିଛନ୍ତି।

## ଯୁବକଙ୍କୁ ମାଡ଼ମାରି ସୁନା ଚେନ୍ ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର, ୨୧।୬ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ କରିବା ସହ ସୁନା ଚେନ୍ ଲୁଟି ନେଇଛନ୍ତି। ପୋଖରୀପୁଟ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ

**ଖଣ୍ଡା ଓ ଗୁଳି ଜବତ**



ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାତ୍ରପଡ଼ା ଉଦୟଗିରି ବିହାରର ଅଭିଜିତ ସାମନ୍ତରାୟ (୨୩) ଓ ନିଆଳିର ଅଜୟ ବାରିକ (୨୦)। ପୁଲିସ ସୂଚନାନୁସାରେ, ଦୀପକ ସାହୁ ଓ କାହ୍ନା ମଧ୍ୟରେ ଟଙ୍କା କାରବାରକୁ ନେଇ ବିବାଦ ଲାଗି ରହିଥିଲା। ଗତକାଲି ସନ୍ଧ୍ୟାରେ ଦୀପକ ପୋଖରୀପୁଟ ଆକ୍ସିସ୍ ବ୍ୟାଙ୍କ ସାମ୍ନାରେ ଥିବା ଫୁଡ୍ କୋର୍ଟରେ ଜଳଖିଆ ଖାଉଥିବା ବେଳେ କାହ୍ନା, ଅଭିଜିତ, ଅଜୟ ଓ ସହଯୋଗୀମାନେ କଳା ରଙ୍ଗର କାରରେ ଆସି ପହଞ୍ଚିଥିଲେ। ୫ ଜଣ ଯାକ ମିଶି ଦୀପକଙ୍କୁ ମାଡ଼ ମାରିବା ସହ ଜବରଦସ୍ତି କାର ଭିତରକୁ ଉଠାଇ ନେଇଥିଲେ। କାର ଭିତରେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇ ଭୟଭୀତ କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ନ ଜଣାଇବାକୁ ଚେତାବନୀ ଦେଇଥିଲେ। ଏହାରି ଭିତରେ ଦୀପକଙ୍କ ବେକରୁ ସୁନା ଚେନ୍ ମଧ୍ୟ ଛଡ଼ାଇ ନେଇଥିଲେ। ଏନେଇ ଦୀପକ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଜାଗମରାରେ ଚଢ଼ଉ କରି ଅଭିଜିତ ଓ ଅଜୟକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଖଣ୍ଡା ଓ ଜୀବନ୍ତ ଗୁଳି ଜବତ କରିଥିଲା।

## ଓମନିକନ'ର ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୨୧।୬(ସମିସ): ଓମନିକନ'ର ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଇଏମଏ ହାଉସ ଠାରେ ଉଦ୍‌ଯାପିତ ହୋଇଛି। ମେଦବହୁଳତା, ମାନସିକ ସ୍ୱାସ୍ଥ୍ୟ, ପୁଷ୍ଟିକର ଓ ପୋଷଣକୁ ନେଇ ହେଉଥିବା ରୋଗ ଉପରେ ଏଥିରେ ଆଲୋଚନା ଓ ଚର୍ଚ୍ଚା ହୋଇଥିଲା। ଏହି ସମ୍ମିଳନୀରେ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯୋଗଦେଇ ଏସବୁ ସ୍ୱାସ୍ଥ୍ୟ ସମସ୍ୟା ଓ ଆଧୁନିକ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏବେକାର ଜୀବନଶୈଳୀରେ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ଆହ୍ୱାନକୁ ଚିକିତ୍ସା ଦ୍ୱାରା ଦୂର କରିବା ସହ ଏହାର ପ୍ରତିରୋଧ ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ଡା. ଦୁର୍ଗା ମାଧବ ଶତପଥୀ, ସମ୍ମାନୀତ ଅତିଥି ଭାବେ ନୂଆଦିଲ୍ଲୀ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କ୍ଷମତାପ୍ରାପ୍ତ ନିର୍ଦ୍ଦେଶକ ଡା. ବିନୋଦ କୁମାର ପାତ୍ର, ପରିଚାଳନା ସମ୍ପାଦକ ଡା. ମହେଶ ରଥ ଓ ସହପରିଚାଳନା ସମ୍ପାଦକ ଡା. ଧୂର୍ଜଟି ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ସମ୍ପର୍କରେ ମତ ଦେଇଥିଲେ।

### ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୨୧।୬(ସମିସ): ସମୟ ସୁଅରେ ଯେପରି କିଛି ସ୍ମୃତି ସବୁବେଳେ ମନରେ ଘର କରି ରହିଯାଏ, ଠିକ୍ ସେହିଭଳି କିଛି ପୁରୁଣା ସିନେମା ମଧ୍ୟ ମନରେ ଛପି ଯାଇଥାଏ। ଏପରି ଅନେକ ଓଡିଆ ଚଳଚ୍ଚିତ୍ର ରହିଛି ଯାହା ଆଜିବି ଲୋକଙ୍କୁ ସେଥିରେ ଥିବା କଳାକାର ଏବଂ ତାଙ୍କ ଅଭିନୟକୁ ଚର୍ଚ୍ଚାର ବିଷୟ ବାରମ୍ବାର ଆଣିବାକୁ ବାଧ୍ୟକରେ। କାରଣ ସେହିସବୁ କାଳଜୟୀ ସିନେମାକୁ କେବେ ଭୁଲି ହେବନି। ସେଥିରେ ଥିବା କଳାକାର ହିଁ ଚଳଚ୍ଚିତ୍ରର ଲୋକପ୍ରିୟତା ବଢାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଠିକ୍ ସେହିଭଳି ଏକ ଚଳଚ୍ଚିତ୍ର ହେଉଛି 'ବୋହୂ ହେବ ଏମିତି'।

ଓଡିଆ ସିନେମାର ସୁବର୍ଣ୍ଣ ଯୁଗର କିଛି ଅଭୁଲା ମୁହୂର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ଦେକିବାକୁ ମିଳିଥିଲା।। ୧୯୮୮ ମସିହାରେ କ୍ଲାସିକ ଓଡିଆ ଚଳଚ୍ଚିତ୍ର 'ବୋହୂ ହେବ ଏମିତି'ର ଏହି ଦୃଶ୍ୟ। ସେହି ସମୟରେ ନମ୍ରତା ଦାସ ଏବଂ ଦୁଃଖୀରାମଙ୍କ ଅଭିନୟ ଆଜି ବି ମନରେ ସତେଜ। ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲା ବିଜୟ ଭାସ୍କର ଏବଂ ପ୍ରଶାନ୍ତ ନନ୍ଦ ସଂଳାପ ଲେଖିବା ସହ ଅଭିନୟ ବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱତା ରାୟ, ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ଜୟୀରାମ ସାମଲ ପ୍ରମୁଖ ରହିଥିଲେ।

## ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ବିଶ୍ୱ ସଙ୍ଗୀତ ଦିବସ'

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆଜି "ବିଶ୍ୱ ସଙ୍ଗୀତ ଦିବସ' ପାଳିତ ହୋଇଛି। ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, କଣ୍ଠଶିଳ୍ପୀ ତୃପ୍ତି ଦାସ, ପୂର୍ବତନ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧୁଲିତା ପରିଡ଼ା ଜୟଦେବଙ୍କ ରଚିତ ଗୀତଗୋବିନ୍ଦର "ସଖୀ ହେ କେସି ମଥନ ମୁଦାରମ୍', ସୁନୀତା ରାଣୀ ବିଶ୍ୱାଳ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ରଚିତ "ଭବାନୀ ଅଷ୍ଟକମ୍', ଗୋପାଳକୃଷ୍ଣ ନାହାକ ରାଗ କିରବାଣୀ ଓ ତାଳ ଏକତାଳିରେ ଓଡ଼ିଶୀ ସଙ୍ଗୀତ, ଗୁରୁ ଡ଼. ଜଗନ୍ନାଥ କୁଅଁର ଏକକ ମର୍ଦ୍ଦଳ ବାଦନ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ଛାତ୍ରଛାତ୍ରୀମାନେ ସମବେତ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡା. ବିଜୟ ମିଶ୍ରଙ୍କ ରଚିତ ନାଟକକୁ ନେଇ ଶ୍ରୁତି ନାଟକ ଉତ୍ସବ



ଭୁବନେଶ୍ୱର, ୨୧।୬(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ ଡା. ବିଜୟ ମିଶ୍ରଙ୍କ ରଚିତ ନାଟକକୁ ନେଇ ରବିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଶ୍ରୁତି ନାଟକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଟକରେ ସ୍ଥାନ, କାଳ ଓ ପାତ୍ରଙ୍କ ସମନ୍ୱୟ ଏବଂ ନାଟ୍ୟଘଟଣାର ସମୟକ୍ରମିକ ସଜ୍ଜୀକରଣର ଗୁରୁତ୍ୱ ଉପରେ ମତ ପ୍ରକାଶ ପାଇଥିଲା। ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟକ ତରୁଣକାନ୍ତି ରାଉତ, ନାଟ୍ୟ ସମୀକ୍ଷକ ଡା. ବିଜୟ ଚୌଧୁରୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଉପସ୍ଥିତ ରହି ଶ୍ରୁତି ନାଟକର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡା. ଚନ୍ଦ୍ରଶେଖର ହୋତା ଉତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିବାବେଳେ ଓଡ଼ିଶା ନାଟ୍ୟ ସଂଘର ସଂପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କ୍ୟାନସାସ୍, ପାରାଦୀପ ପକ୍ଷରୁ "ତା'ରି ଲାଗି', ଶୋଭା ଓ କଳାକାର, ବାଲେଶ୍ୱର ପକ୍ଷରୁ "ଲାଷ୍ଟ ଟ୍ରେନ୍', ସ୍ୱର, ସମ୍ବଲପୁର ପକ୍ଷରୁ "ଏକଦା ଲାବଣ୍ୟ' ଏବଂ ଦମୟନ୍ତୀ କଳା ପରିଷଦ, କୋଟପାଡ଼ ପକ୍ଷରୁ "ଯନ୍ତା' ଶ୍ରୁତି ନାଟକ ପରିବେଷିତ ହୋଇଥିଲା। ଶେଷରେ ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ନାଟ୍ୟପ୍ରେମୀ, ସାହିତ୍ୟକ ଯୋଗଦେଇଥିଲେ।

### ଜୀବନର କେତେ ରଙ୍ଗ

## ବାଧା ଦେଇନି ବୟସ, କାଠ କାମରେ ବିତୁଛି ଦିନ

ଭୁବନେଶ୍ୱର,୨୧।୬(ସମିସ): ଯେତେ ଯାଏଁ ହାତ ଚାଲିଥିବ ସେତେ ଯାଏଁ କାମ ବି ଚାଲିଥିବ। ଏକା ମୁଁ ନୁହଁ ମୋର ୪ ପିଢି କି ତା ଠୁ ଅଧିକ ଏହି କାମରେ ନିୟୋଜିତ ଥିଲେ। ବୟସ ସିନା ୭୦ ଛୁଇଁବ ହେଲେ କାମ ମୋର ହାତ ଚାଲିଲା ଯାଏଁ ଚାଲୁଥିବ ବୋଲି କାଠକୁ ନେଇ ଜିବୀକା କରୁଥିବା ରବିନ୍ଦ୍ର ମହାରଣା କହିଛନ୍ତି। କାରଣ ସେସବୁ କାଠ ଦୀର୍ଘ ବର୍ଷ ଯାଏଁ ଚାଲେ। କିନ୍ତୁ ଆଜିକାଲିର ସମୟରେ ଲୋକ କମ ଦାମରେ ପ୍ଲାଏ ଓ ଫାଇବରରେ ବିଭିନ୍ନ ଡିଜାଇନର ଜିନିଷ ପ୍ରସ୍ତୁତ କରିବାକୁ ପସନ୍ଦ କରୁଛନ୍ତି। କାରଣ ସେସବୁ ଦେଖିବାକୁ ଆଖି ଦୁର୍ଷିଆ ଲାଗେ। ସେ କାଳରେ ସବୁଠୁ ଅଧିକା ବାହାଘର ଋତୁରେ କାମ ମିଳେ।



ଏ ହେଉଛନ୍ତି ଖଣ୍ଡଗିରି ଛକ ନିକଟରେ କାଠ କାମ କରୁଥିବା ରବିନ୍ଦ୍ର ମହାରଣା। ଘର ଯାଜପୁର ହେଲେ ୪୦ ବର୍ଷ ହେବ ରାଜଧାନୀରେ ଆସି କାମ କଲେଣି। ସକାଳ ୧୦ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ତାଙ୍କ କାମ ଚାଲୁଥାଏ। ଏହି କାଠ କାମ କେବଳ ଯେ ତାଙ୍କ ଜୀବିକା ବା ରୋଜଗାରର ମାଧ୍ୟମ ନୁହଁ ଏହି କାମ ତାଙ୍କୁ ଖୁସି ମଧ୍ୟ ଦେଇଥାଏ। ସେ ସମୟରେ କାଠରୁ ବିଭିନ୍ନ ଉପକରଣ ପ୍ରସ୍ତୁତ କରି ସେ ଦିନକୁ ୩୦୦ ଟଙ୍କା ରୋଜଗାର କରୁଥିଲେ। ତାହା ଏବେ ୬୦୦ରେ ପହଁଚିଛି ବୋଲି ସେ କୁହନ୍ତି। ସେଇଥିରେ ହିଁ ତାଙ୍କ ଘର ଚଳେ। ଦିନ ଥିଲା ଲୋକ ଘରେ କାଠର ପ୍ରସ୍ତୁତ ଉପକରଣ ହିଁ ବ୍ୟବହାର କରୁଥିଲେ। ସମୟ ସହ ଧିରେ ଧିରେ ଏବେ ପରିବର୍ତ୍ତନ ଆସିଲାଣି। ଲୋକ ଏବେ ପ୍ଲାଏ ଓ ଫାଇବରର ଜିନିଷ ଅଧିକା ବ୍ୟବହାର କରୁଛନ୍ତି। କିନ୍ତୁ ରବିନ୍ଦ୍ର ତାଙ୍କ ଏତେ ବର୍ଷର ଅନୁଭୂତି କୁ ନେଇ କହିଲେ କି ଆଗ ଅପେକ୍ଷା ଏବେ କାମ କମିଲାଣି କହିଲେ ଚଳେ। ସେ ସମୟରେ ଲୋକ ଖଟଠୁ ଚୌକାଠ, ଆଲଣା, ବାକ୍ସ, ଟେବୁଲ ଆଦି ସବୁ କିଛି କାଠରେ ହିଁ ତିଆରି କରଉଥିଲେ। ସେ ପୁଣି ଆକାଶୀଆ ଓ ଶାଗୁଆନ ଭଳି କାଠରେ ହେଉଥିଲା। କାରଣ ଝିଅ ବାହାଘରରେ ଆଗରୁ ଶାଗୁଆନ ଓ ଆକାଶୀଆ ଖଟ, ଆଲଣା ଆଦି କାଠରେ ଯାଇ ତିଆରି କରିବା ପାଇଁ ବରାଦ ଆସୁଥିଲା। କାହିଁ ସେସବୁ ଆଉ ଦେଖିବାକୁ ମିଳୁନି ବୋଲି ସେ କହିଛନ୍ତି। ଏବେ ଆଉ ଏକ ନୂଆ ଧାରା କାମରେ ପ୍ରଭାବ ପକାଉଛି। ଆଜିକାଲି ସମସ୍ତେ ଅନଲାଇନ ଜିନିଷକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଯେଉଁଥିରେ କାଠ ବଦଳରେ ଫାଇବର, ପ୍ଲାଷ୍ଟିକ ଓ ପ୍ଲାଏ ଜିନିଷ ଅଧିକ କିଣୁଛନ୍ତି। ଫଳରେ ତାଙ୍କ ପାଖକୁ ଆଗ ଭଳି କାମ ଆସୁନାହିଁ।

# ଡାକ୍ତରଖାନାରେ ସାର୍ବଜନୀନ ଶୌଚାଳୟ ବନ୍ଦ

## ରୋଗୀ ଓ ପରିଜନ ହନ୍ତସନ୍ତ



ଯୋଡ଼ା, ୨୧।୬(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ାସ୍ଥିତ କମାରଯୋଡ଼ା ସରକାରୀ ଡାକ୍ତରଖାନା ପରିସରରେ ଥିବା ସାର୍ବଜନିକ ଶୌଚାଳୟ ଦୀର୍ଘଦିନ ଧରି ବନ୍ଦ ପଡ଼ି ରହିଥିବାରୁ ରୋଗୀ ଓ ସେମାନଙ୍କ ପରିଜନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସହଯୋଗୀମାନେ ଏହି ସମସ୍ୟାରେ ଅଧିକ ପୀଡ଼ିତ ହେଉଛନ୍ତି।

ସୂଚନା ଅନୁସାରେ, ଡାକ୍ତରଖାନାରେ ଭର୍ତ୍ତି ଥିବା ରୋଗୀଙ୍କ ପାଇଁ ଅଲଗା ଶୌଚାଳୟ ବ୍ୟବସ୍ଥା ଥିଲେ ମଧ୍ୟ, ଓପିଡିକୁ ଆସୁଥିବା ରୋଗୀ ଓ ସେମାନଙ୍କ ପରିଜନଙ୍କ ପାଇଁ କୌଣସି ବିକଳ୍ପ ସୁବିଧା ନାହିଁ। ଫଳରେ ଡାକ୍ତରଖାନାକୁ ଆସୁଥିବା ଅନେକ ଲୋକ ଶୌଚାଳୟ ଅଭାବରେ ନାନାପ୍ରକାର ହୀନସ୍ତା ହେଉଛନ୍ତି। ବିଶେଷକରି ମହିଳା, ବୃଦ୍ଧ ଓ ଶିଶୁମାନଙ୍କ ପରିଜନଙ୍କ ପାଇଁ ଏହା ଅଧିକ କଷ୍ଟଦାୟକ ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉକ୍ତ ଶୌଚାଳୟଟି ନଗରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଚଳ ହୋଇ ବନ୍ଦ ପଡ଼ିଛି। ଫଳସ୍ୱରୂପ ଡାକ୍ତରଖାନା ପରିସରକୁ ଆସୁଥିବା ଲୋକମାନଙ୍କୁ ବାଧହୋଇ ଖୋଲା ସ୍ଥାନକୁ ଯିବାକୁ ପଡୁଛି, ଯାହା ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଦୃଷ୍ଟିରୁ ମଧ୍ୟ ଗୁରୁତର ଚିନ୍ତାର ବିଷୟ ହୋଇପଡ଼ିଛି। ଏନେଇ ଯୋଡ଼ା ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି ଯେ ମାମଲା ସମ୍ପର୍କରେ ସେ ଅବଗତ ଅଛନ୍ତି ଏବଂ ଶୌଚାଳୟଟିକୁ ପୁନଃ ଚାଲୁ କରିବା ପାଇଁ ସମ୍ପର୍କିତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ରୋଗୀ ଓ ପରିଜନଙ୍କ ଅସୁବିଧା ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକ ଓ ଡାକ୍ତରଖାନା ଆସୁଥିବା ରୋଗୀଙ୍କ ପରିଜନମାନେ ଶୌଚାଳୟଟିକୁ ଶୀଘ୍ର ଚାଲୁ କରିବା ସହ ଡାକ୍ତରଖାନା ପରିସରରେ ଆବଶ୍ୟକ ମୌଳିକ ସୁବିଧା ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବଡ଼ବିଲ ହାଟ ପଡ଼ିଆ କାହା ପାଇଁ?

## କ୍ଷୁଦ୍ର ଚାଷୀଙ୍କ ପାଇଁ ସ୍ଥାନ ନାହିଁ

ବଡ଼ବିଲ, ୨୧।୬(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳରେ ଥିବା ହାଟ ପଡ଼ିଆ ମୂଳତଃ ଖଣି ଅଞ୍ଚଳ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମାଞ୍ଚଳର କ୍ଷୁଦ୍ର ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ବର୍ତ୍ତମାନ ସେମାନଙ୍କୁ ସେଠାରେ ସ୍ଥାନ ମିଳୁ ନଥିବା ଅଭିଯୋଗ ଉଠିଛି। ଚାଷୀମାନେ ନିଜ ଖେତରେ ଉତ୍ପାଦିତ ବିଭିନ୍ନ ପ୍ରକାରର ପନିପରିବା, କ୍ଷୀର, ଦହି, ମାଛ ଆଦି ବିକ୍ରି କରିବା ପାଇଁ ବଡ଼ବିଲ ଆସୁଥିବା ବେଳେ ହାଟ ପଡ଼ିଆରେ ଜାଗା ନ ପାଇ ରାଜରାସ୍ତା କଡ଼ରେ ପସରା ମେଲି ବ୍ୟବସାୟ କରୁଥିବା ଦେଖାଯାଉଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହାଟ ପଡ଼ିଆରେ କିଛି ତେଜରାତି ବ୍ୟବସାୟୀ ଓ ବଡ଼ ବଡ଼ ପରିବା ବ୍ୟବସାୟୀ ସ୍ଥାୟୀ ଭାବେ ଦୋକାନ କରି ରହିଥିବାରୁ କ୍ଷୁଦ୍ର ଚାଷୀମାନେ ସ୍ଥାନ ପାଉନାହାନ୍ତି। ଫଳରେ ସେମାନେ ବାଧ ହୋଇ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଛନ୍ତି, ଯାହା ଏକପଟେ ଯାତାୟାତ ସମସ୍ୟା ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ଚାଷୀମାନଙ୍କ ପାଇଁ ଅସୁବିଧାର କାରଣ ପାଲଟିଛି। ସାଧାରଣରେ ପ୍ରଶ୍ନ ଉଠୁଛି ଯେ ହାଟ ପଡ଼ିଆ ଯଦି କ୍ଷୁଦ୍ର ଚାଷୀ ଓ ସ୍ଥାନୀୟ ବିକ୍ରେତାଙ୍କ ପାଇଁ ହୋଇଥାଏ, ତେବେ ସେମାନଙ୍କୁ ସେଠାରେ ପ୍ରାଥମିକତା କାହିଁକି



ମିଳୁନାହିଁ? ପୌର ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ହାଟ ପଡ଼ିଆର ସୁବ୍ୟବସ୍ଥା କରିବା ସହ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ କରିବାକୁ ଦାବି ହେଉଛି।

# ରାଜ୍ୟ ସରକାରଙ୍କ ପାଟଣା ବ୍ଲକ୍‌ସ୍ତରୀୟ ୨ ବର୍ଷ ପୂର୍ତ୍ତି ଉତ୍ସବ

ତୁରୁମୁଙ୍ଗା, ୨୧।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ପାଟଣା ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବୀଣାପାଣି





ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ସମିତି ସଭ୍ୟ ବିଶ୍ୱନାଥ ନାଏକ ଓ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରକାରୀ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ଷ୍ଟଲ, କୃଷି, ଉଦ୍ୟାନ କୃଷି, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଶିଶୁ ବିକାଶ, ପଞ୍ଚାୟତିରାଜ, ଜଳ ଓ ପରିମଳ ବିଭାଗ ସମେତ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ ଯୋଜନା ଓ ସେବା ସମ୍ପର୍କିତ ସୂଚନା ପ୍ରଦର୍ଶିତ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରି ଆତ୍ମନିର୍ଭରଶୀଳତାର ପରିଚୟ ଦେଇଥିଲେ। ଏହି ଅବସରରେ ୨୬୩ ଜଣ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟ ମୋବାଇଲ ଫୋନ ବଣ୍ଟନ କରାଯାଇଥିବା ବେଳେ ୩୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଅନ୍ନପୂର୍ଣ୍ଣା ଯୋଜନାରେ ୫୦ ଜଣଙ୍କୁ ରାସନ କାର୍ଡ, ୨୦ ଜଣଙ୍କୁ ଶ୍ରମକାର୍ଡ, ୭୨ ଜଣଙ୍କୁ ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ ୪ ଜଣ ମାଛ ଚାଷୀଙ୍କୁ ଜାଲ, ବନ ବିଭାଗ ପକ୍ଷରୁ ୫ ଜଣ ହାତୀ ଉପଦ୍ରବ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଷ୍ଟିଲ ଡ୍ରମ ସହ ଚୁଲି, ୫୦ ଜଣଙ୍କୁ ଜମି ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା। ୫ଟି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବହୁ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

## କୈରାଲି କଲେଜ ଅଫ ନର୍ସିଂ







ଚମ୍ପୁଆ, ୨୧।୬(ସମିସ): ଚମ୍ପୁଆସ୍ଥିତ କୌରାଲି କଲେଜ ଅଫ ନର୍ସିଂରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜର ଚେୟାରମେନ ପିଏସ ରାଇମୋହନ, ପ୍ରିନ୍ସିପାଲ ବିକେ ଭାରତୀ, ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରାଯାଇଥିଲା। କଲେଜ କର୍ତ୍ତୃପକ୍ଷ କହିଥିଲେ ଯେ ନିୟମିତ ଯୋଗ ଅଭ୍ୟାସ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସକାରାତ୍ମକ ଜୀବନଶୈଳୀ ଗଢ଼ି ତୋଳିବାରେ ସହାୟକ ହୋଇଥାଏ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଦୈନନ୍ଦିନ ଯୋଗକୁ ସାମିଲ କରିବାକୁ ଆହ୍ୱାନ ଜଣାଯାଇଥିଲା।

### ହାଟଡ଼ିହୀ ବ୍ଲକ୍

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ପରିସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାରଙ୍କ ସଂଯୋଜନାରେ ଏବଂ ଯୋଗ ପ୍ରଶିକ୍ଷକ ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରାଣାୟାମ୍ ଆଦି ଶାରୀରିକ ବ୍ୟାୟାମ୍ ଉପରେ ଶିକ୍ଷା ଦିଆଯାଇଥିଲା। ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ଏବିଡ଼ିଓ ରଶ୍ମିରେଖା ନାଏକ, ଅତିରିକ୍ତ ସହକାରୀ ଯନ୍ତ୍ରୀ ମୋନାଲିସା ନାୟକ, ବରିଷ୍ଠ ସହାୟକ ପ୍ରତାପ ବୈଠା, ବ୍ଲକ୍ ସାଧନ ସଂଯୋଜକ କାର୍ତ୍ତିକ ପାତ୍ର, କର୍ମଚାରୀ ସୁଦର୍ଶନ ଘଡ଼େଇ, ଭଗବାନ ସେଠୀଙ୍କ ସମେତ ସୁଶାନ୍ତ ଜେନା, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୋଗ ଦିବସ ଅବସରରେ ଅନ୍ୟାନ୍ୟ ବ୍ଲକ କର୍ମଚାରୀଙ୍କ ସହ ସ୍ଥାନୀୟ ଅଞ୍ଚଳର କିଛି ସ୍କୁଲ କଲେଜ୍ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ। ସୁସ୍ଥ ଶରୀର ଗଠନ ଦିଗରେ ଦୈନନ୍ଦିନ ଜୀବନରେ ଯୋଗ ଏବଂ ପ୍ରାଣାୟାମ୍ କରିବା ନିହାତି ଆବଶ୍ୟକ ବୋଲି ଶ୍ରୀ ସାମନ୍ତସିଂହାର କହିଥିଲେ।

### ଆନନ୍ଦପୁର ପୌର ପରିଷଦ

ଆନନ୍ଦପୁର: ଆନନ୍ଦପୁରସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ପୌର ପରିଷଦ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଅନ୍ତର୍ଜାତୀୟ ଯୋଗ ଦିବସରେ ପୌର ପରିଷଦର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ, ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, କାଉନସିଲର କୃଷ୍ଣଚନ୍ଦ୍ର ରଣା କାର୍ଯ୍ୟକ୍ରମକୁ ଉଦଘାଟନ କରି କିଛି ମାର୍ଗଦର୍ଶନ ଦେଇଥିଲେ। ପରେ ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯୋଗ କର୍ମଶାଳାରେ ଯୋଗ ଦେଇଥିଲେ।

# ଜିତୁ ମୁଣ୍ଡାଙ୍କୁ ମିଳିଲା ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ





ତୁରୁମୁଙ୍ଗା, ୨୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳୀ ଗ୍ରାମର ଚତୁରି ସାହିର ବହୁଚର୍ଚ୍ଚିତ ଜିତୁ ମୁଣ୍ଡାଙ୍କୁ ମିଳିଲା ସରକାରୀ ସହାୟତା। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ପାଟଣା ବ୍ଲକ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିତୁ ମୁଣ୍ଡାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ତାଙ୍କ ସାନ ଭାଇ ଶଙ୍କର ମୁଣ୍ଡା ଓ ଭାଉଜ ଗୁରୁବାରୀ ମୁଣ୍ଡାଙ୍କୁ ମଧ୍ୟ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଜିତୁମୁଣ୍ଡା ଏବଂ ତାଙ୍କ ଭାଇ ଶଙ୍କର ମୁଣ୍ଡା ଭାଉଜ ଗୁରୁବାରୀ ମୁଣ୍ଡାଙ୍କୁ କାର୍ଯ୍ୟଦେଶ ବଣ୍ଟନ କରିଥିଲେ। କିଛିମାସ ତଳେ ଭଉଣୀଙ୍କ ମୃତ୍ୟୁ ପରେ ଜିତୁ ମୁଣ୍ଡାଙ୍କୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ହଇରାଣ କରୁଥିଲେ। ଭଉଣୀଙ୍କ ନାମରେ ଜମାଖାତା ଥିବାରୁ ତାଙ୍କୁ ନେଇଆସିବାକୁ କହିବାରୁ ଗତ ଏପ୍ରିଲ ୨୭ ତାରିଖରେ ମଶାଣିରୁ ଭଉଣୀଙ୍କ କଙ୍କାଳକୁ ଖୋଳି କାନ୍ଧରେ ବୋହି ବ୍ୟାଙ୍କକୁ ନେଇ ଯାଇଥିବା ଘଟଣା ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ଘଟଣା ପରେ ପ୍ରଶାସନ ଓ ସରକାରଙ୍କ ନଜର ଜିତୁଙ୍କ ଉପରେ ପଡ଼ିଥିଲା। ରବିବାର ପାଟଣା ବ୍ଲକ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ସମ୍ମିଳନୀରେ ଜିତୁ ମୁଣ୍ଡାଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଛି।

# ବିଶ୍ୱ ସଂଗୀତ ଦିବସ



ଆନନ୍ଦପୁର, ୨୧।୬ (ସମିସ): ଆନନ୍ଦପୁରସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ସାନିଧାପା ସଂଗୀତ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସଂଗୀତ ଦିବସ ପାଳିତ ହୋଇଯାଇଛି। ଏଥିରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ, ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ର, ଡ଼. ପ୍ରଦୀପ ମହାନ୍ତି, ସାମ୍ବାଦିକ ତଥା କଣ୍ଠଶିଳ୍ପୀ ମଦନ ପାଣି, ନୃତ୍ୟଗୁରୁ ଜିତୁ ଦାଶ, ସଂଗୀତ ଗୁରୁ ମନୋରଞ୍ଜନ ମହାପାତ୍ର, ଗୁରୁ ସନ୍ତୋଷ ପରିଡା, ଗୁରୁ ହରିହର ଜେନା, ପ୍ରଖ୍ୟାତ ତବଲା ବକ୍ଷଦକ ସୁବାଶିଷ, ଶତପଥୀ ଅଶୋକ ସାହୁ, କୁନାଲ ସାହୁ, କ୍ଷୀରବ୍ଧି ତନୟା ପଣ୍ଡା, ଅଭିଲିପ୍ସା ତ୍ରିପାଠୀ, ସିପୁ ତ୍ରିପାଠୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଓଡିଶୀ ସଂଗୀତ ଭକ୍ତି ଓ ତବଲା ବାଦନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହରିଡ଼ାପାଳ ଜଙ୍ଗଲରୁ ବେଆଇନ ଗଛକଟା

ଆନନ୍ଦପୁର, ୨୧।୬(ସମିସ): ଆନନ୍ଦପୁର ବନଖଣ୍ଡର ହରିଡାପାଳ ପଞ୍ଚାୟତ ଅଞ୍ଚଳରେ ସରକାରୀ ଅନୁଦାନରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ସୃଷ୍ଟି ପାଇଁ ହଜାର ହଜାର ଗଛ ଲଗାଯାଇଥିବା ବେଳେ କେତେକ ଦୁର୍ବୃତ୍ତ ଏହି ଗଛଗୁଡିକୁ ଅନାୟାସରେ କାଟି ନେଇ ଯାଉଥିବା ଜଣାପଡିଛି। କୁସେଇ ନଦୀବନ୍ଧ ପାର୍ଶ୍ୱରେ ଏକର ଏକର ଜମିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆକାଶିଆ, ୟୁକାଲିପଟାସ୍, ଆମ୍ବ, ନିମ୍ବ, କାଜୁ ଆଦି ଅନ୍ୟାନ୍ୟ ଗଛ ଲଗାଯାଇଥିଲା। ସ୍ଥାନୀୟଲୋକମାନେ କିଛିଦିନ ହେବ ବେଆଇନ ଭାବେ ବଡ ବଡ଼ ଗଛ କାଟି



ତାହାକୁ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଥିବା ବେଳେ ଅନ୍ୟପଟେ କିଛି ଅସାମାଜିକ ଲୋକେ ଖୁଲମଖୁଲା କାଟିନେଉଛନ୍ତି ଗଛ। ଏହାକୁ ବିରୋଧ କରି କେତେକ ସଚେତନ ନାଗରିକ ଗାଳିଗୁଲଜର ଶିକାର ହେଉଥିବା ଜଣାଯାଇଛି। ଏଭଳି ଗଛ କଟା ଲାଗିରହିଲେ ଖୁବ୍ କମ ଦିନ ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ବନବିଭାଗ କର୍ମଚାରୀମାନେ ପହଞ୍ଚି ତଦନ୍ତ କରିବା ସହ ଲୋକଙ୍କୁ ତାଗିଦ୍ କରାଇଛନ୍ତି। ଜଙ୍ଗଲକୁ ନଷ୍ଟ କରୁଥିବା ଦୁର୍ବୃତ୍ତଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୋହିରା ଶକ୍ତି କେନ୍ଦ୍ରର ବୈଠକ



ଆନନ୍ଦପୁର, ୨୧।୬ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ଶକ୍ତିକେନ୍ଦ୍ରର ବୈଠକ ମାନସ ରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋହିରା ପଞ୍ଚାୟତର ପ୍ରଭାରୀ ସୁଶାନ୍ତ ମହାରଣା, ଦେଓଗାଁ ମଣ୍ଡଳର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପରିଡା ଓ ଦେଓଗାଁ ମଣ୍ଡଳର ଆଦିବାସୀ ମୋର୍ଚ୍ଚାର ଦିପୁ ଓରାମ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଅଜୟ କୁମାର ନାଏକ. ଜିତୁ ମୁଦି ସୁମତ ପାତ୍ର ଦିପକ ପାତ୍ର ପ୍ରଶାନ୍ତ ମଲ୍ଲିକ ସଞ୍ଜୟ କୁମାର ଚକ୍ର ପଦ୍ମଲୋଚନ ନାଇକ ଜୟରାମ ଦାସ ସୁବାସ ପାତ୍ର ହିରାନି ନାଇକ ଅଂଶଗ୍ରହଣ କରିଥିଲେ।

# ଘସିପୁରା ବିଜେପିରେ ବଢୁଛି ଅସନ୍ତୋଷ; ଦଳ ଛାଡ଼ିବେ ସଞ୍ଜୟ



ଆନନ୍ଦପୁର, ୨୧।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀ ବିଜେପିରେ ନେତୃତ୍ୱ ସଙ୍କଟ ପରିଲିକ୍ଷିତ ହୋଇଛି। ୨ବର୍ଷ ହେଲା ଦଳ ସରକାର କରିଥିଲେ ମଧ୍ୟ ଗୋଷ୍ଠୀ ବିବାଦ ଯୋଗୁ ଦଳ ଆଗେଇପାରୁନି। ବିଜେପି ଲୋକ ଅବହେଳିତ ହେଉଥିବା ନେଇ ଅଭିଯୋଗ ହେଉଛି। ଏଥିରେ ଅସନ୍ତୁଷ୍ଟ ପ୍ରକାଶ କରି ବିଜେପି ଯୁବ ନେତା ସଞ୍ଜୟ ଜେନା ଦଳ ଛାଡିବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ଜେନା ବିଜେପିର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦୀର୍ଘ ୩୦ ବର୍ଷ ହେଲା ବିଜେପିରେ ସକ୍ରିୟ ଅଛନ୍ତି। ତେବେ ଦଳ କ୍ଷମତାକୁ ଆସିବା ପରେ ଘସିପୁରାକୁ ରାଜ୍ୟ ନେତୃତ୍ୱ ଅବହେଳା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଶ୍ରୀ ଜେନାଙ୍କ କହିବା ଅନୁସାରେ ୨୫ ପଞ୍ଚାୟତରେ ଏବେବି ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଅନୁଦାନକୁ ହରିଲୁଟ କରାଯାଉଛି। ଏନେଇ ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ମଚାରୀ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅନ୍ୟ ଦଳରୁ ଆସି ବିଜେପିରେ ମିଶୁଥିବା ଲୋକଙ୍କୁ ପ୍ରାଧାନ୍ୟ ଦେଉଥିବା ବେଳେ ପୁରୁଖା ନେତାଙ୍କୁ ଅଣଦେଖା କରୁଛନ୍ତି ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ସେ ଖୁବ ଶୀଘ୍ର ବିଜେପି ଛାଡିବେ ବୋଲି ନେତୃତ୍ୱଙ୍କୁ ଚେତାବନୀ ଦେଇଛନ୍ତି।

# ଜଳମଗ୍ନ ସ୍କୁଲ ପରିସର; ଅସୁବିଧାରେ ଛାତ୍ରଛାତ୍ରୀ



ହାଟଡ଼ିହୀ,୨୧।୬(ସମିସ): ହାଟଡ଼ିହୀ ବ୍ଲକ ଅଁରା ଗ୍ରାମସ୍ଥ ଗୋଠନାହାକାଣୀ ହାଇସ୍କୁଲ ପରିସର ଜଳମଗ୍ନ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଲଗାଣ ବର୍ଷା ଯୋଗୁଁ ସ୍କୁଲ ପରିସର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଥିଲା। ଯାହାଫଳରେ ଶନିବାର ଛାତ୍ରଛାତ୍ରୀମାନେ ସ୍କୁଲ ଆସିଥିଲେ ସୁଦ୍ଧା ସ୍କୁଲ ପରିସର ଜଳମଗ୍ନ ଦେଖି ଫେରିଯାଇଥିଲେ ବୋଲି ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳ କହିଛନ୍ତି। ପୂର୍ବରୁ ଥିବା ରାସ୍ତା ଅପେକ୍ଷା ବର୍ତ୍ତମାନ ରାସ୍ତାର ଉଚ୍ଚତା ବୃଦ୍ଧି ପାଇଥିବା ଏବଂ ରାସ୍ତାକଡ଼ରେ ବର୍ଷାଜଳ ନିଷ୍କାସନ ସକାଶେ କୌଣସି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଚତୁଃପାର୍ଶ୍ୱର ବର୍ଷାଜଳ ସ୍କୁଲ ସମ୍ମୁଖରେ ଠୁଳ ହୋଇ ରହୁଥିବା କୁହାଯାଇଛି। ଆଗକୁ ସମ୍ପୂର୍ଣ୍ଣ ବର୍ଷାଋତୁ ଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ଏଯାଏଁ ସରିନାହିଁ। ଯାହା ଫଳରେ ଅଁରା ଗାଁକୁ ଲମ୍ବିଥିବା ଉକ୍ତ ରାସ୍ତାଟି କାଦୁଅ ପଚ ପଚ ହୋଇଯାଇଛି। ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଉକ୍ତ କାଦୁଅ ରାସ୍ତାରେ ସ୍କୁଲ ଆସିବାକୁ ଅରାଜି ହେଉଥିବା ବେଳେ ଏପଟେ ସ୍କୁଲ ପରିସର ବର୍ଷାଜଳ ସକାଶେ ଜଳମୟ ହୋଇ ରହୁଛି। ଯାହାକି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନିଶ୍ଚିତ ପ୍ରଭାବ ପକାଇବା ନେଇ ଅଭିଭାବକମାନେ ଛାନିଆ ହୋଇପଡ଼ିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ରାସ୍ତା କଡ଼ରେ କୌଣସି ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ମଙ୍ଗଳବାର କ୍ଷେତ୍ର ପରିଦର୍ଶନ ପରେ ସମସ୍ୟାର ସମାଧାନ ଦିଗରେ ଆମେ ନିଶ୍ଚିତ ଧ୍ୟାନ ଦେବୁ। ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଗଲେ ସ୍କୁଲ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲ ଯା'ଆସ କରିବାରେ ଉପକୃତ ହୋଇପାରନ୍ତେ ବୋଲି ସ୍କୁଲର ପ୍ରଧାନଶିକ୍ଷକ ପ୍ରକାଶ ବିଶ୍ୱାଳ କହିଛନ୍ତି।

# ଚାଷଜମିକୁ ଯାଇ ସମସ୍ୟା ବୁଝିଲେ ଉପମୁଖ୍ୟମନ୍ତ୍ରୀ



ତୁରୁମୁଙ୍ଗା, ୨୧।୬(ସମିସ): କେନ୍ଦୁଝର ଗସ୍ତରେ ଆସିଥିବା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରବିବାର ପାଟଣା ବ୍ଲକର ବାଉଁଶୁଳି ପଞ୍ଚାୟତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗ୍ରାମାଞ୍ଚଳର ବିକାଶ, କୃଷି କାର୍ଯ୍ୟକଳାପ ଏବଂ ଚାଷୀଙ୍କ ସ୍ଥିତି ସମ୍ପର୍କରେ ସିଧାସଳଖ ଅବଗତ ହେବା ପାଇଁ ସେ ହୀରାପଶି ଓ ବାଘମରା ଅଞ୍ଚଳ ଗସ୍ତ କରିଥିଲେ। ଏହି ସମୟରେ ଚାଷ ଜମିରେ ଚାଲିଥିବା ଧାନ ରୁଆ କାମ ଦେଖି ସେ ଅଟକି ଯାଇ ଚାଷୀମାନଙ୍କ ସହ ମତ ବିନିମୟ କରିଥିଲେ। ବିଭିନ୍ନ କିସମର ଧାନ, ତାହାର ଅମଳ ସମୟ ଓ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କଠାରୁ ସୂଚନା ନେବା ସହ କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ବାଉଁଶୁଳି ପଞ୍ଚାୟତର ହୀରାପଶି ଓ ବାଘମରା ଅଞ୍ଚଳ ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗ୍ରାମାଞ୍ଚଳର କୃଷି ଭିତ୍ତିକ ଜୀବନଶୈଳୀକୁ ନିକଟରୁ ଅନୁଧ୍ୟାନ କରିଥିଲେ। ହୀରାପଶିଠାରେ ୩୦ ଏକର ବିଶିଷ୍ଟ ଜାଗାରେ ଥିବା ବିହନ ଉତ୍ପାଦନ ଓ କୃଷି ଫାର୍ମ ପାଇଁ ଜାଗାବୁଲି ଦେଖିଥିଲେ। ରାସ୍ତାରେ ଫେରିବା ସମୟ ରେ ବେଳେ ଚାଷୀମାନେ ଧାନ ରୁଆ କାର୍ଯ୍ୟରେ ବ୍ୟସ୍ତ ଥିବା ଦେଖି ସେ ଗାଡ଼ିରୁ ଓହ୍ଲାଇ ସେମାନଙ୍କ ସହ ଆଲୋଚନା କରିଥିଲେ। କେଉଁ ପ୍ରଜାତିର ଧାନ ଚାଷ କରାଯାଉଛି, କେତେ ଦିନ ମଧ୍ୟରେ ଫସଲ ଅମଳ ହୁଏ ଏବଂ ଚାଷୀମାନେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ସରକାର କୃଷକଙ୍କ ଉନ୍ନତି ପାଇଁ ସଦା ସର୍ବଦା ପ୍ରତିବଦ୍ଧ ବୋଲି କହିବା ସହ ଚାଷୀମାନଙ୍କୁ ଉନ୍ନତ କୃଷି ପଦ୍ଧତି ଆପଣାଇ ଅଧିକ ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଏହି ସରଳ ଓ ଆତ୍ମୀୟ ବ୍ୟବହାରକୁ ନେଇ ଚାଷୀମାନେ ବେଶ ଖୁସି ପ୍ରକାଶ କରିଥିଲେ। ଏହି ଗସ୍ତରେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥାଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ,ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇ ,ପାଟଣା ତହସିଲ ଦାର ଅଶ୍ୱିନୀ କୁମାର ନାଏକ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରିଥୁରାଜ ମଣ୍ଡଳ, ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳିଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ବିଭିନ୍ନ ସ୍ଥାନରେ ଯୋଗ ଶିବିର

# ଶାରୀରିକ, ମାନସିକ ଓ ଆତ୍ମିକ ଉନ୍ନତି ପାଇଁ ଯୋଗ

### • ମୋକିମ୍ ଫାଉଣ୍ଡେସନ୍



କଟକ, ୨୧।୬(ସମିସ): ମୋକିମ୍ ଫାଉଣ୍ଡେସନ ପକ୍ଷରୁ କଟକ ସିଡିଏ ସେକ୍ଟର-୭ ତାରେଣୀଗଡ଼ାସ୍ଥିତ ଅର୍ବାନ ଆଡଭେଞ୍ଚର ଫୁଟବଲ୍ ଖେଳ ପଡ଼ିଆ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କଟକ ସହରର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ମହିଳା ଓ ଛୋଟ ଛୋଟ ପିଲାମାନେ ସାମୂହିକ ଯୋଗାଭ୍ୟାସ କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଲେ ଯେ ନିଜର ଶାରୀରିକ, ମାନସିକ ଓ ଆତ୍ମିକ ଉନ୍ନତି ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଯୋଗ କରିବା ଉଚିତ୍। ଫାଉଣ୍ଡେସନର ଟ୍ରଷ୍ଟି ତଥା ବିଧାୟିକା ସୋଫିଆ ଫିରଦୋସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ସୁଭାଶିଷ ଶର୍ମା, ଅଂଶୁମାନ ଆରୋରା, ଅଭିନେତ୍ରୀ ଶୀତଲ ପାତ୍ର, ମେଘନା ମିଶ୍ର ଓ ନିକିତା ମିଶ୍ର ଅତିଥି ଭାବେ ଜନସାଧାରଣଙ୍କୁ ପ୍ରେରଣା ଯୋଗାଇଥିଲେ। ଏହି ଅବସରରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିୟମିତ ଯୋଗ କରୁଥିବା କେତେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରବାଟୀ ଯୋଗ ଶିବିରର କୁନି କୁନି ପିଲା, ମହିଳା ଓ ପୁରୁଷମାନେ ଏଠାରେ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରିଥିଲେ। ଯୋଗ ଗୁରୁ ଦେବାଶିଷ ହଳଦର ଓ ଗାୟତ୍ରୀ ବେଉରା ଯୋଗାଭ୍ୟାସ କରାଇଥିଲେ। ଫିରଦୋସିଆ ବେନୋ, ଶେଖ ମିରାଜୁଲ ହକ, ଡ. ନୟିମା ତାର୍ଜନ୍, ସରବର ହାସିବ, ଗିରିବାଳା ବେହେରା, କର୍ପୋରେଟର ଲିଜା ରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ପ୍ରିୟମ୍ବଦା ମହାନ୍ତି, ସକିଲ ଖାନ୍, ସ୍ୱପ୍ନାରାଣୀ ପାତ୍ର, ସତ୍ୟରଞ୍ଜନ କର, ସଞ୍ଜୟ କୁମାର, ସେକ ସିଦିକ, କମର ଆଲମ୍ ଓ ଜିତେନ୍ଦ୍ର ନାୟକ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଯୁବ ଉପସ୍ଥାପକ ପ୍ରସମିତ କାନୁନଗୋ ଓ ଉପସ୍ଥାପିକା ଶୀତଲ ଭଟ୍ଟାଚାର୍ଯ୍ୟ।

### • ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ୍

ତ୍ରିଶୂଳିଆ: ମୁଣ୍ଡଳୀସ୍ଥିତ ଏନଡିଆରଏଫ ୩ୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ଯୋଗ ଦିବସ ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'କୁ ଆଧାର କରି ଆୟୋଜିତ କାର୍ଯ୍ୟକ୍ରମରେ ବାଟାଲିୟନର ସମସ୍ତ ଅଧିକାରୀ, ଜବାନ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଟାଲିୟନର ଦ୍ୱିତୀୟ-ଇନ୍-କମାଣ୍ଡ ବର୍ଦ୍ଧମାନ ମିଶ୍ର, ଡାକ୍ତର ଟି.ବି. ସାହୁ, ପ୍ରବୀଣ ଚୌହାନ ଓ ଡାକ୍ତର ଲିଟନ ବିଶ୍ୱାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗାଭ୍ୟାସରେ ସାମିଲ ହୋଇଥିଲେ। ବିଶେଷକରି ଏନଡିଆରଏଫ ୩ୟ ବାଟାଲିୟନର ପରିବାର ସଦସ୍ୟ ମଧ୍ୟ ବାଟାଲିୟନ ହେଲିପ୍ୟାଡ୍ ପରିସରରେ ଆୟୋଜିତ ଯୋଗ ଅଧିବେଶନରେ ସାମିଲ ହୋଇଥିଲେ।

## ବିଶ୍ୱ ଯୋଗ ଦିବସରେ ଅଭିନବ ସଚେତନତା



କଟକ, ୨୧।୬(ସମିସ): ରାସ୍ତା ପ୍ରଶସ୍ତୀକରଣ ପାଇଁ ଚହଟା-ମଧୁସୂଦନ ସେତୁ ରାସ୍ତା ପାର୍ଶ୍ୱ ବାଇମୁଣ୍ଡି ମାର୍ଗ ନିକଟରେ ଥିବା ପ୍ରାୟ ୫ ଶହ ବର୍ଷର ବରଗଛ ସମେତ ଆଉ କିଛି ବଳି ପଡ଼ିବାକୁ ଯାଉଛି। ଏହି ବୃକ୍ଷର ସୁରକ୍ଷା ଦାବିରେ ବିଡାନାସୀ ଚହଟାସ୍ଥିତ ଗାୟତ୍ରୀ ପ୍ରଜ୍ଞା ଯୋଗ ପରିବାର ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତୀକାତ୍ମକ ଧାରଣା ଦିଆଯାଇଛି। ପରିବେଶକୁ ସୁରକ୍ଷା ଦେଉଥିବା କଟକ ସହରର ପୁରୁଣା ଗଛ ଲୋପ ପାଇବାରେ ଲାଗିଛି। ଏଥିପାଇଁ ସଚେତନତା ଉଦ୍ଦେଶ୍ୟରେ ବିଶ୍ୱ ଯୋଗ ଦିବସ ଅବସରରେ ଗାୟତ୍ରୀ ପ୍ରଜ୍ଞା ଯୋଗ ପରିବାର ପକ୍ଷରୁ ପୁରୁଣା ଗଛକୁ ସୁରକ୍ଷା ଦେବାକୁ ଧାରଣା ଦିଆଯାଇଥିଲା। ଏହା ପୂର୍ବରୁ ବିଧାୟିକା ସୋଫିଆ ଫିରଦୋସ ଓ ମେୟର ସୁବାସ ସିଂହଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୋଗ ଦିବସ ଉପଲକ୍ଷେ ଆଜି ସକାଳେ ଗାୟତ୍ରୀ ମନ୍ଦିର ପରିସରରେ ପୂଜା ପାଠ ହୋଇଥିଲା। ପରିବ୍ରାଜକ ସୁଧାଂଶୁ ଭାଇ ଓ ଯୋଗଗୁରୁ ରାଜକିଶୋର ପରିଡା, ପ୍ରଣତୀ ତ୍ରିପାଠୀ, ଭାରତୀ ସାହୁ, ସୁଜାତା ମହାନ୍ତି, ରଶ୍ମିତା ଦାସ, ସ୍ୱାଗତିକା ତ୍ରିପାଠୀ, କୁନବାଳା ଛାଟୋଇ, ମନ୍ଦାକିନୀ ପ୍ରିୟଦର୍ଶିନୀ, ପ୍ରଜ୍ଞେଶ ସମର୍ପିତ ପ୍ରମୁଖ ସାମିଲ ହୋଇଥିଲେ। ବିଧୂଭୂଷଣ ମହାନ୍ତି, ଇରାନ୍ମୟୀ ମହାନ୍ତି, ଛବିରାଣୀ ଦାଶ, ଇଂ ତାରାପ୍ରସାଦ କର ଧାରଣାକୁ ସମର୍ଥନ କରିଥିଲେ। ଗୀତିରଂଜନ ତ୍ରିପାଠୀ ସହଯୋଗ କରିଥିଲେ।

### • ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ



ତ୍ରିଶୂଳିଆ: ତ୍ରିଶୂଳିଆ ବେଲଗଛିଆସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଦେବଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ ଯୋଗ ଭାରତର ଏକ ପ୍ରାଚୀନ ଜ୍ଞାନ ପରମ୍ପରା, ଯାହା ଆଜି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଧୁନିକ ଜୀବନଶୈଳୀରେ ବଢୁଥିବା ମାନସିକ ଚାପ, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଓ ଶାରୀରିକ ନିଷ୍କ୍ରିୟତା ମଧ୍ୟରେ ଯୋଗ ହେଉଛି ସୁସ୍ଥ ଜୀବନର ଏକ ପ୍ରଭାବଶାଳୀ ମାଧ୍ୟମ। ଏହି ଅବସରରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ଯୋଗାସନ, ସୂର୍ଯ୍ୟନମସ୍କାର ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ନାମଲେଖା ନିର୍ଦ୍ଦେଶକ ଅକ୍ଷୟ ଭଞ୍ଜ ଓ ଶାରୀରିକ ଶିକ୍ଷା ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ଯୋଗ ଶିବିରକୁ ପରିଚାଳନା କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥାରେ ଏକାଗ୍ରତା ଓ ମାନସିକ ସ୍ଥିରତା ଅତ୍ୟନ୍ତ ଆବଶ୍ୟକ। ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ମାନସିକ ଚାପକୁ ଦୂର କରିବା ସହ ପାଠପଢ଼ାରେ ମନୋନିବେଶ ବୃଦ୍ଧି କରାଯାଇପାରେ। ଏହାସହ ନିୟମିତ ଯୋଗାଭ୍ୟାସ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଏକ ସକାରାତ୍ମକ ଜୀବନ ଦୃଷ୍ଟିକୋଣ ଗଠନରେ ସହାୟକ ହୋଇଥାଏ। ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗକୁ ନିଜର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା, ସୁସ୍ଥ ଜୀବନଶୈଳୀ ଅନୁସରଣ କରିବା ଏବଂ ଅନ୍ୟମାନଙ୍କୁ ମଧ୍ୟ ଯୋଗ ପ୍ରତି ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

### • ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ



କଟକ: ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ପ୍ରମୋଦଚନ୍ଦ୍ର ରଥ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ଯୋଗ ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ। ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, 'ଡିନ୍' ଡ. ନୟନ ରଂଜନ ସାମଲ, ଡ. ବିଶ୍ୱରଂଜନ ମହାନ୍ତି, ଡ. କୁମ୍ଭକର୍ଣ୍ଣ ରାଉତ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଡ. ବିଶ୍ୱରଂଜନ ଷଡଙ୍ଗୀ, ଡ. ଅମୂଲ୍ୟ କୁମାର ବେହେରା, ବିକାଶ କୁମାର ଦାସ, ପ୍ରାଧ୍ୟାପିକା ଏନ୍ ପ୍ରେମଲତା ଦେବୀ, ସଚିବ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ବିଭାଗୀୟ ମୁଖ୍ୟ ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରାରମ୍ଭିକ ସୂଚନା ଓ ଜାତୀୟ ସେବା ଯୋଜନା ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### • ସିଏମ୍‌ସି ଓ ନଗର ସ୍ୱାସ୍ଥ୍ୟ ସମିତି

କଟକ: କଟକ ମହାନଗର ନିଗମ ଏବଂ ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ସ୍ଥାନୀୟ ସହିଦ ଭବନରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସହରର ଶତାଧିକ ଆଶା ଏବଂ ଏଏନଏମ କର୍ମୀ ସାମିଲ ହୋଇଥିଲେ।



ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଯୋଗଗୁରୁ ଗିରିଜା ଶଙ୍କର ଶତପଥୀ ଜୀବନରେ ଯୋଗର ଭୂମିକା ବିଷୟରେ ବୁଝାଇବା ସହ ବିଭିନ୍ନ ଯୋଗାସନର ପ୍ରଶିକ୍ଷଣ ଦେଇଥିଲେ। ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଏମସିର ହେଲ୍ଥ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, କଟକର ପ୍ରୋଗ୍ରାମ ମ୍ୟାନେଜର ନେହା ରାଜପୁତଙ୍କ ସମେତ ସିଏମସି ଓ ନଗର ସ୍ୱାସ୍ଥ୍ୟ ସମିତିର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୫ରେ ଅନନ୍ତ ପଟ୍ଟନାୟକଙ୍କ ସ୍ମୃତିସଂଧ୍ୟା

### ଅନନ୍ତ ମହାପାତ୍ର ପାଇବେ କବି ଅନନ୍ତ ପଟ୍ଟନାୟକ ସୃଜନୀ ସମ୍ମାନ



କଟକ,୨୧।୬(ସମିସ): ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ କବି ଅନନ୍ତ ପଟ୍ଟନାୟକ ସ୍ମୃତିସଂଧ୍ୟା ଜୁନ୍ ୨୫ ତାରିଖରେ ଅନୁଷ୍ଠାନର ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜନ କରାଯିବ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଉତ୍କଳ ରଙ୍ଗମଞ୍ଚର ପ୍ରତିଷ୍ଠାତା ଅନନ୍ତ ମହାପାତ୍ରଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନୀ ସମ୍ମାନ-୨୦୨୬ ପ୍ରଦାନ କରାଯିବ। "କବି ଅନନ୍ତ ପଟ୍ଟନାୟକଙ୍କ ଦୃଷ୍ଟିରେ କବିତା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସଂଜିତ ମିଶ୍ର। ଏଥିରେ କବି ପିନାକୀ ସିଂହ, ସୁଶାନ୍ତ ମହାପାତ୍ର, ସଞ୍ଜୟ ପରିଜା, ସୁଚେତା ନନ୍ଦ କବିତା ପାଠ କରିବେ ବୋଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏବଂ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସଂପାଦକ ବିଜୟ କୁମାର ପଢ଼ିହାରୀ ଓ ମୈତ୍ରେୟୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସମୀର ଦେଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ

କଟକ, ୨୧।୬(ସମିସ): ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଲୋକପ୍ରିୟ ବିଧାୟକ ଏବଂ କଟକ ସହର ଭାଇଚାରାର ପ୍ରତୀକ ସ୍ୱର୍ଗତ ସମୀର ଦେଙ୍କର ସ୍ମୃତିକୁ ଉଜ୍ଜୀବିତ ରଖିବା ନିମନ୍ତେ ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ ରବିବାର ସନ୍ଧ୍ୟାରେ ସିଡ଼ିଏସ୍ଥିତ ୱିଣ୍ଡସର ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସର୍ଜରି ବିଶେଷଜ୍ଞ



ଡ଼ାକ୍ତର ଉମେଶ ରାୟ ଏବଂ ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମୀର ଦେ ସ୍ମୃତି ସ୍ମାରକୀ ସ୍ୱରୁପ ସହରର ବିଭିନ୍ନ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ସ୍ୱର୍ଗତ ଦାଦାଙ୍କ ସହଧର୍ମିଣୀ ତଥା ଟ୍ରଷ୍ଟର ସଦସ୍ୟା ଦୀପିକା ଦତ୍ତ ରାୟ, ସଦସ୍ୟ ସୌରଜିତ ଦେ, ଶିଳ୍ପୀ ବୈଷ୍ଣବୀ ଦେ, ଇନ୍ଦ୍ରଜିତ ସେନ ଗୁପ୍ତା (ଜିତୁ), ଦେବାଶିଷ ଘୋଷ, ରଜନୀ ଦାସ, ସତ୍ୟ ମହାନ୍ତି, ଦୀପକ ମହାନ୍ତିଙ୍କ ସମେତ ରାଜନେତା, ପୂଜକମିଟି କର୍ମକର୍ତ୍ତା, ମୁରବୀ ଏବଂ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବିଜେଡି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଏସ୍‌ଆଇଆର୍ ସମୀକ୍ଷା

କଟକ, ୨୧।୬(ସମିସ):



ଭାରତୀୟ ନିର୍ବାଚନ କମିସନଙ୍କ ଦ୍ୱାରା ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟାକୁ ସୁଗମ, ନିର୍ଭୁଲ ଓ ତ୍ରୁଟିବିହୀନ କରିବା ପାଇଁ ୯୧ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସମସ୍ତ ୨୧୩ ବୁଥ ପାଇଁ ବିଏଲଏ-୨ ନିଯୁକ୍ତ କରାଯାଇଛି। ଯୋବ୍ରାସ୍ଥିତ ଦଳୀୟ ସଭାଗୃହଠାରେ କଟକ ମହାନଗର ବିଜେଡିର କାର୍ଯ୍ୟକାରୀ ସଭାପତି ଜୟଦେବ ଜେନାଙ୍କ ଆହ୍ୱାନରେ ଅନୁଷ୍ଠିତ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ତଥା ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରତିନିଧି ଭାବେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ସମସ୍ତ ବିଏଲଏ-୨ଙ୍କୁ ଗୁରୁମନ୍ତ୍ର ଦେବା ସହ ପରିଚୟପତ୍ର ପ୍ରଦାନ କରିଥିଲେ। ସମନ୍ୱୟ କମିଟିର ସଦସ୍ୟ ଡେପୁଟି ମେୟର ଦମୟନ୍ତୀ ମାଝୀ, ଶିଶିର ପରିଜା, ପ୍ରଫୁଲ୍ଲ ବେହେରା, ତାପସ ମହାନ୍ତି, କର୍ପୋରେଟର ପ୍ରଳୟା ବେଉରା, ଝିଲ୍ଲୀ ବିହାରୀ, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ନିଶିଥ କରଣ, ରଂଜିତା କାହାଳି, ଦେବେନ୍ଦ୍ର କାହାଳି, ସ୍ମୃତିରଞ୍ଜନ ନାୟକ, ମିତାଲି ଭଞ୍ଜ, ରେଣୁକା ମହାନ୍ତି, ନିମାଇଁ ବିଶ୍ୱାଳ, ବିଭୂତି ସ୍ୱାଇଁ, ସତ୍ୟବ୍ରତ ପଟ୍ଟନାୟକ, ଅଜୟ ମହାନ୍ତି, ବିନୟ ଚୌଧୁରୀ, ବ୍ୟୋମକେଶ କାନୁନଗୋ, ଯୁଧିଷ୍ଠିର ବିଶ୍ୱାଳ, ବିଜୟ ଭୂୟାଁ, ସୁଜିତ ଜେନା, ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ।

## କଳାବତୀ କଳା ନିକେତନ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ

କଟକ,୨୧।୬(ସମିସ): ସାଂସ୍କୃତିକ ଅନୁଷ୍ଠାନ କଳାବତୀ କଳା ନିକେତନ ପକ୍ଷରୁ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁଶ୍ରୀ ସୁମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତାରିଣୀ ବିହାର, କୁମ୍ଭାର ସାହି, ବିଡ଼ାନାସୀଠାରେ ବିଶ୍ୱ ସଂଗୀତ ଦିବସ ପାଳିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବରେ ସଙ୍ଗୀତ ନିର୍ଦ୍ଦେଶକ ଚଉଧୁରୀ ଭାରତୀକୃଷ୍ଣ ଦାଶ, ପରମାନନ୍ଦ ସାହୁ, ଶରତ ନାୟକ, ବିନୋଦିନୀ ସାହୁ, ଶିକ୍ଷାବିତ୍ କୁଳମଣି ଦାଶ, ବରିଷ୍ଠ ଆଇନଜୀବୀ ହରପ୍ରସାଦ ରଥ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଜ୍ୟୋତିଭୂଷଣ ମହାପାତ୍ର ପ୍ରମୁଖ ଯୋଗ



ଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ପରେ ସମ୍ପାଦକ ଦେବସ୍ମିତା ମିଶ୍ରଙ୍କ ନିର୍ଦ୍ଦେଶନାରେ ଶୃତି ସୁହାନୀ ଦାସ, ସାଇକ୍ରିଷ୍ଣା ମହାନ୍ତି, ନିରୋଜ ନଳିନୀ ଦାସ, ଶୁଭଶ୍ରୀ ସେନାପତି ସମସ୍ତ ସଦସ୍ୟସଦସ୍ୟା ବିଭିନ୍ନ ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୩ଟି ପୁସ୍ତକର ଉନ୍ମୋଚନ ସମାରୋହ

କଟକ,୨୧।୬(ସମିସ):



ପଣ୍ଡିତ ଗୌରୀଶଙ୍କର ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ "ପ୍ରାଚୀ ଜଣାଣ ଓ ସଂଗୀତ ମାଳା' ଓ "ରତ୍ନମାଳା ଓ ବ୍ରତାବଳୀ', ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଉଦୟନାଥ ରଥଙ୍କ ଦ୍ୱାରା ଲିଖିତ "ସରଳ ସଂକ୍ଷିପ୍ତ ରାମାୟଣ ଓ ମହାଭାରତ' ପୁସ୍ତକର ଉନ୍ମୋଚନ ଉତ୍ସବ ଆଜି ପୂର୍ବାହ୍ନରେ ମର୍କତନଗର ସେକ୍ଟର ୮ ସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୌରୀଶଙ୍କର ଆଚାର୍ଯ୍ୟ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରୁଣ କୁମାର ପରିଛା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଉପାଦେୟ ଗ୍ରନ୍ଥଗୁଡିକର ପୁନଃ ପ୍ରକାଶନ ଦିଗରେ ରାଜ୍ୟ ସରକାର ସାହିତ୍ୟ ଏକାଡେମୀ ଯତ୍ନବାନ ହେବାକୁ ଜଷ୍ଟିସ ପରିଛା ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ଏଥିରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀ ରାମଚନ୍ଦ୍ର ଭବନରେ ପଣ୍ଡିତ ଆଚାର୍ଯ୍ୟଙ୍କର ଏକ ତୈଳଚିତ୍ର ସ୍ଥାନ ଦେବାକୁ ପ୍ରସ୍ତାବ ଦେଇଥିଲେ। ଡଃ ଦାଶ ୩ଟି ଯାକ ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଂସଦ କର୍ମକର୍ତ୍ତା ଇଂ ଜୟଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, ଡ଼ଃ ସ୍ନେହ ମିଶ୍ର, ଶୁଭେନ୍ଦୁ ମହାନ୍ତି, ସଂଜିତ ପଟ୍ଟନାୟକ ପ୍ରମୁଖ ଭାଷଣ ଦେଇଥିଲେ। କବି ରାଜକିଶୋର ଦାଶ, ଗୌର ପଟ୍ଟନାୟକ, କୈଳାଶଚନ୍ଦ୍ର ମିଶ୍ର, ଡାକ୍ତର ଜି.ବି. ସାହୁ, ଶ୍ରୀପ୍ରସାଦ ଆଚାର୍ଯ୍ୟ, ପି.କେ. ହୋତା, ଇଂ କେକେ ଦାସ ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ



କଟକ,୨୧।୬(ସମିସ): କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବାରବାଟୀ କିଲାପଡ଼ିଆ ପାଖରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଝୋଲାସାହିର ସୋମୁ ଓରଫ ଶୁଭମ୍ ସାହୁ(୨୫)। ବିଦ୍ୟୁତ୍ ଚାର୍ଜ ହୋଇଥିବା ନିଜ କ୍ୟାବିନ୍‌ରେ ଶୁଭମ୍‌ଙ୍କ ଶରୀର ଲାଗିଯିବାରୁ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଏସ୍‌ସିବି ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହର ବ୍ୟବଚ୍ଛେଦ ପରେ ପରିବାର ଜିମା ଦିଆଯାଇଛି। ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଷ୍ଟାଡିୟମ୍ ନିକଟ ଓ ଝୋଲାସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁଭମ୍ ବାଲିଯାତ୍ରା କିଲାପଡ଼ିଆ ଅର୍ଥାତ୍ ଷ୍ଟାଡିୟମ୍ ସମ୍ମୁଖରୁ ବାରବାଟୀ ଦୁର୍ଗ ଅଭିମୁଖେ ଯାଇଥିବା ରାସ୍ତା କଡ଼ରେ ଏକ ଦୋକାନ କରିଛନ୍ତି। ଲୁହାର ଏକ କ୍ୟାବିନ୍‌ରେ ଭେରାଇଟି ଷ୍ଟୋର୍ କିଛି ବର୍ଷ ହେବ କରିଛନ୍ତି। ଗତ ଶୁକ୍ରବାର ସେ ଦୋକାନ ଖୋଲିଥିଲେ। ପ୍ରବଳ ବର୍ଷା ହେବା ପରେ ଦୋକାନ ବନ୍ଦ କରି ଆସିଥିଲେ। ଗତକାଲି କୌଣସି କାରଣରୁ ଦୋକାନ ଖୋଲି ନଥିଲେ। ଆଜି ସକାଳ ପ୍ରାୟ ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ଦୋକାନ ଖୋଲିବା ପାଇଁ ଶୁଭମ ଯାଇଥିଲେ। ସେଠାରେ ଦେଖିଲା ବେଳକୁ ଦୋକାନ ଚାରିପାଖରେ ପାଣି ଜମିଛି। କିଛି ଖାଲ ଭଳି ହୋଇ ସେଥିରେ ପାଣି ଜମି ରହିଛି। ଯେଉଁଥିପାଇଁ ଦୋକାନ ଖୋଲିବାରେ ଅସୁବିଧା ହେବାରୁ ସେ ପ୍ରଥମେ ଦୋକାନ ଖୋଲିବା ପୂର୍ବରୁ ଉକ୍ତ ଖାଲଗୁଡ଼ିକ କୋଦାଳରେ ହାଣି ପୋତିବାକୁ ଲାଗିଥିଲେ। ପ୍ରଥମେ ଦୋକାନ ସମ୍ମୁଖ ଓ ପରେ ଦୋକାନ ପଛପଟକୁ ଯାଇଥିଲେ। ତେବେ ପଛପଟକୁ ଯାଇ ଖାଲ ପୋତିଲା ବେଳକୁ ତାଙ୍କର ପିଠି କ୍ୟାବିନ୍‌ରେ ଲାଗିଯାଇଥିଲା। ଆଉ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ କ୍ୟାବିନ୍‌ରେ ପୂର୍ବରୁ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ପିଠି କ୍ୟାବିନ୍‌ରେ ଲାଗିବା ମାତ୍ରେ ସେ ବିଦ୍ୟୁତ୍ ଆଘାତ ପାଇଥିଲେ। ଆଘାତ ଏତେ ଜୋର୍‌ରେ ଥିଲା ଯେ କ୍ୟାବିନ୍‌ରେ ପୁରା ଲାଗି ରହିଥିଲେ। ଏହି ଦୃଶ୍ୟକୁ ଅନ୍ୟ କେହି ଦେଖି ନଥିଲେ। ମାତ୍ର କିଛି ମିନିଟ୍ ପରେ କେହି ଜଣେ ଲୋକ ଶୁଭମ୍ ତଳେ ପଡ଼ିଥିବା ଦେଖି ପାଟି କରିବାରୁ ବହୁ ଲୋକ ଜମା ହୋଇଯାଇଥିଲେ। ଆମ୍ବୁଲାନ୍ସ କଲ୍ ଯାଇଥିଲେ ମଧ୍ୟ ଗାଡ଼ି ଆସିବାରେ ବିଳମ୍ବ ହେବାରୁ ତୁରନ୍ତ ଏକ ଅଟୋରେ ଶୁଭମ୍‌ଙ୍କୁ ଏସ୍‌ସିବି ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକ ଓ ପୁଲିସ ପହଞ୍ଚିଥିଲେ। ଏହାପରେ ଶୁଭମଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଜିମା ଦିଆଯାଇଛି।

ଅନ୍ୟପଟେ, କ୍ୟାବିନ୍‌ରେ ବିଦ୍ୟୁତ୍ ଆଘାତ କେମିତି ଲାଗିଲା ବୋଲି ଜାଣିବା ପାଇଁ ପୁଲିସ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଗଲା। ସ୍ଥାନୀୟ ଜେଇ ଓ ଏସ୍‌ଡିଓ ଆସି ଅଞ୍ଚଳର ବଦ୍ୟୁତ୍ ତାର ଯାଞ୍ଚ କଲେ। କ୍ୟାବିନ୍‌କୁ ଯାଇଥିବା ବିଦ୍ୟୁତ୍ ସଂଯୋଗ ଯାଞ୍ଚ କରାଗଲା ବେଳକୁ ଭିତରେ ଏକ ସ୍ଥାନରେ ତାର ଲୁହା କ୍ୟାବିନ୍ ସହିତ ଲାଗିଯାଇଥିବା ଜଣାପଡ଼ିଲା। ଏହାପରେ କ୍ୟାବିନ୍‌ର ବିଦ୍ୟୁତ୍ ସଂଯୋଗ କଟାଗଲା। ଏନେଇ କ୍ୟାଣ୍ଟନମେଣ୍ଟ ଥାନାରେ ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯାଜପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ

# ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପିତ କରିବାର ଶକ୍ତିଶାଳୀ ମାଧ୍ୟମ ଯୋଗ


ଯାଜପୁର


ଦାନଗଦି


ଯାଜପୁର ଟାଉନ


ଦଶରଥପୁର


ବାଲିଚନ୍ଦ୍ରପୁର

ଯାଜପୁର, ୨୧।୬(ସମିସ)

ଯୋଗ କେବଳ ଉନ୍ନତ ସ୍ୱାସ୍ଥ୍ୟ ଗଠନ ପାଇଁ ନୁହେଁ, ବରଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯୋଗ ଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ରୋଜଗାର ସୃଷ୍ଟି, ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଭାରତର ସଫ୍ଟ ପାୱାର ଓ ସାଂସ୍କୃତିକ ପ୍ରଭାବ ବୃଦ୍ଧି ପାଇଥାଏ ବୋଲି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ଦେଇ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ବଳସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଏହି ଯୋଗ ଶିବିରରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସ୍କୁଲ କଲେଜ ଛାତ୍ରଛାତ୍ରୀ, ମହିଳା, ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାଗ ନେଇଥିଲେ। ସେହିଭଳି ଚଳିତ ବର୍ଷ ଏକ ଅଭିନବ ଢଙ୍ଗରେ ଐତିହ୍ୟ ସ୍ଥଳଗୁଡ଼ିକରେ ଯୋଗ ଦିବସ ପାଳନ ହୋଇଛି। ସେହିକ୍ରମରେ ଯାଜପୁରର ରତ୍ନଗିରିଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଜନସାଧାରଣ ସାମିଲ ହୋଇଥିଲେ। ରତ୍ନଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମାଜସେବୀ ଦେବଯାନୀ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହାସହ ଜିଲ୍ଲାର ବିଭିନ୍ନ ବ୍ଲକ, ମ୍ୟୁନିସିପାଲିଟି, ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା।

**ବାଲିଚନ୍ଦ୍ରପୁର:** ବଡ଼ଚଣା ଶିକ୍ଷା ମଣ୍ଡଳ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଯୋଗର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

**ଜେନାପୁର:** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଘଣ୍ଟା ଧରି ଯୋଗ ଶିକ୍ଷା ଦିଆଯାଇ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ତିରିଶି ଜଣ ଏନ୍‌ସିସି ଛାତ୍ରଙ୍କୁ ନେଇ ବିଦ୍ୟାଳୟର କଳା ଶିକ୍ଷକ ବିଶ୍ୱନାଥ ମହାରଣା ଓ ଏନ୍‌ସିସି ଶିକ୍ଷକ କାଳନ୍ଦୀ ଚରଣ ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଓ ପୁରାତନ ଛାତ୍ର ଲୋକନାଥ ପୁରୀ ସହଯୋଗ କରିଥିଲେ।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଏଣ୍ଡଳବା ପଞ୍ଚାୟତରେ ଥିବା କଲାଣ୍ଡ ଆୟୁର୍ବେଦ ଚିକିତ୍ସାଳୟରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟର ମୁଖ୍ୟ ଡାକ୍ତର ପ୍ରୀତିପୂତା ହୋତାଙ୍କ ଉପସ୍ଥିତରେ ଅନୁଷ୍ଠିତ ଯୋଗ ଶିବିରରେ ଚିକିତ୍ସାଳୟର କର୍ମଚାରୀ ଲକ୍ଷ୍ମୀଧର ପଣ୍ଡା ଏବଂ ସାଗରିକା ଦଳାଇ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ କିଛି ଲୋକ ଏହି ଶିବିରରେ ଭାଗ ନେଇ ଯୋଗ ଦିବସ ପାଳନ କରିଥିଲେ।

**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆଠାରେ ଆଜି ଯୋଗ ଦିବସ ପାଳନ କରାଯାଇଛି। ପ୍ରଶିକ୍ଷକ ଭାବେ ଯୋଗାଚାର୍ଯ୍ୟ ଗୌରହରି ଦାସ, ରଂଜିତ ମହାପାତ୍ର, ଦୈନିକ ଅଗ୍ନିହୋତ୍ରି ଶଶିଭୂଷଣ ନାୟକ, ସହଯୋଗୀ ଗୁରୁକୂଳର ବ୍ରହ୍ମଚାରୀ ରୁଦ୍ରପ୍ରସାଦ ମଲ୍ଲିକ, ଅଗ୍ନିବେଶ ମଲ୍ଲିକ, ହିମାଂଶୁ ବଳିଆର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସୁରଭିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ଜେନା, ଶରତ ଚନ୍ଦ୍ର ପୃଷ୍ଟି, ବିରଞ୍ଚି ସାହୁ, ସଂଜୟ ମିଶ୍ର, ବିକ୍ରମ ଧଳ, ରାମ ନାରାୟଣ ବଳିଆର ସିଂହ, ମକର ସେଠୀ, ହରେକୃଷ୍ଣ ପଣ୍ଡା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବ୍ରହ୍ମବରଦା:** ବ୍ରହ୍ମବରଦା ଦୁର୍ଗା ମଣ୍ଡପ ନିକଟରେ ଯୋଗ ଦିବସ ପାଳିତ କରାଯାଇଛି। ଏହି ଅବସରରେ ଯୋଗ ଗୁରୁ ଚନ୍ଦ୍ରମଣି ନାୟକ ଉପସ୍ଥିତ ରହି ସୂର୍ଯ୍ୟ ନମସ୍କାର, ଅନୁଲୋମ ବିଲମ, କପାଳ ଭାରତୀ, ମାଣ୍ଡୁକାସନ, ଶାସକାସନ ଓ ତାଡାସାନ ପରି ଯୋଗ କରି ଦେଖାଇବା ସହ ପ୍ରତିଦିନ ଯୋଗଭ୍ୟାସ କରିବାକୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଓ ଗ୍ରାମର ବୁଦ୍ଧିଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜକିଶୋର ବାରିକ, ଯୋଗ ଶିକ୍ଷକ ଜ୍ଞାନରଞ୍ଜନ ପାଢୀ, ପରିଚାଳନା କମିଟି ସଭାପତି ପଞ୍ଚାନନ ରାଉତ, ସମ୍ପାଦକ ହେମନ୍ତ ସାହୁ, ପୂର୍ବତନ ସଭାପତି ପ୍ରତାପ କେସରୀ ଦେଓ, ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା,ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସହଯୋଗ କରିଥିଲେ।

**ଦାନଗଦି:** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କଳିଙ୍ଗନଗର ଟାଉନସିପ୍ ଭିତରେ ଥିବା ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୱେଲନେସ୍ କମିଟି ପକ୍ଷରୁ ଏକ ଉତ୍ସାହଜନକ ପ୍ରାତଃକାଳୀନ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ଏକାଠି ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମର ଅଭ୍ୟାସ କରିଥିଲେ। ସେହିପରି କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ "ନୀଳାଚଳ ଇସ୍ପାତ ନିଗମ' ଟାଉନସିପ୍‌ରେ ମଧ୍ୟ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା।

**ବଡଚଣା:** ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ୧୨ତମ ଯୋଗ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗ ଦେଇଥିଲେ। ସମ୍ମାନିତ ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳ, ଅର୍ଥନୀତି ବିଭାଗରେ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମ ଯୋଗ ଶିକ୍ଷା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗିରିଶ କୁମାର ରାଉଳ, ଅଧ୍ୟାପିକା ଶୁଭଶ୍ରୀ ସାହୁ, ମୁଖ୍ୟକିରାଣି ପ୍ରସନ୍‌ଜିତ୍ ସାମଲ, ସୁଷମା ବେହେରା, ବଗୁଲି ବାରିକ୍, ଗିରିଧାରୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପକ ହରି ନାରାୟଣ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ଯୋଗ ଶିବିରକୁ ଯୋଗ ପ୍ରଶିକ୍ଷକ ଭବାନୀ ଶଙ୍କର ବାରିକ ଓ ସହଯୋଗୀ ଅନନ୍ତ ମହାରଣା ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ, ଏବିଡିଓ ତ୍ରିଲୋଚନ ସେଠୀ,ଏପିଓ ଭକ୍ତିଲତା ମହାରଣା, ବିଏସ୍ଏସଓ ସ୍ୱାଧୀନା କ୍ରିଷ୍ଟାବାଳା, ଜିପିଓ ତପସ୍ୱିନୀ ଜେନା, ସିପି ସତ୍ୟବ୍ରତ ପ୍ରସାଦଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ, ଏଡିଇଓ ମାନେ ଉପସ୍ଥିତ ରହି ଯୋଗାସନ କରିଥିଲେ। ବ୍ଲକ ଅଧିନ ୩୫ ପଞ୍ଚାୟତରେ ସରପଞ୍ଚ ମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ଓ ସ୍ଥାନୀୟବାସିନ୍ଦା ସାମିଲ ହୋଇ ଯୋଗାସନ ଅଭ୍ୟାସ କରିଥିଲେ। ଚିତ୍ତାଳ ମହାବିଦ୍ୟାଳୟ, ରାମବାଗ ସ୍ଥିତ ରିଜିଓନାଲ କଲେଜ,ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଧୁଗୌରେଶ୍ୱର ମହାବିଦ୍ୟାଳୟ, ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ଯୋଗ ଶିବିରରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ/ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଥାଲୁକୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା।

**ଯାଜପୁର ଟାଉନ:** ଯାଜପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ। ଯାଜପୁର ମାନସାପୋଲରେ ଥିବା ଘରୋଇ ବ୍ୟାୟାମଶାଳା ଷ୍ଟାରଜିମ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସର ଯୋଗ ଶିକ୍ଷକ ମଧୁସ୍ମିତା ସାହୁ ଯୋଗ ଦେଇ ମଣିଷ ଜୀବନରେ ଯୋଗର ଆବଶ୍ୟକତା ଓ ଯୋଗ ଦ୍ୱାରା ମଣିଷ କିଭଳି ସୁସ୍ଥ ନିରୋଗ ରହିବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହରର ବହୁ ସଚେତନ ନାଗରିକ, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଓ ବ୍ୟାୟାମଶାଳାର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାମୂହିକ ଯୋଗାଭ୍ୟାସ କରିଥିଲେ। ସେହିପରି ଯାଜପୁର ଏନ୍‌ସି ମହାବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସ୍ପୋର୍ଟ୍ସ କ୍ଲବ ବକ୍ସ କମିଟି ଆସୋସିଏସନ ଏବଂ ଏନ୍‌ସି କଲେଜର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଦିବ୍ୟଲୋଚନ ସିଂ, ରଞ୍ଜନ ସୁତାର, ତପନ ମହାନ୍ତି, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ କୁମାର ଲାଲା, ରିତେନ୍ଦ୍ର ବିଶ୍?ାଳ, ଜିତେନ୍ଦ୍ର ମହାନ୍ତି ଏବଂ ପଞ୍ଚାବ ଭଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିବା ସହ ଯୋଗର ବିଭିନ୍ନ ଆସନ ଓ ଏହାର ଉପକାରିତା ବିଷୟରେ ଆଲୋଚନା କରିଥିଲେ।

## ତାଲା କାଟି ଲକ୍ଷାଧିକ ଟଙ୍କାର ସୁନାରୁପା ଲୁଟ୍

**କୟାଁଗୋଲା / ମଙ୍ଗଳପୁର,୨୧।୬(ସମିସ):** ମଙ୍ଗଳପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ପ୍ରଗତି କଲୋନୀରେ ଭଡ଼ା ଘରର ତାଲା କାଟି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା-ରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଥାଲକୁଡି ପଞ୍ଚାୟତ ଧନୀପୁର ଗ୍ରାମର ସଂଗ୍ରାମ ନାୟକଙ୍କ ସ୍ତ୍ରୀ ନିରୁପମା ନାୟକ ନିଜ ପରିବାର ସହ ମଙ୍ଗଳପୁର ପ୍ରଗତି କଲୋନୀର ବିଜୟୀ କୁମାର ବାରିକଙ୍କ ଘରେ ଭଡ଼ାରେ ରହୁଥିଲେ। ଗତ ୧୫ ତାରିଖରେ ସେ ବାପା ଘର ଭଦ୍ରକ ଜିଲ୍ଲା ଆଖଣ୍ଡଳମଣି ଯାଇଥିବା ବେଳେ ଘରେ ଚୋରି ହୋଇଥିବା ଖବର ପାଇ ଫେରିଥିଲେ। ଘରେ ପହଞ୍ଚି ଦେଖିବା ବେଳେ ସମସ୍ତ ତାଲା ଭାଙ୍ଗି ଯାଇଥିଲା। ଆଲମାରୀରେ ଥିବା ନଗଦ ୩୦ ହଜାର ଟଙ୍କା, ୧ ଭରି ସୁନା, ପ୍ରାୟ ୨ କେଜି ରୂପା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଦୁର୍ବୃତ୍ତମାନେ ନେଇ ଯାଇଥିବା ନିରୁପମା ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସାମେଶ୍ୱର ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ବିଞ୍ଝାରପୁର,୨୧।୬(ସମିସ):** ଆତଙ୍କନାଶନ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁରର ୨୦୧୦ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ସାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମେଶ୍ୱର ମନ୍ଦିରରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମସ୍ତ ବନ୍ଧୁ ପରସ୍ପର ସହ ନିଜ ନିଜର ସୁଖ-ଦୁଃଖ ବାଣ୍ଟିବା ସହ ବିଦ୍ୟାଳୟ ଜୀବନର ଦୁଷ୍ଟାମି, ଗୁରୁଜୀ-ଗୁରୁମା'ଙ୍କ ସ୍ନେହ ଓ ଶାସନ, ଏବଂ ସେହି ସୁବର୍ଣ୍ଣ ଦିନଗୁଡ଼ିକୁ ମନେ ପକାଇ ହସଖୁସିର ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ସମାଜର ବିକାଶ ଏବଂ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଆଗାମୀ ଦିନରେ ବ୍ୟାଚ୍ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟ କରିବାକୁ ସଂକଳ୍ପ ମଧ୍ୟ ଗ୍ରହଣ କରାଯାଇଥିଲା।

## 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ

**ଦଶରଥପୁର,୨୧।୬(ସମିସ):** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଦଶରଥପୁର ବ୍ଲକ ପରିସରରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ମଙ୍ଗଳ କଲ୍ୟାଣ ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳାଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟାକ୍ଷା ଝିଲ୍ଲୀ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଯୋଗାଣ ନିରୀକ୍ଷକା ସୁଶ୍ରୀ ସ୍ମିତି ପ୍ରଜ୍ଞା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କୃଷି, ମତ୍ସ୍ୟ, ଜୀବିକା ମିଶନ, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟଜଳ, ଜଳସେଚନ ବିଭାଗ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ୨ଟି ହୁଇଲ୍ ଚେୟାର, ୧ଟି ଟ୍ରାଇସାଇକଲ, ୧ଟି ଶ୍ରବଣ ଯନ୍ତ୍ର ଭଳି ସହାୟତା ପ୍ରଦାନ କରାଯିବା ସହିତ ୫ ଜଣଙ୍କୁ ଭତ୍ତା, ୧୦ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ରାସନ କାର୍ଡ, ୪ ଜଣଙ୍କୁ ଶୌଚାଳୟ ନିର୍ମାଣ, ୧୦ଜଣଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ, ୨୫ଜଣ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହାବାଦ ୧୦ ଜଣ ସ୍ୱୟଂ ସହାୟକ ମହିଳାଙ୍କୁ ମୋବାଇଲ ଫୋନ, ୨ ଜଣଙ୍କୁ ଅଙ୍ଗନବାଡି କର୍ମୀଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। କନିକାପଡ଼ା ପଞ୍ଚାୟତର ଚୁମୁକି ମଲ୍ଲିକଙ୍କୁ ଲକ୍ଷପତି ଦିଦି ରୂପେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧିନ ୩୫ପଞ୍ଚାୟତର ଜନପ୍ରତିନିଧି, ଅଙ୍ଗନବାଡି କର୍ମୀ, ସୁପରଭାଇଜର, ବିଭିନ୍ନ ବିଭାଗର ବ୍ଲକସ୍ତରୀୟ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରେ ପହଞ୍ଚାଇବା ନେଇ ଆଲୋଚନା କରିଥିଲେ।

## ବେଆଇନ ଗଚ୍ଛିତ ବାଲିକୁ ନିଲାମ କଲା ପ୍ରଶାସନ

**ବରୀ,୨୧।୬(ସମିସ):** ବରୀ ତହସିଲ ଅଧୀନରେ ଥିବା କାଇପଡ଼ା ବାଲିଘାଟରେ ବେଆଇନ ଭାବେ ୩,୦୦୦ ଘନମିଟର ବାଲି ଗଚ୍ଛିତ ଥିବାର ଖବର ପାଇ ଲଘୁ ଖଣିଜ ବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ଲଘୁ ଖଣିଜ ବିଭାଗର ଅଧିକାରୀ ଓ ବରୀ ତହସିଲର ଅତିରିକ୍ତ ତହସିଲଦାର ବିଜୟ କୁମାର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ନିଲାମ କରିଥିବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ଏହି ବେଆଇନ ଗଚ୍ଛିତ ବାଲିକୁ ପ୍ରଶାସନ ତରଫରୁ ଟେଣ୍ଡର ଆହ୍ୱାନ କରାଯିବା ସମୟରେ ୨ ଜଣ ବ୍ୟକ୍ତି ଏହି ବାଲିର ମୂଲ୍ୟ ବାବଦକୁ ଅର୍ଥ ପୈଠ କରିବାକୁ ପରସ୍ପର ଭିତରେ ତିକ୍ତତା ଲାଗିଥିଲା। ଗୁଣନିଧି ଜେନା ନାମକ ଜୈନେକ ବ୍ୟକ୍ତି ଏହି ଗଚ୍ଛିତ ବାଲିକୁ ୩୦ଲକ୍ଷ ୪୫ହଜାର ଟଙ୍କା ପ୍ରାପ୍ୟ ଦେବାକୁ ଚୁକ୍ତି ବଦ୍ଧ ହୋଇଥିବାର ତହସିଲ ପ୍ରଶାସନ ତରଫରୁ ସୂଚନା ମିଳିଛି। ଏଠାରେ ପ୍ରଶ୍ନ ଉଠେ ଦୀର୍ଘ ଦିନ ଧରି ଏହି ବାଲି ସୈରାତରୁ ବେଆଇନ ଭାବେ ବାଲି ଉଠାଣ କରାଯାଇ ନିକଟସ୍ଥ କେନ୍ଦ୍ରାପଡ଼ା ଜିଲ୍ଲାକୁ ଚାଲାଣ କରାଯିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଆସୁଥିଲା। ଏ ବିଷୟରେ ବରୀ ତହସିଲର ଅତିରିକ୍ତ ତହସିଲଦାର ବିଜୟ କୁମାର ମାରାଣ୍ଡିଙ୍କୁ ପଚାରିବାରେ ସେ କୁହନ୍ତି ବେଆଇନ ବାଲି ଉଠାଣ ଯୋଗୁ ସରକାରଙ୍କ ରାଜସ୍ୱ ହାନି ଘଟୁଥିଲା ଆଜି ଯେଉଁଳି ଭାବରେ ବେଆଇନ ଗଚ୍ଛିତ ବାଲିକୁ ଜବତ କରାଗଲା ଅନୁରୂପ ଭାବେ ଅନ୍ୟ ବାଲି ସୈରାତ ଉପରେ ଚଢ଼ଉ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାଣୀପଡ଼ାରେ ବୁଲୁଛି ଦନ୍ତା ହାତୀ

**ଦାନଗଦି,୨୧।୬(ସମିସ):** ଦାନଗଦି ବ୍ଲକ ରାଣୀପଡ଼ା ପଞ୍ଚାୟତରେ ଦୁଇଦିନ ହେଲା ଏକ ଦନ୍ତା ହାତୀ ବୁଲୁଥିବାର ଦେଖିବାକୁ ମିଳୁଛି। ତେବେ ହାତିଟି କାହାର କିଛି କ୍ଷତି କରି ନ ଥିବା ଜଣାପଡ଼ିଛି। ଖବର ପାଇ ଯାଜପୁରରୋଡ୍ ବନବିଭାଗର ଅଧିକାରୀ ମାନେ ସେଠାରେ ପହଞ୍ଚିଛନ୍ତି, କଙ୍କଡ଼ାଝରେ ଏବଂ ଭେଜୁ ବାହାଲୀ ଗାଁରେ ବିଦ୍ୟୁତ କାଟ୍ କରାଯାଇଛି। ହାତିଟି ଗତ ଗୁରୁବାର ରାତିରୁ ନିକଟସ୍ଥ କେନ୍ଦୁଝର ଜିଲ୍ଲାରୁ ପଳେଇଆସି ରାଣୀପଡ଼ା ପଞ୍ଚାୟତର ମୂଳାସାର ଗାଁ ପାଖ ରଗଡ଼ି ପାଟରଙ୍ଗା, ଭାଲୁକିହୁଡି ଗାଁ ଦେଇ କଙ୍କଡାଝର ଜଙ୍ଗଲକୁ ପଶି ଆସିଛି। ରାତିହେଲେ ଗାଁ ମାନଙ୍କରେ ପଶିଯାଉଛି। ରାତିରେ ଲୋକମାନେ ଭୟଭୀତ ହୋଇ ଶାନ୍ତିରେ ଘରେ ଶୋଇ ପାରୁନାହାଁନ୍ତି। ଅନ୍ୟ ପକ୍ଷେ ବିଦ୍ୟୁତ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ଭିତରେ ଗରମରେ ଶୋଇ ପାରୁନାହାଁନ୍ତି କି ଭୟରେ ବାହାରକୁ ବାହାରି ପାରୁନାହାଁନ୍ତି। ବନ ବିଭାଗ ପକ୍ଷରୁ ହାତୀର ଗତିବିଧିକୁ ତୀକ୍ଷ୍ଣ ନଜର ରଖାଯାଇଛି।



## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଦାନଗଦୀ,୨୧।୬(ସମିସ):** ଦୈତାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣିପାଳ-ବଳିପର୍ବତ ରାସ୍ତାର ଟାଟା ପ୍ଲାଣ୍ଟ ଗେଟ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ତିନିପୋଲିଆ ପଞ୍ଚମ ଗ୍ରାମର ଲକ୍ଷ୍ମଣ ହାସଁଦା। ସୂଚନା ଅନୁଯାୟୀ, ଏକ ୧୪ ଚକିଆ ଟ୍ରକ ବଳିପର୍ବତରୁ ଲୁହାପଥର ବୋଝେଇ କରି ଆସୁଥିବା ବେଳେ ଏକ ବାଇକ ଚାଳକ ଟ୍ରକକୁ ଓଭରଟେକ କରିବା ସମୟରେ ଟ୍ରକର ପାଶ୍ୱର୍ ଭାଗରେ ଧକ୍କା ହୋଇଥିଲା। ଏଥିରେ ବାଇକ ଚାଳକ ରାସ୍ତାରେ ପଡ଼ିଯାଇଥିବା ବେଳେ ଟ୍ରକର ଆଗ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମୟରେ ବ୍ରାହ୍ମଣିପାଳରେ ସାପ୍ତାହିକ ହାଟ ଚାଲିଥିବାରୁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଦୈତାରୀ ଥାନା ଆଇଆଇସି ହୃଷିକେଶ ବେହେରା ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ବ୍ରାହ୍ମଣିପାଳ-ବଳିପର୍ବତ ରାସ୍ତାକୁ ଅବରୋଧ କରିଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ବ୍ରାହ୍ମଣିପାଳ ସାପ୍ତାହିକ ହାଟ ଉପରେ ପ୍ରାୟ ୨୦ଟି ଗାଁର ଲୋକ ନିର୍ଭରଶୀଳ ଥିବାବେଳେ ରବିବାର ଦିନ ଦୈତାରି ଖଣିରୁ ଲୁହାପଥର ପରିବହନ ଯୋଗୁଁ ରାସ୍ତାରେ ଅତ୍ୟଧିକ ଭିଡ଼ ସୃଷ୍ଟି ହେଉଛି।

## ଶିକ୍ଷାବିତ୍ ବିନାୟକ ନାୟକଙ୍କ ସ୍ମୃତିସଭା

**ବଡ଼ଚଣା,୨୧।୬(ସମିସ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ, ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ବିନାୟକ ନାୟକଙ୍କ ଦ୍ୱାଦଶ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ନିଜ ଗ୍ରାମ ସ୍ଥିତ ବାସଭବନ ଅନୁଷ୍ଠିତ ହୋଇ ଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଭାଗ୍ୟଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ବଡଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, କ୍ୟାପଟେନ ରାଜ୍‌ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଜୟ ଲେଙ୍କା, କୈଳାସ ଚନ୍ଦ୍ର ରାଉତ, ପୂଜାରିଣୀ ବଳ, ମନୋଜ ଦାସ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଶିଶୁ ଶ୍ରମିକ ଉଚ୍ଛେଦ ଟାକ୍ସ ଫୋର୍ସ ଓ ସଚେତନତା ବୈଠକ

ଯାଜପୁର,୨୧।୬(ସମିସ)

ସରକାରୀ ନିର୍ଦ୍ଦେଶ ମୁତାବକ ଆଜି ଶିଶୁ ଶ୍ରମିକ ଉଚ୍ଛେଦ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଏବଂ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନିରାକରଣ ଓ ଉଚ୍ଛେଦ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଉପସ୍ଥିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସର ସଦସ୍ୟମାନେ ଆଲୋଚନା କରିଥିଲେ।ଉକ୍ତ ସଚେତନତା ତଥା ଟାସ୍କ ଫୋର୍ସ ବୈଠକରେ ସମସ୍ତ ସଦସ୍ୟ ସେମାନଙ୍କର ମତ ରଖିବା ସହିତ ଜିଲ୍ଲା ସାରା ପ୍ରାପ୍ତ ସୂଚନା ଅନୁସାରେ ଟାସ୍କ ଫୋର୍ସର ଏକାଧିକ ଦଳ ସହକାରୀ ଶ୍ରମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟସ୍ଥଳରେ ରେଡ୍ କରି ଆବଶ୍ୟକୀୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସର ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁଙ୍କ ସୂତ୍ରରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ସାହୁ, ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଟାଉନ ଥାନାର ଅତିରିକ୍ତ ପୁଲିସ ଇନ୍ସପେକ୍ଟର ଭୁବନ ମୋହନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସରକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ସୌମ୍ୟ ରଞ୍ଜନ ବେହେରା, ଶତାବ୍ଦୀକା ନାୟକ, ଶତରୂପା ସାହୁ, ନୀଳିମା କୁମାରୀ ନାୟକ ପ୍ରମୂଖ ସହଯୋଗ କରିଥିଲେ। ସଭାକୁ ପରିଚାଳନା କରିଥିଲେ ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ, ରୁଚିକା ଓ ଆସପାୟାର ଏନଜିଓର କର୍ମକର୍ତ୍ତା, ଶିଶୁ ଅଧିକାର କର୍ମୀ, ବିଭିନ୍ନ ୟୁନିଅନର କର୍ମକର୍ତ୍ତା, ପାରା ଲିଗାଲ ଭଲୁଣ୍ଟିଅର, ବିଭିନ୍ନ ସଂସ୍ଥାର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ଗୁରୁପୂଜନ କାର୍ଯ୍ୟକ୍ରମ

**କୟାଁଗୋଲା,୨୧।୬(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ୨୦୦୫ ମସିହା ପିଲାମାନଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୧ ବର୍ଷ ପରେ ପୁରାତନ ଛାତ୍ରଛାତ୍ରୀନିଜ ବିଦ୍ୟାଳୟ ପରିସରେ ଏକାଠି ହୋଇ ପୁରୁଣା ସ୍ମୃତିକୁ ନବୀକରଣ କରିଥିଲେ। ପୁରାତନ ଛାତ୍ର ଦେବଦତ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁ ଉତ୍ସବରେ ପୁରାତନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ହୃଷୀକେଶ ବାରିକ, ଶିବଶଙ୍କର ପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ଦାସ, ଦୀନବନ୍ଧୁ ବେହେରା, ଅଚ୍ୟୁତ ନନ୍ଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଦୁଷ୍ମନ୍ତ ବେହୁରିଆ, ରାଜକିଶୋର ଦାସ, ନାରାୟଣ ତ୍ରିପାଠୀ, ଶୁଭଶ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରାତନ ଛାତ୍ରୀ ପ୍ରଜ୍ଞା ମହାନ୍ତି ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





# ବିଶ୍ୱକୁ ଭାରତୀୟ ସଂସ୍କୃତିର ଅନନ୍ୟ ଉପହାର ହେଉଛି ଯୋଗ

ଭୁବନେଶ୍ୱର, ୨୧।୬(ସମିସ):

ଭୁବନେଶ୍ୱର ଏନ୍‌ସିସି ଗାର୍ଲସ୍ ବାଟାଲିୟନ୍ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଗାର୍ଲସ୍ ବାଟାଲିୟନ୍ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଓ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ମିଳିତ ଭାବେ ଯୋଗାଭ୍ୟାସ କରିଛନ୍ତି। ପ୍ରମାଣିତ ଯୋଗ ବିଶେଷଜ୍ଞ ଜୀତା ମହାନ୍ତି ଏବଂ "ଯୋଗାଷ୍ଟ୍ର କର୍ପୋରେଟ୍ ୱେଲନେସ୍'ର ପ୍ରତିଷ୍ଠାତା ଲିପ୍ସା ପଣ୍ଡା ଯୋଗାଭ୍ୟାସ କରାଯାଇଥିଲେ। ଦୀର୍ଘ ୫୦ ମିନିଟ୍ ଧରି ତାଡ଼ାସନ, ବୃକ୍ଷାସନ, ଭୁଜଙ୍ଗାସନ, ପ୍ରାଣାୟାମ ଓ ଧ୍ୟାନ ଆଦି ଅଭ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ନିୟମିତ ଯୋଗ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ସେହିପରି ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ, ସିଡିସି ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି, ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଶିଖା ସିଂହ ଏବଂ ୧(ଓ) ଗାର୍ଲସ୍ ବାଟାଲିୟନ୍ ଏନ୍‌ସିସିର କମାଣ୍ଡିଂ ଅଫିସର ଲେଫ୍ଟେନାଣ୍ଟ କର୍ଣ୍ଣେଲ ସଞ୍ଜୀବ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିବା ସହ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ



ଫରେଷ୍ଟ ପାର୍କ



ଜଳ ସମ୍ପଦ ବିଭାଗ





ଲୋକ ଭବନରେ ଯୋଗାଭ୍ୟାସ

ବିଶ୍ୱକୁ ଭାରତୀୟ ସଂସ୍କୃତିର ଅନନ୍ୟ ଉପହାର ହେଉଛି ଯୋଗ। ଜୀବନରେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ଯୋଗ, ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାନ ଅବଦାନ। ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଫରେଷ୍ଟପାର୍କ ମଧ୍ୟରେ ଡାକ୍ତର ଜୟକୃଷ୍ଣ ମିଶ୍ର, ଚାଟାର୍ଡ ଆକାଉଣ୍ଟାଣ୍ଟ ଦୁର୍ଯ୍ୟୋଧନ ପରିଡା, ଏସିପି ଉତ୍କଳ ଆଇଚ, ଅଧିବକ୍ତା ଦିବାକର ମିଶ୍ର, ମନୋଜ ପାତ୍ର, ସମାଜସେବୀ ପ୍ରକାଶ ନାୟକ, ପ୍ରତିଷ୍ଠିତ ବ୍ୟବସାୟୀ ରୁବୁ ପତିହାରୀ, ଅନିରୁଦ୍ଧ ସାହୁ, ନାରାୟଣ ସାହୁ, ଆର୍ଟିଟେକ ଶୈଳେଞ୍ଜୁ ଦାସ ଏବଂ ଶିକ୍ଷାବିତ ତପନ ସାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'ର ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ଜଳ ସମ୍ପଦ ବିଭାଗ

ଯୋଗ କେବଳ ଶରୀରକୁ ସୁସ୍ଥ ରଖିବାର ମାଧ୍ୟମ ନୁହେଁ ବରଂ ଏହା ମନ, ଶରୀର ଓ ପ୍ରକୃତି ମଧ୍ୟରେ ସନ୍ତୁଳନ ସ୍ଥାପନକରି ଏକ ସୁସ୍ଥ ଓ ସଚେତନ ସମାଜ ଗଠନ କରିବାର ପଥକୁ ପ୍ରଶସ୍ତ କରିଥାଏ। ଏହି ବାର୍ତ୍ତାକୁ ନେଇ ଜଳ ସମ୍ପଦ ବିଭାଗର ସାଂସ୍କୃତିକ ପରିଷଦ ପକ୍ଷରୁ ରାଜୀବ ଭବନ ପରିସରରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସାଂସ୍କୃତିକ ପରିଷଦର ସଭାପତି ଜୟ କିଶୋର ମିଶ୍ର, ସାଧାରଣ ସମ୍ପାଦକ ପ୍ରେମନାଥ ବେହେରା ଓ ବିଭାଗର ବରିଷ୍ଠ ଅଧିକାରୀ, ଇଞ୍ଜିନିୟର ଏବଂ କର୍ମଚାରୀବୃନ୍ଦ ଯୋଗ ଦେଇଥିଲେ। ଚଳିତ ବର୍ଷର ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗ' ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀ ସାମୂହିକ ଭାବେ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରିଥିଲେ।

## ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଚନ୍ଦ୍ରଶେଖରପୁରସ୍ଥିତ ଆ.ର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ନବନିଯୁକ୍ତ ଅଧ୍ୟକ୍ଷ ବିଜୟରାମ ଜେନା ଏହି ଯୋଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱକୁ ଭାରତମାଟିର ଶ୍ରେଷ୍ଠ ଅବଦାନ ହେଉଛି ଯୋଗ। ଯୋଗ ଦ୍ୱାରା ମଣିଷ ନିରୋଗ ରୁହେ ଏବଂ ଯୋଗ ଦ୍ୱାରା ସୁସ୍ଥ ସମାଜ ଗଠନ କରାଯାଇପାରେ। ବରିଷ୍ଠ ଅଧ୍ୟାପିକା ସୁଜାତା ସାମନ୍ତରାୟ ପ୍ରତ୍ୟେକ ବ୍ୟକ୍ତି ଦୈନିକ ଯୋଗ କଲେ ଅସାଧ ରୋଗ ଗ୍ରାସ କରିନଥାଏ। ବରିଷ୍ଠ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ଡ. ଦେବରାଜ ସ୍ୱାଇଁ, ଅଧ୍ୟାପକ ମନୋଜ କୁମାର ରାଏ, ଅଧ୍ୟାପିକା ଶାଶ୍ୱତୀ ମହାନ୍ତି, ଅଧ୍ୟାପିକା ମନୋରମା ସାହୁ, ମନସ୍ୱିନୀ ମିଶ୍ର ପ୍ରମୁଖ ଯୋଗ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଯୋଗ ଶିବିରକୁ ଶିବ ଜେନା ସଂଯୋଜନା କରିଥିଲେ।

## ଏଫ୍‌ଏଫ୍‌ସିର ଯୋଗାଭ୍ୟାସ ଓ ସ୍ୱାସ୍ଥ୍ୟ ସଚେତନତା

ଇଣ୍ଟରନ୍ୟାସନାଲ ଯୋଗ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଆୟୋଜିତ ଯୋଗ ପ୍ରଶିକ୍ଷଣ ଶିବିରରେ ଫନ୍ ଆଣ୍ଡ ଫିଟ୍‌ନେସ ୱାର୍କସ୍ କ୍ଲବ୍‌ର ସଦସ୍ୟମାନେ ଯୋଗଦାନ କରିଥିଲେ। ଯୋଗାଭ୍ୟାସ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ସଚେତନତା ଉଦ୍ଦ୍ୟେଶରେ ୱାର୍କସ୍ ଇଣ୍ଟରନ୍ୟାସନାଲ ଯୁଗାନ୍ତକାରୀ ବାର୍ତ୍ତା ସ୍ୱାସ୍ଥ୍ୟ ପାଇଁ ଚାଲନ୍ତୁ, ଜୀବନ ଶୈଳୀର ପରିବର୍ତ୍ତନ କରି ଯୋଗ ଓ ପ୍ରାଣାୟମ ଦ୍ୱାରା ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂପାଦକ ସୌଭାଗ୍ୟ ନାୟକ, ପୂର୍ବତନ ସଭାପତି ଆଶିଷ ପଟ୍ଟନାୟକ, ସସ୍ମିତା ବେହେରା ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଲୋକ ଭବନରେ ଯୋଗାଭ୍ୟାସ କଲେ ରାଜ୍ୟପାଳ

ଲୋକ ଭବନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ନିଉଅଭିଷେକ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ଲୋକ ଭବନର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲଥ୍ ୟୁନିଭର୍ସିଟି ଏବଂ ଅଭିନବ ବିନ୍ଦ୍ରା ସ୍ପୋର୍ଟସ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକ ସୁଶୀଲ୍ ପଟ୍ଟନାୟକ, ନୀଳିମା ପାଳ ଏବଂ ଜ୍ୟୋତିକାନ୍ତ ସାମଲ୍ ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାରତୀୟ ଯୋଗ ସଂସ୍ଥାନ

ଭାରତୀୟ ଯୋଗ ସଂସ୍ଥାନର ଖଣ୍ଡଗିରି ଯୋଗ ଜିଲ୍ଲା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଂସ୍ଥାନର ଓଡିଶା ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଜିଲ୍ଲା ମନ୍ତ୍ରୀ ରଘୁନାଥ ପୃଷ୍ଟି ଯୋଗାଭ୍ୟାସୀ ତଥା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଯୋଗ ଦିବସର ଇତିହାସ ଓ ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ୟକ ଭାବରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଗଠନ ମନ୍ତ୍ରୀ ଇଶାରା ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂସ୍ଥାନର ସାଧକ ସାଧିକା, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ସଭାପତି ଅଜୟ ସାହୁ, ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀଙ୍କ ସମେତ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଏଫ୍‌ଏଫ୍‌ସିର ଯୋଗାଭ୍ୟାସ




ଭାରତୀୟ ଯୋଗ ସଂସ୍ଥାନ



## ଯୁବଶକ୍ତି ଟ୍ରଷ୍ଟ




ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ଅବସରରେ ଯୁବଶକ୍ତି ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରଠାରେ ଏକ ପ୍ରେରଣାଦାୟୀ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ଓଲିଉଡ ଅଭିନେତ୍ରୀ ଶୀତଲ ପାତ୍ର ଓ ପୂନମ ମିଶ୍ର, ପ୍ରସିଦ୍ଧ କ୍ରୀଡାବିତ ଦୂତୀ ଚାନ୍ଦଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଯେଉଁମାନେ କି ଏହି ଯୋଗ ଶିବିରରେ ସକ୍ରିୟ ଭାବେ ଯୋଗ ଅଂଶଗ୍ରହଣ କରିବା ସହ ଯୁବପିଢ଼ିଙ୍କୁ ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ଆପଣେଇବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ଯୁବଶକ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ଅମିତ କୁମାର ମଲ୍ଲିକ କହିଥିଲେ, ଯୋଗକେବଳ ଏକ ବ୍ୟାୟାମ ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ଆମେ ଯୁବପିଢ଼ିଙ୍କ ମଧ୍ୟରେ ସୁସ୍ଥତା, ଶୃଙ୍ଖଳା ଓ ସକରାତ୍ମକ ଚିନ୍ତାଧାରା ପ୍ରସାର ପାଇଁ ଆମେ ପ୍ରତିବଦ୍ଧ। ଏହି କାର୍ଯ୍ୟକ୍ରମରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ସହଯୋଗ ଦିବସ ପାଳନ କରିବା ପାଇଁ ଟ୍ରଷ୍ଟର ସଦସ୍ୟ, ତାଙ୍କର ପରିବାରବର୍ଗ, ବନ୍ଧୁ ଏବଂ ଶୁଭେଚ୍ଛୁମାନେ ଏକତ୍ରିତ ହୋଇଥିବାର ଦେଖିବା ବେଶ ଉତ୍ସାହ ଜନକ। ଯୋଗ ପ୍ରଶିକ୍ଷକ ଅଭିଷେକ ମହାନ୍ତି କହିଥିଲେ, ଯୋଗହେଉଛି ଏକ ଚିରନ୍ତନ ସାଧନା ଯାହା ବ୍ୟକ୍ତିଙ୍କ ଶାରୀରିକ ଶକ୍ତି, ନମନୀୟତା ଓ ମାନସିକ ଦୃଢ଼ତାକୁ ବୃଦ୍ଧି କରିଥାଏ।

## ଉତ୍କଳ ବିଶ୍ୱବିଦ୍ୟାଳୟ



ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟ ଏବଂ 'ଓଡ଼ିଶା ଯୋଗ ମହୋତ୍ସବ ସମିତି' ପକ୍ଷରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ 'ସୁସ୍ଥ ଦୀର୍ଘାୟୁ ପାଇଁ ଯୋଗ' ପାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସକୁ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ ଅଂଶ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ସନ୍ତୁଳିତ ଓ ସୁସ୍ଥ ଜୀବନଶୈଳୀ ପାଇଁ "ଜେନ-ଜି'ଙ୍କୁ ପ୍ରାଚୀନ ଭାରତୀୟ ଯୋଗ ବିଜ୍ଞାନକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରତିଯୋଗିତା ମୂଳକ ପାଠପଢ଼ା ମଧ୍ୟରେ ଚାପର ସଫଳ ମୁକାବିଲା ପାଇଁ ଯୋଗ ଏକ ମହୌଷଧି ବୋଲି କହିଛନ୍ତି। ଏଥିରେ ଆର୍‌ଏସଏସର କାର୍ଯ୍ୟବାହ ପ୍ରସନ୍ନ ସେନାପତି, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜଙ୍ଘେଶ୍ୱର ଦଣ୍ଡପାଟ ଏବଂ କୁଳସଚିବ ଡ. ସ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିଟ୍- ୯ ବ୍ରହ୍ମାକୁମାରୀଜ୍ ଓମ୍ ନିବାସ

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବ୍ରହ୍ମାକୁମାରୀଜ୍ ଓମ୍ ନିବାସ, ୟୁନିଟ୍୯, ଭୁବନେଶ୍ୱର, ଭାରତୀୟଯୋଗ ସଂସ୍ଥାନ ଏବଂ ସ୍ୱର୍ଶ ହସ୍ପିଟାଲର ମିଳିତ ସହଯୋଗରେ ଇନ୍ଦିରା ପାର୍କ, ଭୁବନେଶ୍ୱର ଠାରେ ଏକ ବିଶାଳ ଯୋଗ ଓ ରାଜଯୋଗ ଧ୍ୟାନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ସକାଳୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୋଗପ୍ରେମୀ, ସ୍ୱାସ୍ଥ୍ୟ ସଚେତନ ନାଗରିକ, ଯୁବବର୍ଗ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବ୍ରହ୍ମାକୁମାରୀଜ୍ ୟୁନିଟ୍୯ର ସଂଚାଳିକା ରାଜଯୋଗିନୀ ବି.କେ. ଗୀତା ଦିଦିଙ୍କ ନିର୍ଦ୍ଦେଶନାରେ ଯୋଗ ଓ ରାଜଯୋଗ ଧ୍ୟାନର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା।

## ୟୁନିଟ-୨ ସରକାରୀ ଉଚ୍ଚବିଦ୍ୟାଳୟ



ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ସ୍ଥାନୀୟ ୟୁନିଟ ୨ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀ ସବିତା ପରିଡ଼ଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର, ବକ୍ତାଭାବେ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଣତି ନେହେଲା ବିଭିନ୍ନ ଉଦାହରଣ ମାଧ୍ୟମରେ ଯୋଗ ପ୍ରାଣାୟାମ ଦ୍ୱାରା ମଣିଷ କିପରି ସୁସ୍ଥ ନିରାମୟ ଜୀବନ ଯାପନ କରିପାରେ ତାହା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ଏବଂ ନିୟମିତ ଯୋଗ ପ୍ରାଣୀୟମ କରିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। କ୍ରୀଡା ଶିକ୍ଷୟତ୍ରୀ ସୁଷମା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବିଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଖ୍ୟାତ ସୀତାର ବାଦକ ଗୁରୁ ପଣ୍ଡିତ ସୁରମଣୀ ବାଉରୀବନ୍ଧୁ ସେଠୀଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୧।୬(ସମିସ): ସ୍ୱରାଞ୍ଜଳୀ ଏବଂ ଶ୍ରେୟାସ ୱେବ୍ ମିଡ଼ିଆ ସହଯୋଗରେ ଗୀତଗୋବିନ୍ଦ ସଦନଠାରେ ପ୍ରଖ୍ୟାତ ସୀତାର ବାଦକ ଗୁରୁ ପଣ୍ଡିତ ସୁରମଣୀ ବାଉରୀବନ୍ଧୁ ସେଠୀଙ୍କ ସ୍ମୃତିରେ ସଙ୍ଗୀତରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିନ୍ତା ଓ ଚେତନା ଅନୁଷ୍ଠାନର ସମ୍ପାଦକ ତଥା ସଂଗଠକ ସୁରେନ୍ଦ୍ର ଦାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ପଣ୍ଡିତ ସୁରମଣୀ ବାଉରୀବନ୍ଧୁ ସେଠୀଙ୍କ ଧର୍ମପତ୍ନୀ ପଙ୍କଜିନୀ ସେଠୀ, ନୀଳ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱରାଞ୍ଜଳୀ ଦିଲ୍ଲୀର ସଂସ୍ଥାପକ ପଣ୍ଡିତ ସୁବ୍ରତ ଦେଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗୁରୁ ଆଲୋକ ଦାସ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ଗୀତ୍ ମଲ୍ଲିକ ମଙ୍ଗଳାଚରଣ ଏବଂ ସ୍ଥାୟୀ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଅର୍ଘ୍ୟରେ ଗୁରୁ ଅଭିମନ୍ୟୁ ସାହୁଙ୍କ ନିର୍ଦ୍ଦେଶନାରେ ମଞ୍ଚେଶ୍ୱର ଶିଶୁ ନିକେତନର ଶିଳ୍ପୀ ଓମ୍ ପ୍ରକାଶ ମହାଲିକ, ଶ୍ରୀତ୍ତିକ କୁଅଁର, ଅନନ୍ୟା ପଟ୍ଟନାୟକଙ୍କ ଦ୍ୱାରା ସମବେତ ଶାସ୍ତ୍ରୀୟ ଗାୟନ କରାଯାଇଥିଲା। ଡ. ବିଳମ୍ବିତା ବାଣୀସୁଧା ରାଗ-ମଧୁକୌଁଷରେ ବିଳମ୍ବିତ ଏକତାଲ ଏବଂ ଦ୍ରୁତ ତିନ୍ ତାଲରେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଏବଂ ହିନ୍ଦୀ ଭଜନ ପରିବେଷଣ କରିଥିଲେ। ତବଲାରେ ତାଙ୍କୁ ଗୁରୁ ଶ୍ରୀ କୂଳମଣୀ ସାହୁ ଏବଂ ହାର୍ମୋନିୟମରେ ଗୁରୁ ଧନେଶ୍ୱର ଓଝା ଏବଂ ତାନପୁରାରେ କେହେରା ସହଯୋଗ କରିଥିଲେ। ଶେଷରେ ପଣ୍ଡିତ ସୁବ୍ରତ ଦେ ସୀତାରରେ ରାଗ-ଦେଶ ଏବଂ ଧୂନ୍ ପରିବେଷଣ କରିଥିଲେ। ତାଙ୍କୁ ତବଲାରେ ଗୁରୁ ପ୍ରାଣ ପ୍ରକାଶ ଦାସ ସହଯୋଗ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଳ୍ପୀଙ୍କୁ ସ୍ୱରାଞ୍ଜଳୀ ଦିଲ୍ଲୀ ପକ୍ଷରୁ ମାନପତ୍ର ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା।

# 'ଲେଖକ ହେବାର ଯାତ୍ରାଟି ଯେମିତି ଲମ୍ବା, ସେମିତି ଲମ୍ବା ମଣିଷ ହେବାର ଯାତ୍ରା'



ଭୁବନେଶ୍ୱର, ୨୧।୬(ସମିସ): ଦେବବ୍ରତ ଦାସଙ୍କ ସଦ୍ୟ ପ୍ରକାଶିତ 'ତୃଷ' ଉପନ୍ୟାସ ପଠନ ଓ ପୁସ୍ତକ ସ୍ୱାକ୍ଷର କାର୍ଯ୍ୟକ୍ରମ 'ଅବିକା ବୁକ୍ ହାଇଭ୍' ପ୍ରକାଶନ ଦ୍ୱାରା ବୋକା ବୁକ୍ ଷ୍ଟୋର, ବୋକା କାଫେ ମାଷ୍ଟର କ୍ୟାଣ୍ଟିନରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଆରା କାର୍ଯ୍ୟକ୍ରମରେ ଓଡ଼ିଶାର ସାମ୍ପ୍ରତିକ ସ୍ଥିତି ବିଷୟରେ କହିବାକୁ ଯାଇ ଲେଖକ ଦେବବ୍ରତ ଦାସ କହିଥିଲେ ଯେ, 'ଲେଖକ ହେବାର ଯାତ୍ରାଟି ଯେମିତି ଲମ୍ବା, ସେମିତି ଲମ୍ବା ମଣିଷ ହେବାର ଯାତ୍ରା' ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଲେଖକଙ୍କ ରଚିତ ଉପନ୍ୟାସ ପୁସ୍ତକକୁ ଉପସ୍ଥିତ ପାଠକ ପ୍ରଶଂସା କରିଥିଲେ। ଏହି ପାଠପୁସ୍ତକ ପଠନ କାର୍ଯ୍ୟକ୍ରମରେ ଅଭିପ୍ସା ଜେନା, ନିରୁପମା, ପ୍ରଜ୍ଞା ପାରମିତା ପ୍ରିୟଦର୍ଶିନୀ, ବନ୍ଦନା ମିଶ୍ର ପ୍ରମୁଖ। ଅଂଶ ଗ୍ରହଣ କରିଥିଲେ। ପରେ ପରେ ପୁସ୍ତକ ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରକାଶକ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଟିୟୁସିସିର ରାଜ୍ୟସ୍ତରୀୟ କନଭେନସନ

# ଆନ୍ଦୋଳନ ତୀବ୍ରତର କରିବାକୁ ଆହ୍ୱାନ



ଭୁବନେଶ୍ୱର, ୨୧।୬(ସମିସ):

ଦେଶର ଅନ୍ୟତମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଟ୍ରେଡ ୟୁନିୟନ କୋ- ଅଡିନେସନ ସେଣ୍ଟର (ଟିୟୁସିସି) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ରାଜ୍ୟସ୍ତରୀୟ କନଭେନସନ ୟୁନିଟ-୬ ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟିୟୁସିସିର ରାଜ୍ୟ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟ ସ୍ତରୀୟ କନଭେନସନକୁ ଶ୍ରମିକ ଶ୍ରେଣୀର ପ୍ରତିନିଧି ଭାବରେ ନବରଙ୍ଗପୁରର ଶ୍ରମିକ ନେତ୍ରୀ ନିଶା ଭତରା ଉଦଘାଟନ କରିଥିଲେ। ଏହି କନଭେନସନର ମୁଖ୍ୟ ଅତିଥି ଭାବରେ ଟିୟୁସିସିର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଜୀଆର ଶିବଶଙ୍କର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୋଦି ସରକାର ଅମଳରେ ଶ୍ରମିକ ଶ୍ରେଣୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ବୋଲି ଅଭିଯୋଗ କରିଥିଲେ। ଦେଶରେ ପ୍ରଚଳିତ ଶ୍ରମ ଆଇନର ସଂଶୋଧନ କରାଯାଇ ଶ୍ରମ କୋଡ଼ ପ୍ରଚଳନ, ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକର ଘରୋଇ କରଣ, ବ୍ୟାପକ ଶ୍ରମିକ ଛଟେଇ, ଠିକା ନିଯୁକ୍ତି, ଆଠ ଘଣ୍ଟିଆ ବଦଳରେ ଦଶ ଘଣ୍ଟିଆ କାର୍ଯ୍ୟ ଦିବସ ପ୍ରଚଳନ ଆଦି ଫଳରେ ଶ୍ରମିକ ଶ୍ରେଣୀର ଦୁର୍ଦଶା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସମୟରେ ଜାତୀୟତା ବାଦୀ ଶ୍ରମିକ ସଂଗଠନ ଭାବରେ ଶ୍ରମିକ ଶ୍ରେଣୀର ସଂଗ୍ରାମକୁ ତୀବ୍ରତର କରିବା ପାଇଁ ଉପସ୍ଥିତ ଟିୟୁସିସିର ସାଥିମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଓଡିଶା ହାଇକୋର୍ଟର ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଯୋଗ ଦେଇ "ଶ୍ରମକୋଡର୍ ଓ ଦେଶର ଶ୍ରମଜୀବୀ ମଣିଷ' ଶୀର୍ଷକ ବିଷୟ ବସ୍ତୁ ଉପରେ ଭାବରେ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ସମଦୃଷ୍ଟିର ସମ୍ପାଦକ ବିଘ୍ନେଶ୍ୱର ସାହୁ, ଫରୱାଡର୍ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ଦୃଢ଼ ଭାବରେ ବିରୋଧ କରିବା ସହ ଏହା ବିରୋଧରେ ଐକବୋଧ ଶ୍ରମିକ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଏହି କନଭେନସନ ଅବସରରେ ନୀଳାଚଳ ଇସ୍ପାତ ନିଗମ ଶ୍ରମିକ ସଂଘ , କଳିଙ୍ଗ ନଗର ଶ୍ରମିକ ସଂଘ ସମେତ ଅନ୍ୟାନ୍ୟ ଶ୍ରମିକ ସଂଗଠନର ନେତା ସବଶ୍ରୀ ପ୍ରତାପ ଜେନା, ବାବୁଲି ପୂର୍ତ୍ତି, ଯୁବ ଶ୍ରମିକ ନେତା ପ୍ରସନ୍ନଜିତ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ନେତା ଟିୟୁସିସିରେ ଯୋଗ ଦେଇଥିଲେ। ଏହି କନଭେନସନ ଅବସରରେ ଟିୟୁସିସିର ନୂତନ ୨୩ ଜଣିଆ ରାଜ୍ୟ କମିଟି ଗଠନ କରାଯାଇଥିଲା। ଏହି ନୂତନ କମିଟିର ରାଜ୍ୟ ସଭାପତି ରୂପେ ଜ୍ୟୋତି ରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ଜେନା, ଏବଂ କୋଷାଧକ୍ଷ ଲକ୍ଷ୍ମୀ ଦୋରା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ନିରଞ୍ଜନ ଭୋଇ, ସନ୍ତୋଷ ସାହୁ, ଧନ ଗିଉରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୧୩ ଜଣଙ୍କୁ ବିଭିନ୍ନ ଯୋଜନାର ସହାୟତା ବଣ୍ଟନ

ତିଗିରିଆ, ୨୧।୬ (ସମିସ): ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ୧୧୩ ଜଣ ହିତାଧିକାରୀମାନଙ୍କୁ ସହାୟତା ବଣ୍ଟନ କରାଯାଇଛି। ଅତିରିକ୍ତ ବିଡ଼ିଓ ଯାଜ୍ଞସିନୀ ଗୋଛାୟତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଶିଷ୍ଟ ଅତିଥି ଭାବେ ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ଜ୍ଞାନରଞ୍ଜନ ବଡ଼ଜେନା, ଜିପିଡ଼ିଓ ବନ୍ଦନା ମଲ୍ଲିକ, ବିପିଏମ ମହେନ୍ଦ୍ର କୁମାର କୁଣ୍ଡୁ, ଏଏଲଓ ଦିବଙ୍କର ଦୀକ୍ଷିତ, ସିଡିପିଓ ବୀଣାପାଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୬ ଜଣ, ୨୪ ଜଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବ୍ୟକ୍ତିଙ୍କୁ ପଟ୍ଟା, ଶ୍ରମ ବିଭାଗ ଅଧୀନରେ ୧୪୮ ଜଣ ହିତାଧିକାରୀଙ୍କ ମଧ୍ୟରୁ ୭୭ ଜଣଙ୍କୁ ବିବାହ ସହାୟତା, ୭ ଜଣଙ୍କୁ ମୃତ୍ୟୁ ସହାୟତା, ୨ ଜଣଙ୍କୁ ପ୍ରସବ ସହାୟତା, ୬୨ ଜଣଙ୍କୁ ଶିକ୍ଷା ସହାୟତା, ଓଡିଶା ଜୀବିକା ମିଶନ (ମିଶନ ଶକ୍ତି) ବିଭାଗ ପକ୍ଷରୁ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଆଇଏଫ ଋଣ ପ୍ରଦାନ କରାଯାଇଥିଲା। ସେହିପରି ପୋଷଣ ଅଭିଯାନ ଯୋଜନା ଅନ୍ତର୍ଗତ ୩୦ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ ମୋବାଇଲ ଫୋନ ବଣ୍ଟନ କରାଯାଇଛି। ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# କୃତୀ କଳାକାରଙ୍କୁ ପୁରସ୍କାର ବଣ୍ଟନ



ନିଶ୍ଚିନ୍ତକୋଇଲି, ୨୧।୬ (ସମିସ): ଓରତିସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ଦଶମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ କାର୍ଯ୍ୟକ୍ରମରେ ବହୁ ଶିଶୁ କଳାକାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତିରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କୃତୀ ଶିଶୁ କଳାକାରମାନଙ୍କୁ ପୁରସ୍କୃତ କରିଛନ୍ତି। ଦେବକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଏହି ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି ବିନୋଦ କୁମାର ସାମଲ, ସମୀରକେତନ ରାଉତ, ନୃସିଂହ ଚରଣ ପରିଡା, ଦେବେନ୍ଦ୍ର କୁମାର ସାହୁ, ରମେଶଚନ୍ଦ୍ର ସ୍ୱାଇଁ, ଦେବଦତ୍ତ କର, ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର ରାଉତ, ପିତାମ୍ବର ମହାନ୍ତି, ଅଶୋକ ସାହୁ, ହରମୋହନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# କିଡନୀ ରୋଗୀଙ୍କୁ ଉଦ୍ଧାର ଫାଉଣ୍ଡେସନର ସହାୟତା



**ଟାଙ୍ଗୀ,୨୧।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ଶରତଚନ୍ଦ୍ର ବାରିକଙ୍କ ଦୁଇଟି କିଡନୀ ନଷ୍ଟ ହୋଇଯାଇଛି। କିଡନୀ ପ୍ରତିରୋପଣ ପାଇଁ ବିଭିନ୍ନ ଅନୁଷ୍ଠାନକୁ ସହଯୋଗ ମାଗିଥିଲେ। ଏବିଷୟରେ ସକାଳ ଖବରକାଗଜରେ ପ୍ରକାଶିତ ହେବାପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସହଯୋଗ କରୁଥିବା ଜଣାପଡ଼ିଛି। ଏହି ଅବସରରେ ଚୌଦ୍ୱାରସ୍ଥ ଉଦ୍ଧାର ଫାଉଣ୍ଡେସନ ସଂଗଠନ ସଭାପତି ନରୋତ୍ତମ ଦାସଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ କେଦାରନାଥ ବେହେରା, ଅଂଶୁମାନ କର, ସୁବ୍ରତ ଖଟୁଆ, ରଶ୍ମିରଞ୍ଜନ ସାହୁ, ସୁନୀଲ ମୁର୍ମୁ ଓ ସାହିଲ ସୋହନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଶରତଙ୍କ ଘରେ ପହଞ୍ଚି ଆର୍ଥିକ ସହଯୋଗ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇ ଆରୋଗ୍ୟ କାମନା କରିଥିଲେ।

# ଜବରଦଖଲ ପାଇଁ ଗ୍ରାମ୍ୟରାସ୍ତା ସଂକୀର୍ଣ୍ଣ; ପ୍ରଶାସନ ନିରବ

ନିଶ୍ଚିନ୍ତକୋଇଲି, ୨୧।୬(ସମିସ)

ନିଶ୍ଚିନ୍ତକୋଇଲି ତହସିଲ ଜନାର୍ଦ୍ଦନପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଗ୍ରାମ୍ୟ ରାସ୍ତାଟି ଦୀର୍ଘ ବର୍ଷ ହେବ ଜବରଦଖଲରେ ରହିଛି। ସରକାରୀ ନକ୍ସା ଅନୁଯାୟୀ ଏହି ରାସ୍ତାର ଓସାର ୩୦ରୁ ୪୦ କଡ଼ି ମଧ୍ୟରେ ରହିଥିବା ବେଳେ ଜବରଦଖଲ ଯୋଗୁ ବର୍ତ୍ତମାନ ରାସ୍ତା ଓସାର ପ୍ରାୟ ୧୦ କଡ଼ି ରହିଛି। ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ

**ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

କରିବା ପାଇଁ ଡ. ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ଗ୍ରାମବାସୀ ଗତ ୫.୪.୨୦୨୬ରେ ଏବଂ ୨.୫.୨୦୨୬ରେ ଦୁଇଥର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଶେଷରେ ବାଧ୍ୟ ହୋଇ ନ୍ୟାୟ ପାଇଁ ସ୍ଥାନୀୟ ଗ୍ରାମବାସୀ କଟକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ଗତ ୨୯.୫.୨୦୨୬ରେ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୋପୀନାଥପୁର ଗ୍ରାମକୁ ଯିବା ପାଇଁ ଚିତ୍ରୋପ୍ତଳା ନଦୀ ବନ୍ଧରୁ ତାରିଣୀ ଗଡ଼ା ନାମକ ଏକ ରାସ୍ତା ରହିଛି। ଦେଶ ସ୍ୱାଧୀନର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାରେ ଏହି ରାସ୍ତାଟି ରହିଥିବାରୁ ଏହାକୁ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ ଢଳେଇ ରାସ୍ତାରେ ପରିଣତ କରାଯାଇନାହିଁ। କେବଳ ଗଡ଼ା ନିକଟରୁ ୧୦୦ ଫୁଟ ରାସ୍ତାକୁ ଢଳେଇ କରାଯାଇଥିବା ବେଳେ ଅନ୍ୟ ୫୦୦ ମିଟରରୁ ଉର୍ଦ୍ଧ୍ୱ ଦୈର୍ଘ୍ୟ ବିଶିଷ୍ଟ ରାସ୍ତା କଚ୍ଚା ରହିଛି। ଏହି ରାସ୍ତାର ଶେଷ ମୁଣ୍ଡରେ ମାତୃକ୍ଷେତ୍ର ତାରିଣୀ ମନ୍ଦିରଟିଏ ରହିଥିଲେ ମଧ୍ୟ ଟିକିଏ ବର୍ଷା ହେଲେ



ରାସ୍ତାଟି ପାଣି କାଦୁଅରେ ସର ସର ହୋଇପଡୁଥିବାରୁ ବାହାର ଲୋକେ ଓ ଗ୍ରାମବାସୀ ସେଠାକୁ ଯିବା ପାଇଁ ହଇରାଣ ହରକତ ହୋଇଥାଆନ୍ତି। ଏବେ ରାସ୍ତାଟି ଅଣଓସାରିଆ ହୋଇ ରହିଥିବାରୁ ଗୋଟିଏ ଟଲି ଗଲେ ଅପର ପାଶ୍ୱର୍ରୁ ଆସୁଥିବା ସାଇକେଲ ଓ ବାଇକ ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଛି। ଏପରିକି ଗତ ୨୦୨୫ ଶୀତଳ ଷଷ୍ଠୀରେ ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବକୁ କଟକ ସଦର ବିଧାୟକଙ୍କୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା ବେଳେ ତାଙ୍କ ଗାଡି ମଧ୍ୟ ଏହି ରାସ୍ତାରେ ଯିବା ବେଳେ ଏକ ଖାଲରେ ଗଳିପଡିବାରୁ ସେ ପାଦରେ ଚାଲି ଚାଲି ସେଠାକୁ ଯାଇଥିଲେ। ଛଅମାସ ମଧ୍ୟରେ ଉକ୍ତ ରାସ୍ତାକୁ ଢଳେଇ କରିବା ପାଇଁ ସେହିଦିନ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏକ ବର୍ଷ ବିତିଯାଇଛି ହେଲେ ରାସ୍ତା ହୋଇ ପାରିନାହିଁ। ଏହି ରାସ୍ତା ବାଟ ଦେଇ ଗ୍ରାମବାସୀ ସେମାନଙ୍କର ଚାଷ ଜମିକୁ ଯାତାୟାତ କରୁଥିବା ବେଳେ କରସାହି, ମଧୁସୁଦନପୁରର ନାୟକ ସାହି ଏହି ରାସ୍ତା ଦେଇ ଯାଆସ କରନ୍ତି। ରାସ୍ତାଟି ଶୋଚନୀୟ ହୋଇଥିବାରୁ ଏହି ଗ୍ରାମ ମଧ୍ୟକୁ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳଗାଡି କିମ୍ବା ଯେ କୌଣସି ଚାରିଚକିଆ ଯାନ ସହଜରେ ଯାତାୟାତ କରିପାରୁନାହିଁ। ଆବଶ୍ୟକ ହେଲେ ରୋଗୀମାନେ ମଧ୍ୟ ଚିକିତ୍ସା ସେବା ପାଇଁ ଡାକ୍ତରଖାନା ଯିବାକୁ ନାନା ସମସ୍ୟାରେ ପଡିଥାଆନ୍ତି। ଏହି ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲା ବେଳେ କେତେ ଜଣ ସ୍ୱାର୍ଥପର ଜବରଦଖଲକାରୀ ରାସ୍ତାକୁ ଜବର ଦଖଲ କରିଥିବାରୁ ଏଭଳି ସମସ୍ୟା ଦେଖାଯାଇଛି। ତୁରନ୍ତ ସରକାରୀ ସ୍ତରରେ ଉକ୍ତ ରାସ୍ତାକୁ ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଏହାକୁ ଏକ ଉନ୍ନତମାନର ରାସ୍ତାରେ ପରିଣତ କରିବା ପାଇଁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

## ● ଶୁଭମ ମୃତ୍ୟୁକୁ ପୂରିଲା ୩ ମାସ
# ମିଳିଲାନି ବ୍ୟବଚ୍ଛେଦ ରିପୋର୍ଟ କି ଧରାପଡ଼ିଲେନି ହତ୍ୟାକାରୀ



**କଣ୍ଠାପଡ଼ା, ୨୧।୬(ସମିସ):** କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଧାନ ମଣ୍ଡଳ ନିକଟରେ ପ୍ରବାହିତ କନ୍ଦଳ ନଦୀ କୂଳରେ ୩ ମାସ ପୂର୍ବରୁ ଏକ ଅଚିହ୍ନା ଯୁବକଙ୍କ କ୍ଷତବିକ୍ଷତ ଶବ ମିଳିଥିଲା। ଶବ ଚିହ୍ନଟ ପରେ ଏହା ଗୋବିନ୍ଦପୁର ଥାନା କୂଳ ବ୍ରାହ୍ମଣସାଇଲୋ ଗ୍ରାମ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପୁଅ ଶୁଭମ ଓରଫ ସନ୍ତୋଷ ମହାରଣା (୧୮) ବୋଲି ଜଣାପଡିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଶୁଭମଙ୍କ କ୍ଷତବିକ୍ଷତ ଶବ ଯେଉଁଦିନ ଉଦ୍ଧାର ହେଲା ତା ପୂର୍ବ ଦିନରୁ ଶୁଭମ ଗ୍ରାମରୁ ନିଖୋଜ ହୋଇଯାଇଥିଲେ। କିଛି ଯୁବକ ଶୁଭମଙ୍କ ସହିତ କଳି ଝଗଡ଼ା ମଧ୍ୟ କରିଥିଲେ। ଏନେଇ ଶୁଭମଙ୍କ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଏତଲା ଦେଇଥିଲେ। ହେଲେ ହତ୍ୟାକାରୀ ଧରାପଡ଼ିବା ତ ଦୂରର କଥା ପରିବାର ଲୋକ ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ବାରମ୍ବାର ଥାନାକୁ ଯାଇ ନିରାଶ ହୋଇ ଫେରିବା ଘଟଣାକୁ ନେଇ ଗୋବିନ୍ଦପୁର ଥାନା ପୁଲିସର କାର୍ଯ୍ୟଧାରା ଉପରେ ସନ୍ଦେହ ସୃଷ୍ଟି କରିଛି। ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ସମ୍ବେଦନଶୀଳ ଘଟଣାର ଉପଯୁକ୍ତ ତଦନ୍ତ କରି ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

# ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା

ସାଲେପୁର, ୨୧।୬ (ସମିସ): ସନ୍ଧ୍ୟାରେ ଜଣେ ଯୁବକ ନିଜ ଶୋଇବା ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବାର ଜଣାଯାଇଛି। ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ ଜାଗୁଲାଇପଡ଼ା ଗ୍ରାମର ସୁଧାଂଶୁ ଶେଖର ନନ୍ଦ (୨୪) କୌଣସି କାରଣରୁ ନିଜ ଶୋଇବା ଘରେ ଫ୍ୟାନ୍ ପଏଣ୍ଟରେ ଗାମୁଛା ବାନ୍ଧି ଝୁଲିପଡିଥିଲେ। ପରିବାର ଲୋକ ଓ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ସୁଧାଂଶୁ କ'ଣ ପାଇଁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡ଼ିନାହିଁ।

## ବ୍ରଜଗୌରୀ ଟ୍ରଷ୍ଟର ବାର୍ଷିକ ମେଧାବୃତ୍ତି ପ୍ରଦାନ
# ୩୨୪ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି, ୭୪ ଶିକ୍ଷକ ସମ୍ମାନିତ



**ନିଶ୍ଚିନ୍ତକୋଇଲି, ୨୧।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହିସ୍ଥିତ ଦେବାଲୋକ ଏଜୁକେସନାଲ ଟ୍ରଷ୍ଟ ଆନୁକୂଲ୍ୟରେ ବ୍ରଜଗୌରୀ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ମେଧାବୃତ୍ତି ପ୍ରଦାନ ଉତ୍ସବ ହରପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସଂପାଦକ ପ୍ରଫେସର ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ଡ. ଦେବ୍ ମହାନ୍ତି ସମାଜ ପରିବର୍ତ୍ତନ ପାଇଁ ଶିକ୍ଷା ହେଉଛି ଏକ ବଡ଼ ଶକ୍ତି ବୋଲି ପ୍ରକାଶ କରିବା ସହିତ ଆଜିର ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ଦାୟାଦ ହୋଇଥିବାରୁ ସେମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରୋତ୍ସାହନ ଯୋଗାଇଦେବା, ମାର୍ଗଦର୍ଶନ କରାଉଥିବା ଶିକ୍ଷକ ଓ ପିତାମାତାଙ୍କୁ ସମ୍ମାନିତ କରିବା ଟ୍ରଷ୍ଟର ମୂଳଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟି ହରପ୍ରିୟା ମହାନ୍ତି ୭୪ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିବା ବେଳେ ୩୨୪ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଧାବୃତ୍ତି ଅର୍ଥ ସହାୟତା ଦେଇଥିଲେ। ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର, ଡେରାବିଶ ଓ କେନ୍ଦ୍ରାପଡା ବ୍ଲକର ମୋଟ ୭୪ଟି ବିଦ୍ୟାଳୟରେ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଗୋଟିଏ ବିଦ୍ୟାଳୟରେ ୪ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ବ୍ରଜଗୌରୀ ଟ୍ରଷ୍ଟର ଲୋକସଂପର୍କ ଅଧିକାରୀ ପ୍ରଭାତ କୁମାର ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ମନୋଜ ସାମଲ, କିଶାନ ଶତପଥୀ, ଭବାନୀ ଶଙ୍କର ଦାସ, ସନ୍ଦିପ୍ତ ସାମନ୍ତରାୟ, ଶାରଦା ପ୍ରସନ୍ନ ରାଉତ, ମନୋଜ ଦାସ, ବିରଜା ପ୍ରସାଦ ମିଶ୍ର, ପ୍ରୀତିଶ୍ ସ୍ୱାଇଁ, ବିକ୍ରମ କେଶରୀ ବଳ, ଶିକ୍ଷାସରିତା ଜେନା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୌଫୁନ୍ ନବି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ
# 'ଦେଶର ପ୍ରଗତିରେ ଯୋଗ ସହାୟକ ହୋଇପାରିବ'

କଟକ, ୨୧।୬(ସମିସ)

ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ କହିଲେ ଯେ ଏହି ଦିବସ ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ବିଶ୍ୱର ଶତାଧିକ ଦେଶରେ ଆଦୃତ ହୋଇଛି।

ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗାଭ୍ୟାସ ସହ ଦୈନନ୍ଦିନ ଜୀବନ ଯାପନ କିପରି ସରଳ ହୋଇପାରିବ ତଥା ଶାରୀରିକ ସୁସ୍ଥତା ଓ ମାନସିକ ଚାପମୁକ୍ତ ହୋଇ ଆମେ ରାଜ୍ୟ ତଥା ଦେଶର ପ୍ରଗତିରେ ନିଜ ନିଜ କ୍ଷେତ୍ରରେ ଭଲଭାବେ କାର୍ଯ୍ୟ ସଂପାଦନ କରିପାରିବା, ସେ ଦିଗରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥିଭାବେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ରାଷ୍ଟ୍ରୀ ସ୍ୱୟଂସେବକ ସଂଘ ପ୍ରାନ୍ତ ବୈଁକେ ପ୍ରମୁଖ ତନ୍ମୟ କୁମାର ମାହାପାତ୍ର, ଯୋଗ ମହୋତ୍ସବ ସମିତିର ସଂଯୋଜକ ଡ ଜୟକୃଷ୍ଣ ପରିଡ଼ା ଏବଂ ସହସଂଯୋଜକ ଭୋଳାନାଥ ନାୟକ, ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୪୫ ମିନିଟ୍ ଧରି ଯୋଗ ମହୋତ୍ସବ ସମିତିର ଯୋଗାଗୁରୁ ତଥା ସଦସ୍ୟ ଦେବୀପ୍ରସାଦ ମିଶ୍ର, ଶ୍ରୀମନ୍ତ କୁମାର ଆଚାର୍ଯ୍ୟ, ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ଦ୍ୱାରା ଯୋଗାଭ୍ୟାସ ଚାଲିଥିଲା।




ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ କ୍ରୀଡା ଅନୁଷ୍ଠାନ ତଥା ଜନପ୍ରତିନିଧି ଓ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା କାର୍ଯ୍ୟାଳୟର ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା ସଂଯୋଜନା କରିଥିଲେ।




ପତଞ୍ଜଳି ଯୋଗ ସମିତି




କୋଟସାହି ପଞ୍ଚାୟତ




ଟାଉନ୍ କ୍ଲବ୍



ଆୟୁର୍ବେଦିକ ଚିକିତ୍ସାଳୟ

### ପତଞ୍ଜଳି ଯୋଗ ସମିତି

**ସାଲେପୁର** : ପତଞ୍ଜଳି ଯୋଗପୀଠ ତତ୍ତ୍ୱାବଧାନରେ ସାଲେପୁର ହାଇସ୍କୁଲ ପଡ଼ିଆରେ ଦ୍ୱାଦଶ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ଭାରତ ସ୍ୱାଭିମାନ୍ ଟ୍ରଷ୍ଟର ତହସିଲ ପ୍ରଭାରୀ ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଯୋଗ ଶିବିରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କର, ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲା ସାମାଜିକ ସଦ୍‌ଭାବନା ସଂଯୋଜକ ଚିନ୍ମୟ ରଂଜନ ଶତପଥୀ, ପତଞ୍ଜଳି ଯୋଗ ସମିତିର ଆଜୀବନ ସଦସ୍ୟ ଶ୍ରୀକାନ୍ତ ଭୂୟାଁ ଯୋଗ କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ଶିଶିର ପଣ୍ଡା, ସଂଗ୍ରାମ କେଶରୀ କର ଯୋଗ ଶିକ୍ଷା ଦେଇଥିଲେ। ଏଥିରେ ମଧୁସୂଦନ ପାର୍କ ଯୋଗ ସମିତି, ମା' ବୁଢ଼ୀ ଜାଗୁଲାଇ ଯୋଗ ସମିତି, ବିଏସ୍‌ଏନ୍‌ଏଲ୍ ପଡ଼ିଆ ଯୋଗ ସମିତି, ମହାବୀର ଯୋଗ ସମିତି, ରାଇସୁଙ୍ଗୁଡ଼ା, ଭୀମଦାସପୁର ଯୋଗ ସମିତି, ଜପକୁଦ ଯୋଗ ସମିତିର ସଦସ୍ୟମାନେ ଯୋଗାଭ୍ୟାସ କରିଥିଲେ। ସନ୍ତୋଷ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ କୈଳାସଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କୋଟସାହି ପଞ୍ଚାୟତ

**ଟାଙ୍ଗୀ** : ମାଇଁ ଭାରତ କଟକ ଏବଂ ଦିଗବଳୟ, ଡାଲମିଆ ଭାରତ ଫାଉଣ୍ଡେସନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ସହଯୋଗରେ ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାଲମିଆ ଭାରତ ଫାଉଣ୍ଡେସନର ସିଏସ୍ଆର ମୁଖ୍ୟ କବିତା ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ କୁମାର ସାହୁ, ବରିଷ୍ଠ ଶିକ୍ଷାବିତ୍ ଅଶୋକ କୁମାର ପୃଷ୍ଟି, ବିଭୂତି ଭୂଷଣ ସାହୁ, ଯୁବ ସମାଜସେବୀ ତଥା ସାମ୍ବାଦିକ ଗଙ୍ଗାଧର ବେହେରା ଏବଂ ବିଦ୍ୟାମନ୍ଦିରର ସମ୍ପାଦକ ଭାଗ୍ୟଧର ସେଠୀ ଏବଂ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିନୋଦ ସାହୁଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

### ଟାଉନ୍ କ୍ଲବ୍

**ତିଗିରିଆ** : ବାଙ୍କି ବ୍ଲକ ଖଜୁରୀପଦା ଅଞ୍ଚଳର ଅନ୍ୱେଷଣ ଟ୍ରଷ୍ଟ, ତିଗିରିଆ ଟାଉନ କ୍ଲବ ଓ ବିନୋଦ ବିହାରୀ ମେମୋରିଆଲ ଟ୍ରଷ୍ଟ, ନରଗାଙ୍ଗ ମିଳିତ ଆନୁକୂଲ୍ୟରେ ରବିବାର ଟାଉନ କ୍ଲବ ପରିସରରେ ଯୋଗ ଅଭ୍ୟାସ ସହ ଶିକ୍ଷା ସମୃଦ୍ଧ -୨୦୨୬ କାର୍ଯ୍ୟକ୍ରମ ଓ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଭାବେ ଆଠଗଡ଼ସ୍ଥିତ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ମମତା ମିଶ୍ର, ଜେମାଦେଇପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରା, ଆଇନଜୀବୀ ରମେଶଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ତିଗିରିଆ ବ୍ଲକର ୩ ମହାବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ସୁଭାଷ ମହାନ୍ତି, ଶିକ୍ଷାବିତ୍ ପ୍ରଣବ ପଟ୍ଟନାୟକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବୋଧ ପଟ୍ଟନାୟକ, ଆଠଗଡ଼ କୋର୍ଟର ସରକାରୀ ଓକିଲ ବିକ୍ରମ କେଶରୀ ଦାସ ଯୋଗ ଦେଇଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ମାନସୀ ମହାନ୍ତିଙ୍କ ପରିଚାଳନାରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଜ୍ୟୋତିର୍ମୟୀ ପ୍ରଧାନ ପ୍ରଥମ, ପ୍ରତ୍ୟୁଷା ସାହୁ ଦ୍ୱିତୀୟ ଓ ଅମିତ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ଦିନରେ ଅନୁଷ୍ଠାନର ପୁରସ୍କାର ବାର୍ଷିକୀ ଉତ୍ସବରେ ବିଜେତାଙ୍କୁ ପୁରସ୍କୃତ କରାଯିବ। ପ୍ରସନ୍ନମଣି ଷଡି ଆଇକ୍ୟୁର ପରିଚାଳକ ଶୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଆୟୁର୍ବେଦିକ ଚିକିତ୍ସାଳୟ

**ଆଠଗଡ଼** : ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ଅଗ୍ରଣୀ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ଓ କନ୍ଦରପୁର ଆୟୁର୍ବେଦିକ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରାଙ୍ଗଣରେ ମୁଖ୍ୟଅତିଥି ଭାବେ ଚିକିତ୍ସାଳୟର ଡାକ୍ତର ପ୍ରଭାକର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଦର୍ଶନ ସାହୁ, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ସେଠୀ, ଚିକିତ୍ସାଳୟ ସହାୟକ ସୁନୀଲ ମିଶ୍ର ପ୍ରମୁଖ ଗ୍ରାମବାସୀ, ଯୁବକଙ୍କ ସହ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଗ୍ରାମବାସୀଙ୍କୁ ଔଷଧୀୟ ଚାରା ବଣ୍ଟନ କରିଥିଲେ। କ୍ଲବର ସଦସ୍ୟ ତପନ କୁମାର ସାହୁ ଯୋଗଭ୍ୟାସ କରାଇଥିଲେ। ଅପର୍ତ୍ତୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

### ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି** : ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଦ୍ୱାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ଏହି ଶିବିରକୁ କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀ ଉଦ୍‌ଘାଟନ କରିଥିଲେ। ଯୋଗଗୁରୁ ଅମିତ୍ ମହାନ୍ତି ଓ ସଂଜୀବ ବଳ ଶିବିରାର୍ଥୀମାନଙ୍କୁ ରୋଗରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ପ୍ରକାର ଯୋଗ କରାଇବାକୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବହୁ ଛାତ୍ରଛାତ୍ରୀ ଏହି ଶିବିରର ଲାଭ ଉଠାଇଥିଲେ। କ୍ରୀଡ଼ା ଶିକ୍ଷକ ଯୁଗାନ୍ତର ନାୟକ, ରମେଶ ବାହାଦୂର ସୋନାର, କିଶାନ ବାହାଦୂର ସୋନାର ସହଯୋଗ କରିଥିଲେ।

ସକାଳ
THE SAKALA



## କେରଳରେ ଓଡ଼ିଆ ଯୁବକଙ୍କ ନିର୍ମମ ହତ୍ୟା

# ମୃତଦେହ ଆଣିବାକୁ ପରିବାର ଲୋକଙ୍କ ନିବେଦନ



ରାୟଗଡ,୨୧।୬(ସମିସ): ରାୟଗଡ଼ ଜିଲ୍ଲାରେ ସରୁନି ଦାଦନ ଦୁଃଖ।ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କୁ କେରଳରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ଦୋରାଗୁଡା ଥାନା ଅନ୍ତର୍ଗତ ଡ଼ଙ୍ଗାସିଲ ଗ୍ରାମର ଧନପତି ନାୟକ। ତାଙ୍କ ବୟସ ୨୮ ବର୍ଷ ବୟସ ହେବ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାୟଗଡ ଜିଲା କାଶୀପୁର ବ୍ଲକ ଡ଼ଙ୍ଗାସିଲ ଗ୍ରାମର କାର୍ତ୍ତିକ ନାୟକଙ୍କ ପୁଅ ଧନପତି ନାୟକ ଗତ ୫ରୁ ୬ ବର୍ଷ ହେବ ଦାଦନ ଖଟିବାକୁ ସୁଦୂର କେରଳ ଯାଇଥିଲେ। ମୃତ ଦଳପତିଙ୍କ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ନଥିବାରୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଇଥିଲେ। ଗତ ୫ ବର୍ଷ ହେଲା ଯୁବକ ଜଣକ କେରଳ ରାଜ୍ୟର ତ୍ରିସୁରର ଏମ.ଜି. ରୋଡ଼ ସ୍ଥିତ କେନେରୀ ରେଷ୍ଟୋରାରେ କାର୍ଯ୍ୟ କରୁଥିଲେ। ଗତ ୧୮ ତାରିଖରେ ଧନପତି ନାୟକ କାର୍ଯ୍ୟରୁ ଛୁଟି ନେଇ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଧନପତିଙ୍କ ସହ ଆସାମର କିଛି ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଧନପତିଙ୍କୁ ଆସାମ ଓ ଓଡ଼ିଶାର କିଛି ପୁଅଝିଅ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ତ୍ରିସୁର ପୁଲିସ ଏକ ମାମଲା ରୁଜୁ କରି ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ମୃତଦେହ ଜବତ କରି ସ୍ଥାନୀୟ ମେଡିକାଲରେ ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।। ଏହି ଖବର ଗାଁ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ମୃତଦେହ ଗାଁ କୁ ଆଣିବା ସମ୍ଭବପର ନୁହେଁ। ଏଥିପାଇଁ ଦଳପତିଙ୍କ ମରଶରୀରକୁ ନିଜ ଭିଟାମାଟିକୁ ଆଣିବାକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ମୃତ ଧନପତି କାର୍ଯ୍ୟ କରୁଥିବା ରେଷ୍ଟୋରା ମାଲିକଙ୍କ ସହ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଲୋଚନା ହୋଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ମୃତଦେହ ଜନ୍ମ ମାଟିକୁ ଆଣିବାକୁ ଚେଷ୍ଟା ଚାଲିଥିବା ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ରନାଥ ତ୍ରିପାଠୀ କହିଛନ୍ତି।

## ଡାକ୍ତରଙ୍କୁ ଆକ୍ରମଣ ଘଟଣା, ଗିରଫ ସଂଖ୍ୟା ୯କୁ ବୃଦ୍ଧି

ମାଲକାନଗିରି, ୨୧।୬(ସମିସ): ଗତ ୧୭ ତାରିଖରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମୃତ୍ୟୁକୁ କେନ୍ଦ୍ର କରି ଡାକ୍ତରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ପୂର୍ବରୁ ୬ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଆଜି ପୁଣି ୩ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ମାଲକାନଗିରି ଏସପି ବିନୋଦ ପାଟିଲ ଏଚ ସୂଚନା ଦେଇଛନ୍ତି। ସୂଚନା ଥାଉକି ମାଲକାନଗିରି ଆଦର୍ଶ ଥାନା ଅଧୀନ ଏମ୍.ଭି.-୪୩ ଗ୍ରାମର ବନ୍ଦନା ମଣ୍ଡଳ ନାମକ ଜଣେ ଗର୍ଭବତୀ ମହିଳାଙ୍କୁ ସାପ କାମୁଡ଼ିଥିବା ସନ୍ଦେହ କରି ପରିବାର ଲୋକେ ମଙ୍ଗଳବାର ରାତି ପ୍ରାୟ ୨ଟା ସମୟରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ସିଦ୍ଧାର୍ଥ ଭୋଳ ତାଙ୍କର ପରୀକ୍ଷା କରିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିବା ପରେ ପରିବାର ଲୋକେ କୌଣସି ସୂଚନା ନଦେଇ ଓ ଡାକ୍ତରଙ୍କ ପରାମର୍ଶକୁ ଅବହେଳା କରି ରୋଗୀଙ୍କୁ ଘରକୁ ନେଇ ଯାଇଥିଲେ। ପରବର୍ତ୍ତୀ ସକାଳେ ବନ୍ଦନାଙ୍କ ସ୍ୱାସ୍ଥ୍ୟ ହଠାତ୍ ଅବନତି ଘଟିଥିବାରୁ ପରିବାର ଲୋକେ ପୁଣିଥରେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ହସ୍ପିଟାଲ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାସ କରିଥିଲେ। ଏହାକୁ ନେଇ ମୃତ ମହିଳାଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ଡାକ୍ତରଙ୍କୁ ମାଡ ମାରିବା ସହ ଉତ୍ତେଜନାମୂଳକ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏହି ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମାଲକାନଗିରି ଆଦର୍ଶ ଥାନା ପୋଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ପୁଣି ୩ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଜଣେ ମହିଳା ଓ ଦୁଇଜଣ ପୁରୁଷ ଥିବା ବେଳେ ସେମାନେ ହେଲେ ଚନ୍ଦନା ମଣ୍ଡଳ (୩୦) କୃପାନନ୍ଦ ଦତ୍ତ(୩୫) ଓ ଗଣେଶ ଦେବନାଥ (୨୦)। ତେବେ ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୯ ଜଣ ଗିରଫ ହୋଇଥିବା ବେଳେ ଏହାର ତଦନ୍ତ ଜାରି ରହିଥିବା ଜଣା ପଡିଛି।

## ଶତପ୍ରତିଶତ ଦିବ୍ୟାଙ୍ଗ ପୁଅଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

### ୩୫୦୦ ଟଙ୍କା ସହାୟତା ପାଇଁ ଦାବି

ମୁନିଗୁଡ଼ା,୨୧।୬ (ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ଲାଭଟା ପଞ୍ଚାୟତର ଷ୍ଟେସନ କୁମୁଡ଼ାବାଲି ପାଇକପଡ଼ା ଗ୍ରାମର ନରସିଂହ ହାତିଙ୍କ ଦିବ୍ୟାଙ୍ଗ ପୁଅ ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଜନ୍ମରୁ ସେ ଗୁରୁତର ଦିବ୍ୟାଙ୍ଗ ହୋଇଥିବା ବେଳେ ଡାକ୍ତରୀ ପ୍ରମାଣପତ୍ରରେ ୮୦ ପ୍ରତିଶତ ଦିବ୍ୟାଙ୍ଗତା ଉଲ୍ଲେଖ ରହିଛି।



ତଥାପି ବର୍ତ୍ତମାନ ସେ ମାତ୍ର ୧୨୦୦ ଟଙ୍କା ଭତ୍ତା ପାଉଥିବା ବେଳେ ସରକାରଙ୍କ ବର୍ଦ୍ଧିତ ସହାୟତା ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ସୂଚନା ଅନୁଯାୟୀ, ନରସିଂହଙ୍କ ସ୍ତ୍ରୀ ପ୍ରାୟ ୧୨ ବର୍ଷ ପୂର୍ବେ ରୋଗାକ୍ରାନ୍ତ ହୋଇ ପରଲୋକ ଗମନ କରିଥିଲେ। ସେହି ଦିନଠାରୁ ନରସିଂହ ଏକାକୀ ଭାବେ ନିଜ ଦିବ୍ୟାଙ୍ଗ ପୁଅଙ୍କ ଦେଖାଶୁଣା କରିଆସୁଛନ୍ତି। ଅତ୍ୟନ୍ତ ଦରିଦ୍ର ପରିବାରର ହୋଇଥିବା ବେଳେ ତାଙ୍କର ପକ୍କା ଘର ନାହିଁ। ଖପର ଘରେ ରହି ଚାଷ କାମ କରି ଯାହା କିଛି ଆୟ ହୁଏ, ସେଥିରେ ପରିବାର ଚଳାଇବା ସହ ପୁଅଙ୍କ ଚିକିତ୍ସା ଓ ସେବା ଯତ୍ନ କରୁଛନ୍ତି। ଦିବ୍ୟାଙ୍ଗ ପୁଅ ଚାଲିବାକୁ ସମ୍ପୂର୍ଣ୍ଣ ଅସମର୍ଥ ଥିବା ସହ ହାତ ଦୁଇଟି ମଧ୍ୟ କାମ କରୁନାହିଁ। ସେ କଥା କହିବାକୁ ମଧ୍ୟ ସକ୍ଷମ ନୁହନ୍ତି। ଏଭଳି ଗୁରୁତର ଅବସ୍ଥାରେ ଥିବା ସତ୍ତ୍ୱେ ସରକାରଙ୍କ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ସୁବିଧାରୁ ବଞ୍ଚିତ ରହିଥିବାରୁ ପରିବାର ଦୁଃଖ ଓ ଚିନ୍ତାରେ ଦିନ କାଟୁଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ସରକାର ତୁରନ୍ତ ହସ୍ତକ୍ଷେପ କରି ଉକ୍ତ ଦିବ୍ୟାଙ୍ଗ ଯୁବକଙ୍କୁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବା ସହ ଆବାସ ଓ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

















ଚନ୍ଦ୍ରପୁର, ୨୧।୬(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଓ ଯୁବସେବା ବିଭାଗ ଓଡ଼ିଶା ସରକାର ଆହ୍ୱାନ କ୍ରମେ ଚନ୍ଦ୍ରପୁର ବ୍ଲକ୍ ଯୋଗ ମହୋତ୍ସବ ସମିତି ତରଫରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗଳଙ୍କ ତତ୍ତ୍ୱାବଧାନରେ ଯୋଗ ମହୋତ୍ସବ ସମିତିର ସଭାପତି ହେମନ୍ତ କୁମାର ମଲ୍ଲିକ ଓ ସମିତିର ସହଯୋଗୀଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରପୁର ବ୍ଲକ୍ ପରିସରରେ ବିଭିନ୍ନ ବିଭାଗର କର୍ମଚାରୀ ତଥା ଅଞ୍ଚଳର ସାମାଜିକ କର୍ମୀ , ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଉକ୍ତ ଅଞ୍ଚଳରୁ ହାରାହାରି ୨୦୦ରୁ ଅଧିକ ଲୋକଙ୍କୁ ନେଇ ବ୍ଲକ୍‌ସ୍ତରୀୟ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାର୍କିମା ସରପଞ୍ଚ ଫକୀର ମୋହନ ଗୁମିଟାଙ୍ଗା , ସିଡ଼ିପିଓ ଗୀତା ରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଅଂଶ ଗ୍ରହଣ କାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ,ପଞ୍ଜିକରଣ ,ଉଦ୍‌ଘାଟନ ଓ ଅତିଥି ମାନଙ୍କ ଅଭିଭାଷଣ କାର୍ଯ୍ୟକ୍ରମ କରାଯାଇଥିଲା। ୭ଟାରୁ ୮ଟା ପର୍ଯ୍ୟନ୍ତ ଯୋଗଗୁରୁ ଉତ୍ତମ ଦଳେଇଙ୍କ ଦ୍ୱାରା ପ୍ରାରମ୍ଭିକ ପ୍ରାର୍ଥନା କରାଯାଇ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହା ସହିତ ଚନ୍ଦ୍ରପୁର ବ୍ଲକର ଆଠଗୋଟି ପଞ୍ଚାୟତରେ ସଠିକ ସମୟରେ ପଞ୍ଚାୟତ ସ୍ତରୀୟ ଯୋଗ ମହୋତ୍ସବ ସମିତିର ଯୋଗ ଗୁରୁ ଓ ସଭ୍ୟା ସଭ୍ୟ ମାନଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ପିଇଓ ଏବଂ ସରପଞ୍ଚଙ୍କ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କାମ ଯୁକ୍ତ-୩ ମହାବିଦ୍ୟାଳୟରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।ଚଳିତ ବର୍ଷର ଯୋଗ ଦିବସର ବିଷୟ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ରହିଥିବାରୁ ବୟସ୍କ ମାନେ ସହଜ ରେ କିପରି ଯୋଗ କରିପାରିବେ ସେ ସମ୍ପର୍କ ରେ ଆଲୋଚନା କରାଯାଇ ଯୋଗ କରାଯାଇଥିଲା। ଯୋଗ ଗୁରୁ ଭାବେ ରଘୁନାଥ ଆଚାରି, ପି ବୀର ପ୍ରସାଦ ଆର୍ନ୍ତଜାତୀୟ ଯୋଗ ଦିବସ ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ମନୁଷ୍ୟ ଜୀବନ ରେ ଯୋଗର ଗୁରୁତ୍ୱ ସମ୍ପର୍କ ରେ ଭାରପ୍ରାପ୍ତ ଅଧକ୍ଷା ଦୀପ୍ତିରାଣୀ ମିଶ୍ର ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ର ଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ବିନନ୍ତ ଡ଼ଙ୍ଗ୍ରୀ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର:** ରାୟଗଡ ସହର ସ୍ଥିତ ଗାୟତ୍ରୀ ନଗରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ଏବଂ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପ ପ୍ରଜ୍ୱଳନ ପରେ ଆଚାର୍ଯ୍ୟା ମାନସୀ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀ ମହାନ୍ତି ଯୋଗ ଦିବସର ମହତ୍ତ୍ୱ ଏବଂ ସୁସ୍ଥ ଓ ସନ୍ତୁଳିତ ଜୀବନ ଗଠନରେ ଯୋଗର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଆଚାର୍ଯ୍ୟା ରଞ୍ଜିତା ରାଣୀ ଗୌଡ଼ ଏବଂ ଦୀପକ ନାଗ ଯୋଗ ପ୍ରଶିକ୍ଷକ ଭାବେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଶ୍ରୀମତୀ ରାଜଲକ୍ଷ୍ମୀ ପଣ୍ଡା ପରିଚାଳନା କରିଥିଲେ।

**ରାୟଗଡ଼ :** ରବିବାର ଦିନ ରାୟଗଡ଼ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆମ୍ବଗୁଡ଼ା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲା ପ୍ରଶାସନ, କ୍ରୀଡ଼ା ବିଭାଗ ଓ ଯୋଗ ମହୋତ୍ସବ ସମିତି, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ନିୟମିତ ଯୋଗ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ମତ ରଖିଥିଲେ। ଏସଡିସି ଉପାଧ୍ୟକ୍ଷା ମଞ୍ଜୁଲା ମିଣିୟାକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ଦେବରାଜ ଟାକ୍ରୀ, ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀଙ୍କ ସମେତ ଅନ୍ୟ ଅଧିକାରୀ, ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୋଗପ୍ରେମୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଯୋଗାସନ କରିଥିଲେ। ରାୟଗଡ ଯୋଗ ମହୋତ୍ସବ ସମିତିର ଯୋଗଗୁରୁ ବିନୟ କୁମାର ସ୍ୱାଇଁ, ଟୁନି ମହାକୁଡ଼, ସ୍ୱାଧୀନା ପଣ୍ଡା ଓ ନିର୍ଝରିଣୀ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ଯୋଗାସନର ପ୍ରଶିକ୍ଷଣ ଦିଆଯାଇଥିଲା।

**ରାମନାଗୁଡା :** ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯୋଗ ଶିବିର ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ଯୋଗ ଦିବସ ପାଳନ କରାଯାଏ। ଚଳିତ ବର୍ଷର ଥିମ୍ 'ଉତ୍ତମ ସ୍ୱାସ୍ଥ୍ୟ ବାର୍ଦ୍ଧକ୍ୟ ପାଇଁ ଯୋଗ' ରହିଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମତ ରଖିଛନ୍ତି।ଏହି ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ବିଇଓ ସୃଜନ ମଲ୍ଲିକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଥୋମାସ୍ କୁମାର ତାଣ୍ଡସିଙ୍କ ସମେତ ସମସ୍ତ ସମିତି ସଭ୍ୟ, ସଭ୍ୟା ,ସରପଞ୍ଚ ,ବ୍ଲକର ସମସ୍ତ କର୍ମଚାରୀ,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ,ସ୍ଥାନୀୟ ବୁଦ୍ଧିଜିବୀ ପ୍ରମୁଖ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥୋମାସ କୁମାର ତାଣ୍ଡାସୀ ଶିବିରକୁ ପରିଚାଳନା ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ପ୍ରତିପଦା ରାଉତରାୟ ଓ ରାମନାଗୁଡା ପତଞ୍ଜଳି ଯୋଗ ପ୍ରଶିକ୍ଷକ ରାକେଶ କୁମାର ବେହେରା, ଲୋକଙ୍କୁ ବିଭିନ୍ନ ସୁକ୍ଷ୍ମ ବ୍ୟାୟାମ, ସୂର୍ଯ୍ୟ ନମସ୍କାର ଆଦି ଆସନ, ପ୍ରଣାୟମ ସମ୍ପର୍କରେ କରାଇଥିଲେ। ଶିକ୍ଷକ ରମେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଗୁଡାରୀ :** ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଶ୍ୱ ଯୋଗ ଦିବସ ଓ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। ଏଥିରେ ଗୁଡ଼ାରୀ ଆରଆରଏସ ସଂଘ କାର୍ଯ୍ୟବାହକ କିରଣଦୋୟ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିର ସଭାପତି କୃଷ୍ଣ ପ୍ରସାଦ ସାହୁ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମରେ ୬୦ ଜଣ ଶିଶୁ , ୧୨ ଜଣ ଅଭିଭାବିକା ଉପସ୍ଥିତ ଥିଲେ। ଲୋକେଶ୍ୱରୀ ପ୍ରଧାନ ସଙ୍ଗୀତ ଅଳଙ୍କାର ସ୍ୱର ସାଧନା ଅଭ୍ୟାସ କରିଥିଲେ। ଓଁକାର ନନ୍ଦ ଚତୁର୍ଥ ଶ୍ରେଣୀ ଛାତ୍ର ମୃଦଙ୍ଗ ବଜାଇ କଳା ପ୍ରଦର୍ଶନୀ କରିଥିଲେ। ଶେଷରେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ ଧନ୍ୟବାଦ୍ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ସରକାରୀ ପଲିଟେକ୍ନିକ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ସାମୂହିକ ଭାବେ ଯୋଗାଭ୍ୟାସ କରି ସୁସ୍ଥ ଜୀବନଶୈଳୀ ଗଠନର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ସିବଜନ ହରିଜନ ଏବଂ ମୁଖ୍ୟ ଅତିଥି ଭାବେ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଯୋଗର ମହତ୍ତ୍ୱ ଓ ସୁସ୍ଥ ଶରୀର-ମନ ଗଠନରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ବରିଷ୍ଠ ଅଧ୍ୟାପିକା ଶର୍ମିଳା ସବର, ଇଲେକ୍ଟ୍ରିକାଲ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରିୟବ୍ରତ ବଳିଆରସିଂହ ନାୟକ, ସେକ୍ସନ ଅଫିସର ମାନସ ରଞ୍ଜନ ରାଉତ, ଆଶିଷ ଶର୍ମା, ସିଦ୍ଧାର୍ଥ କାମିଲା, ଦୀପିକା ସରକାରଙ୍କ ସମେତ ସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତେ ଏକତ୍ରିତ ହୋଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରିଥିଲେ। ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରି ସୁସ୍ଥ, ସଚେତନ ଓ ସକାରାତ୍ମକ ଜୀବନଯାପନ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

**ରାୟଗଡ଼ ବ୍ଲକ :** ରାୟଗଡ଼ ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଯୋଗ ସଂଯୋଜକ ରାଧାକୃଷ୍ଣ ମହାପାତ୍ର ଏବଂ ରାଜେନ୍ଦ୍ର ଚୌଧୁରୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପଦ୍ମଜା ପଟ୍ଟନାୟକ, ରାଜ୍ୟ ସ୍ୱର୍ଣ୍ଣ ପଦକ ବିଜେତା ରାଜଶ୍ରୀ ଜେନା ଏବଂ ଖୁସବୁ ରାଣୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଯୋଗାସନ ତାଲିମ ପ୍ରଦାନ କରିଥିଲେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ ଉପସ୍ଥିତ ରହି ସୁସ୍ଥ ଶରୀର ପାଇଁ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ପିଏମ୍‌ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗର ଓ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀ ଓ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ, ଗାନ୍ଧିନଗରର ମାଆ ମଙ୍ଗଳା, ଦାମୋଦର ଓ ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଇନ୍ଦିରାନଗରର ମା ତାରାତାରିଣୀ ଓ ନାଗାବଳୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ରାୟଗଡ଼ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ନୀଳାଞ୍ଚଳ ମିଶ୍ର ଏହାର ପରିଚାଳନା କରିଥିଲେ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୁଲ୍ୟରେ ଏବଂ ଯୋଗ ମହୋତ୍ସବ ସମିତି ଓଡ଼ିଶାର ସହଯୋଗରେ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷ ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ ବାର୍ତ୍ତାକୁ ନେଇ ଆୟୋଜିତ ଏହି ଭବ୍ୟ ଶିବିରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ନିଜ ଅଭିଭାଷଣରେ କହିଥିଲେ ଯେ, ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ଏହା ହେଉଛି ଆମ ଶରୀର, ମନ ଏବଂ ଆଂକୁ ଯୋଡ଼ିବାର ଏକ ପବିତ୍ର ମାଧ୍ୟମ। ଚଳିତ ବର୍ଷର ଆଭିମୁଖ୍ୟ ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗକୁ ସାର୍ଥକ କରିବାକୁ ହେଲେ ଆମକୁ ଦୈନନ୍ଦିନ ଜୀବନରେ ଯୋଗକୁ ଆପଣାଇବାକୁ ହେବ ଏବଂ ଏକ ସୁସ୍ଥ, ନିରୋଗ ତଥା ସମୃଦ୍ଧ ମାଲକାନଗିରି ଗଠନ ଦିଗରେ ନିୟମିତ ଯୋଗାଭ୍ୟାସ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ ଏହି ସମଗ୍ର ସଫଳ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଶିବିରରେ ଯୋଗ ପ୍ରଶିକ୍ଷକ ବିନାଶ ମିଶ୍ର ଏବଂ ତାଙ୍କ ଟିମ୍ ଦ୍ୱାରା ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପୁଲିସ କର୍ମଚାରୀମାନଙ୍କୁ ଶୃଙ୍ଖଳିତ ଭାବେ ଯୋଗାଭ୍ୟାସ କରାଯାଇଥିଲା। ଏହି ଅବସରରେ ପଶ୍ଚିମ ବଙ୍ଗରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ଲାଇଭ ଭିଡିଓ ପ୍ରଦର୍ଶନ କରାଯାଇଥିବା ବେଳେ ସମସ୍ତେ ମିଳିତ ଭାବେ ଆନ୍ତର୍ଜାତୀୟ ଯୋଗ ଦିବସର ସଂକଳ୍ପ ତଥା ଶପଥ ପାଠ କରିଥିଲେ। ଏହା ସହିତ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସମାଜକୁ ନିଶାମୁକ୍ତ କରିବା ପାଇଁ ନିଶାମୁକ୍ତ ଭାରତ ଅଭିଯାନର ଶପଥ ପାଠ ମଧ୍ୟ କରାଯାଇଥିଲା।

**ପ୍ରେମ ପାହାଡ଼ ୱାକର୍ସ କ୍ଲବ୍ :** ରାୟଗଡ଼ ସହରର ପ୍ରେମ ପାହାଡ଼ ସ୍ଥିତ ୱାକର୍ସ କ୍ଲବ୍ ଆନୁକୂଲ୍ୟରେ ରବିବାର ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି ବ୍ରଜ ସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ ସାଇପ୍ରିୟା ୱାକର୍ସ କ୍ଲବ୍, ଲେଡିସ୍ ୱାକର୍ସ କ୍ଲବ୍, ଫ୍ରେଣ୍ଡ୍ସ ୱାକର୍ସ କ୍ଲବ୍, ୟୁଥ୍ ୱାକର୍ସ କ୍ଲବ୍, ଝଞ୍ଜାବତୀ ଲେଡିସ୍ ୱାକର୍ସ କ୍ଲବ୍, ଲାୟନ୍ସ କ୍ଲବ୍, ନାଗାବଳୀ ଲାୟନ୍ସ କ୍ଲବ୍, ଅପରାଜିତା ଲାୟନ୍ସ କ୍ଲବ୍‌ର ସଦସ୍ୟମାନଙ୍କ ସହ ୟୁନିୟନ୍ ବ୍ୟାଙ୍କର କର୍ମଚାରୀମାନେ ଯୋଗ ଦେଇଥିଲେ। ରାୟଗଡ଼ ୟୁନିୟନ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଜିତେନ୍ଦ୍ର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଶିବିରର ଉଦ୍‌ଘାଟନ କରିଥିଲେ। ସଭାପତି ବ୍ରଜ ସୁନ୍ଦର ନାୟକ ମୁଖ୍ୟ ଅତିଥି ଜିତେନ୍ଦ୍ର କୁମାର ସାମଲ ଓ ଯୋଗଗୁରୁ ଟି. ଜୟରାମଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରବର୍ତ୍ତୀ ସମୟରେ ଯୋଗଗୁରୁ ଟି. ଜୟରାମ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହ ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ଯୋଗାସନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ଲବ୍‌ର ଉପଦେଷ୍ଟା ତଥା ମୁଖ୍ୟ ସଂଯୋଜକ ସତ୍ୟବାଦୀ ପତି, ସମ୍ପାଦକ ମନ୍ମଥ ତୁଳ, କୋଷାଧ୍ୟକ୍ଷ ଗୋପାଳ ଜୈନ, ସହ-ସମ୍ପାଦକ ବିଶ୍ୱନାଥ ସାହୁ, ଲୋକସମ୍ପର୍କ ଅଧିକାରୀ ତ୍ରିପତି ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୟୁନିୟନ୍ ବ୍ୟାଙ୍କ ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଥିବାବେଳେ ଜନ ଶିକ୍ଷଣ ସଂସ୍ଥା ସହ-ପ୍ରାୟୋଜକ ଭାବେ ସହଯୋଗ କରିଥିଲା। ପ୍ରାୟ ୨୦୦ରୁ ଅଧିକ ଯୋଗପ୍ରେମୀ ଏହି ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତି ବ୍ରଜ ସୁନ୍ଦର ନାୟକ ପ୍ରାୟୋଜକ ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

**ଗୁଣୁପୁର :** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍‌ଠାରେ ବ୍ଲକସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗଗୁରୁ ଅନନ୍ତ ନାରାୟଣ ପଣ୍ଡା ଯୋଗର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ଦିଗଦର୍ଶନ ଦେବା ସହ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଯୋଗାସନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ପୁରୁଷ ଓ ମହିଳା ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସ୍ୱସ୍ତିକ ଜମାଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣପୁର ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ କେଦାର ନାୟକ, ଉପକୋଷାଗାର ଅଧିକାରୀ, ଗୁଣପୁର ଯୋଗ ଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ସମଗ୍ର କାର୍ଯ୍ୟକ୍ରମର ସୁପରିଚାଳନା ଓ ତଦାରଖ କରିଥିଲେ। ବ୍ଲକ୍‌ର ସମସ୍ତ କର୍ମଚାରୀ ଏବଂ ଶିକ୍ଷକ ସଞ୍ଜୀବ ପଟ୍ଟନାୟକ, ସୁନୀଲ କୁମାର ଗୌଡ଼, ମଝିଆ ଖୁଣ୍ଟିଆ ଏବଂ ରାମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ଶିବିର ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଦିଲୀପ ଚୌଧୁରୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।










# ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ





ଆମ୍ବଦଳା, ୨୧।୬ (ସମିସ): (୨୨୦)ବିଶ୍ୱ ଯୋଗ ଦିବସ ଅବସରରେ ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ହାଇସ୍କୁଲ ପଡ଼ିଆରେ ଛତ୍ରପତି ଶିବାଜୀ ପ୍ରଭାତ ଶାଖା ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯଦୁମଣି ଚତର ମୁଖ୍ୟ ଶିକ୍ଷକ ଭାବେ ଉପସ୍ଥିତ ଥିବା ବେଳେ ଏ. ରାଜା ଶାଖା କାର୍ଯ୍ୟବାହ ଭାବେ ଓ ବିନୟ ପଣ୍ଡା ଖଣ୍ଡ କାର୍ଯ୍ୟବାହ ଭାବେ ଯୋଗ ଦେଇଥିଲେ। ଅନିଲ ଅଗ୍ରୱାଲଙ୍କ ସହିତ ୫୦ରୁ ଅଧିକ ସ୍ୱୟଂସେବକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଯୁବକ-ଯୁବତୀ ଓ ସ୍ଥାନୀୟ ଲୋକମାନେ ବହୁ ସଂଖ୍ୟାରେ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଯୋଗ ଶିକ୍ଷକମାନେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବାଜୀ ପ୍ରଭାତ ଶାଖାର ସଦସ୍ୟମାନେ କହିଥିଲେ ଯେ ଯୁବପିଢ଼ିଙ୍କୁ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ପ୍ରତି ଆକର୍ଷିତ କରିବା ପାଇଁ ଏଭଳି ଯୋଗ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ। ଏହା ଦ୍ୱାରା ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଶେଷରେ ସମସ୍ତଙ୍କୁ ନିୟମିତ ଯୋଗ ଅଭ୍ୟାସ କରି ସୁସ୍ଥ ଜୀବନ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା।

**ରାୟଗଡ଼ :** ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ପରିସରରେ ରବିବାର "ଯୋଗ ସଙ୍ଗମ" କାର୍ଯ୍ୟକ୍ରମ ଉତ୍ସାହର ସହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ ବିଧାୟକ କାଡ୍ରକା ଆପଲାସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡା. ନଗେନ୍ଦ୍ର ନାଥ ମହାପାତ୍ର, ଡିଏମଓ (ଏମଏସ), ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ), ଡା. ରୁମା ମହାପାତ୍ର, ଏଡିପିଏଚଓ (ଡିସି ) ଡାକ୍ତର ମମତା ଚୌଧୁରୀ , ଡିପିଏମ୍ ଲକ୍ଷ୍ମୀଧର ମହାପାତ୍ର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଡିଏଚଏଚର ବହୁ କର୍ମଚାରୀ ସାମିଲ ହୋଇଥିଲେ। ଉପସ୍ଥିତ ସମସ୍ତେ ସାମୂହିକ ଭାବେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରି ସୁସ୍ଥ ଜୀବନଶୈଳୀ ପାଇଁ ନିୟମିତ ଯୋଗାଭ୍ୟାସର ସଂକଳ୍ପ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ "ଯୋଗ ସଙ୍ଗମ" କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହେବା ପରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ 'ଯୋଗ ସଙ୍ଗମ ପତ୍ର' ପ୍ରମାଣପତ୍ର ପ୍ରଦାନ କରାଯାଇଛି।

**ମୋ ଭାରତ:** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାୟଗଡ଼ା ଜିଲ୍ଲାର ମୋ ଭାରତ ପକ୍ଷରୁ ଜିଲ୍ଲା ଯୁବ ଅଧିକାରୀ କିଶୋର ବାମୁଲଓ୍ୱାଡଙ୍କ ନେତୃତ୍ୱରେ କୋଲନରା ବ୍ଲକର ରେଙ୍ଗାଲୁପାଡୁ ଗ୍ରାମରେ ମା' ମାଝିଗୌରୀ ୟୁଥ୍ କ୍ଲବର ସହଯୋଗରେ ଯୋଗ ଦିବସ ପାଳନ କରାଯାଇଛି। ସରପଞ୍ଚ ଚାନ୍ଦୁ ହିମିରିକା ଓ ଯୋଗ ଗୁରୁ ତୁଷାର କୁମାର ସାହୁ ଉପସ୍ଥିତ ରହି ନିୟମିତ ଯୋଗାଭ୍ୟାସ ସୁସ୍ଥ ଜୀବନ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ-ଯୁବତୀ ଏବଂ ମା ମାଝିଗୌରୀ ୟୁଥ୍ କ୍ଲବର ସଦସ୍ୟମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**୨ୟ ଓଡ଼ିଶା ବାଟାଲିୟନ :** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ "ସୁସ୍ଥ ଜୀବନ ପାଇଁ ଯୋଗ ଅଭ୍ୟାସ' ବାର୍ତ୍ତାକୁ ନେଇ ରାୟଗଡ଼ା ଜିଲ୍ଲାର ୨ୟ ଓଡ଼ିଶା ବାଟାଲିୟନ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ କ୍ୟାଡେଟ୍ ଓ ବାଟାଲିୟନର କର୍ମକର୍ତ୍ତାମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କ୍ୟାପଟେନ୍ ରୀତା ରାଣୀ ମିଶ୍ର ଯୋଗର ମହତ୍ତ୍ୱ ନିୟମିତ ଯୋଗାଭ୍ୟାସ ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ଏବଂ ମନ, ପ୍ରାଣ ଓ ଶରୀରକୁ କିପରି ସୁସ୍ଥ ରଖାଯାଇପାରିବ, ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସୁବେଦାର ମେଜର ବିପିନ କୁମାର ସିଂ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏଥିରେ ବାଟାଲିୟନର ଷ୍ଟାଫ ପ୍ରତିମା ମିଞ୍ଜ, ଗାୟତ୍ରୀ କୁମାରୀ, ରସା କୁମାରୀ ପଣ୍ଡା, ଏଏନଓ କେ.କେ. ଜାନି, ପ୍ରମିଳା ମହାପାତ୍ର, ରଶ୍ମିତା, ଇନ୍ଦୁମତୀଙ୍କ ସମେତ ୧୫୦ରୁ ଅଧିକ କ୍ୟାଡେଟ୍ ଉପସ୍ଥିତ ରହି ସାମୂହିକ ଯୋଗାଭ୍ୟାସ କରିଥିଲେ।

**ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ:** ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ.ସରସ୍ୱତୀ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦାନ୍ତ ଗ୍ରୁପ୍‌ର ସିଏସ୍ଆର୍ ମୁଖ୍ୟ ଅକ୍ଷୟ ମିଶ୍ର ମୁଖ୍ୟ ଅତିଥି ଏବଂ ସହକାରୀ ସିଏସ୍ଆର୍ ମୁଖ୍ୟ ନିଧି ପ୍ରଜାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪ର୍ଥ ବାଟାଲିୟନ ସିଆରପିଏଫ୍‌ର ସେକେଣ୍ଡ-ଇନ୍-କମାଣ୍ଡ ସଞ୍ଜୟ ରାଉତ, ଆର୍ଟ ଅଫ୍ ଲିଭିଂର ପ୍ରଶିକ୍ଷିକା ଜି. ପଦ୍ମାବତୀ, ପିଜି କାଉନ୍ସିଲ୍ ଚେୟାରମ୍ୟାନ୍ ପି. ଅରୁଣ କୁମାର, ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାୟକ, କେ.କେ. ଜାନି, ରେଡ୍‌କ୍ରସ ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ, ଟିକେଶ୍ୱର ମାଝୀ, ଏନ୍‌ଏସ୍‌ଏସ୍ ଅଧିକାରୀ ଶଙ୍କର ପେଦୁରୁ ଓ ମୋନାଲିସା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧକ୍ଷା ଡ. ସରସ୍ୱତୀ ରାୟ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ । ଆର୍ଟ ଅଫ୍ ଲିଭିଂର ପ୍ରଶିକ୍ଷିକା ଜି. ପଦ୍ମାବତୀଙ୍କ ସହ ଡ. ସରସ୍ୱତୀ ରାୟଙ୍କ ନେତୃତ୍ୱରେ ଯୋଗ ପ୍ରୋଟୋକଲ୍ ଅନୁଯାୟୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶିଷ କୁମାର ପୂଜାରୀ, ତୁଷାର ବେହେରା ଓ ମନ୍ମଥ ରାଓ ତୋଇକା ସକ୍ରିୟ ସହଯୋଗ କରିଥିଲେ।

**ରାୟଗଡ ଲେଡିଜ୍ ୱାକର୍ସ କ୍ଲବ :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାୟଗଡ଼ ଲେଡିଜ୍ ୱାକର୍ସ କ୍ଲବ ପକ୍ଷରୁ ଗାୟତ୍ରୀ ମନ୍ଦିର ନିକଟରେ ସାମୂହିକ ଯୋଗ କାର୍ଯ୍ୟକ୍ରମରେ ବହୁ ଲୋକ ଅଂଶଗ୍ରହଣ କରିଥିଲେ। ରବିବାର ସକାଳ ୬ଟାରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ରାୟଗଡର ବିଭିନ୍ନ ୱାକର୍ସ କ୍ଲବର ସଦସ୍ୟ, ଲେଡିଜ୍ ୱାକର୍ସ କ୍ଲବର ସଦସ୍ୟା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଭାପତି ସ୍ମିତା ପାଢ଼ୀ, ଉପସଭାପତି ରୀନା ଲେଙ୍କା, କୋଷାଧ୍ୟକ୍ଷ ସୁଜାତା ପାଢ଼ୀ, ବୋର୍ଡ ସଦସ୍ୟ କସ୍ତୁରୀ ମହାନ୍ତି, ଜେ. ମୀତା ରାଣୀ, ସନ୍ତୋଷିନୀ, ନୀଲୁ, ଅରୁଣା, କଲ୍ୟାଣୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୱାକର୍ସ କ୍ଲବର ବରିଷ୍ଠ ସଦସ୍ୟ ଟି. ଜୟରାମ, ପ୍ରତାପ ଚନ୍ଦ୍ର ବାଉରୀ, ବାବୁ ରାଓ ମହାନ୍ତି, ସତ୍ୟବାଦୀ ପତି ଓ ଲାଲ ବିହାରୀ ଲେଙ୍କା ମଧ କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ।

**ବିଏସ୍ଏଫ, କୋରାପୁଟ :** ସୀମା ସୁରକ୍ଷା ବଳ (ବିଏସଏଫ) କୋରାପୁଟ ସେକ୍ଟର ହେଡ୍ କ୍ୱାର୍ଟରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ସେକ୍ଟର ହେଡକ୍ୱାଟର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇଜି ସତ୍ୟବାନ ଖାଞ୍ଜିଙ୍କ ସହ ଅନ୍ୟାନ୍ୟ ଅଧିକାରୀ, ଯବାନ ଏବଂ ପରିବାର ସଦସ୍ୟ ମାନେ ସାମିଲ ହୋଇ ଯୋଗ ଅଭ୍ୟାସ କରିଥିଲେ। ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ କରିବା ନିହାତି ଆବଶ୍ୟକତା ରହିଛି ବୋଲି ଡିଆଇଜି ସତ୍ୟବାନ ଖାଞ୍ଜି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଯୋଗ କରି ସୁସ୍ଥ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି।





## ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ ଗୋଟିଏ ପରିବାର



ନନ୍ଦାହାଣ୍ଡି,୨୧।୬(ସମିସ) ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ବିଞ୍ଜିଗୁଡ଼ା ଗ୍ରାମର ଲଛମନ ନାୟକ(୫୫) ପିତା ସ୍ୱର୍ଗତ ଗବରୁ ନାୟକ ନିଜ ପୂର୍ବ ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହିତ ପରିବାରର ତାଙ୍କ ସ୍ତ୍ରୀ ତିଳାଏ ନାୟକ, ମା ପଦ୍ମା ନାୟକ, ପୁଅ ବାପି ନାୟକ ଓ ଝିଅ ଗୀତା ନାୟକ ବିଧିବଧ ଭାବେ ହିନ୍ଦୁ ଧର୍ମ ଗ୍ରହଣ କରିଛନ୍ତି। ଲଛମନଙ୍କ କହିବ ଅନୁସାରେ ତାଙ୍କ ପିତା ହିନ୍ଦୁ ଥିଲେ ଓ ନିଜେ ମଧ ହିନ୍ଦୁ ଥିଲେ। କିନ୍ତୁ ପରେ ସେମାନେ ଭିନ୍ନ ଧର୍ମ ଗ୍ରହଣ କରିଥିଲେ। ଉକ୍ତ ସଂସ୍କାର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ଧର୍ମ ପ୍ରସାର ପ୍ରମୂଖ ସର୍ବେଶ୍ୱର ତ୍ରିପାଠୀ, ନନ୍ଦାହାଣ୍ଡି ମଣ୍ଡଳ ଧର୍ମ ପ୍ରସାର ପରିଚାଳକ ପ୍ରହଲ୍ଲାଦ ହରିଜନ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ପ୍ରକାଶ ଟାକ୍ରି ଉପସ୍ଥିତ ରହିଥିଲେ। ଅପର ପକ୍ଷରେ ରବିବାର ନିଜ ବାସସ୍ଥାନ ବିଞ୍ଜିଗୁଡ଼ା ଠାରେ ପୁରୋହିତଙ୍କ ଦ୍ୱାରା ଗୃହ ସଂସ୍କାର କରାଯାଇଥିଲା। ସେତେବେଳ ପ୍ରହଲ୍ଲାଦ ହରିଜନ ସମେତ ସ୍ଥାନୀୟ , ପ୍ରକାଶ ଟାକ୍ରି, କେଶବ ଜାନୀ, ଓ ଶ୍ରୀଧରହରିଜନପ୍ରମୁଖଉପସ୍ଥିତରହିଥିଲେ।

## ଗୋଦାମ ତାଲା ଭାଙ୍ଗି ଚୋରି ଉଦ୍ୟମ

ଜୟପୁର, ୨୧।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମାଦଳା ସାହି ଠାରେ ଏକ କିରାନା ଦୋକାନର



ଗୋଦାମ ଗୃହରେ ତାଲା ଭାଙ୍ଗି ଚୋରି ଉଦ୍ଦେଶ୍ୟରେ। ଦୁର୍ବୃତ୍ତ ମାନେ ପ୍ରବେଶ କରିଥିଲେ। କିନ୍ତୁ ପଡୋଶୀ ଉଠିପଡିବାରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଏବଂ ଏହିପରି ଚୋରମାନେ ସେମାନଙ୍କ ଜୋତା ଘଟଣାସ୍ଥଳରେ ଛାଡିଦେଇ ଫେରାର ହୋଇଯାଇଛନ୍ତି। ଏହି ସମସ୍ତ ଦୃଶ୍ୟ ସିସି କ୍ୟାମେରାରେ ଉତ୍ତୋଳନ ହୋଇଯାଇଛି। ଏଥିନେଇ ଦୋକାନ ମାଲିକ ଅଜିତ ସାମନ୍ତରାପାତ୍ର ଟାଉନଥାନାରେ ଗତକାଲି ଲିଖିତ ଭାବେ ଅଭିଯୋଗ କରିଛନ୍ତି। କିନ୍ତୁ ଆଜି ସୁଦ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିନଥିବା ନେଇ ସୂଚନା ପ୍ରାପ୍ତ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ , ଗତ ଶନିବାର ଭୋର ୪ ଟା ୫ ମିନିଟ ସମୟରେ ଦୁଇଜଣ ଦୁର୍ବୃତ୍ତ କେବିଏସଡି ରୋଡର ମାଦଳା ସାହିରେ ରହିଥିବା ଏକ କିରାନା ଦୋକାନର ପଛପଟେ ଉକ୍ତ ଦୋକାନର ଗୋଦାମ ଗୃହର ଦୁଇଟି କବାଟର ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। କିନ୍ତୁ ସିସି କ୍ୟାମରା ଦେଖିବା ପରେ ସେମାନେ ବିଦ୍ୟୁତ ବନ୍ଦ କରିବା ନେଇ ମେନ୍ ସୁଇଚକୁ ବନ୍ଦ କରିଦେଇଥିଲେ। କିନ୍ତୁ ଉକ୍ତ ବିଦ୍ୟୁତ ଲାଇନ୍‌ରେ ଗୋଦାମ ପଛପାଖରେ ରହୁଥିବା ପୋଡଶୀ ଘରର ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଥିଲା। ଫଳରେ ପୋଡଶୀ ମାନେ ନିଦରୁ ଉଠିପଡିଥିଲେ , ଦୁଇ ଦୁର୍ବୃତ୍ତ କୌଣସି ସାମଗ୍ରୀ ନେବାରେ ବିଫଳ ହୋଇଥିଲେ ଏବଂ ଘଟଣାସ୍ଥଳରେ ହିଁ ନିଜ ନିଜର ଜୋତା ଛାଡି ଚମ୍ପଟ ମାରିଛନ୍ତି। ଏଥିନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି ଯେ, ଏଥିନେଇ ତାଙ୍କ ପାଖରେ କୌଣସି ସୂଚନା ନେଇ ଏହାର ଯାଞ୍ଚ କରିବା ସହିତ ଦୁର୍ବୃତ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ନନ୍ଦପୁର ଓ ପାଡୁଆ ପୋଲିସର ଯାନବାହନ ଯାଞ୍ଚ କଡ଼ାକଡ଼ି

ନନ୍ଦପୁର,୨୧।୬ (ସମିସ): ରବିବାର ସଂଧ୍ୟାରେ ନନ୍ଦପୁର ଓ ପାଡୁଆ ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନନ୍ଦପୁର ଓ ପାଡୁଆ ଦୁଇ ଥାନା ଅଧିକାରୀ ତ୍ରିନାଥ ତୋଟା ପାଡ଼ିଆ ଓ ଟୁନା ପିଡିକା ସହ ପୁଲିସ୍ ଦଳ ବିଭିନ୍ନ ଛକରେ ପାଡୁଆରୁ ନନ୍ଦପୁର ଓ ନନ୍ଦପୁର ଅଞ୍ଚଳ ଦେଇ ପାଡୁଆ ଆସୁଥିବା ସମସ୍ତ ଯାନ ବାହନ ଯାଞ୍ଚ କରିଥିଲା ପୁଲିସ୍ । ତେବେ ଏହି ଘଟଣା ନେଇ ଉଭୟ ଥାନା ଅଧିକାରୀଙ୍କୁ ପଚାରିବାରୁ ସାମାନ୍ୟ ପୁଲିସ୍ ଯାଞ୍ଚ ଚାଲିଛି ବୋଲି କହିଥିଲେ। ମିଳିଥିବା ଖବର ଅନୁସାରେ ଯାଞ୍ଚ ସମୟରେ ପୁଲିସ ସଂଦିଗ୍ଧ ଗୋଟିଏ ଗାଡିକୁ ଅଟକ ରଖିଥିବା ଖବର ମିଳିଛି ।

## ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ତେନ୍ତୁଳିଖୁଣ୍ଟି,୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ପାଇକ ବାରଙ୍ଗପଦର ଗ୍ରାମରେ ଇଷ୍ଟ ଦେବି ମା'ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତ ବୃନ୍ଦଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଗ୍ରାମର ଯୁବଗୋଷ୍ଠୀ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋହ କରିଥିଲେ। ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପରେ ଗ୍ରାମରେ ଶାନ୍ତି ଏବଂ ଶୃଙ୍ଖଳା ବୃଦ୍ଧି ପାଇବା ନେଇ ବିଶ୍ୱାସ ରଖିଛନ୍ତି ଗ୍ରାମବାସୀ ।

## 'ବିକାଶର ଧାରା, ଓଡ଼ିଶା ସାରା'କାର୍ଯ୍ୟକ୍ରମ

ରାମନାଗଡ଼ା,୨୧।୬(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ପରିସରରେ ବ୍ଲକ ସ୍ତରୀୟ "ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ତତ୍ତ୍ୱାବ୍ଧାନରେ ଆୟୋଜିତ କାର୍ଯ୍ୟକ୍ରେ ବ୍ଲକ ପ୍ରଶାସନ ପକ୍ଷରୁ ମଞ୍ଚାସୀନ ଅତିଥି, ଜନ ପ୍ରତିନିଧି, ଗଣମାଧମ ପ୍ରତିନିଧି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗୋମାଙ୍ଗ,ଉପାଧକ୍ଷା ଜାନକୀ ନିମାଲା,ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁ ଧର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣା ନନ୍ଦ ବେହେରା,ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ। ହି କାର୍ଯ୍ୟକ୍ରମ ରେ ସରକାରଙ୍କ ପକ୍ଷରୁ ବିକାଶର ଧାରା ଓଡିଶା ସାରା ରେ ୩୦ ଜଣ ଅଙ୍ଗନବାଡି କର୍ମୀ ଙ୍କୁ ମୋବାଇଲଫୋନ,୩୫ଜଣହିତାଧିକାରୀଙ୍କୁ ଖାଉଟି କାର୍ଡ, ୬୦ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପତ୍ର ଏବଂ ୨୦ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।।

## ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ପାପଡାହାଣ୍ଡି, ୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସୋରିଷପଦର ଆରଏମସି ମଣ୍ଡି ବିଲଡିଙ୍ଗ ଠାରେ ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନହୋର ରନ୍ଧାରୀଙ୍କ ସଭାପତିତ୍ୱରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ଉମରକୋଟ ବିଧାୟକ ସୁବାଷ ଗଣ୍ଡ, ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ.ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବିଜେଡି ମହିଳା ନେତ୍ରୀ ମଞ୍ଜୁଳା ମାଝୀ, କୌଶଲ୍ୟା ପ୍ରଧାନୀ, ଉମରକୋଟ ଏନଏସସି ଅଧକ୍ଷ ରାଧା ଭତରା, ଜିଲ୍ଲା ଉପସଭାପତି ବଦ୍ରିନାରାୟଣ ସିଂଘ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୪ ବର୍ଷର ସୁଶାସନ ଏବଂ ୨ ବର୍ଷ ର ବିଜେପି ସରକାରର ବିଫଳତା ନେଇ ଆଲୋଚନା କରିଥିଲେ। ଏନେଇ ସମସ୍ତ କର୍ମୀ ଆଗାମୀ ପଞ୍ଚାୟତ ଓ ମ୍ୟୁନିସ୍‌ପାଲଟି ନିର୍ବାଚନ ପାଇ ପ୍ରସ୍ତୁତ ହେବାକୁ କହିଥିଲେ। ବିଜେପି ସରକାର ୨ ବର୍ଷର ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚିବାକୁ ସେ କହିଥିଲେ। ଲୋକଙ୍କ ସମସ୍ୟା ଉପସ୍ଥାପନା କରିବା ସହ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବାକୁ କହିଥିଲେ। ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ବରିଷ୍ଠ ନେତା, ରଜନୀ ସାସମଲ, ସ୍ୱାଧୀନ ପଟ୍ଟନାୟକ ଶହ ନଅ ଗୋଟି ବ୍ଲକ ଅଧକ୍ଷ ଓ ଉପାଧାକ୍ଷାଙ୍କ ସହ ଜିଲ୍ଲାର ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

## ଜୟପୁରରେ ନିଟ୍ ପ୍ରବେଶିକା ପରୀକ୍ଷା

ଜୟପୁର, ୨୧।୬(ସମିସ): ଆଜି ଜୟପୁରରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ଗୋଟାଏ ଠାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପରୀକ୍ଷା ନିମନ୍ତେ କୋରାପୁଟ ଜିଲ୍ଲା ଦୁଇଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଆଜି ସମୁଦାୟ ୨୧୧ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଥିଲେ ଏବଂ ୨୯ ଜଣ ଅନୁପସ୍ଥିତ ରହିଥିଲେ। ଏହିପରି ପରୀକ୍ଷା ଦାୟୀତ୍ୱରେ ପରୀଚାଳନାରେ କେନ୍ଦ୍ର ମୁଖ୍ୟ ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱଧାନରେ ପୁଲିସର କଡା ସୁରକ୍ଷା ଏବଂ ସିସି କ୍ୟାମେରା ବ୍ୟବସ୍ଥାରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ସେହିପରି କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜିଲ୍ଲାର ଦ୍ୱିତୀୟ ପରୀକ୍ଷା କେନ୍ଦ୍ର ଭାବେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ନବଜାତ ଶିଶୁ ଚୋରି ଅଭିଯୋଗ

ଉମରକୋଟ,୨୧।୬(ସମିସ): ଉମରକୋଟ ହସ୍ପିଟାଲରେ ନବଜାତ ଶିଶୁ ଚୋରି ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଉମରକୋଟ ବ୍ଲକ ସୁକିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାବ୍ରିଗୁଡ଼ା ଗାଁର ଧନମତି ସାନ୍ତାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗତ ଏପ୍ରିଲ ୨ ତାରିଖ ସକାଳ ୭ଟାରେ ଉମରକୋଟ ହସ୍ପିଟାଲକୁ ଆସିଥିଲେ। ସେଠାରେ ରାତି ୧୦ଟାରେ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏଥିସହ ନବଜାତ ସନ୍ତାନକୁ ନିଜ ପାଖରେ ରଖିଥିଲେ। କିଛି ସମୟ ପରେ ନବଜାତ ସନ୍ତାନ ତାଙ୍କ ପାଖରେ ନଥିବା ଦେଖିବାକୁ ପାଇଥିଲେ । ଶିଶୁ ସଂପର୍କରେ ସ୍ୱାମୀ କମଲ ସାନ୍ତାଙ୍କ ପଚାରିବାରୁ ମେଡିକାଲ କର୍ମଚାରୀ ତାଙ୍କଠାରୁ ସାଦା କାଗଜରେ ଦସ୍ତଖତ କରି ଶିଶୁକୁ କୋରାପୁଟ ରେଫର୍ କରାଯାଇଛି ବୋଲି କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ନବଜାତ ଶିଶୁକୁ ମେଡିକାଲ ପକ୍ଷରୁ ଦିଆଯାଉ ନଥିବାରୁ ଘଟଣା ସଂପର୍କରେ ଧନମର୍ତି ସାନ୍ତା ଉମରକୋଟ ଥାନାରେ ଏତଲା ଦେଇଛନ୍ତି । ଏପ୍ରିଲ ମାସର ଘଟଣା ଏବେ ଥାନାରେ ଅଭିଯୋଗ କରିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏନେଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଧନମତି ସାନ୍ତା ମଲାଛୁଆ ଜନ୍ମ କରିଥିବା ସେ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବିଷମ କଟକ, ୨୧।୬(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ କୁମ୍ଭାର ଧାମୁଣି ପଞ୍ଚାୟତର ପାପଡ଼ମ ଗାଁ ନିକରେ ୪୬ ନମ୍ବର ରାଜ୍ୟ ରାଜପଥ କଡ଼ରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ବିଷମ କଟକ ଥାନା ଝିଗିଡି ପଞ୍ଚାୟତର ସୁନାରୀଗୁଡା ଗ୍ରାମର ଈଶ୍ୱର ସାରକା(୧୮) । ସୂଚନା ଅନୁଯାୟୀ, ଈଶ୍ୱର ଆଜି ସକାଳେ ବାଇକ ଯୋଗେ ତାଙ୍କ ବଡ ଭଉଣୀକୁ ତାଙ୍କ ଶାଶୁ ଘରେ ଛାଡିବା ପାଇଁ ଖେଜାପଡା ଗ୍ରାମକୁ ଯାଇଥିଲେ। ସେଠାରୁ କୌଣସି କାମରେ ଦୁର୍ଗୀ ଗ୍ରାମକୁ ପହଞ୍ଚି ରାତି ୯ଟାରେ ନିଜ ଘର ଅଭିମୁଖେ ଆସୁଥିଲେ। ସେଇ ସମୟରେ ଭରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଘଟଣା ସ୍ଥଳରେରେ ଈଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେବା ସହ ଈଶ୍ୱରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ପଠେଇ ଥିଲେ। ଡାକ୍ତର ସେଠାରେ ତାଙ୍କର ମୃତ ଘଷଣା କରିବା ସହ ଏନେଇ ଥାନାକୁ ଜଣାଇଥିଲେ। ଘଟଣା ସ୍ଥଳରେ ବିଷମ କଟକ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

## ଘାଟି ତଳକୁ ଖସିଲା ଡିଜେଲ ବୋଝେଇ ଟ୍ୟାଙ୍କର

ବୈପାରୀଗୁଡା,୨୧।୬(ସମିସ): ।ଲକାନଗିରି ଏବଂ କୋରାପୁଟ ଜିଲ୍ଲା ସୀମାନ୍ତ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମନ୍ତ୍ରୀଆମ୍ବ ଘାଟିରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡିଛି। ୩୨୬ ନଂ ଜାତୀୟ ରାଜପଥ ର ମନ୍ତ୍ରୀଆମ୍ବ ନିକଟରେ ଘଟିଛି ଦୁର୍ଘଟଣା। ସୂଚନା ଅନୁଯାୟୀ ଡିଜେଲ ବୋଝେଇ ହୋଇ ଟ୍ୟାଙ୍କରଟି ମାଲକାନଗିରି ଅଭିମୁଖେ ଆସୁଥିଲା । ଘାଟିର ବୁଲାଣିରାସ୍ତାରେଟ୍ୟାଙ୍କରଟିଭାରସାମ୍ୟହରାଇଦୁର୍ଘଟଣାଗ୍ରସ୍ତହୋଇଥିଲା।ଦୁର୍ଘଟଣାପରେସ୍ଥାନୀୟ ଗ୍ରାମବାସୀଖବରପାଇଦୁର୍ଘଟଣାସ୍ଥଳରେପହଞ୍ଚିଡ୍ରାଇଭରଙ୍କୁଗାଡିରୁବାହାରକରିଥିଲେ।ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ ବୈପାରିଗୁଡା ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି।

# ଗାଁରୁ ସହର ସମସ୍ତେ ଯୋଗରେ ମଜ୍ଜିଲେ

**ସମ୍ବଲପୁର, ୨୧।୬ (ସମିସ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଯୋଗ ମହୋତ୍ସବ ସମିତି ମିଳିତ ଆନୁକୂଲ୍ୟରେ ରିଂରୋଡ୍‌ସ୍ଥିତ ମହାନଦୀ ଆଳତୀ ଘାଟଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ, ଯୋଗପ୍ରେମୀ ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଡିଏଫଓ ସୁଦର୍ଶନ ଯାଦବ, ଭିସୁଟ୍ କୁଳପତି ପ୍ରଫେସର ଦୀପକ ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଜୟଦେବ ମେହେର ଏବଂ ଯୋଗ ପ୍ରଶିକ୍ଷକ ତଥା ବିଶ୍ୱବିଦ୍ୟାଳୟ ଛାତ୍ର ଭୋଜରାଜ ଛନ୍ଦ ମାର୍ଗଦର୍ଶନ କରିଥିଲେ। କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟି ହଲ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ସମ୍ବଲପୁରରୁ କାଞ୍ଚନ ସୋମ ଅଗ୍ରୱାଲ, ରୋଜାଲିନ ବେହେରା ଏବଂ ଶିବମ ସିଂ ଯୋଗ ଅଭ୍ୟାସ ପରିଚାଳନା କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ରେଳବାଇ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ସମ୍ବଲପୁରର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ରାଜେଶ୍ୱର ଟିଗ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମସ୍ତ ଷ୍ଟେସନ ଏବଂ ୟୁନିଟରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା। ବୁର୍ଲାସ୍ଥିତ ଏମସିଏଲ ଡିଏଭିରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରରେ ପ୍ରଜାପିତା ବ୍ରହ୍ମକୁମାରୀ ସମ୍ବଲପୁର ଶାଖାର ସଦସ୍ୟା କ୍ରିଷ୍ଣା ଓ ସାଇସୁଧା ଯୋଗାଭ୍ୟାସ କରାଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ ଯୋଗ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପବିତ୍ର ମୋହନ ଶତପଥୀଙ୍କ ନେତୃତ୍ୱରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବିନ୍ଦୁ ନାୟାର ପରିଚାଳନା କରିଥିବାବେଳେ ଅଭୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁରର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ଉପ-ମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ଗୋଶାଳାସ୍ଥିତ ଗ୍ରୁପ୍ ସେଣ୍ଟର ପରିସରରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଯାଇଛି। ଶ୍ରୀ ରାମ ଯୋଗ ପରିବାର ତରଫରୁ ବୃନ୍ଦାବନହିଲସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଯୋଗଗୁରୁ ବସନ୍ତ ଶର୍ମାଙ୍କ ମାର୍ଗଦର୍ଶନରେ ଯୋଗ ଦିବସ ପାଳିତ ହୋଇଯାଇଛି। ହନୁମାନ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରାଜୀବ ଶତପଥୀ, ସଞ୍ଜୀବ ପାଢ଼ୀ, ଅନନ୍ତ ମହାନ୍ତି, ସୁବୋଧ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଭାରତ ବିକାଶ ପରଷଦ ସମ୍ବଲପୁର ଶାଖା ଏବଂ 'ଯୋଗ ଭାଇବ୍ ଆତ୍ମୀୟତା' ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ବୁଢ଼ାରାଜା ପାହାଡ଼ ଶିଖରରେ ଯୋଗ ଦିବସ ପାଳନ କରାଯାଇଥିଲା। ହେମନ୍ତ ପ୍ରଧାନ ଏବଂ ବିଶ୍ୱନାଥ ପ୍ରଧାନଙ୍କ ନେତୃତ୍ୱରେ ରାମଗୋପାଳ ମାହାଣା ଯୋଗ ଓ ପ୍ରାଣାୟାମର ନୀତି ଓ ବିଧି ବୁଝାଇବା ସହ ଯୋଗାଭ୍ୟାସ ଶିଖାଇଥିଲେ। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ, ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ (ଓଡ଼ିଶା ପ୍ରାନ୍ତ) ଏବଂ ୫ମ ବାଟାଲିୟନ ଏନସିସି, ସମ୍ବଲପୁର ଦ୍ୱାରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଏମ୍‌ୟୁ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ଡା. ଜୟଦେବ ମେହେର ଏବଂ ବିବେକାନନ୍ଦ କେନ୍ଦ୍ରର ଜତିନ୍ଦ୍ର ଖୁମରାଙ୍କ ଦ୍ୱାରା ଯୋଗ ଆସନ ଏବଂ ମୁଦ୍ରାର ପ୍ରଦର୍ଶନ କରାଯାଇଥିଲା। କମାଣ୍ଡିଂ ଅଫିସର ପ୍ରସନ୍ନ ପଣ୍ଡା, ଡା. ଜୟଦେବ ମେହେର, ଜତିନ୍ଦ୍ର ଖୁମରା, କେଶରୀ ଖୁମରା ଏବଂ ପଦ୍ମଲୋଚନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ଡ, ଅତୁଲ ପ୍ରଧାନ, କ୍ରୀଡ଼ା ଅଧିକାରୀ ଲିଙ୍ଗରାଜ ବେହେରା ଏବଂ ଦିବ୍ୟାନୀ ଶୁକ୍ଲା ପରିଚାଳନା କରିଥିଲେ। ୱାନ୍ ଫିଟ୍‌ନେସ୍ ପକ୍ଷରୁ ହୀରାକୁଦସ୍ଥିତ କଳ୍ପତରୁ ଆଶ୍ରମରେ ଯୋଗ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ୱାନ୍ ଫିଟ୍‌ନେସ୍‌ର ସହ-ସଂସ୍ଥାପକ ଏବଂ ସିଓଓ ସୌରିଶ ଦେ ଉପସ୍ଥିତ ଥିଲେ। ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ବିଶ୍ୱପତି ବେହେରା, କିଶୋର ସାହୁ, ଉମାକାନ୍ତ ସାହୁ ଙ୍କ ସଂଯୋଜନାରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅଶ୍ୱିନୀ ସୁପକାର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବିଡିଓ ସୁଶାନ୍ତ ପଣ୍ଡା ଓ ଯୋଗଗୁରୁ ସୁକାନ୍ତ ମହାକୁଡ଼ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଧନକଉଡ଼ା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଦିବସ ପାଳିତ ହୋଇଛି। ରଞ୍ଜିତା ମହାନ୍ତି ଯୋଗର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଡା. ରାମ ଚରଣ ରାଉତ, ଷ୍ଟାଫ ନର୍ସ ସୁପ୍ରିତ ପଟେଲ, ପ୍ରେମାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍ଥାନୀୟ ସୁବାସ ପଡ଼ିଆଠାରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଆରଏସଏସର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀନିବାସ ପଣ୍ଡା, ବିଦ୍ୟାଳୟର ଉପସଭାପତି ହେମନ୍ତ ପଟେଲ, ପୂର୍ବତନ ସମ୍ପାଦକ ସନ୍ଦୀପ ଦାଶ, ବରିଷ୍ଠ ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ, ଗୁରୁଜୀ ଗୁରୁ ଭୁଏ ଓ ରଞ୍ଜନ ଦାଶ, ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ, ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




**କୁଚିଣ୍ଡା:** କୁଚିଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ଦିବସରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଡିଓ ଜୟନ୍ତ ସାହୁ, କୁଚିଣ୍ଡା ତହସିଲଦାର ସରିତା ଓରାମ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ ପଟେଲ, ଏସଡିଏମଓ ଡା. ସୁବୋଧ ନାୟକ, ଅଧ୍ୟକ୍ଷ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ରେଢ଼ାଖୋଲ:** ସ୍ଥାନୀୟ ଭୀମଭୋଇ କଲେଜରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ପ୍ରଦୀପ ପ୍ରଜ୍ଜଳନ କରି ଯୋଗ ଦିବସକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ଭୋଜରାଜ, ଅଞ୍ଜନ ମିଶ୍ର, ଏନଏସଏସ ଅଧିକାରୀ ଲିବନସ କିଣ୍ଡୋ, ଏନସିସି ଅଧିକାରୀ ସୁଶାନ୍ତ କେରକେଟା, ପ୍ରାଧ୍ୟାପିକା ମମତା ମହାପାତ୍ର, ଡ. ମନୋରଞ୍ଜନ ମହନ୍ତ, ଡ. ଦିବ୍ୟଲୋଚନ ରାଉତ, ଅଧ୍ୟାପକ ରାମଚନ୍ଦ୍ର ଭୋଇ ଏବଂ ମାନଭଞ୍ଜନ କହଁର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରେଢ଼ାଖୋଲ ପଞ୍ଚାୟତ ସମିତି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମିଳିତ ଆନୁକୂଲ୍ୟରେ ଯୋଗ ପ୍ରଶିକ୍ଷକ ମନୋଜ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାକେଶ ଦେହୁରୀ, ସୋନାକ୍ଷୀ ମହାନ୍ତି ଯୋଗ ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ଭୀମଭୋଇ କଲେଜର ଅଧ୍ୟାପକ ଅଞ୍ଜନ ମିଶ୍ର ଶପଥ ପାଠ କରାଇଥିଲେ। ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସୁଷମା ମୁଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ବସନ୍ତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଦେହୁରୀ ସାହି ଓ ରେଲୱେ କଲୋନୀରେ ହୋଇଥିବା ଯୋଗ କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତିର ମହିଳା ପ୍ରଭାରୀ ଯୋଗ ପ୍ରଶିକ୍ଷିକା ନିରୋଦ ପ୍ରଭା ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ। ଚାହତ ପାରମାର ଓ ଓମପ୍ରକାଶ ସାହୁ ସହଯୋଗ କରିଥିଲେ। ସେହିପରି ସିଭିଲ କୋର୍ଟ ପରିସରରେ ତାଲୁକ ଆଇନସେବା ପ୍ରାଧିକରଣ ତରଫରୁ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ମନୋଜ ସାହୁ ଓ ଓମ୍ ପ୍ରକାଶ ସାହୁ ପ୍ରଶିକ୍ଷଣ ଦେଇଥିଲେ। ରାଜେଶ ପାରମାର ଓ ଅଞ୍ଜନ ମିଶ୍ର ସହଯୋଗ କରିଥିଲେ।

**ନାକଟିଦେଉଳ:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର ସାହୁ, ବିଡ଼ିଓ ଆକାଶ ରଞ୍ଜନ ସାହୁ ଓ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ଅଧ୍ୟାପକ ଦେବେଶ ବିଶ୍ୱାଳ, ଅଧ୍ୟାପିକା ଆର୍ ପୁଷ୍ପାଞ୍ଜଳି, ସ୍ୱଦେଶ ପ୍ରଧାନ, ପିଙ୍କି ପ୍ରଧାନ, ପୂର୍ବତନ ଛାତ୍ର ରାଜେଶ ନାୟକ, ଅଧ୍ୟାପକ ଶେଷଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ସମ୍ମୁଖରେ ସ୍ତ୍ରୀକୁ ଭୁସିଦେଲା ଦନ୍ତା

**ଜମନକିରା, ୨୧।୬(ସମିସ):** ବାମରା ଡିଭିଜନ ବଡ଼ରମା ରେଞ୍ଜ ଉଡୁସିଂ ରାସ୍ତା ଆଠଗିରା ନାଳା ନିକଟରେ ଆଜି ଦିନପ୍ରାୟ ୪.୩୦ରେ ସ୍ୱାମୀ ସମ୍ମୁଖରେ ସ୍ତ୍ରୀକୁ ଦାନ୍ତରେ ଏକ ଦନ୍ତା ହାତୀ ଭୁସି ଦେଇଛି। ମୃତ ମହିଳା ଜଣକ ହେଲେ ନରେନ୍ଦ୍ର ସିଂଙ୍କ ପତ୍ନୀ ମାଳାବତୀ ସିଂ (୪୮)। ବଡ଼ରମା ରେଞ୍ଜ ଅଫିସ ପଛ ପଟରେ ଥିବା ପଡ଼ାର ଏହି ସ୍ୱାମୀ ସ୍ତ୍ରୀ କେନ୍ଦୁପତ୍ର ତୋଳିବା ପାଇଁ ଘର ପଛ ପଟରେ ଥିବା ଜଙ୍ଗଲକୁ ଯାଇଥିଲେ। ଏତିକିବେଳେ ଅଘଟଣ ଘଟିଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନଙ୍କ ସହ ବନ ବିଭାଗର କର୍ମଚାରୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଗୌଡପାଲି ଫାଣ୍ଡି ଅଧିକାରୀ ମନରଞ୍ଜନ ଦାସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ପଠାଇଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ

**ନାକଟିଦେଉଳ, ୨୧।୬(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରତାରଣା କରି ଅଭିଯୁକ୍ତ ଅନ୍ୟତ୍ର ବିବାହ କରିଛି। ଏହି ଘଟଣାରେ ମଣ୍ଡୁଆମ ଗ୍ରାମର ପଞ୍ଚାନନ କିସାନ (୨୬) ଗିରଫ ହୋଇଛି। ଦୀର୍ଘ ୪ ବର୍ଷ ହେବ ସେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲା। ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲା। ବିବାହର ପ୍ରତିଶ୍ରୁତି ଦେଇ ନଗଦ ୫୦ ହଜାର ଟଙ୍କା ମଧ୍ୟ ନେଇଥିଲା। ଇତି ମଧ୍ୟରେ ପଞ୍ଚାନନଙ୍କ ଅନ୍ୟତ୍ର ବିବାହ କରିବା ପାଇଁ ନିମନ୍ତ୍ରଣ ପତ୍ର ଛପାଇଥିବା ଜାଣିବାକୁ ପାଇ ଯୁବତୀ ଜଣକ ଆଶ୍ଚର୍ଯ୍ୟ ହୋଇଥିଲେ। ଏ ନେଇ ସେ ପଞ୍ଚାନନଙ୍କୁ ଫୋନ କରିବାରୁ ତାଙ୍କ ଫୋନ ସୁଇଚ ଅଫ ଥିଲା। ବାଧ୍ୟ ହୋଇ ଯୁବତୀ ଜଣକ କିସିଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ନିଟ୍ ପରୀକ୍ଷା ଦେଲେ ୧୮୪୭ ଛାତ୍ରଛାତ୍ରୀ

**ସମ୍ବଲପୁର, ୨୧।୬ (ସମିସ) :** ବହୁ ବାଦ ବିବାଦ ପରେ କଡ଼ା ନୀରିକ୍ଷଣ ମଧ୍ୟରେ ନିଟ୍ ପୁନଃ ପରୀକ୍ଷା ଆୟୋଜିତ ହୋଇଯାଇଛି। ସମ୍ବଲପୁରରେ ୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି ୧୮୪୭ ଛାତ୍ରଛାତ୍ରୀ। କେନ୍ଦ୍ରୀୟ ବିଦ୍ୟାଳୟ-୧ ଓ ୨, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ବୁର୍ଲା, ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପରୀକ୍ଷା କେନ୍ଦ୍ର ହୋଇଥିଲା। ଏହି କେନ୍ଦ୍ର ଗୁଡ଼ିକରେ ୨୧୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜିକୃତ ହୋଇଥିବାବେଳେ ୨୯୪ ଜଣ ଅନୁପସ୍ଥିତ ଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଏନ୍‌ଟିଏ ପକ୍ଷରୁ ଲାଇଭ୍ ସିସିଟିଭି ସର୍ଭିଲେନ୍ସ କରାଯାଉଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ ଯିବା ସମୟରେ ଛାତ୍ରଛାତ୍ରୀଙ୍କ କଡ଼ାକଡ଼ି ଯାଞ୍ଚ (ଫ୍ରିସ୍କିଂ) ଓ ମେଟାଲ ଡିଟେକ୍ଟର ସହାୟତାରେ ଯାଞ୍ଚ କରାଯାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ବସ ସେବା ଯୋଗାଇ ଦିଆଯାଇଥିଲା। କେନ୍ଦ୍ର ଗୁଡ଼ିକରେ ବ୍ୟାପକ ପୁଲିସ ମୁତୟନ ସହ ଟ୍ରାଫିକ ପୁଲିସ ଦ୍ୱାରା ଟ୍ରାଫିକ୍ ପରିଚାଳନା କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧ୍ୟକ୍ଷ ସିଟି ସଂଯୋଜକ ଭାବେ ସମସ୍ତ ପରୀକ୍ଷା କେନ୍ଦ୍ର ମନିଟରିଂ ଦାୟିତ୍ୱରେ ଥିଲେ। ଏନ୍‌ଟିଏର ଜଣେ ଅବଜର୍ଭର୍ ମଧ୍ୟ ସମ୍ବଲପୁରରେ ଆଜି ଉପସ୍ଥିତ ଥିଲେ। ଏହି ପରୀକ୍ଷାର ସାମଗ୍ରିକ ଭାବେ ଜିଲ୍ଲାପାଳ ଦାୟିତ୍ୱରେ ଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାବ୍ୟତୀତ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ ଓ ବରିଷ୍ଠ ଅଧିକାରୀ ନିୟୋଜିତ ହୋଇଥିଲେ।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

**ସମ୍ବଲପୁର, ୨୧।୬ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିରର ଦଶମ ରବିବାସରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୩ଟି ବିଦ୍ୟାଳୟରୁ ୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଯୋଗଗୁରୁ ପ୍ରାଣବନ୍ଧୁ ବେହେରା ଓ ବାବୁଲୁ ବେହେରା ବିଭିନ୍ନ ଯୋଗାସନ ଓ ପ୍ରାଣାୟମ ଶିକ୍ଷା ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ (ଇଟାନଗର)ର ପ୍ରଫେସର ଡ. ରବିନାରାୟଣ ମିଶ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ କମ୍ପ୍ୟୁଟରର ଉପଯୋଗିତା ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସେ କମ୍ପ୍ୟୁଟରର ସାଧାରଣ ଜାଣିବା ବିଷୟ ଧାରଣା ଦେବା ସହ ବ୍ୟବହାର ସମୟରେ କେତେକ ସାବଧାନତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଲାଇବ୍ରେରୀର ସଭ୍ୟ-ସମ୍ପାଦକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ-ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପାଟଯୋଶୀ, ପୃଥ୍ୱୀରାଜ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଲାଇବ୍ରେରୀର ସହକାରୀ ବିଜୟ ସାହୁ ଓ ଭୁବନ କୁମୁରା ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ପୁସ୍ତକ 'ପତର୍‌ପେଁଡ଼ି' ଲୋକାର୍ପିତ




**ସମ୍ବଲପୁର, ୨୧।୬ (ସମିସ):** କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଶୀତଳଷଷ୍ଠୀ ବିଶେଷାଙ୍କ 'ପତରପେଁଡ଼ି' ଲୋକାର୍ପିତ ହୋଇଛି। ସମ୍ବଲପୁର ସହରରେ ପ୍ରାୟ ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ହୋଇଆସୁଛି। ପ୍ରଥମେ ଶ୍ରୀ ସୋମନାଥ ବାବା ମନ୍ଦିର ବା ସାମିଆ ଗୁଡ଼ିରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ପରିସର ଏବଂ କଳେବରରେ ଯଥେଷ୍ଟ ଉନ୍ନତି ହୋଇଛି। ମାତ୍ର ଏହି ଆଧ୍ୟାତ୍ମିକ, ଐତିହାସିକ ଏବଂ ସାମାଜିକ ଯାତ୍ରା 'ଶୀତଳଷଷ୍ଠୀ ଯାତ୍ରା'କୁ ନେଇ ଅଧିକ ଗବେଷଣା କରାଗଲେ ଅଧିକରୁ ଅଧିକ ତଥ୍ୟ ସମ୍ମୁଖକୁ ଆସିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଦ୍ୱାରିକା ନାଥ ନାୟକ, ଡ. ଗୌରୀଦାସ ପଧାନ, 'ପ୍ରମେୟ' ସମ୍ବଲପୁର ସଂସ୍କରଣ ମୁଖ୍ୟ ଶ୍ୱେତ କୁମାର ପ୍ରଧାନ, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ. ଅଖିଳ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଲମ ପରିବାର ଟ୍ରଷ୍ଟ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇଥିଲେ। କଳା ପରିଷଦର ସମ୍ପାଦକ ସୁଶାନ୍ତ ମିଶ୍ର ଶୀତଳଷଷ୍ଠୀ ଉପରେ ବକ୍ତବ୍ୟ ରଖିଥିଲେ। ସଂକଳନରେ ସାହିତ୍ୟିକ ଏବଂ କବି ମାନଙ୍କ ଦ୍ୱାରା ଲିଖିତ ଶୀତଳଷଷ୍ଠୀ ଆଧାରିତ ଓଡ଼ିଆ ଏବଂ ସମ୍ବଲପୁରୀ ଆଲେଖ୍ୟ ସ୍ଥାନିତ ହୋଇଛି। ଶେଷରେ ଟ୍ରଷ୍ଟ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରସ୍କାର ବିତରଣୀ ଉତ୍ସବ

**ସମ୍ବଲପୁର, ୨୧।୬ (ସମିସ) :** ସମ୍ବଲପୁରର ପ୍ରତିଷ୍ଠିତ ଚିତ୍ରକଳା ଅନୁଷ୍ଠାନ ସମ୍ବଲପୁର କଳା ଏକାଡେମୀ ପକ୍ଷର ଚିତ୍ରକଳା ପ୍ରତିଯୋଗିତା 'ସମର୍-୨୦୨୬'ର ପୁରସ୍କାର ବିତରଣୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆୟକର ବିଭାଗର ଅବସରପ୍ରାପ୍ତ ଅଧିକାରୀ ତଥା ସାହିତ୍ୟିକ ରାଧାକାନ୍ତ ସେଠ ମୁଖ୍ୟଅତିଥି ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାଶିକ୍ଷକ ସୁବ୍ରତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆକାଂକ୍ଷା ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତଗାନ କରିଥିବା ବେଳେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ କଳା ଶିକ୍ଷୟିତ୍ରୀ ଆକୃତି ଦାଶ ଏବଂ ଆୟୁଷ୍ମାନ ଦାସ ସଂଯୋଜନା କରିଥିଲେ। ଶେଷରେ ସୁମନ ଶେଖର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ମାଝୀ ପରିଚାଳନା କରିଥିଲେ। ଗତ ସପ୍ତାହରେ ହୋଇଥିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୫ଜଣ କୃତୀ ପ୍ରତିଯୋଗୀଙ୍କୁ ଆଜି ପୁରସ୍କୃତ କରାଯାଇଥିଲା।

## 'ସ୍ୱାବଲମ୍ବୀ ଯୁବ - ସମୃଦ୍ଧ ଓଡ଼ିଶା' ସମାବେଶ

**କୁଚିଣ୍ଡା, ୨୧।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ କୁଚିଣ୍ଡାଠାରେ ସ୍ୱାବଲମ୍ବୀ ଯୁବ - ସମୃଦ୍ଧ ଓଡ଼ିଶା ସମାବେଶ ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତୀରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ସମ୍ମାନିତ ଅତିଥି ଭାବେ ଏସଡିସି ଅଧ୍ୟକ୍ଷ ଭଗେନ୍ଦ୍ର କିସାନ, ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟରାଜ କିସାନ, ସମ୍ବଲପୁର ଦକ୍ଷତା ବିକାଶ କେନ୍ଦ୍ରର ଉପ-ନିର୍ଦ୍ଦେଶକ ଗତିକୃଷ୍ଣ ବେହେରା ଏବଂ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




## 'ବନ୍ଦେ ଭାରତ' ଯାତ୍ରୀ ହଟହଟା

**ସମ୍ବଲପୁର, ୨୧।୬ (ସମିସ):** ୨୦୮୩୬ ପୁରୀ-ରାଉରକେଲା ଏବଂ ୨୦୮୩୫ ରାଉରକେଲା-ପୁରୀ 'ବନ୍ଦେ ଭାରତ'ରେ ଯାତ୍ରା କରୁଥିବା ଯାତ୍ରୀ ଘଣ୍ଟା ଘଣ୍ଟା ଧରି ହଇରାଣ ହରକତ ହୋଇଛନ୍ତି। ଅନ୍ୟ ଟ୍ରେନ୍ ଅପେକ୍ଷା ଯାତ୍ରୀ ଏହି ଟ୍ରେନରେ ଶହ ଶହ ଟଙ୍କା ଅଧିକ ଦେଉଛନ୍ତି; ହେଲେ ଟ୍ରେନ୍ ଯିବାଆସିବାର କୌଣସି ଠିକଣା ରହୁନାହିଁ। ଏହାକୁ ନେଇ ରେଳବିଭାଗ କିମ୍ବା ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ କୌଣସି ଉତ୍ତର ନ ରଖିବା ଦୁଃଖର ବିଷୟ। ଶନିବାର ୨୦ ତାରିଖ ପୁରୀ-ରାଉରକେଲା 'ବନ୍ଦେ ଭାରତ' ଏକ୍ସପ୍ରେସ ସକାଳ ୫ଟା ବଦଳରେ ୧୧.୪୯ ସମୟରେ ପୁରୀରୁ ଛାଡ଼ିଥିଲା। ଏହା ସମ୍ବଲପୁର ସିଟି ଷ୍ଟେସନରେ ଅପରାହ୍ଣ ୧୦.୦୫ ବଦଳରେ ସନ୍ଧ୍ୟା ୬ଟା ୦୪ ମିନିଟରେ ପହଞ୍ଚି ଥିଲା। ରାଉରକେଲାରେ ରାତି ୯.୨୩ରେ ପହଞ୍ଚିଥିଲା। ଫେରିବା ଟ୍ରେନ୍ ରାଉରକେଲାରୁ ଶନିବାର ଅପରାହ୍ଣ ୨ଟା ବଦଳରେ ରାତି ୧୦.୦୬ର ବାହାରି ଥିଲା। ସମ୍ବଲପୁର ସିଟି ଷ୍ଟେସନରେ ୪.୦୫ ବଦଳରେ ୧୨.୫୯ରେ ପହଞ୍ଚିଥିଲା। ଏହି ଟ୍ରେନ ୨୦୮୩୫ ପୁରୀଠାରେ ଶନିବାର ରାତି ୯.୪୦ ବଦଳରେ ରବିବାର ସକାଳ ୮ଟା ୪୧ ମିନିଟରେ ପହଞ୍ଚିଛି। ପୁଣି ରବିବାରର ୨୦୮୩୬ ପୁରୀ-ରାଉରକେଲା ଟ୍ରେନ୍ ସକାଳ ୫ଟା ବଦଳରେ ଅପରାହ୍ଣ ୨.୩୦ରେ ଛାଡ଼ି ରାତି ୯ଟା ୧୫ ମିନିଟ ପର୍ଯ୍ୟନ୍ତ ସମ୍ବଲପୁର ସିଟି ଷ୍ଟେସନ ପାରି ହୋଇନାହିଁ। ତାହା କେତେବେଳେ ରାଉରକେଲା ପହଞ୍ଚିବ ଏବଂ ପୁଣି ସେଠାରେ କିଛି ସମୟ ରହଣୀ ପରେ ଛାଡ଼ିବ ତାହା ହିଁ ବଡ଼ ପ୍ରଶ୍ନ। କମ୍ ସମୟ ମଧ୍ୟରେ ପୁରୀରୁ ରାଉରକେଲା ଏବଂ ରାଉରକେଲାରୁ ପୁରୀକୁ ପହଞ୍ଚାଉଥିବାରୁ ଲୋକେ ଦୁଇଗୁଣାରୁ ଅଧିକ ଟିକଟ ଦର ଦେବାକୁ ରାଜି ହେଉଥିବାବେଳେ ଏଭଳି ଅବ୍ୟବସ୍ଥା ଯୋଗୁଁ ରେଳଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## ବିଫଳତାର ୨ ବର୍ଷ ପାଳୁଛି ସରକାର

**ସମ୍ବଲପୁର, ୨୧।୬ (ସମିସ) :** ଓଡ଼ିଶାରେ ମୋହନ ମାଝୀଙ୍କ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଉତ୍ସବ ମନାଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ମଧ୍ୟ ସାମିଲ ହୋଇଛନ୍ତି। ତେବେ ଗତ ଦୁଇ ବର୍ଷରେ ରାଜ୍ୟର ଚାଷୀ, ଶ୍ରମିକ, ମହିଳା, ଯୁବକ, ଛାତ୍ରଛାତ୍ରୀ ସମସ୍ତେ ପ୍ରତାରିତ ହୋଇଛନ୍ତି ବୋଲି ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସଫଳତାର ଦୁଇ ବର୍ଷ ନୁହେଁ; ବରଂ ବିଫଳତାର ଦୁଇ ବର୍ଷକୁ ଓଡ଼ିଶାର ଜନସାଧାରଣ ଅନୁଭବ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଭିନ୍ନ ଅଭିଯୋଗ କ୍ରମେ ଧାନମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ହୋଇ ନ ଥିବା, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପତ୍ର ଦର ବୃଦ୍ଧି ନ ହେବା, ଶ୍ରମିକଙ୍କ ଦରମା ବୃଦ୍ଧି ନ ହେବା, ସର୍ବନିମ୍ନ ମଜୁରୀ ଅନୁଯାୟୀ ଦରମା ମିଳି ନ ଥିବା, ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାରେ ବିଫଳତା, ଆଇନ ଓ ଶୃଙ୍ଖଳା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା, ମହିଳାଙ୍କ ବିରୋଧରେ ହିଂସା ବୃଦ୍ଧି ପାଇ ଓଡ଼ିଶାକୁ ଦେଶର ଶୀର୍ଷ ରାଜ୍ୟମାନଙ୍କ ମଧ୍ୟରେ ସାମିଲ ହେବା, ଭିଡ଼ ହିଂସା ଘଟଣାରେ ଓଡ଼ିଶାକୁ ଚର୍ଚ୍ଚାରେ ଆଣିବା, ୧୮ ଲକ୍ଷ ହିତାଧିକାରୀଙ୍କୁ ମାସ ମାସ ଧରି ଭତ୍ତା ନ ଦେବା, କେବଳ ରଙ୍ଗ ଓ ନାମ ପରିବର୍ତ୍ତନରେ ବ୍ୟସ୍ତ ରହିବା ସହ ଛାତ୍ରଛାତ୍ରୀଙ୍କୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଯୋଗାଇବା ଆଦି ସଫଳତା ନୁହେଁ, ବିଫଳତାର ଅର୍ଜନ କରିଛି ବର୍ତ୍ତମାନର ସରକାର। ଯଦି ଏତେସବୁ ସମସ୍ୟା ଓ ବିଫଳତା ସତ୍ତ୍ୱେ ଉତ୍ସବ ପାଳନ କରାଯାଉଛି ତେବେ ଏହା ସଫଳତାର ନୁହେଁ; ବରଂ ବିଫଳତାର ଉତ୍ସବ ବୋଲି ବିଜେଡି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରକାଶ କରିଛନ୍ତି। କିଛିଦିନ ପୂର୍ବରୁ ଦେଶପାଇଁ ନିଜ ସନ୍ଦେଶରେ କମ୍ ତେଲ, କମ୍ ଗାଡ଼ି କମ୍ ଖର୍ଚ୍ଚ କରିବା ପାଇଁ ଦେଶର ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବାବେଳେ ହଜାର ହଜାର ଗାଡ଼ି ବ୍ୟବହାର କରି କୋଟି କୋଟି ଟଙ୍କା ବିନିମୟରେ ଏହି ଉତ୍ସବ କାହା ସ୍ୱାର୍ଥରେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି।

# ପୁଣି ବିସ୍ଥାପିତ ହେବେ ହୀରାକୁଦ ବିସ୍ଥାପିତ

**ସମ୍ବଲପୁର, ୨୧।୬ (ସମିସ)**

ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ କିଲାସମା ମୌଜାର ଚିହ୍ନିତ ଜମି ପୁଞ୍ଜିପତିଙ୍କୁ ବିକ୍ରି ପ୍ରସ୍ତାବକୁ ବାତିଲ ଓ ଉକ୍ତ ଜମିକୁ ଭୋଗ ଦଖଲ କରିଆସୁଥିବା ହୀରାକୁଦ ବିସ୍ଥାପିତଙ୍କ ନାମରେ ରେକର୍ଡଭୁକ୍ତ କରାଯିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ଜୁଲାଇ ୧ ତାରିଖରୁ ଅନଶନ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ହୀରାକୁଦ ବୁଡ଼ି ଅଞ୍ଚଳର ପ୍ରଭାବିତ ପରିବାରବର୍ଗ ଉଲ୍ଲେଖ କରିଛନ୍ତି।

ସମ୍ବଲପୁର ଜିଲ୍ଲାପାଳଙ୍କୁ ସେମାନଙ୍କ ଦାବିପତ୍ର ଅନୁଯାୟୀ, ହୀରାକୁଦ ବନ୍ଧ ସ୍ୱାଧୀନ ଭାରତବର୍ଷର ଏକ ବିକାଶର ମାଇଲ ଖୁଣ୍ଟ ହୋଇପାରେ; କିନ୍ତୁ ଏହି ବନ୍ଧ ପାଇଁ ସଂଗଠିତ ହୋଇଥିବା ବିସ୍ଥାପନ ନିଶ୍ଚିତରେ ଏକ ବିରାଟ ମାନବୀୟ ବ୍ୟୁତ୍ପାତ କହିଲେ ଅତ୍ୟୁକ୍ତି ହେବ ନାହିଁ। ହୀରାକୁଦ ବିସ୍ଥାପନ କେବଳ ଜମି ହରାଇବାର କାହାଣୀ ନୁହେଁ; ବରଂ ଏହା ଅସହାୟତା, ଅପମାନ, ଅନିଶ୍ଚିତତା ଏବଂ ପ୍ରଶାସନିକ କଠୋରତାର ଏକ ନଗ୍ନ ଚିତ୍ର। ବନ୍ଧ କାମ ଆଗକୁ ବଢ଼ାଇବା ପାଇଁ ଲୋକଙ୍କୁ ଭିଟାମାଟି ଛାଡିବାକୁ ବଳପୂର୍ବକ ବାଧ୍ୟ କରାଯାଇଥିଲା। ଅଞ୍ଚଳବାସୀଙ୍କ ଉଲ୍ଲେଖ ଅନୁଯାୟୀ ସେମାନେ ମୂଳ ବିସ୍ଥାପିତ ପରିବାରର ତୃତୀୟ ପିଢ଼ିର ବଂଶଜ। ସେମାନେ ହୀରାକୁଦ ବନ୍ଧ ଜଳାଶୟରେ ବିଲୀନ ହୋଇଯାଇଥିବା ପଧାନପାଲି ଗ୍ରାମର ଥିଲେ। ସେମାନେ ବିସ୍ଥାପିତ ହେବା ପରେ ବଞ୍ଚିବା ପାଇଁ ହୀରାକୁଦ ବନ୍ଧ ଜଳାଶୟ ପାର୍ଶ୍ୱସ୍ଥ କିଲାସମା ରାଜସ୍ୱ ଗ୍ରାମର ସରକାରୀ ଜମିରେ ବୁଡି ଅଞ୍ଚଳ ପଧାନପାଲି, ଘାଟିପଡ଼ା, ନାଗପଡ଼ା, ଗୁଞ୍ଜାମାଲ ନାମରେ ବସତି ସ୍ଥାପନ କରିଛନ୍ତି। ପଥୁରିଆ, ଟାଙ୍ଗରିଆ, ଖାଲଡିପ ଜମିକୁ ସମତୁଲ ଓ ଚାଷ ଉପଯୋଗୀ କରିଛନ୍ତି। ସେଥିରୁ ଅମଳ କରୁଥିବା ଫସଲରୁ ହିଁ ଦୀର୍ଘ ୭୦ ବର୍ଷ ହେବ ଚଳୁଛନ୍ତି। ବାପଅଜା ଚେଷ୍ଟାକଲେ; କିନ୍ତୁ ଦଖଲରେ ଥିବା ଘରଡ଼ିହ ବା ଚାଷଜମିକୁ ନିଜ ପରିବାର ନାମରେ ପଟ୍ଟା ଖଣ୍ଡିଏ ମଧ୍ୟ କରାଇ ପାରିଲେ ନାହିଁ। ସରକାରୀ ବାବୁମାନେ ଜମିର କିସମ ପରିବର୍ତ୍ତନ କରି ଜମିପଟ୍ଟା ଦିଆଯାଇ ପାରିବ ନାହିଁ ବୋଲି ନିଷ୍ପତ୍ତି ଶୁଣାଇ ଆସୁଛନ୍ତି। ବର୍ତ୍ତମାନ ପର୍ଯ୍ୟଟନ ଶିଳ୍ପ ଓ ବିଭିନ୍ନ ବିକାଶ ପ୍ରକଳ୍ପ ନାମରେ ଦଶନ୍ଧି ଦଶନ୍ଧି ଧରି ଭୋଗ ଦଖଲରେ ଥିବା ଜମିରୁ ପୁନର୍ବାର ଉଚ୍ଛେଦ କରାଯିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆଜି ସେମାନଙ୍କ ଭୋଗ ଦଖଲରେ ଥିବା ଜମିରୁ ଉଚ୍ଛେଦ କରାଯିବାର ଯୋଜନା କରାଯାଉଛି। ଏହି ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ କିଲାସମା ଗ୍ରାମ ପଞ୍ଚାୟତର ବଲବସପୁର ଏବଂ କିଲାସମା ରାଜସ୍ୱ ଗ୍ରାମରେ ଜମି ବିକ୍ରି କରାଯିବାର ପ୍ରଶାସନ ଚୂଡାନ୍ତ କରିଛନ୍ତି। କିନ୍ତୁ କିଲାସମା ରାଜସ୍ୱ ଗ୍ରାମରେ ସେମାନଙ୍କ ଭୋଗଦଖଲରେ ଥିବା କୌଣସି ଜମି ପୁଞ୍ଜିପତିଙ୍କୁ ବିକ୍ରି କରା ନ ଯାଉ। ସେହି ଜମି ବିସ୍ଥାପିତ ପରିବାର ବର୍ଗଙ୍କ ନାମରେ ରେକର୍ଡଭୁକ୍ତ କରାଯାଉ। ବଞ୍ଚିବାକୁ ରାହା ଦେବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କଠାରେ ଅନୁରୋଧ କରିଛନ୍ତି।

## ଅଜଣା ମହିଳାଙ୍କ ଶବ ଉଦ୍ଧାର

**ବରପାଲି, ୨୧।୬(ସମିସ):** ବରଗଡ଼ ଜିଲ୍ଲା ରେଶମ ପ୍ରଶାଖା ଛକ କେନାଲ ଘାଟ ନିକଟରୁ ଜଣେ ମହିଳା ଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମହିଳାଙ୍କ କାନରୁ ରକ୍ତ ବାହାରିବା ସହ ମୁଣ୍ଡରେ କ୍ଷତ ଚିହ୍ନ ଥିବାବେଳେ ବୟସ ପାଖାପାଖି ୫୦ରୁ ୫୫ ହେବ। ତାଙ୍କ ପରିଚୟ ମିଳିପାରି ନାହିଁ। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମହିଳାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

## ଯୋଗ ଦିବସ ଅବସରରେ ଡିସିବି ବ୍ୟାଙ୍କର ସହଯୋଗ

**ପଦ୍ମପୁର, ୨୧।୬(ସମିସ):** ପଦମପୁର ଶାଖା ତରଫରୁ ଯୋଗ ଶିବିରରେ ଉପସ୍ଥିତ ଥିବା ସମସ୍ତଙ୍କୁ ପାନୀୟ ଜଳ, ଟାଟା ଗ୍ଲୁକୋଜ ସହିତ ଜଳଖିଆ ଉଭୟ ପଦମପୁର ଓ ପାଇକମାଳ ରେ ବଣ୍ଟନ କରାଯାଇ ଥିଲା। ଏହି ଅବସରରେ ଶାଖା ପ୍ରବନ୍ଧକ ଏମ ରାଜେଶ୍, ଉପ ଶାଖା ପ୍ରବନ୍ଧକ ରାଜୀବ ପଟ୍ଟନାୟକ, ଦିଲ୍ଲୀପ୍ ଭୋଳ, ରୀତା ସାଠୁଆ, ସିଦ୍ଧେଶ୍ୱରୀ ତନସନା, ଅରବିନ୍ଦ ବିଶାଳ ଉପସ୍ଥିତ ଥିଲେ।

## ଝାରବନ୍ଧରେ କୃଷକ ସମ୍ବାଦ କାର୍ଯ୍ୟକ୍ରମ

**ଝାରବନ୍ଧ, ୨୧।୬(ସମିସ):** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକଶିତ ଓଡ଼ିଶାର ବିକାଶ ଧାରା' ଅଭିଯାନ ଅନ୍ତର୍ଗତ ବ୍ଲକ ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ଝାରବନ୍ଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ପର୍ଶୁରାମ ପଣ୍ଡା, ବରିଷ୍ଠ ବିଜେପି ନେତା ଡାକ୍ତର ମୋହନ ପ୍ରସାଦ ନାୟକ, ବରଗଡ଼ର ସିନିଅର ସାଇଣ୍ଟିଷ୍ଟ ନୃସିଂହ ଚରଣ ବାରିକ, ବିଭିଓ ଡାକ୍ତର ସମୀର ଖମାରୀ, ବ୍ଲକ କୃଷି ଅଧିକାରୀ ନୀତା ଶବର, ଏଏଚ୍ଓ ସ୍ୱାଗତିକା ବାଗ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ବିଜେପି ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରିହର ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ ଜୟ ପ୍ରକାଶ ମହାରଣା ଏବଂ ଚାଷୀ ନେତା କ୍ଷମାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ଦୀପକ କନ୍ହେଧର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ବହୁ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ ଜୟନ୍ତୀ

**ପଦ୍ମପୁର, ୨୧।୬(ସମିସ):** ସ୍ଥାନୀୟ ଆର୍.ବି. ହାଇସ୍କୁଲର ସମ୍ମିଳନୀ କକ୍ଷରେ ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାରସ୍ୱତ ସାଧକ ସ୍ୱର୍ଗତଃ ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ଼ଃ ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ସଞ୍ଜୟ ବହିଦାର ସ୍ୱାଗତ ଭାଷଣ, ସମ୍ପାଦକ ଅଶୋକ ବହିଦାର ବିବରଣୀ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମନୋଜ ପଣ୍ଡା ଅତିଥି ପରିଚୟ ଓ ରାଜେନ୍ଦ୍ର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଖଗେଶ୍ୱର ଦାସ, ପ୍ରଧାନ ଶିକ୍ଷକ ଅମ୍ବିକା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ପୃଷ୍ଟେଠଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼ଃ ଦୁର୍ଗାଶିଷ ପଟ୍ଟନାୟକ ସ୍ୱର୍ଗତଃ ପୃଷ୍ଟେଠଙ୍କ ଜୀବନ ଓ ସାରସ୍ୱତ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିସ୍ମୃତି ପୁସ୍ତିକା ଓ ଡ଼ଃ ପ୍ରମୋଦ ପାଢ଼ୀଙ୍କ ସମ୍ବଲପୁରୀ କାବ୍ୟ 'ତିନ୍ ଭଅଁରି'କୁ ଉନ୍ମୋଚନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନା ପାଇଁ କିଶୋର ପାତ୍ର, ରମେଶ ଗୁମ୍ଫା, ଟେନେସ୍ ପଣ୍ଡା ଓ କୈଳାସ କୁମ୍ଭାର ସହଯୋଗ କରିଥିଲେ। ଶେଷରେ ରାଧାକାନ୍ତ ସୁଆର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜବୋଡ଼ାସମ୍ବର କୃଷକ ସଂଗଠନ ଗାଇସିଲଟ ବ୍ଲକ କମିଟି ପୁନର୍ଗଠନ

**ଗାଇସିଲେଟ, ୨୧।୬(ସମିସ):** ବରିହାପୁଖା ପାଣି ଖେଳପଡ଼ିଆରେ ରାଜବୋଡ଼ାସମ୍ବର କୃଷକ ସଂଗଠନ ଗାଇସିଲେଟ ବ୍ଲକର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଅରବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ସଂଗଠନକୁ ସୁଦୃଢ଼ କରିବା ସକାଶେ ଏକ ନୂତନ କମିଟି ଗଠନ କରାଯାଇଛି। ଆଜୀବନ ସଭାପତି ରୂପେ ଅରବିନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ସରୋଜ ସାହୁ, ଉପ ସଭାପତି ଥବିର ସାହୁ, ସମ୍ପାଦକ ଗଜପତି ସାହୁ, ସହ ସମ୍ପାଦକ ସୁଜିତ ପାତ୍ର, କୋଷାଧକ୍ଷ ଆନନ୍ଦ ପଧାନ, ଆବାହକ ବୀରେନ୍ଦ୍ର ପଧାନ, ସହ ଆବାହକ ସଦାନନ୍ଦ ସାହୁ, ଉପଦେଷ୍ଟା ମହେଶ ଦାଶ, ପ୍ରସନ୍ନ କୁମ୍ଭାର, ମୋହନ ସିଂ ବରିହା, ସୀତାକାନ୍ତ ସାହୁ, ବିଷ୍ଣୁ ପ୍ରସାଦ ସାହୁ, ସୋସିଆଲ ମିଡିଆ ଆଡ଼ଭାଇଜର ଉଜଳ ସାହୁ, ହେମନ୍ତ ବିଶିଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଗଲା।

### ବରଗଡ଼ ଜିଲ୍ଲାର ବିଭିନ୍ନ ଜାଗାରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ଯୋଗ ଶରୀର ଓ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ପ୍ରାଚୀନ ବିଜ୍ଞାନ'








**ବରଗଡ଼, ୨୧।୬(ସମିସ)**

ବରଗଡ଼ ସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସାମୂହିକ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦେବାକୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ସାଧାରଣ ଜନତା ଉପସ୍ଥିତ ରହି ବରଗଡ଼ ଯୋଗ ସମିତିର ତିନିଜଣ ପ୍ରଶିକ୍ଷକଙ୍କ ନେତୃତ୍ୱରେ ପରିଚାଳିତ ସାମୂହିକ ଯୋଗାଭ୍ୟାସରେ ଯୋଗାଭ୍ୟାସ କରିଥିଲେ। ଜିଲ୍ଲା ଯୋଗ ସମିତିର ସଂଯୋଜକ ମାର୍ତ୍ତଣ୍ଡଦେବ ସାହୁ ଏବଂ ଯୋଗ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ଯୋଗ ପ୍ରଶିକ୍ଷକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।




**ଝାରବନ୍ଧ:** ଝାରବନ୍ଧ ବ୍ଲକ ବିଳାସପୁର ସରକାରୀ ହୋମିଓପାଥି ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ହୋମିଓପାଥି ଚିକିତ୍ସାଳୟ ଡାକ୍ତର ତନୁଜା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଯୋଗ ଆମକୁ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ଯୋଗ ଗୁରୁ ତଥା ଯୋଗ ମହୋତ୍ସବର ମୁଖ୍ୟ ପ୍ରଶିକ୍ଷକ ଉତ୍ତମ ରଣା ସମସ୍ତଙ୍କୁ ଯୋଗାଭ୍ୟସ କରାଇଥିଲେ। ଶ୍ରୀମତୀ ମାଝୀ କୁଇଜ ପ୍ରତିଯୋଗିତା କରି ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସରକାରୀ ହୋମିଓପାଥି ଚିକିତ୍ସାଳୟର ସହକାରୀ ଚିକିତ୍ସକ ସୁଶ୍ରୀ ସାହୁ, ଅକ୍ରୁର ଡୁଡୁକା, ଅନୁପ ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଥଣ୍ଡା ପାନୀୟ, ବିସ୍କୁଟ, ଫଳ ବଣ୍ଟନ କରାଯାଇଥିଲା।

ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ବିଡ଼ିଓ ପର୍ଶୁରାମ ପଣ୍ଡା, ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ବିଇଓ ଶୁଭମ କୁମାର ପତି, ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକ ନିମାଇଁ ଚରଣ ବାରିକ ଏବଂ ତାଙ୍କ ସହଯୋଗୀମାନେ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିଥିଲେ।

**ବିଜେପୁର:** ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏମ୍. ଗଣ୍ଡପାଲି ଆନୁକୂଲ୍ୟରେ ଯୋଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଯୋଗ ଅଧିବେଶନଟି ସୁଶ୍ରୀ ସ୍ୱାଗତିକା ବରାଇଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯିଏକି ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଏବଂ ଧ୍ୟାନ କୌଶଳ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ଯୋଗ ପ୍ରଶିକ୍ଷିକାଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସମସ୍ତଙ୍କୁ ନିୟମିତ ଯୋଗ କରିବାକୁ ପ୍ରେରିତ କରିଥିଲେ।

**ପଦ୍ମପୁର:** ପଦ୍ମପୁର ସ୍ଥିତ ଆରବି ହାଇସ୍କୁଲ ପଡ଼ିଆଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ରାଜବୋଡ଼ାସମ୍ବର୍ ବ୍ଲକର ମିଳିତ ସୌଜନ୍ୟରେ ଆୟୋଜିତ ହୋଇଯାଇଛି। ସକାଳୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପଦ୍ମପୁର, ସରୋଜିନୀ ପ୍ରସନ୍ କୁଲୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଶହ ଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଯୋଗାସନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମାଝୀ କହିଥିଲେ ଯେ, ଯୋଗ ଶରୀର ଓ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ପ୍ରାଚୀନ ବିଜ୍ଞାନ।

ପଦ୍ମପୁର ଉପଖଣ୍ଡ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତା ଠାରେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରମୋଦ କଲେତଙ୍କ ପରିଚାଳନାରେ ପଦ୍ମପୁର ଯୋଗ ସମିତିର ପ୍ରଶିକ୍ଷିକା ଧ୍ରୁବ୍ ନି ଭୋଇ ଓ ସହଯୋଗୀ ବୃନ୍ଦ, ଅଭିଭାବକ ମୋହନ ମେହେର, ଅନୁକୂଳ ମେହେର, ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଶିକ୍ଷାପ୍ରେମୀ ଯୋଗାସନ କରିଥିଲେ। ଶିକ୍ଷକ ତ୍ରିଲୋକେଶ ବରିହା ଓ ପୂରଣ ବାଗ ଭାଇଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଶିବିର ସଫଳ ହୋଇଥିଲା। ଧନ୍ୟବାଦ ଦେଇଥିଲେ ଶିକ୍ଷକ କ୍ଷୀରୋଦ ନାଥ ସାହୁ।

**ପାଇକମାଳ:** ପାଇକମାଳ ସ୍ଥିତ ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଓଡ଼ୁ ଉଦ୍‌ଘାଟନ କରିଥିଲେ। ଯୋଗ ଗୁରୁ ଶ୍ରୀ ହରିଭାଇ ଆର୍ଯ୍ୟନ ଉପସ୍ଥିତ ରହି ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରଣାଳୀର ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସକ ମନୋଜ କୁମାର ତ୍ରିବେଦୀ ଓ ଅଧ୍ୟକ୍ଷ ପ୍ରୋଫେସର ଡା. ଜଗବନ୍ଧୁ ମିଶ୍ର ଉପସ୍ଥିତ ଥିଲେ।

### ବରଗଡ଼ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟ

ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ପ୍ରାର୍ଥନା ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ କାଶ ଆବାସିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିଭିନ୍ନ ଯୋଗାସନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ, ବରଗଡ଼ର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ, ବିଦ୍ୟାଳୟ ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ

ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ସ୍ପୋର୍ଟସ୍ ଏରିନା ଭିତରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ୍ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ, ସ୍ପୋର୍ଟସ ହେଡ୍ ସୁସ୍ମିତ ଖାନ୍ରା, ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଯୋଗ ଶିକ୍ଷକ ସୁରଜ ପଧାନଙ୍କ ନେତୃତ୍ୱରେ ସମସ୍ତେ ମିଳିତ ହୋଇ ବିଭିନ୍ନ ଯୋଗ ଆସନ ଓ ପ୍ରାଣାୟମର ଅଭ୍ୟାସ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସି.ସି. ଏକୋର୍ଡିନେଟର ବଂଶିତା ଗ୍ରୋବରଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

### କର୍ଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କର୍ଲାରେ ପ୍ରଧାନଶିକ୍ଷକ କନିଷ୍ଠ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ହେମଚନ୍ଦ୍ର ସାହୁ, କ୍ଷୀରୋଦ୍ର ଭୁଏ, ଶିକ୍ଷୟିତ୍ରୀ ଦମୟନ୍ତୀ ସିଦାର, ଶିକ୍ଷକ ବ୍ୟାସଦେବ ଭୁଏ, ଜୟପ୍ରକାଶ ମେହେର, ସୁଶୀଲ କୁମାର ପାରେଖ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ବିକାଶ ପଧାନ ପରିଚାଳନା କରିଥିଲେ।





## ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ରକ୍ତଦାନ ଶିବିର

**ବରଗଡ଼, ୨୧।୬(ସମିସ):** ବରଗଡ଼ ବ୍ଲକ କଟାପାଲି ଗ୍ରାମରେ ନୂତନ ସତ୍ୟ ସାଇବାବା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନିଷ୍ଠା ପରିବାର ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ, କଟାପାଲିର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲ୍ଲା ସଭାପତି ସୋନପୁର ଗୁଣନିଧି ପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରକୁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ପଦ୍ମପୁର, ୨୧।୬ (ସମିସ):** ଓଡ଼ିଶା ସରକାରଙ୍କ ଦ୍ୱିତୀୟ ବାର୍ଷିକ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା'ର କାର୍ଯ୍ୟକ୍ରମର ତୃତୀୟ ଦିବସ ରାଜବୋଡ଼ାସମ୍ବର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ହେମସାଗର ଭୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶ୍ରୀ ନିରାକାର ବରିହା, ଜିଲ୍ଲା ପରିଷଦ ସଦସ୍ୟା ସରସ୍ୱତୀ ସାହୁ ଏବଂ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବାଗ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସରକାରଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିଥିଲେ।



## ପୂର୍ବତନ ଦୂରସଞ୍ଚାର ଅଧିକାରୀ କୃଷ୍ଣ ମହାପାତ୍ରଙ୍କ ପରଲୋକ

**ବରଗଡ଼, ୨୧।୬(ସମିସ):** ବରଗଡ଼ର ବରିଷ୍ଠ ନାଗରିକ ତଥା ପୂର୍ବତନ ଟେଲିଫୋନ୍ ବିଭାଗର ସବ୍‌ଡିଭିଜନାଲ୍ ଅଫିସର କୃଷ୍ଣ ପ୍ରସାଦ ମହାପାତ୍ର (୭୯)ଙ୍କ ଶନିବାର ସମ୍ବଲପୁରର ଏକ ଘରୋଇ ହସ୍‌ପିଟାଲରେ ପରଲୋକ ଘଟିଛି। ସ୍ୱର୍ଗତ ମହାପାତ୍ର ବରଗଡ଼ ହେଡ୍ ଅଫିସ୍‌ରୁ ଦୂରସଞ୍ଚାର ବିଭାଗର ଡିଇଟି ଭାବେ ଅବସର ଗ୍ରହଣ କରିଥିଲେ। ଦୂର ସଞ୍ଚାର ବିଭାଗ ପକ୍ଷରୁ ସି. ଡଟ୍ ପ୍ରଣାଳୀ ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁରେ ବରଗଡ଼ର ବୁଦ୍ଧିଜୀବୀ ମହଲ ଓ ଦୂରସଞ୍ଚାର ବିଭାଗର ପୂର୍ବତନ କର୍ମଚାରୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଯୋଖିପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ରବିବାର ସକାଳେ ଜୀରା ନଈ କୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ଡାକ୍ତର ଶୁଭ୍ରାଂଶୁ ଶେଖର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



## ଲକ୍ଷେ ଘର ଗଣ୍ଡା ସମାଜର ସାମାଜିକ ସୁଦୃଢ଼ୀକରଣ କାର୍ଯ୍ୟକ୍ରମ



**ଝାରବନ୍ଧ, ୨୧।୬(ସମିସ):** ଝାରବନ୍ଧ ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଚଣ୍ଡୀଭଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମପାଲି ଗ୍ରାମରେ ସାମାଜିକ ସୁଦୃଢ଼ୀକରଣ କାର୍ଯ୍ୟକ୍ରମ ବ୍ଲକ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ଡ. ବି. ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ଗଣ୍ଡା ସମାଜର ସାମାଜିକ ସୁଦୃଢ଼ୀକରଣ ଏବଂ ସାମାଜିକ ସଚେତନତା ବୃଦ୍ଧି ଦିଗରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ସଭାପତି ଭୋଜରାଜ ବାଗ ସମାଜରେ ନାରୀ ଶିକ୍ଷାର ପ୍ରସାର, ନିଶା ନିବାରଣ, ଆର୍ଥିକ ସଞ୍ଚୟ ଏବଂ ପରିବାରରେ ପୁଅଝିଅଙ୍କୁ ଉଚିତ ମାର୍ଗଦର୍ଶନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ବିଭିନ୍ନ ଗଣ୍ଡାପଡ଼ାରୁ ଆସିଥିବା ସଦସ୍ୟମାନଙ୍କ ମତାମତ ଏବଂ ସ୍ଥାନୀୟ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଣ୍ଡୀଭଟା ଗ୍ରାମପଞ୍ଚାୟତ ଲକ୍ଷେ ଘର ଗଣ୍ଡା ସମାଜର ନୂତନ ସଭାପତି ଭାବେ ରୋହିତ ତାଣ୍ଡିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ବ୍ଲକ ସମ୍ପାଦକ ରଶିକ କୁମ୍ଭାର, ବ୍ଲକ ସଂଯୋଜକ ସାମନ୍ତ ଶେଖର ମୁନା, ବିନୋଦ ବିହାରୀ ବାଗ, ବ୍ଲକ ମିଡ଼ିଆ ପ୍ରଭାରୀ ତଥା ସହ ସମ୍ପାଦକ ମୋତିଲାଲ ବାଗଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବରପାଲି ମହାବିଦ୍ୟାଳୟରେ ଦୟାନିଧି ମିଶ୍ରଙ୍କ ଜୟନ୍ତୀ

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଦୟାନିଧି'

**ବରପାଲି, ୨୧।୬(ସମିସ)**

ଓଡ଼ିଶା ସାହିତ୍ୟ ଏକାଡେମୀ, ଦୟାନିଧି ମିଶ୍ର ସ୍ମୃତି କମିଟି, ବରପାଲି ଓ ବରପାଲି ମହାବିଦ୍ୟାଳୟ ମିଳିତ ସହଯୋଗରେ ସାହିତ୍ୟିକ ଦୟାନିଧି ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏକଦିବସୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବରପାଲି ମହାବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଥମ ଅଧିବେଶନରେ ଅଧ୍ୟକ୍ଷା ପ୍ରାଧ୍ୟାପିକା ଜୟନ୍ତୀ ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସାହିତ୍ୟିକ ରବୀନ୍ଦ୍ର କୁମାର ଗଡ଼ତିଆ, ସମ୍ମାନୀୟ ଅତିଥି ଭାବରେ ମହାବିଦ୍ୟାଳୟ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଧୀରଜ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଡ. ବିଶ୍ୱନାଥ ସାହୁ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଡ. ସମ୍ବିତା ପ୍ରଧାନ।



ଦୟାନିଧି ସାହିତ୍ୟ ଆଲୋଚନା ସମ୍ପର୍କୀୟ ଦ୍ୱିତୀୟ ଅଧିବେଶନରେ ସଭାମୁଖ୍ୟ ଦାୟିତ୍ୱ ତୁଲାଇଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଗୋପୀନାଥ ବାଗ। ଏଥିରେ ତିନିଜଣ ବିଶିଷ୍ଟ ଆଲୋଚକ ବିଜେପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ଶେଷ ମେହେର, ଅତାବିରା ମହାବିଦ୍ୟାଳୟର ଅଧ୍ୟାପିକା ଡ. ରିଙ୍କି ପଧାନ ଓ ମହିମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଜଗନ୍ନାଥ ସାହୁ ଯୋଗଦେଇ ଦୟାନିଧି ମିଶ୍ରଙ୍କ ଗଳ୍ପ, ଉପନ୍ୟାସ ଓ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତି କମିଟିର ସମ୍ପାଦକ ପ୍ରମୋଦ କୁମାର ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅରୁଣ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ'








**କେସିଙ୍ଗା, ୨୧।୬(ସମିସ)**

ଯୋଗ ଦ୍ୱାରା ରୋଗକୁ ପ୍ରତିରୋଧ କରିବାସହ ସୁସ୍ଥ ଓ ନିରାମୟ ଜୀବନଯାପନ କରାଯାଇ ପାରିବ ବୋଲି ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅବସରରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ବାଗ ନିଜ ବକ୍ତବ୍ୟରେ ପରିପ୍ରକାଶ କରିଛନ୍ତି। ଯୋଗ ପ୍ରଶିକ୍ଷକ ଭାବେ ଅନନ୍ତ ବାଗ ଓ ତୁମେଶ୍ୱର ଶବର ଯୋଗାସନ ଓ ପ୍ରାଣାୟମ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଯୋଗ ଦିବସ ଆୟୋଜିତ ହୋଇଥିଲା। ଏଥିରେ ସ୍କୁଲର ଛାତ୍ରୀଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ଜୁନାଗଡ଼ ପୌରପରିଷଦ

**ଜୁନାଗଡ଼:** ରବିବାର ଜୁନାଗଡ଼ରେ ଦୁଇଟି ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଗୁରୁ ଦାଶରଥୀ ବେହେରା ଯୋଗାଭ୍ୟାସ କରାଇଥିଲେ। ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ଖିଲୋ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ସିଂହଦେଓ, ଆଦିତ୍ୟ ପ୍ରସାଦ ମହାନ୍ତି, ପରିଷଦ କାହ୍ନୁ ବୈଠାରୁ, ପୁଷ୍ପାଞ୍ଜଳି ଦଣ୍ଡସେନା ଯୋଗଦାନ କରିଥିଲେ। କନ୍ଦର୍ପ ଗୁରୁ ପରିଚାଳନା କରିଥିଲେ। ସେହିପରି ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ଜୁନାଗଡ଼ ବ୍ଲକ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସବିତା ମେହେର ଓ ଅନ୍ୟତମ ଅତିଥିଭାବେ ପୂର୍ବତନ ନାଗପାଳ ମୁକେଶ୍ ଅଗ୍ରୱାଲ୍ ଯୋଗ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଏନ୍‌ଏସି ଓ ବ୍ଲକର ସମସ୍ତ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଯୋଗଦେଇ ଥିଲେ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

**ଭବାନୀପାଟଣା:** ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଭୀମସେନ ପଣ୍ଡା, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ କହିଥିଲେ ଯେ, ଯୋଗ କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ମାନସିକ ଶାନ୍ତି, ଆତ୍ମବିଶ୍ୱାସ ଓ ସକାରାତ୍ମକ ଜୀବନଶୈଳୀ ଗଠନରେ ସହାୟକ ହୋଇଥାଏ।

## ଥୁଆମୂଳ ରାମପୁର

**ଥୁଆମୂଳରାମପୁର:** ଥୁଆମୂଳ ରାମପୁର ବ୍ଲକରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଯୋଗାଭ୍ୟାସ



କରିଥିଲେ। ଯୋଗ ମହୋତ୍ସବ ସମିତି ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯୋଗଗୁରୁ ବିରଞ୍ଚି ନାରାୟଣ ମୁଣ୍ଡଛିନା ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ଯୋଗଗୁରୁ ଲମ୍ବୋଦର ନାଏକ ଯୋଗାଭ୍ୟାସର ନେତୃତ୍ୱ ନେଇଥିଲେ। ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ଭାରତ ଗଠନରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଆଲୋକ କୁମାର ନାଏକ, ରାଧେକୃଷ୍ଣ ନାଏକ, ଅଭିରାମ ନାଏକ, ବିପିନ ବିହାରୀ ନାଏକ, ସୁଜାନ କୁମାର ନାଏକ, ଅଜିତ କୁମାର ନାଏକ, ଜଡିସ କୁମାର ବେଣୁପାଣି ଓ ଭରତ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ମିଶନ ଶକ୍ତି ବିପିସି ପ୍ରତାପ ନାଏକ, ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ରଜନୀକାନ୍ତ ନାଏକ, ଅନାଦି ନାଏକ, ଜିତୁ ଦାସ ଓ ଆଶିଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ

**ଭବାନୀପାଟଣା:** ବିକାଶ ଉଚ୍ଚଶିକ୍ଷାନୁଷ୍ଠାନ, ଭବାନୀପାଟଣା ପକ୍ଷରୁ ଡିଗ୍ରୀ କ୍ୟାମ୍ପସ୍ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆର୍ ଫିଟନେସ୍ କ୍ଲବର ପ୍ରତିଷ୍ଠାତା ଶ୍ରୀ ରବୀନ୍ଦ୍ର ନାରାୟଣ ସାହୁ ଯୋଗାଭ୍ୟାସ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ପ୍ରଦର୍ଶନ କରି ସେଗୁଡ଼ିକର ସ୍ୱାସ୍ଥ୍ୟଗତ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଉଚ୍ଚଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡି. ରାମକୁମାର ଉପସ୍ଥିତ ରହି ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼. ଆଦିତ୍ୟ କୁମାର ପଟ୍ଟନାୟକ, ସରସ୍ୱତୀ ଇନଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଅଧ୍ୟକ୍ଷ ଡ଼. ସୁଦୀପ୍ତ କୁମାର ଜେନା ଏବଂ ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷ ଡ଼. ଏସ୍. ଗୋପୀନାଥଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପିକା ସୁଶ୍ରୀ ଲିପିକା ନାୟକଙ୍କ ତତ୍ତ୍ୱାବଧାନ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।

## ନୂଆପଡ଼ା ସଦରମହକୁମା

**ନୂଆପଡ଼ା/ ସିନାପାଲି:** ନୂଆପଡ଼ା ସଦରମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ'। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ନୂଆପଡ଼ା ଯୋଗ ସମିତି, ପତଞ୍ଜଳି ଯୋଗ ସମିତି, ଜିଲ୍ଲା ସମାଜ କଲ୍ୟାଣ ଅନୁଷ୍ଠାନ, କୁମ୍ଭା କ୍ଲବର ସଦସ୍ୟ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟକ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ। ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହୋମସିଂ ମାଝୀ ବିଶିଷ୍ଟ



ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପଦକ ବିଜେତା ଯୋଗ ପ୍ରଶିକ୍ଷକ ତଥା ରାଜ୍ୟ ପୁଲିସ ବିଭାଗର ଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ପ୍ରଦର୍ଶନ ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଙ୍କୁ ଜିଲ୍ଲା ଯୋଗ ସମିତିର ବରିଷ୍ଠ ସଦସ୍ୟ କ୍ଷମାନିଧି ଦେବାଙ୍ଗନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉଦୀୟମାନ କ୍ରୀଡ଼ାବିତ ତଥା ସ୍ୱର୍ଣ୍ଣ ପଦକ ବିଜେତା ତେଜସ୍ୱୀ ସୋନି, ରାଜ୍ୟ ବରିଷ୍ଠ ଦୌଡ଼କୁଦର ରୌପ୍ୟ ପଦକ ବିଜେତା ଦିନେଶ ରାଉତ ଏବଂ ଯୋଗ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା ଚନ୍ଦ୍ରକାନ୍ତ ବାରିକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହାସହ ବିଶିଷ୍ଟ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଶପଥପାଠ କରାଇଥିଲେ।

## କଳାହାଣ୍ଡି ପତଞ୍ଜଳି ଯୋଗ ସମିତି

**ଭବାନୀପାଟଣା:** ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ବ୍ରଜବିହାର ପରିସରରେ କଳାହାଣ୍ଡି ପତଞ୍ଜଳି ଯୋଗସମିତି ପକ୍ଷରୁ ଯୋଗଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ'। କିଭଳି ଭାବେ ବାର୍ଦ୍ଧକ୍ୟ ସମୟରେ ମଧ୍ୟ ସୁସ୍ଥତାକୁ ବଜାୟ ରଖାଯାଇପାରିବ ଏବଂ ଏଥିପାଇଁ ଯୋଗ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପତଞ୍ଜଳି ଜିଲ୍ଲା ଯୋଗ ସମିତି ପ୍ରଭାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ବାର୍ ଆସୋସିଏସନ ସଭାପତି ସନ୍ତୋଷ କୁମାର ପଣ୍ଡା, ମୁଖ୍ୟବକ୍ତା ବିଶିଷ୍ଟ କବି



ସ୍ନେହଲତା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଯୋଗ କାର୍ଯ୍ୟକ୍ରମକୁ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମୁଣ୍ଡ ମହିଳା ଯୋଗ ପ୍ରଭାରୀ ନିବେଦିତା ମିଶ୍ର ଓ ଯୁବ ପ୍ରଭାରୀ ଶୁଭ୍ରାଂଶୁ ନନ୍ଦ ପରିଚାଳନା କରିଥିଲେ। ଜିଲ୍ଲା ମହାମନ୍ତ୍ରୀ ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ଜିଲ୍ଲା ଯୋଗ ସହପ୍ରଭାରୀ ଶୁଭ୍ରାଂଶୁ ଶେଖର ସାହୁ, ଉପପ୍ରଭାରି ହେମନ୍ତ ମିଶ୍ର, ମିଡିଆ ପ୍ରଭାରୀ ଜିତେନ୍ଦ୍ର କୁମାର ମୁଣ୍ଡ, କୃଷକ ମୋର୍ଚ୍ଚା ପ୍ରଭାରୀ ନାରାୟଣ ମୁଣ୍ଡ, କୋଷାଧ୍ୟକ୍ଷ ରମାକାନ୍ତ ପାଢ଼ୀ, ନଗର ପ୍ରଭାରୀ ଶିବରାମ ନାୟକ ତଥା ଭବାନୀପାଟଣା ସହରର ବିଭିନ୍ନ ଯୋଗ କ୍ଲାସର ଶିକ୍ଷକ / ଶିକ୍ଷୟତ୍ରୀ, ଶତାଧିକ ଭାଇଭଉଣୀ ଉପସ୍ଥିତ ଥିଲେ। ବରିଷ୍ଠ ଯୋଗୀ ହରେକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।

## ସିନାପାଲି ଓ ଗଣ୍ଡାବାହାଲି

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ଓ ଗଣ୍ଡାବାହାଲିଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସିନାପାଲି ବ୍ଲକ ପ୍ରଶାସନ, ପତଞ୍ଜଳି ଯୋଗ ସମିତି ଓ ଗାୟତ୍ରୀ ଶକ୍ତିପୀଠର ମିଳିତ ଉଦ୍ୟମରେ ସିନାପାଲି ଗାୟତ୍ରୀ ଶକ୍ତି ପୀଠଠାରେ ଆୟୋଜିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ସମିତିର ସମ୍ପାଦକ ନବୀନ ଚନ୍ଦ୍ର ମେହେର ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ତହସିଲ ପ୍ରଭାରୀ ହୃଷୀକେଶ ମେହେର ପରିଚାଳନା କରିଥିବା ବେଳେ ଅତିଥି ଭାବରେ ଏବଡ଼ିଓ ସୁବ୍ରତ କୁମାର ପରିଡ଼ା, ବିଏସଏସଓ ହରେକୃଷ୍ଣ ନାଏକ, ସହ ବିଏସଏସଓ ଓମପ୍ରକାଶ ମାଝୀ, ଡବ୍ଲୁଇଓ ସୁନୀଲ ସାମଲ, ଜୁନିଅର ଇଞ୍ଜିନିୟର ଲିଲେଶ୍ୱର ମାଝୀ, ପୂର୍ଣ୍ଣଚନ୍ଦ୍ର ମେହେର, ତୁଳସୀରାମ ମେହେର, ମନିଷ ପଟେଲ, ତ୍ରିନାଥ ମେହେର, ପ୍ରିୟରଞ୍ଜନ ମେହେର, ନନ୍ଦକୁମାର ପାତ୍ର, ଖୁସିରାମ ମେହେର, ବଂଶୀଧର ଜଗତ, ରାଜେଶ ଅଗ୍ରୱାଲ, ତରୁଣ କୁମାର ମେହେର ଓ ଯୋଗଗୁରୁ ଭାବରେ ତ୍ରିନାଥ ମେହେର ଯୋଗଦେଇଥିଲେ।

ସେହିପରି ଗଣ୍ଡାବାହାଲି ହାଇସ୍କୁଲ ପଡ଼ିଆଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତତ୍ତ୍ୱାବଧାନରେ ସ୍ଥାନୀୟ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଗଣ୍ଡାବାହାଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡ. ବିଦ୍ୟାଭୂଷଣ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମସାଗର ସାହୁ ଯୋଗଦାନ କରିଥିଲେ। ଯୋଗାଗୁରୁ ଭାବରେ ଦ୍ରୋଣେଶ୍ୱର ଜଗତ ଏବଂ ଗୀତାଞ୍ଜଳୀ ମେହେର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗୁପ୍ତେଶ୍ୱର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ ଯୋଗ ଦିବସ ଅବସରରେ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କ ପୁରସ୍କାର ବିତରଣ କାର୍ଯ୍ୟକ୍ରମରକୁ ପରିଚାଳନା କରିଥିଲେ।

# ୨୫ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ

**ନୂଆପଡ଼ା/ସିନାପାଲି, ୨୧।୬ (ସମିସ):** ନୂଆପଡ଼ା ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ପୂର୍ବରୁ ପରିବର୍ତ୍ତନ କରାଯାଇଥିବା ବିଦ୍ୟାଳୟ ସମୟସୂଚୀର ଅବଧିକୁ ଆହୁରି ବୃଦ୍ଧି କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ, ନୂଆପଡ଼ାଙ୍କ ସୂଚନା ଅନୁଯାୟୀ ଆସନ୍ତା କାଲି (୨୨ ଜୁନ) ଠାରୁ ୨୫ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ଚାଲିବ।

# ଭବାନୀପାଟଣାରେ ଭାଲୁ ଭୟ

**ଭବାନୀପାଟଣା, ୨୧।୬(ସମିସ):** କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଅଧୀନ ଚିକିଲି ଗ୍ରାମରେ ଭାଲୁ ଉତ୍ପାତ ଯୋଗୁଁ ମଚାଇ ଗାଁ ଲୋକମାନଙ୍କ ନିଦ ହଜାଇ ଦେଇଥିଲା। କିନ୍ତୁ ଗତ ସନ୍ଧ୍ୟାରେ



ଭବାନୀପାଟଣା ସହରରେ ଭାଲୁ ଚଳପ୍ରଚଳ ହେଉଥିବା ଖବର ସାଧାରଣ ଲୋକଙ୍କ ଛାତି ଥରାଇଦେଇ ଥିଲା। ଉତ୍ତର ବନମଣ୍ଡଳ ଷ୍ଟାଫ୍ ଖବର ପାଇ ତୁରନ୍ତ ଭାଲୁ ଥିବା ସ୍ଥାନରେ ପହଞ୍ଚିଥିଲେ। ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଥମେ କେହି ଘରୁ ବାହାରକୁ ନବାହାରିବା ପାଇଁ ସତର୍କ କରାଇ ଭାଲୁର୍ ଗତିବିଧିକୁ ରାତିସାରା ନଜର ରଖିଥିଲେ। ରାପିଡରେସ୍ପନ୍ସ ଟିମ୍ ମଧ୍ୟ ଭାଲୁ ଆକ୍ରମଣରେ କେହି ଯେମିତି ଶିକାର ନହୁଅନ୍ତୁ ସେଥିପ୍ରତି ସଜାଗ ଥିଲେ। ତେବେ ଭବାନୀପାଟଣା ସହର ବାପୁଜୀ ସ୍କୁଲ ପାଖରେ ରହୁଥିବା ଜଣେ ବ୍ୟକ୍ତିଙ୍କ ବାସଭବନ ହତା ଭିତରକୁ ଗୋଟିଏ ଭାଲୁ ପଶି ଯିବାର ସମସ୍ତେ ଦେଖି ଭୟଭୀତ ହୋଇଥିଲେ। ଭବାନୀପାଟଣା ମେଡିକାଲ ପଛପଟେ ଦୀର୍ଘ ସମୟ ରହିବା ପରେ ପ୍ରାଣ ବିକଳରେ ଭାଲୁ ଏକ ନାଳ ଭିତରକୁ ପ୍ରବେଶ କରିବା ପରେ ଭଣ୍ଡେଶ୍ୱର୍ ମନ୍ଦିର ରାସ୍ତା ଦେଇ ଭୋର୍ ସମୟରେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଉତ୍ତର ବନ ମଣ୍ଡଳ ଏସିଏଫ୍ କହିଛନ୍ତି ଯେ ଭାଲୁ ଜଙ୍ଗଲ ପଟକୁ ଚାଲିଯାଇଥିବା ଅନୁମାନ କରାଯାଉଛି। ତଥାପି ବିଭାଗୀୟ ଷ୍ଟାଫ୍ ବର୍ତ୍ତମାନ ସୁଦ୍ଧା ପାଟ୍ରୋଲିଂ କରୁଛନ୍ତି।

# ୬୯ ବର୍ଷରେ ପହଞ୍ଚିଲେଣି; ତଥାପି ମିଳୁନି ବାର୍ଦ୍ଧକ୍ୟ ଭତ୍ତା

## ବାରମ୍ବାର ଆବେଦନ ସତ୍ତ୍ୱେ ପ୍ରଶାସନର ଦୃଷ୍ଟି ପଡୁନି

**ଥୁଆମୂଳରାମପୁର, ୨୧।୬(ସମିସ):** ସରକାର ଅସହାୟ, ବୃଦ୍ଧ ଏବଂ ଦୁର୍ବଳ ବର୍ଗଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ ଆଜି ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀ ଏହାର ସୁଫଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ଅଧୀନ ଗୋଦରାମସ୍କା ଗ୍ରାମରୁ। ଗ୍ରାମର ବୃଦ୍ଧ କୁଣଜା ମାଝୀଙ୍କ ସ୍ତ୍ରୀ ଲଚିମ ମାଝୀ ବର୍ତ୍ତମାନ ୬୯ ବର୍ଷ ବୟସରେ ପହଞ୍ଚିବାକୁ ଯାଉଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ସୁବିଧା ପାଇପାରି ନାହାନ୍ତି। ସରକାରୀ ନିୟମ ଅନୁସାରେ ୬୦ ବର୍ଷ ବୟସ ଅତିକ୍ରମ କରିଥିବା ଯୋଗ୍ୟ ବ୍ୟକ୍ତିମାନେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ହକ୍‌ଦାର। ହେଲେ ଲଚିମ ମାଝୀ ଏହି ବୟସ ସୀମା ଅତିକ୍ରମ କରି ପ୍ରାୟ ୯ ବର୍ଷ ହେବାକୁ ଯାଉଥିଲେ ମଧ୍ୟ ତାଙ୍କ ନାମ ଭତ୍ତା ତାଲିକାରେ ସାମିଲ ହୋଇପାରିନି। ଦୀର୍ଘବର୍ଷ ଧରି ଆବେଦନ କରିବା ସତ୍ତ୍ୱେ ସେ ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି।



ସୂଚନା ଅନୁଯାୟୀ, ଲଚିମ ମାଝୀ ଓ ତାଙ୍କ ପରିବାର ପକ୍ଷରୁ ବାରମ୍ବାର ସମ୍ପୃକ୍ତ ବିଭାଗ, ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଆବେଦନପତ୍ର ଓ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇଛି। ତଥାପି କୌଣସି କାରଣରୁ ତାଙ୍କ ଆବେଦନ ଗ୍ରହଣଯୋଗ୍ୟ ହୋଇ ନ ଥିବାରୁ ସେ ଏହି ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଲଚିମ ମାଝୀଙ୍କ ମାମଲାର ତୁରନ୍ତ ତଦନ୍ତ କରାଯାଇ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ଏହି ଅଞ୍ଚଳର ଅନ୍ୟ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ୨ ବଳଦ ମୃତ

**ଖଡ଼ିଆଳ, ୨୧।୬(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଲର୍କା ପଞ୍ଚାୟତ କାମପୁର ଗ୍ରାମରେ ବଜ୍ରାଘାତରେ ଦୁଇଟି ବଳଦଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ୨ଟି ବଳଦ ଚରୁଥିବାବେଳେ ଗ୍ରାମର ତ୍ରିନାଥ ପଟେଲଙ୍କ ଗୋଟିଏ ବଳଦ ଓ ତାଙ୍କ ଭାଇଙ୍କ ଗୋଟିଏ ବଳଦର ବଜ୍ରାଘାତରେ ମୃତ୍ୟୁ ଘଟିଥିଲା। ଦୁଇ ଭାଇ ଗରିବ ଶ୍ରେଣୀ ହୋଇଥିବାରୁ ସରକାରୀ ସହାୟତ ଯୋଗେଇ ଦେବାକୁ ଦାବି ହେଉଛି।



# କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ



**ଭବାନୀପାଟଣା, ୨୧।୬ (ସମିସ):** ଭବାନୀପାଟଣାସ୍ଥିତ ଅମଲା ଭବନରେ ରବିବାର କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ସଂଯୋଜନା କରିଥିଲେ ସାଧାରଣ ସମ୍ପାଦକ ତ୍ରିପୁର ନାୟକ। ଉତ୍କଳ ଯାଦବ ମହାସଭାର ରାଜ୍ୟ ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, ପୂର୍ବତନ ଜିଲ୍ଲା ସଭାପତି ସକିତ ରତେ, ନବମ ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗିରିଧାରୀ ତେଜି, ଜିଲ୍ଲା ଉପସଭାପତି ଯୁଧିଷ୍ଠିର ଗଉଡ଼, ଜଗଦୀଶ ଯାଦବ, କମଳ ବାଗ ଓ ଅଲେଖ ଚନ୍ଦ୍ର ଗୋପାଳ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ଼, ଡମ୍ବରୁଧର ଖର୍ସେଲ, ବିଶ୍ୱରଞ୍ଜନ ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଅର୍ଜୁନ ଭାଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ଣ୍ଣାଙ୍ଗ କମିଟି ଗଠିତ ହେବାସହ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସମ୍ବିଧାନ ପୁସ୍ତକ ଉନ୍ମୋଚିତ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଆଇନ ପରାମର୍ଶଦାତା ଭାବେ ଡ. ସଞ୍ଜୟ ଧଙ୍ଗଡ଼ାମାଝୀ, ମିଡ଼ିଆ ସେଲ୍‌ର ଅଧ୍ୟକ୍ଷ ଭାବେ ଡ. ସୁନୀଲ ଧଙ୍ଗଡ଼ାମାଝୀ, ଜିଲ୍ଲା କର୍ମଚାରୀ ମହାସଂଘ ସଭାପତି ଭାବେ ଅଧ୍ୟାପକ ମାଧବ ଲହଜଲ, ମୁଖ୍ୟ ପରାମର୍ଶଦାତା ନଳୀନ ରଞ୍ଜନ ରାଉତ, ଜିଲ୍ଲା ଯୁଗ୍ମ ସମ୍ପାଦକ ଭାବରେ ମୋତିରାମ ହଂସ, ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ଭାବେ ରଶ୍ମୀରେଖା ରାଉତ ଓ ସାଧାରଣ ସମ୍ପାଦିକା ଭାବେ ରେବତୀ ବିଶି, ଜିଲ୍ଲା ଯୁବ ସଭାପତି ଭାବେ ପୀତବାସ ବେହେରା, ଯୁବ ସାଧାରଣ ସମ୍ପାଦକ ଭାବେ ଦୁର୍ଗାମାଧବ ବାଗ, ଜିଲ୍ଲା ଯୁବ ଉପସଭାପତି ଭାବେ ଡିଲେଶ କୁମାର ନାଗ, ଅଭିମନ୍ୟୁ ବାଗ, ଗୋଲାମୁଣ୍ଡା ବ୍ଲକ ସଭାପତି ଭାବେ ରେବା କଟା ପ୍ରମୁଖ ମନୋନୀତ ହୋଇଥିଲେ। ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲ୍ଲା ସଭାପତି ଶପଥପାଠ କରାଇଥିଲେ। ଏହାସହ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ପରାମର୍ଶଦାତା ଭାବେ ସକିତ ରତେ, ସଞ୍ଜୁକ୍ତା ବେହେରା, ଦୁର୍ଲ୍ଲଭ ମାହାର, ଗିରିଧାରୀ ଗଉଡ଼, ଶ୍ରୀପତି ଭାଟି, ଲିଙ୍ଗରାଜ ଗହିର, କିର୍ତ୍ତନ ନାଏକ ଓ ପଙ୍କଜ ଗଉଡ଼ ମନୋନୀତ ହୋଇଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ, ଏନ୍‌ଏସି, ମ୍ୟୁନିସିପାଲିଟିର ସଭାପତି, ସମ୍ପାଦକ ଓ କାର୍ଯ୍ୟାକର୍ତ୍ତାଙ୍କ ସମେତ ଅନେକ ବିଶିଷ୍ଟ ଯାଦବ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଜଗଦୀଶ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

ତାତିଲା ସିଟିଜେନ୍ ଫୋରମ୍

ତେଲନଦୀ ବ୍ରିଜ୍ ଓ କେସିଙ୍ଗା-ଟିଟଲାଗଡ଼ ରାସ୍ତା ସୁରକ୍ଷା ପ୍ରସଙ୍ଗ

# ବେଆଇନ ବାଲି ଚାଲାଣ ପାଇଁ ରାସ୍ତା ଖରାପ ହେଉଛି

**କେସିଙ୍ଗା, ୨୧।୬(ସମିସ)**

କେସିଙ୍ଗା ସିଟିଜନ ଫୋରମ୍ ପକ୍ଷରୁ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକଠାରୁ ଟିଟଲାଗଡ଼ ରାସ୍ତା ଓ ତେଲନଦୀ ଉପରେ ହୋଇଥିବା ନୂତନ ବ୍ରିଜର ସୁରକ୍ଷାକୁ ନେଇ ରବିବାର ଫୋରମ୍ ସଭାପତି ଡା. ହେମସାଗର ସାହା ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଏକ ସମ୍ମିଳନୀ ହୋଇଥିଲା। ଏହି ସାମ୍ବାଦିକ ସମ୍ମଳନୀରେ ବ୍ରିଜ୍ ଓ ରାସ୍ତାର ସୁରକ୍ଷା ସମ୍ପର୍କରେ ଫୋରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ତିନି ଦିନ ତଳେ ରାସ୍ତା ବିଷୟରେ ଖବର ପ୍ରସାରଣ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ଖବର ପ୍ରସାରଣ ପରେ ତରବରିଆ ଭାବରେ ଖାଲମାନଙ୍କୁ ମରାମତି କରାଯାଇଥିଲା ହେଲେ ଫୋରମ୍ ପକ୍ଷରୁ ଉକ୍ତ ରାସ୍ତାଟି କାହିଁକି ବାରମ୍ବାର ଖରାପ ହେବା ସହିତ ନୂତନ ଭାବରେ ତିଆରି ହୋଇଥିବା ବ୍ରିଜକୁ କିପରି ସୁରକ୍ଷା ଦିଆଯିବ ସଭାପତି ସାମ୍ବାଦିକ ମାନଙ୍କୁ ଅବଗତ କରାଇଥିଲେ।



ଫୋରମ୍‌ର କହିବା ଅନୁସାରେ ତେଲ ନଦୀରୁ ବିନା ସ୍ୱୀକୃତିରେ ଟିଟିଲାଗଡ଼ ପଟେ ଥିବା ମହାଦା ବାଲି ଘାଟରୁ ବାଲି କେସିଙ୍ଗା ସମେତ ଆଖପାଖ ଅଞ୍ଚଳକୁ ଚାଲାଣ ହେଉଛି, ଫଳରେ ବ୍ରିଜ୍‌ଟି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ବ୍ରିଜର କ୍ଷମତା ୪୦ ଟନ୍‌ରୁ ତଳକୁ ଅଛି ମାତ୍ର ସେହି ବ୍ରିଜ ଉପରେ ୫୦ ଟନ୍‌ର ହାଇୱା ସାଙ୍ଗକୁ ବଡ଼ବଡ଼ ଭାରୀଯାନ ଯିବାରୁ ରାସ୍ତା ଖରାପ ହେଉଛି। ସେପଟେ କେସିଙ୍ଗା ପଟେ ମଧ୍ୟ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରି ବାଲି ଚାଲାଣ ଦ୍ୱାରା ରାସ୍ତା ଖରାପ ହେଉଛି। ଆଗକୁ ଉକ୍ତ ବିଷୟ ଉପରେ ଟିଟଲାଗଡ଼ ବିଧାୟକଙ୍କ ସମେତ ଉକ୍ତ ବିଭାଗର ମନ୍ତ୍ରୀ ଓ ବିଭାଗୀୟ ବଡ଼ ଅଧିକାରୀଙ୍କୁ ଫୋରମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରିବା ସହ ଉକ୍ତ ରାସ୍ତା ଓ ବ୍ରିଜ ଉପରେ ଭାରୀଯାନ ଚଳାଚଳ ବନ୍ଦ କରିବା ପାଇଁ ଫୋରମ୍‌ର ପ୍ରତିବଦ୍ଧତା ବିଷୟରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୋରମର ସମ୍ପାଦକ ଭି.ଚନ୍ଦ୍ରଶେଖର ଆଚାରୀ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ଯୁଗଳ କିଶୋର ଦୀପଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବୌଦ୍ଧ, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜାଗାରେ ଆନ୍ତର୍ଜାତିକ ଯୋଗ ଦିବସ

# ଶରୀର ହିଁ ଜୀବନର ପ୍ରକୃତ ବନ୍ଧୁ






**ତରଭା, ୨୧।୬(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଯୋଗ ମହୋତ୍ସବ ସମିତି ଓଡ଼ିଶା ସରକାରଙ୍କ ସହଯୋଗରେ ନୂଆଁ ଟାଉନ୍ ହଲ୍‌ଠାରେ ସମାରୋହରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ବୀର ମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆତ୍ମା ପରେ ଶରୀର ଜୀବନର ପ୍ରକୃତ ବନ୍ଧୁ ବୋଲି କହିଥିଲେ। ସେହିଭଳି ଜୀବନକୁ ସୁସ୍ଥ ଓ ସୁନ୍ଦର ରଖିବାର ଏକ ମାତ୍ର ପ୍ରକ୍ରିୟା ହିଁ 'ଯୋଗ' ବୋଲି ଜିଲ୍ଲାପାଳ ନୃପରାଜ ସାହୁ ମତ ରଖିଥିଲେ। ଶେଷରେ 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ଉପରେ ଅତିଥିମାନେ ଉପସ୍ଥିତ ଯୋଗୀମାନଙ୍କୁ ଶପଥ ପାଠ କରାଇଥିଲେ। ମହିଳା ଯୋଗ ସମିତି ସହ ସହରର ବିଭିନ୍ନ ଯୋଗ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିରଞ୍ଜନ ମିଶ୍ର, ମନୋଜ ଗୁରୁ, ଯୋଗ ସମିତିର ସଞ୍ଜୟ ମହାପାତ୍ର ଏବଂ ଯୁଧିଷ୍ଠିର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

ତରଭା ଏନଏସି ଟାଉନହଲରେ ରବିବାର ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ମାନସ ସାହୁ, ଯୋଗ ସମିତିର ବରିଷ୍ଠ ସଭ୍ୟ ମାଙ୍ଗେଲାଲ ଅଗ୍ରୱାଲ ଓ ବରିଷ୍ଠ ନାଗରିକ ସଂଘର ଅଧ୍ୟକ୍ଷ ଦେବେନ୍ଦ୍ର ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗର ମହତ୍ତ୍ୱ ପ୍ରତିପାଦିତ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଯୋଗଗୁରୁ ଗରିବ କବାଟ ଓ ସହାୟକ ଯୋଗଗୁରୁ ମନୋଜ କୁମାର ସା ଉପସ୍ଥିତ ଯୋଗପ୍ରେମୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ସହରର ବିଭିନ୍ନ ସରକାରୀ ଅନୁଷ୍ଠାନର କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ତରଭା ଯୋଗ ସମିତିର ସଦସ୍ୟ, ଏନ୍‌ଏସି କର୍ମଚାରୀ ଯୋଗ ଅଭ୍ୟାସ କରିଥିଲେ। ଏନଏସି କର୍ମଚାରୀ ବିଶ୍ୱରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଧୀର ପଣ୍ଡା ଧନ୍ୟବାଦ ଦେଇଥିଲେ।

ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ରବିବାର ତରଭା ବ୍ଲକ ରୁତ୍ତାଖାଇ ଡଙ୍ଗର ପାଦଦେଶରେ ବ୍ଲକସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ଥିମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବକ, ଏସଏଚଜି ମହିଳା, ବରିଷ୍ଠ ନାଗରିକ ଓ କର୍ମଚାରୀ ସାମୂହିକ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ତରଭା ବିଡିଓ ଶିବାନନ୍ଦ କର୍ମୀ, ସାଂସଦ ପ୍ରତିନିଧି ସାନନ୍ଦ ମେହେର, ଦୁଲୁଣ୍ଡା ସରପଞ୍ଚ ଉମା ସାହୁ ଯୋଗଦେଇ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ ଶିକ୍ଷକ ସୋମନାଥ ପଧାନ, ରମେଶ ସାହୁ ଓ ସୁବୋଧ ମହାରଣା ଉପସ୍ଥିତ ରହି ସମସ୍ତଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରାଇଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ, ପ୍ରୟାସ (କମସରା)ର ସଭାପତି ଭବାନୀ ଶଙ୍କର ପଣ୍ଡା, ବିଏସଏସଓ ପ୍ରଭାସ କର୍ଣ୍ଣ, ଦୁଲୁଣ୍ଡା ପିଇଓ ଶ୍ରୀକୃଷ୍ଣ ଭୋଇ, ଏଡିଇଓ ସୁଜିତ ପଧାନ, ସିଆରପି, ଏମବିକେ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ।

**ବୀମହାରାଜପୁର:** ସ୍ଥାନୀୟ ମିନି ଷ୍ଟାଡିଅମ୍‌ରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ବିଡିଓ ରାଜୀବ କୁମାର ହଁସଦାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ରାଜେଶ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ଯୁଗଳକିଶୋର ମିଶ୍ର ସଭା ପରିଚାଳନା କରିଥିଲାବେଳେ ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



**ଶଗଡ଼ା:** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଦହ୍ୟାସ୍ଥିତ ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ମେହେରଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ବିଡ଼ିଓ ସୁଦାମ ଚରଣ ସାମଲ, ଦହ୍ୟା ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ସମିତି ସଭ୍ୟ ଦଳ ଗଞ୍ଜନ ବେହେରା ପ୍ରମୁଖ ସାମିଲ୍ ହୋଇଥିଲେ। ଇନ୍ଦୁ ଭୂଷଣ ମହାକୁଡ ଯୋଗ ଶିକ୍ଷା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଗୁରୁ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ସମେତ ଜନସାଧାରଣ ଏହି ଶିବିରରେ ଯୋଗଶିକ୍ଷା ଗ୍ରହଣ କରିଥିଲେ।

**ମନମୁଣ୍ଡା:** କଣ୍ଟାମାଳ ବ୍ଲକ ଖଟଖଟିଆ ଓ ଦମାମୁଣ୍ଡା ସରକାରୀ ଉପ୍ରା ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଅନିତା ମେହେର, ଖଟଖଟିଆ ବିଦ୍ୟାଳୟର ଶିକ୍ଷକ ସମୀର ପ୍ରଧାନ, ନୃପମଣି ମହାଳିକ, ରଞ୍ଜୁ ଅମାତ ପ୍ରମୁଖ ଯୋଗ ଦେଇ ବିଶ୍ୱ ଯୋଗ ଦିବସରେ କିପରି ସାରା ବିଶ୍ୱରେ ଯୋଗ କରାଯାଇ ସୁସ୍ଥ ଜୀବନ ରହିବାକୁ ପରାମର୍ଶ ରହିଛି କହିଥିଲେ। କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗ କରିବା ସହ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଶଗଡ଼ା ପଞ୍ଚାୟତ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ ମୁଖ୍ୟ ଅତିଥି, ନାଏବ ସରପଞ୍ଚ ବିଶ୍ୱାମିତ୍ର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରତ୍ନାକର ପରଡିଆ ଯୋଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗାଣ ସହାୟକ ବିଦ୍ୟାଧର ମହାକୁଡ, ଅଙ୍ଗନବାଡି କର୍ମୀ ବାସନ୍ତୀ ସାହୁ, ଦୌଲତି ବାଘ, ଜିଆରଏସ ଦେବେନ୍ଦ୍ର କହଁର, ବଣିକ ସଂଘ ସଦସ୍ୟ ରମାକାନ୍ତ ଖଟୁଆ, ବିଶିକେଶନ ସାହୁ, ନାରାୟଣ ମେହେର, ପ୍ରକାଶ ସାହୁ, ପ୍ରମୋଦ ମଲ୍ଲିକ, ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**କଣ୍ଟାମାଳ:** କଣ୍ଟାମାଳ ଥାନାରେ ମଧ୍ୟ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଥାନା ଅଧିକାରୀ ପ୍ରକାଶ ଭୋଇଙ୍କ ନେତୃତ୍ୱରେ କର୍ମଚାରୀ ଯୋଗ ଦେଇଥିଲେ। ସେହିଭଳି କଣ୍ଟାମାଳ ହାଇସ୍କୁଲ ପଡ଼ିଆରେ କଣ୍ଟାମାଳ ବ୍ଲକର ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ କଣ୍ଟାମାଳ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଓ ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ କର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୋଗ କରିବା ଦ୍ୱାରା ଶରୀର ସ୍ୱସ୍ଥ ରହିଥାଏ ବୋଲି ଯୋଗ ଶିକ୍ଷକ କହିଛନ୍ତି।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ସଫଳତା

**ବୌଦ୍ଧ, ୨୧।୬ (ସମିସ):** କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେରେ ବୌଦ୍ଧ ତାଏକ୍ୱୋଣ୍ଡୋ ଏକାଡେମୀ ସଫଳତା ପାଇଛି। ୧୩ ଜଣ ଝିଅ ଓ ୧୨ ଜଣ ପୁଅ ଭାଗନେଇ ୩୯ଟି ସ୍ୱର୍ଣ୍ଣ ପଦକ, ୮ଟି ରୌପ୍ୟପଦକ, ୯ଟି କାଂସ୍ୟ ପଦକ ହାସଲ କରିଛନ୍ତି। ମୁଖ୍ୟ ପ୍ରଶିକ୍ଷକ ତଥା ସମ୍ପାଦକ ଅଞ୍ଜିତ ସାହୁଙ୍କ ନେତୃତ୍ୱରେ ସହକାରୀ ପ୍ରଶିକ୍ଷକ ଅମନ ସାହୁ ଏବଂ ମ୍ୟାନେଜର କଲ୍ୟାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳାଳି ଭାଗ ନେଇଥିଲେ। ସୁଲଗ୍ନା ମିଶ୍ର, ଜଗନ୍ନୟ ସାହୁ, ତନ୍ମୟ ବର୍ଦ୍ଧନ ସାହୁ, ସୁନୟନା ମେହେର ଖେଳ ପରିଚାଳନା କରିଛନ୍ତି।




## ଶ୍ରମିକଙ୍କ ମୃତ୍ୟୁରେ ବାଲିଘାଟରେ ଉତ୍ତେଜନା




**ଦେବଗଡ଼, ୨୧।୬(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଧୀନ ସିଂହଶାଳ ବାଲିଘାଟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ମେଘଫାର୍ସନପୁର ଗ୍ରାମର ଇନ୍ଦ୍ରମଣି ମୁଣ୍ଡା। ଇନ୍ଦ୍ରମଣିଙ୍କ ସ୍ତ୍ରୀ ରୀନା ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଥମେ ସେ ନିଖୋଜ ଥିବା ବାରକୋଟ ଥାନାରେ ଅଭିଯୋଗ ହୋଇଥିଲା। ପରେ କିନ୍ତୁ ମୃତଦେହ ଠାବ ହୋଇଛି। ମେସିନ କିମ୍ବା ହାଇୱା ଧକ୍କା ଯୋଗୁଁ ତାଙ୍କ ମୃତ୍ୟୁ ପରେ ମୃତଦେହ ପୋତି ଦିଆଯାଇଥିବା ସନ୍ଦେହ କରି ଗ୍ରାମବାସୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ବାଲିଘାଟ ଛାଡି କର୍ମଚାରୀ ଫେରାର ହୋଇଯାଇଛନ୍ତି। ବାଲିଘାଟ ନିଲାମଧାରୀ ପାଲଲହଡ଼ା ଥାନା ଅଞ୍ଚଳର ନରୋତ୍ତମ ସାହୁଙ୍କୁ ଫୋନ୍ କରିବାରୁ ସେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଏହାକୁ କେନ୍ଦ୍ର କରି ଗ୍ରାମବାସୀ ୧୦ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏଣୁ ରାସ୍ତାର ଉଭୟ ପଟରେ ଯାନବାହାନ ଅଟକି ରହିଥିଲା। ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ବାରକୋଟ ଥାନା ପୁଲିସ ସମ୍ପୃକ୍ତ ବାଲିଘାଟର କ୍ୟାମ୍ପ ଅଫିସ ଓ ବାଲିଘାଟରେ ବ୍ୟାପକ ପୁଲିସ ବଳ ମୃତୟନ କରିଛି।

## ଶିକ୍ଷକଙ୍କ ପରିବାରକୁ କ୍ଷତିପୂରଣ ଦାବି

**ବୌଦ୍ଧ, ୨୧।୬(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତ ଡିମିରିଖୋଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶୟନ ସାହୁଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ। ଏସ୍‌ଆଇଆର୍ କାମରେ ନିୟୋଜିତ ଶିକ୍ଷକମାନଙ୍କୁ ଚାପମୁକ୍ତ ସହ ବିଭିନ୍ନ ଦାବି ନେଇ କଲା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଉପଜିଲ୍ଲାପାଳ ବିନୟ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ସେହିପରି ହରଭଙ୍ଗା ବ୍ଲକର କାର୍ଯ୍ୟରେ ବିଳମ୍ବ ଯୋଗୁଁ ଶିକ୍ଷକ ଶିବ ଶଙ୍କର ଗାହାଣ ଓ ବୀରେନ୍ଦ୍ର ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଶିକ୍ଷକ, ଶିକ୍ଷୟତ୍ରୀ ଅଧିକ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରୁଛନ୍ତି। ଏସ୍‌ଆଇଆର କାର୍ଯ୍ୟକୁ ସାରିବା ପାଇଁ ଅଧିକ ୧୫ଦିନ ସମୟ ଦେବା ପାଇଁ ଅନୁରୋଧ କରାଯାଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶିଶିର ଖଟୁଆ, କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ଉପସଭାପତି ସୁଦାମ ଚରଣ ମିଶ୍ର, ସାଧାରଣ ସମ୍ପାଦକ ମହେଶ ସେଠୀ, ବୌଦ୍ଧ ବ୍ଲକ ସଭାପତି ରାଜକୁମାର ପ୍ରଧାନ, ସମ୍ପାଦକ ଉତ୍ତମ ନାଏକ, କାର୍ଯ୍ୟକାରୀ ସଦସ୍ୟ ହୃଦାନନ୍ଦ ଦନ୍ତା, ରେଣୁପ୍ରଭା ବେହେରା, ସୁଧାରାଣୀ ହୋତା, ପ୍ରଦୀପ ସାହୁଙ୍କ ସମେତ ଅଣ ଗେଜେଟେଡ଼ କର୍ମଚାରୀ ସଂଘ ସଭାପତି ଜିତେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ବିଶ୍ୱ ନିଶାମୁକ୍ତ ଦିବସ

**ବୌଦ୍ଧ, ୨୧।୬(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ବିଶ୍ୱ ନିଶାମୁକ୍ତ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବି. କେ. ମାମିନା ଭଉଣୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ରାଜିନ୍ଦ୍ର କିଷାନ, ଅଧ୍ୟାପକ ପ୍ରବୀର ଦାଶ, ସିତେଶ ତ୍ରିପାଠୀ, ବୌଦ୍ଧ ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ସ ରାଉତରାୟ, ବ୍ରହ୍ମାକୁମାର ସରୋଜ ଭାଇ, ଜିଲ୍ଲା ଉନ୍ନୟନ ସଭାପତି ଚିତ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଏବଂ କିଶୋର ଶ୍ରମିକ ନିରାକରଣ

**ବୌଦ୍ଧ, ୨୧।୬(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍‌ରେ ଜିଲ୍ଲାସ୍ତରୀୟ ଶିଶୁ ଏବଂ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ।

## ସାର୍ଟିଫିକେଟ୍ ବିତରଣ ସମାରୋହ

**କଣ୍ଟାମାଳ, ୨୧।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ କଲେଜ ରୋଡ୍‌ସ୍ଥିତ ପ୍ରମୁଖ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଗାଲାକ୍ସି ଆଇଟି ଏକାଡେମୀ ପରିସରରେ ସାର୍ଟିଫିକେଟ୍ ବିତରଣ ସମାରୋହ ଏବଂ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶିବଦତ୍ତ ପୁରୋହିତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିମିଲିଯୋରା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପ୍ରଧାନ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜୟପ୍ରକାଶ ମହଲା ଏବଂ କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି 'ବିକାଶର ଧାରା, ଓଡ଼ିଶା ସାରା' ଉତ୍ସବ





**ବୌଦ୍ଧ, ୨୧।୬(ସମିସ)**

ବୌଦ୍ଧ ବ୍ଲକରେ ଗତ ୪ ଦିନ ଧରି ଚାଲିଥିବା ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ, ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଜି ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ୧୫ ଜଣ ହିତାଧିକାରୀଙ୍କୁ ସଂଶୋଧିତ ପଟ୍ଟା ବଣ୍ଟନ ସହ ୧୬ ଜଣଙ୍କୁ ଅନ୍ନପୂର୍ଣ୍ଣା କାର୍ଡ, ୧୦ ଜଣ ଶ୍ରମିକଙ୍କୁ କାର୍ଡ ପ୍ରଦାନ, ଆବାସ ଗୃହ ଓ ବୟୋବନ୍ଦନ କାର୍ଡ, ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ, ଜଣଙ୍କୁ ବିବାହ ସହାୟତା ରାଶି ୫୦ ହଜାର ଟଙ୍କା ପ୍ରଦାନ, ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଏବଂ ଜଣେ ଲକ୍ଷପତି ଦିଦିଙ୍କୁ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା।

**ତରଭା:** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରବିବାର ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ 'ସ୍ୱାବଲମ୍ବୀ ଯୁବା - ସମୃଦ୍ଧ ଓଡ଼ିଶା ସମାବେଶ' ସହିତ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ



ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାବେଶରେ ସାଂସଦ ପ୍ରତିନିଧି ବିମଳଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ଓ ଯୁବକମାନଙ୍କ ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ତରଭା ବିଡିଓ ଶିବାନନ୍ଦ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ, ସଞ୍ଜୁକ୍ତା ସାହୁ, ସମାଜସେବୀ ସନ୍ତୋଷ ପଧାନ, ନରେଶ ଷାଣ୍ଢ, ଅଶ୍ୱିନୀ ମଲ୍ଲିକ, ଅମିତ ପଧାନଏବଂ ରିସୋର୍ସ ପର୍ସନ ବିଭୁଦତ୍ତ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ୨ ବର୍ଷର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଆୟୋଜନ କରାଯାଇଥିଲା। ଏମଏସଏମଇ, ଦକ୍ଷତା ବିକାଶ, କୃଷି, ସ୍ୱାସ୍ଥ୍ୟ, ମିଶନ ଶକ୍ତି ପ୍ରଭୃତି ବିଭାଗର ଷ୍ଟଲ ଗୁଡ଼ିକରେ ବିଭିନ୍ନ ଯୋଜନା ଓ ସୁଯୋଗ ସମ୍ପର୍କରେ ବୁଝାଯାଇଥିଲା। ବିଏସଓ ପ୍ରଭାସ କର୍ଣ୍ଣ ବୈଠକ ସଂଯୋଜନା କରିଥିବା ବେଳେ ସହାୟକ ଶିକ୍ଷ ଅଧିକାରୀ ଦୀପକ ହର ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବହୁ ସଂଖ୍ୟକ ଯୁବକ-ଯୁବତୀ, ଏସଏଚଜି ମହିଳା, ଉଦ୍ୟୋଗୀ ଓ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଷ୍ଟଲ ପରିଦର୍ଶନ କରିଥିଲେ।

**ଶଗଡ଼ା:** ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିଳାସପୁର ପଞ୍ଚାୟତରେ ଜନ କଲ୍ୟାଣ ଶିବିର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମ୍ବିକା ସୁନା, ପଞ୍ଚାୟତ ନିବାହୀ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର, ଆଇସିଡିଏସ୍ ସୁପରଭାଇଜର ସଂଯୁକ୍ତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସମସ୍ତ ୱାର୍ଡ ମେମ୍ବର, ଆଶା ଦିଦି, ଅଙ୍ଗନ ୱାଡିକର୍ମୀ, ଏମବିକେ, ସିଆରପି ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ। ଶିବିରରେ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ଓ ମଧୁବାବୁ ପେନସନ, ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ପଞ୍ଚାୟତର କର୍ମଚାରୀ ଏଡ଼ିଇଓ ବାବୁଲା ମହାକୁଡ଼, ଯୋଗାଣ ସହାୟକ ଦୀନବନ୍ଧୁ ମେଣ୍ଡିଲିଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

**କଣ୍ଟାମାଳ:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ରଣ୍ଡିମହୁଲ ପଞ୍ଚାୟତରେ ଜନ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପଞ୍ଚାନନ ସାହ, ଏଡିଇଓ ରବୀନ୍ଦ୍ର ଭୋକ୍ତା ଉପସ୍ଥିତ ଥିଲେ। ରମେଶ ମହାକୁଡ଼, ଭବାନୀ ବାରିକ, ବ୍ରହ୍ମା ବନଚୋର, ଅଭି ଭୋଇ ସହଯୋଗ କରିଥିଲେ।



## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ



କଣାସ,୨୧।୬(ସମିସ): ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ। ୨୦୧୫ ମସିହାଠାରୁ ଆରମ୍ଭ ହୋଇଥିବା ଯୋଗ ଦିବସ ବର୍ତ୍ତମାନ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆଦୃତ ହୋଇଛି। କେବଳ ଶରୀର ନୁହେଁ, ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ କଣାସ ବ୍ଲକ୍ ଦୟାବିହାରଠାରେ ପ୍ରତିଷ୍ଠିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅସୁସ୍ଥ ବିଭାଗର ୭୧୫ ଜଣ ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ନେଇ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରକଳ୍ପର ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ ଯୋଗ ହେଉଛି ଆତ୍ମା ଓ ପରମାତ୍ମାଙ୍କ ମିଳନ ଓ ଯୋଗ କରିବା ଦ୍ୱାରା ଆମେ ରୋଗ ମୁକ୍ତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ତେବାସୀମାନଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତପନ ଦାସ, ଚିକିତ୍ସା ମନୋବିଜ୍ଞାନୀ ସୁଜାତା ବେହେରା, ମମତା ବାରିକ, ସ୍ୱପ୍ନାଶ୍ରୀ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ସ୍ୱୟଂପ୍ରିୟ ସାମନ୍ତରାୟ, ପରାମର୍ଶଦାତା ଅଳ୍ପା ପ୍ରିୟଦର୍ଶିନୀ ପ୍ରଧାନ, ତୁଳସୀରାଣୀ ନାଥ, ଭାଗ୍ୟଶ୍ରୀ ମଙ୍ଗରାଜ, ରାନି ସ୍ୱାଇଁ, ଦେବରାଜ, ସୁନନ୍ଦା ପାଲଟାସିଂହ, ବିଷ୍ଣୁପ୍ରିୟା ମଙ୍ଗରାଜ, ନମିତା ସ୍ୱାଇଁ, ଲିପି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗର ମାହାତ୍ମ୍ୟ ଉପରେ ବିଶେଷ ଆଲୋକପାତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ରହ୍ମଗିରି

ଭାରତୀୟ ସଂସ୍କୃତିରେ "ଯୋଗ'ର ସ୍ଥାନ ଅତ୍ୟନ୍ତ ମହମହତ୍ତ୍ୱପୂର୍ଣ୍ଣ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ଏହାର ମୂଳମନ୍ତ୍ର। ନିୟମିତ ଯୋଗ ଅଭ୍ୟାସ କେବଳ ଶରୀରକୁ ସୁସ୍ଥ ରଖି ନ ଥାଏ, ବରଂ ମାନସିକ ଶାନ୍ତି ପ୍ରଦାନ ଓ ଏକାଗ୍ରତା ବୃଦ୍ଧି କରିଥାଏ। ତେଣୁ ଦିନକୁ ଦିନ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ଗୋଲରା ଗ୍ରାମଠାରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ୍ସଲେଟ୍ ଏକାଡେମୀ ଅନୁକୂଲ୍ୟରେ ଏହି ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଯୋଗ ଗୁରୁ ବୃନ୍ଦାବନ ପ୍ରଧାନ ପିଲାମାନଙ୍କୁ ଯୋଗାଭ୍ୟାସ କରାଇଥିଲେ।



### କୁଣ୍ଟେଇ



ବନମାଳୀପୁର ହର-ପାର୍ବତୀ ଯୋଗ ଅନୁଷ୍ଠାନ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ହର-ପାର୍ବତୀ ମଣ୍ଡପ, ବାବା ସିଦ୍ଧେଶ୍ୱର ପୀଠ, ବାଲିକୁଦା ମେଳଣ ପଡ଼ିଆଠାରେ ପାଳନ କରାଯାଇଛି। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ମହିଳା, ଯୁବକ-ଯୁବତୀ ତଥା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ହର-ପାର୍ବତୀ ଯୋଗ ଅନୁଷ୍ଠାନର ଯୋଗଗୁରୁ ପ୍ରଶାନ୍ତ କୁମାର ପ୍ରଧାନ ଯୋଗର ଆବଶ୍ୟକତା, ସ୍ୱାସ୍ଥ୍ୟ ଉପରେ ଏହାର ସୁପ୍ରଭାବ ଏବଂ ଆଧୁନିକ ଜୀବନରେ ଯୋଗର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନୁଷ୍ଠାନର ଦୁଇ ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ ଏବଂ ସମାଜସେବୀ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୋଗର ସାମାଜିକ ଓ ନୈତିକ ମୂଲ୍ୟବୋଧ ଉପରେ ମତ ରଖିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଡ. ପୃଥ୍ୱୀରାଜ ଅଂଶୁମାନ, ମେଡିକାଲ ଅଫିସର, ବାଲିପାଟଣା ଜ୍ୟୋତି ପ୍ରକାଶ ରଥ, ଅଗ୍ନିଶମ କେନ୍ଦ୍ର ଅଧିକାରୀ, ବିକାଶ ଚନ୍ଦ୍ର ପ୍ରଧାନ, ଆମ ଭାରତ କାର୍ଯ୍ୟାଳୟର ଯୁବ ଅଧିକାରୀ ସୌମ୍ୟରଞ୍ଜନ ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏବଂ ମନୋରଞ୍ଜନ ସାହୁ, ଗୀତା ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଡାଇରେକ୍ଟର ଯୋଗଦେଇ ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ଦୈତାରୀ ମାଣିକ, ଉପସଭାପତି ମାନସ ରଞ୍ଜନ ସାହୁ, ସହସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ମାୟାଧର ସାହୁ ଏବଂ ସହକୋଷାଧ୍ୟକ୍ଷ ରବିନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୋଗ ଅଭ୍ୟାସ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁବ ଯୋଗ ପ୍ରଶିକ୍ଷିକା ସୁପ୍ରିୟା ସାହୁ ଦକ୍ଷତାର ସହ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ହେମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସାକ୍ଷୀଗୋପାଳ



ଭାରତ ସ୍ୱାଭିମାନ ପତଞ୍ଜଳି ଯୋଗ ସମିତି, ପୁରୀ ଜିଲ୍ଲା ଆନୁକୁଲ୍ୟରେ ପତଞ୍ଜଳି ଯୋଗ ପରିବାର, ସତ୍ୟବାଦୀ ତରଫରୁ ବିଶ୍ୱ ଯୋଗ ଦିବସ ସତ୍ୟବାଦୀ ପିଏମ୍‌ଶ୍ରୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩୦୦ ଜଣ ଉପସ୍ଥିତ ରହି ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ଯୋଗ ଶିକ୍ଷା ପ୍ରଦାନ କରିଥିଲେ ଯୋଗ ଗୁରୁ ସୁବାସ ଚନ୍ଦ୍ର ମିଶ୍ର ଓ ସହାୟତା କରିଥିଲେ ଯୋଗ ଗୁରୁ ଭଗବାନ ପାଲ୍। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ମଣ୍ଡଳ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ, ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ସତ୍ୟବାଦୀ ଯୋଗ ପରିବାର ସଭାପତି ପ୍ରହଲ୍ଲାଦ ଘଟୁଆରୀ ଓ ଅଞ୍ଚଳର ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥା ସରପଞ୍ଚ ପେଣ୍ଠପଡ଼ା ଚିନ୍ମୟ କୁମାର ରାଉତ, ସମିତିସଭ୍ୟ ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସତ୍ୟବାଦୀ ଦାସ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର। ପରିଚାଳନାରେ ସହଯୋଗ କରିଥିଲେ ବିଜୟ ପରିଡ଼ା, ସନ୍ତୋଷ ଦାସ, ବସନ୍ତ ସ୍ୱାଇଁ ଓ ସୁଚିତ୍ର ଖଟୋଇ।

### ଚାରିଛକ

ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ପ୍ରେସ୍ କ୍ଲବ୍ ତରଫରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ପଣ୍ଡିତ ମୁରଲିଧର ଭାରତୀ ଗୋସ୍ୱାମୀଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଇଥିଲା। ଏଥିରେ ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, କାହ୍ନୁ ଚରଣ ବେହେରା, ସନାତନ ପାତ୍ର, ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ଉପସଭାପତି ବସନ୍ତ କୁମାର ଦାସ,



ସହ ସମ୍ପାଦକ ସନ୍ତୋଷ କୁମାର ଦାସ, ମିଡିଆ ସେଲ ଅଧ୍ୟକ୍ଷ ବସନ୍ତ କୁମାର ମଲ୍ଲ, ସୁବାସ ଚନ୍ଦ୍ର ସାହୁ, ଦେବାଶିଷ ନାୟକ, ସନ୍ତୋଷ ଦାସ, ଜୟକୃଷ୍ଣ ସାହୁ ପ୍ରମୁଖ ଯୋଗ ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଗୁରୁ ଶରତ ବେହେରା ଯୋଗଶିକ୍ଷା ଦେଇଥିବାବେଳେ ସାଇଲୋ ପଞ୍ଚାୟତ ସ୍କୁଲର ଯୋଗ ଶିକ୍ଷକ ଶିବଶଙ୍କର ଦାସ ଛାତ୍ରଛାତ୍ରୀମାନଙ୍କୁ ଯୋଗଶିକ୍ଷା ଦେଇଥିଲେ।

ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ସଭ୍ୟ ସୁରେଶ ଚନ୍ଦ୍ର ସାହୁ, ଜୟନ୍ତ କୁମାର ସେଠୀ, ମହର୍ଷି ମାୟାଧର ଦାସ ବରିଷ୍ଠ ନାଗରିକ ମଞ୍ଚ, ପ୍ରାଚୀ ସାହିତ୍ୟ ସଂସଦ, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଓ ଦିବାକର ସ୍ମୃତି ସଂସଦ ଓ ପାଠାଗାରର ସଦସ୍ୟମାନେ ଯୋଗଶିକ୍ଷା କରିଥିଲେ।

ସେହିପରି ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଏଥିରେ ଅଧ୍ୟକ୍ଷତା କରି ଯୋଗ ମନୁଷ୍ୟକୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସନ୍ତୁଳନ ପ୍ରଦାନ କରୁଥିବା କହିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପାର୍ବତୀ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧନ୍ଦାମୂଳକ ଶିକ୍ଷା ବିଭାଗ ଅଧ୍ୟାପକ ଜଗନ୍ନାଥ ପଣ୍ଡା, କନିଷ୍ଠ କିରାଣି ପୀତବାସ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ବଳଙ୍ଗା

ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ପଞ୍ଚାୟତ ପ୍ରାଙ୍ଗଣରେ ଥିବା ପଡ଼ିଆରେ "ଆନ୍ତର୍ଜାତିକ ଯୋଗ ଦିବସ' ପାଳିତ ହୋଇଯାଇଛି। ଶାଇଁସ ଶାସନ ପଞ୍ଚାୟତର ଶିକ୍ଷାବିତ୍, ପୁରୁଷ, ମହିଳା ଓ ଛାତ୍ରଛାତ୍ରୀମାନେ ଯୋଗ ଅଭ୍ୟାସରେ ଅଂଶ ଗ୍ରହଣ କରିଥିଲେ। ଯୁବ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ନିଜର କର୍ମମୟ ଜୀବନରୁ ଯୋଗ ଅଭ୍ୟାସ ପାଇଁ ସମୟ ଦେବା ପାଇଁ କହିଥିଲେ। ଯୋଗ ଅଭ୍ୟାସ ଦ୍ୱାରା ଶରୀରକୁ ସୁସ୍ଥ, ସବଳ, ମାନସିକ ଓ ଶାରୀରିକ ଶାନ୍ତି ତଥା କାର୍ଯ୍ୟକ୍ଷମ କରିବାରେ ସମର୍ଥ ହୋଇପାରିବା ବୋଲି ମତ ପ୍ରକାଶ କରିଥିଲେ।

### ଅସ୍ତରଙ୍ଗ



ଅସ୍ତରଙ୍ଗ ବ୍ଲକ୍ ପଡ଼ିଆରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯୋଗ ମହୋତ୍ସବ ସମିତି ଅସ୍ତରଙ୍ଗ ଶାଖା, ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଓ ସବୁଜ ଶାଖାର ମିଳିତ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବକ, ମହିଳା, ଛାତ୍ରଛାତ୍ରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ଭାଇଭଉଣୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ସାମିଲ୍ ହୋଇଥିଲେ। ଯୋଗ ଦିବସ ଉପରେ ଅନୁଷ୍ଠିତ ଆଲୋଚନା ସଭାରେ ଅତିଥି ଭାବେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପୁରୀ ବିଭାଗ ବୌଦ୍ଧିକ ପ୍ରମୁଖ ସୁଶାନ୍ତ କୁମାର ପରିଡ଼ା, ବୈଜ୍ଞାନିକ ଶଙ୍କର ପ୍ରସାଦ ଜେନା, ବ୍ରହ୍ମାକୁମାରୀ ରାଜଯୋଗିନୀ ପ୍ରଭାତୀ ଭଉଣୀ ଓ ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିଆ ଯୋଗଦେଇ ଯୋଗର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଯୋଗଗୁରୁ ଭାବେ ପ୍ରଶାନ୍ତ କୁମାର ନାୟକ, ଉଲ୍ଲାସ ଚନ୍ଦ୍ର ବେହେରା ଓ ଜୟୀରାମ ମୁଦୁଲିଙ୍କ ନେତୃତ୍ୱରେ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶଶାଙ୍କ ଶେଖର ସେଠୀ, ଲକ୍ଷ୍ମୀପ୍ରିୟା ନାୟକ ଓ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଦୁଷ୍ମନ୍ତ ପରିଡ଼ା ପରିଚାଳନା କରିଥିଲେ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଗାଳି କରୁଥିବା ଯୁବକଙ୍କ ନାଁରେ ଏତଲା

କଣାସ,୨୧।୬(ସମିସ): ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ତାଙ୍କ ଚରିତ୍ରକୁ ଆକ୍ଷେପ କରି ଅଶାଳୀନ ଭାଷା ଲଗେଇ ସୋସିଆଲ ମିଡିଆ ଓ ଜନୈକ ବ୍ୟକ୍ତିଙ୍କୁ ଫୋନ୍ କରି ଧମକ ଦେଇଛନ୍ତି ଜଣେ ଅସାମାଜିକ ବ୍ୟକ୍ତି। ରାଷ୍ଟ୍ରପତିଙ୍କ ଚରିତ୍ରକୁ ନେଇ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଗଡ଼ିଶାଗୋଦା ଥାନାରେ ଅଭିଯୋଗ ଦେଲେ ବିଜେପି କର୍ମୀ। ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବଡ଼ଓରା ଗ୍ରାମର ପ୍ରଶାନ୍ତ ସାହୁଙ୍କ ନାମରେ ରବିବାର ସାହୁପଡ଼ା ମଣ୍ଡଳ ଯୁବ ମୋର୍ଚ୍ଚା ଓ ସାହୁପଡ଼ା ମଣ୍ଡଳ ତରଫରୁ ଥାନାରେ ଅଭିଯୋଗ ଦିଆଯାଇଛି। ଦେଶର



ସର୍ବୋଚ୍ଚ ସାମ୍ବିଧାନିକ ନେତୃତ୍ୱ ନେଉଥିବା ରାଷ୍ଟ୍ରପତିଙ୍କ ଚରିତ୍ରକୁ ଅତି କଦର୍ଯ୍ୟ ଭାଷାରେ ଗାଳି କରିବା ସହ ସାମାଜିକ ଗଣମାଧ୍ୟମରେ ଲେଖିବା ନେଇ ସବୁ ଦିଗରୁ ନିନ୍ଦା କରାଯାଇଛି। ଉକ୍ତ କଲ୍ ରେକର୍ଡରେ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ଧମକ ଦେବା ସହ ପୂର୍ବରୁ ପୁଲିସକୁ ମାଡ଼ ମାରିଥିବା କହିଛି ସମ୍ପୃକ୍ତ ବ୍ୟକ୍ତି ଜଣକ। ଯାହାକୁ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶତାଧିକ ବିଜେପି କର୍ମୀ ଅଭିଯୋଗ କରିଛନ୍ତି।

**କାକଟପୁରରୁ ଯୁବତୀ ଅପହରଣ ଅଭିଯୋଗରେ ନୂଆ ମୋଡ଼**

## ପିପିଲିରୁ ଉଦ୍ଧାର; ଅପହରଣକୁ ଖଣ୍ଡନ

କାକଟପୁର,୨୧।୬(ସମିସ): କାକଟପୁର ଥାନା ଅନ୍ତର୍ଗତ କଣିହାଁ ଗ୍ରାମରୁ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ବନ୍ଧୁକ ଓ ଛୁରୀ ଦେଖାଇ ଜୋର୍‌ଜବରଦସ୍ତ ଅପହରଣ କରାଯାଇଥିବା ନେଇ ହୋଇଥିବା ଅଭିଯୋଗ ଉପରୁ ପରଦା ହଟିଛି। ଏ ସଂକ୍ରାନ୍ତରେ କାକଟପୁର ପୁଲିସ ତତ୍ପରତା ପ୍ରକାଶ କରି ଯୁବତୀଙ୍କୁ ଉଦ୍ଧାର କରିବା ସହ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିଛି। ତେବେ ଏହା କୌଣସି ଅପହରଣ ନୁହେଁ, ବରଂ ଯୁବତୀ ଜଣକ ନିଜ ଇଚ୍ଛାରେ ବିବାହ କରି ରହୁଥିବା ପୁଲିସ ଆଗରେ ବୟାନ ଦେଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, କାକଟପୁର ଥାନା ଅଧୀନସ୍ଥ କଣିହାଁ ଗ୍ରାମର କପିଳ ନାୟକଙ୍କ ଝିଅ ରଶ୍ମିତା ନାୟକ (୨୨) ପିପିଲିସ୍ଥିତ ଏକ ରିଲାଏନ୍ସ ମଲ୍‌ରେ କାମ କରୁଥିଲେ। ଗତ ଜାନୁଆରୀ ୬ ତାରିଖରେ ସେ ପିପିଲି ଥାନା ନରସିଂହପୁର ଗ୍ରାମର କୋହିନୁର ଖାନ୍ ଓରଫ ନୁରସତ ଶାହ (୨୬)ଙ୍କ ସହ ଘରୁ ଚାଲିଯାଇ ଏକତ୍ର ରହୁଥିଲେ। ଗତ ମାର୍ଚ୍ଚ ୧୬ ତାରିଖରେ ଭୁବନେଶ୍ୱରଠାରେ ରଶ୍ମିତାଙ୍କ ଭାଇଙ୍କ ସହ ତାଙ୍କର ଦେଖା ହେବା ପରେ, ସେ ଭାଇଙ୍କ ସହ ନିଜ ଗାଁ କଣିହାଁକୁ ଆସିଥିଲେ। ଚଳିତ ମାସ ୧୮ ତାରିଖରେ ଯୁବତୀଙ୍କ ମାଆ ସ୍ୱର୍ଣ୍ଣ ନାୟକ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ୧୭ ତାରିଖ ମଧ୍ୟରାତ୍ରିରେ କୋହିନୁର ଖାନ୍ ଅନ୍ୟ ୧୦ ଜଣ ଯୁବକଙ୍କ ସହ ମାରଣାସ୍ତ୍ର (ଛୁରୀ ଓ ବନ୍ଧୁକ) ଧରି ତାଙ୍କ ଘରେ ପଶିଥିଲେ। ସେମାନେ ଜୀବନରୁ ମାରିଦେବାର ଧମକ ଦେଇ ରଶ୍ମିତାଙ୍କୁ ଜବରଦସ୍ତ ଅପହରଣ କରି ନେଇଯାଇଛନ୍ତି। ଏହି ଅଭିଯୋଗକୁ ଆଧାର କରି କାକଟପୁର ପୁଲିସ କେସ୍ ନଂ-୨୨୦/୨୦୨୬, ବିଏନ୍‌ଏସ୍‌ରେ ବିଭିନ୍ନ ସଙ୍ଗୀନ ଦଫା ଏବଂ ଆର୍ମସ ଆକ୍ଟ ବଳରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଗତ ୨୦ ତାରିଖରେ ପୁଲିସ ପିପିଲି ଅଞ୍ଚଳରୁ ସମ୍ପୃକ୍ତ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଉଦ୍ଧାର ପରେ ଯୁବତୀଙ୍କ ଅଡିଓ-ଭିଡିଓଗ୍ରାଫି ମାଧ୍ୟମରେ ବୟାନ ରେକର୍ଡ କରାଯାଇଛି। ସେଥିରେ ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କୁ କେହି ଅପହରଣ କରିନାହାନ୍ତି। ସେ ଜଣେ ସାବାଳିକା ଏବଂ ସେ ନିଜ ଇଚ୍ଛାରେ ଘରୁ ଯାଇ ନୁରସତ ଶାହଙ୍କୁ ବିବାହ କରିଛନ୍ତି। ଏ ସମ୍ପର୍କିତ ଏକ ଆଫିଡେଭିଟ୍ (ସତ୍ୟପାଠ) ମଧ୍ୟ ସେ ପୁଲିସ ନିକଟରେ ଦାଖଲ କରିଛନ୍ତି।

## ଉନ୍ନତ ମାଛ ଚାଷ ନିମନ୍ତେ ପ୍ରଶିକ୍ଷଣ ଶିବିର



ସାକ୍ଷୀଗୋପାଳ,୨୧।୬(ସମିସ): କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଉନ୍ନତ ଧରଣର ମାଛ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ୨୪ଟି ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଲିପିଲିତା ଖୁଣ୍ଟିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଦେବାଶିଷ ନାୟକ, ସମ୍ମାନିତ ଅତିଥି ଭାବେ କୃଷିବିଜ୍ଞାନ ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ଆଶା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମତ୍ସ୍ୟ ଚାଷୀଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବିଭିନ୍ନ କଲ୍ୟାଣମୁଖୀ ଯୋଜନାର କାର୍ଯ୍ୟକାରିତା, ବିଭିନ୍ନ ମତ୍ସ୍ୟ ଚାଷ ପାଇଁ ଭିନ୍ନ ଭିନ୍ନ ଆର୍ଥିକ ଅନୁଦାନ, ବୈଜ୍ଞାନିକ ତଥା ଆଧୁନିକ ପଦ୍ଧତିରେ ଚାଷ କରିବାର ବିଭିନ୍ନ ଉପାୟ ଆଦି ବିଷୟ ଉପରେ ଅତିଥିମାନେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। କର୍ମଚାରୀ ସାଗର ମିତ୍ର, ସୁବ୍ରତ ନନ୍ଦ, ଅଖିଳ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ଜଣ ଷ୍ଟାଫ୍‌ରେ ଚାଲିଛି ୪୦ ବର୍ଷର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ବଳଙ୍ଗା,୨୧।୬(ସମିସ): ଗ୍ରାମାଞ୍ଚଳରେ ଲୋକଙ୍କ ଜିବନ ଶୈଳୀ ସୁଦୃଢ଼ କରିବା ଓ ବିଭିନ୍ନ ପ୍ରକାରର ସରକାରୀ ସହାୟତା ରାଶି ହିତାଧିକାରୀ କିପରି ସୁବିଧାରେ ଉଠାଇ ପାରିବେ ଓ ବ୍ୟବସାୟୀମାନେ ମଧ୍ୟ ସୁରୁଖୁରୁରେ ଟଙ୍କା ଜମା ଓ ଉଠାଣ କରିପାରିବେ ସେଥିପାଇଁ ସରକାର ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ବ୍ୟାଙ୍କ, ଡାକଘର ପ୍ରଭୃତି ପ୍ରତିଷ୍ଠା କରିଛନ୍ତି। ଏପରିକି ପାଠ ପଢ଼ି ନ ଥିବା ଲୋକମାନଙ୍କ ପାଇଁ ବ୍ୟାଙ୍କ ମିତ୍ର ରହିଛନ୍ତି, ଯିଏ କି ତାଙ୍କୁ ଟଙ୍କା ଦେଣନେଣରେ କାଗଜପତ୍ର ଲେଖାଲେଖି ପାଇଁ ସାହାଯ୍ୟ କରିବେ। କିନ୍ତୁ ପୁରୀ ଜିଲ୍ଲା ସାରଙ୍ଗ ଯୋଡ଼ି ପଞ୍ଚାୟତରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ କର୍ମଚାରୀ ଅଭାବରୁ ଗ୍ରାହକ ଉଚିତ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ମାତ୍ର ୨ ଜଣ ଷ୍ଟାଫ୍ ଥିବାରୁ ଲୋକେ ପ୍ରତିଦିନ ହଇରାଣ ହରକତ ହେଉଛନ୍ତି। ଏହି ବ୍ୟାଙ୍କଟି ୪୦ ବର୍ଷ ତଳେ ୬ଟି ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଖୋଲା ଯାଇଥିଲା। ବର୍ତ୍ତମାନ ଦୁଇ ବଖରା ବିଶିଷ୍ଟ ଏକ ଭଙ୍ଗା ଛାତ ଘରେ ଏହି ବ୍ୟାଙ୍କଟି ଚାଲୁଛି। ଛାତ ଉପରେ ଗଛ ଉଠିବା ସହିତ ଘରଟି ସମ୍ପୂର୍ଣ୍ଣ ବ୍ୟାଙ୍କ ଅନୁପଯୋଗୀ ହୋଇ ପଡ଼ିଛି। କେତେବେଳେ ଏହି କୋଠା ଘରଟି ଭୁଶୁଡ଼ିଯିବ ତାହା



କହିବା ଅସମ୍ଭବ ନୁହେଁ। ଏଠାରେ ଲୋକମାନେ ବସିବା ପାଇଁ ଜାଗା ନ ଥିବାରୁ ବାହାରେ ପଡ଼ିଥିବା ଭଙ୍ଗା ବିଦ୍ୟୁତ୍ ଖୁଣ୍ଟି ଉପରେ ବସିଥା'ନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବ୍ୟାଙ୍କରେ ଶାଖା ପରିଚାଳକ ଓ କ୍ୟାସିୟର ଦୁଇ ଜଣ କର୍ମଚାରୀ ରହିଛନ୍ତି। ଏହି ଦୁଇ ଜଣ କର୍ମଚାରୀରେ କିପରି ଏତେ ବଡ଼ ବ୍ୟାଙ୍କ ଚାଲୁଥିବ ତାହା ନ ଦେଖିଲେ ଅନୁମେୟ କରିବା ଅସମ୍ଭବ। ଏଠାରେ ମାସକୁ ୧୫ ଦିନ ବ୍ୟାଙ୍କର ଥିବା ଇଣ୍ଟରନେଟ୍ କାମ କରି ନ ଥାଏ। ଶାଖା ପରିଚାଳକ ଆଶିଷ ବେହେରାଙ୍କୁ ପଚାରିବାରେ କହନ୍ତି କି, ଆମେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଏ ବିଷୟରେ ଅବଗତ କରାଇଛୁ। ଏଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ଫଟୋ ବିକ୍ରେତାଙ୍କ ଗଳା ଚିପି ହତ୍ୟା ଉଦ୍ୟମ; ଜଣେ ଗିରଫ

ପୁରୀ,୨୧।୬(ସମିସ): ଶ୍ରୀମନ୍ଦିର ଉତ୍ତରଦ୍ୱାର ପାଖେ ବ୍ୟବସାୟ ସ୍ଥାନକୁ ନେଇ ମାର୍‌ପିଟ ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସିଂହଦ୍ୱାର ଥାନା ପୁଲିସ। ଅଭିଯୁକ୍ତ ହେଉଛନ୍ତି ଟାଉନ ଥାନା ଗୁଡ଼ିଆ ସାହିର ନାରାୟଣ ପ୍ରସ୍ତୀ (୩୨)। ଅଭିଯୋଗ ଅନୁଯାୟୀ, ଶନିବାର ରାତି ପ୍ରାୟ ୮ଟା ବେଳେ ଉତ୍ତରଦ୍ୱାର ପାଖରେ ଫଟୋ ବିକ୍ରି କରୁଥିବା ନିଖିଳ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ନିର୍ମାଲ୍ୟ ବିକ୍ରେତା ନାରାୟଣ ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ବ୍ୟବସାୟ ସ୍ଥାନକୁ ନେଇ ପୂର୍ବରୁ ବିବାଦ ଚାଲିଥିଲା। ନାରାୟଣ ଆସି ନିଖିଳଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ତାଙ୍କ ଗଳାକୁ ପାଦରେ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଫଳରେ ନିଖିଳ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଆହତ ଅବସ୍ଥାରେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନିଖିଳଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ନାରାୟଣଙ୍କୁ ଗିରଫ କରିଛି।

**ନୟାହାଟରେ ଟ୍ରାଫିକ୍ ସମସ୍ୟା ଗୁରୁତର**

## ଘଣ୍ଟା ଘଣ୍ଟା ଧରି ଅଟକି ରହିଲା ଆମ୍ବୁଲାନ୍ସ

ନୟାହାଟ,୨୧।୬(ସମିସ): ନୟାହାଟ ଏକ ଜନଗହଳିପୂର୍ଣ୍ଣ ବଜାର। ଉକ୍ତ ବଜାରରେ ଦୈନିକ ୬ଟି ବ୍ଲକ୍, ୩ଟି ଜିଲ୍ଲାର ଲୋକମାନେ ସମାବେଶ ହାଇଥା'ନ୍ତି। ପ୍ରତ ବୁଧବାର ଓ ରବିବାର ହାଟବାରିରେ ସକାଳେ ଓ ସନ୍ଧ୍ୟାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାଫଳରେ ଉକ୍ତ ସମସ୍ୟାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ବୁଧବାର ସନ୍ଧ୍ୟାରେ ଟ୍ରାଫିକ୍ ସମସ୍ୟା ସିଙ୍ଗପାନିଆ ଗ୍ରାମଠାରୁ ନୟାହାଟ ଫାଣ୍ଡି ପର୍ଯ୍ୟନ୍ତ ୧ କିଲୋମିଟର ପର୍ଯ୍ୟନ୍ତ ବସ୍, ଟ୍ରକ୍, ବାଇକ୍ ହଜାର ହଜାର ସଂଖ୍ୟାରେ ଅଟକିବା ସହିତ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ୧ ଘଣ୍ଟା ଧରି ଅଟକି ରହିଥିଲା। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳରେ



ପହଞ୍ଚି ଟ୍ରାଫିକ୍ ସମସ୍ୟା ଦୂର କରିବା ସହିତ ଆମ୍ବୁଲାନ୍ସକୁ ପ୍ରଥମେ ବାଟ ଛାଡ଼ିଥିଲେ। ଏଠି ପୂର୍ତ୍ତ ବିଭାଗ ଦୁଇ ପାଶ୍ୱର୍ରେ ଜାଗା ଥିବାବେଳେ ତାହା ଜବରଦଖଲକାରୀଙ୍କ କବଳରେ ରହିଛି। ଉଚ୍ଛେଦ ନ ହେବାରୁ ରାସ୍ତା ଉପରେ ବାଇକ୍, ସାଇକଲ ହାଟବାରିମାନଙ୍କରେ ଶତାଧିକ ମାତ୍ରାରେ ରଖାଯାଉଥିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରାଫିକ୍ ସମସ୍ୟା ସବୁଦିନ ସନ୍ଧ୍ୟାରେ ଲାଗିରହିବା ଫଳରେ ସାଧାରଣ ଜନତା ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଜବରଦଖଲ ହଟାଇବା ପାଇଁ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛନ୍ତି।

ସକାଳ
THE SAKALA



## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# 'ଯୋଗ ହିଁ ମାନବ ଧର୍ମକୁ ବିଶେଷ କରିବାର ଏକମାତ୍ର ମାଧ୍ୟମ'



ବାଲେଶ୍ୱର,୨୧।୬(ସମିସ)

୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ବ୍ରାହ୍ମମୁହୂର୍ତ୍ତରେ ଧ୍ୟାନ ଯୋଗଳ, ଯୋଗଯାତ୍ରା, ସୂର୍ଯ୍ୟ ନମସ୍କାର ମାଧ୍ୟମରେ ବ୍ରିଟ୍ କଲ୍ୟାଟ ମଣ୍ଡପଠାରେ ପାଳିତ ହୋଇଯାଇଛି। ହୋଲିଷ୍ଟିକ୍ ହିଲିଂ ଯୋଗ ଶିକ୍ଷାକେନ୍ଦ୍ର ବାଲେଶ୍ୱର ତରଫରୁ ଏହି ସମାରୋହକୁ ଆୟୋଜନ କରାଯାଇଥିଲା। ଯୋଗ କେନ୍ଦ୍ରର ସ୍ଥାୟୀ ସଭାପତି ପ୍ରଫେସର ଜୟସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗସ୍ତି ଚୈତନ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏକ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି କବି ପ୍ରଶାନ୍ତ ଦାସ ଯୋଗ ଜୀବନରେ ଓମ୍ ଉଚ୍ଚାରଣର ଭୂମିକା ଉପରେ ବିଶେଷ ଆଲୋଚନା କରିଥିଲେ। ବାଲେଶ୍ୱର ଜେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ ସୁଚିତ୍ରା ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଯୋଗ ହି ମାନବ ଧର୍ମକୁ ବିଶେଷ କରିବାର ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ବରିଷ୍ଠ ସାଧକ ନାରାୟଣ ପାତ୍ର, ସାଧୁକା ମନ୍ଦାକିନୀ ଦାସ, ସାଧୁକା ଇନ୍ଦୁବତୀ ମହାରଣାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉପସଭାପତି ରଞ୍ଜନ କୁମାର ସାହୁ, ରୀତା ରାଉତ, ସାଧାରଣ ସମ୍ପାଦକ ସଙ୍ଗିତା ଦାସ, ଯୁଗ୍ମ ସମ୍ପାଦକ ଧ୍ରୁବ୍ ଚରଣ ବେହେରା, ସହସମ୍ପାଦକ ସଞ୍ଜୟ କୁମାର ସେନାପତି, ସଂଗଠନ ସମ୍ପାଦକ ତଥା ଆଇନଜୀବୀ ବସନ୍ତ ପ୍ରଧାନ, ସଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କୋଷାଧକ୍ଷ ସୂର୍ଯ୍ୟକୁମାର ପୋଥାଳ, ସଭ୍ୟ ଜ୍ୟୋସ୍ନାଲତା ଜେନା, ଲିପି ପଣ୍ଡା, ସୁଜାତା ପଣ୍ଡା, ରଣଜିତ ମହାରଣା, ଲଳିତା ରଣା, ଲୁନା ପତି, ସୀତାରାମ ସ, ମନିଟର ଗାୟତ୍ରୀ ପାଢ଼ୀ, ମାନସୀ ମହାରଣା, ରଘୁନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିର ମଣ୍ଡଳ ବଜାର, ମହିଳା ଯୋଗକେନ୍ଦ୍ର ବଲେଶ୍ୱର, ମହିଳା ଯୋଗ କେନ୍ଦ୍ର ସହଦେ ଖୁଣ୍ଟାର ସାଧକ ସାଧୁକାମାନେ ଯୋଗ ଦେଇଥିଲେ। ବ୍ରିଟ୍ କଲ୍ୟାଣ ମଣ୍ଡପର



ଉତ୍ତରାଧିକାରୀ ସଂଘମିତ୍ରା ମହାନ୍ତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିକାଶ ପାଢ଼ୀ, ବିକାଶ କର ସହଯୋଗ କରିଥିଲେ। ପୁଲିସ ଲାଇନଠାରେ ଯୋଗ ଶିବିରକୁ ଗୀତାଞ୍ଜଳି ପଣ୍ଡା, ଦମୟନ୍ତୀ ମହାପାତ୍ର, ରୀତା ରାଉତ ପରିଚାଳନା କରିଥିବାବେଳେ ମାଗୁଣି ଚରଣ ବାଳାଶ୍ରମ ମଥାନିଠାରେ ସଞ୍ଜୟ ସେନାପତି ଓ ମିତାଲି ମଧୁସ୍ମିତା ସେନାପତି ଯୋଗ ଶିବିରକୁ ପରିଚାଳନା କରିଥିଲେ। ବାଲେଶ୍ୱର ଜେଲ୍‌ରେ ଅନ୍ତେବାସୀମାନଙ୍କ ପାଇଁ ଏକ ବିଶାଳ ଯୋଗ ଶିବିରକୁ ସୂର୍ଯ୍ୟ ପୋଥାଳ, ତୃପ୍ତି ପୋଥାଳ, ଜ୍ୟୋସ୍ନା ଜେନା, ସ୍ନେହଲତା ଦାସପତି, ମନୋସ୍ୱିନୀ ଜେନା ପ୍ରମୁଖ ପରିସ୍ଥଳନା କରିଥିଲେ।

### ଖଣ୍ଡେଲୱାଲ ପରିଷଦ

ବାଲେଶ୍ୱର : ବିଶ୍ୱ ଯୋଗ ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗଦିବସ ପାଳନ ହୋଇଛି। ଏହି ଅବସରରେ ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ମଧ୍ୟ ଆଜି ଯୋଗଦିବସ ପାଳିତ ହୋଇଥିଲା। ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନରେ ମାରୱାଡି ସମାଜ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡେଲୱାଲ ପରିଷଦ ଏହାକୁ ପରିଚାଳନା କରିଥିଲା। ଏଥିରେ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ପ୍ରିୟଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୋଗ ଦ୍ୱାରା ବହୁ ବଡ ବଡ ରୋଗମାନ ଭଲ ହେଉଥିବା ବେଳେ ଏହାଦ୍ୱାରା ମନ ସୁସ୍ଥ ରହିବା ସହ ଶରୀର ଆରୋଗ୍ୟ ରହିଥାଏ। ଏହି କାର୍ଯ୍ୟକ୍ରମରେ ଖଣ୍ଡେଲୱାଲ ପରିଷଦର ସଭାପତି ମହେଶ ରାଓ୍ୱତ, ସମ୍ପାଦକ ପ୍ରକାଶ ରାଓ୍ୱତ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ଡେନାୟାଚ ପ୍ରମୁଖଙ୍କ ସହ ଉପସଭାପତି ଅନୀଲ ମାମୋଡିଆ, ଶ୍ୟାମସୁନ୍ଦର ରାଓ୍ୱତ, ନରେଶ ରାଓ୍ୱତ, ବିକାଶ ରାଓ୍ୱତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବାଲେଶ୍ୱର : ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇଟିଆଇ ଛକସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପରିଚାଳନା କରିଥିଲେ। ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ମଧ୍ୟ ଏହି ଯୋଗ ଦିବସ ପାଳନ କରାଯାଇଥିଲା।

### କରଞ୍ଜିଆ ପଞ୍ଚାୟତ



ବାଲେଶ୍ୱର : କରଞ୍ଜିଆ ପଞ୍ଚାୟତରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ପଞ୍ଚାୟତର ବରିଷ୍ଠ ନେତା ସମ୍ବିତ କୁମାର ବେହେରା ଯୋଗଦେଇ ଯୋଗ ଯୁଗେ ଯୁଗେ ରହିଆସିଛି, ଏବେ ଏହା ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଥିବା କଥା କହିଥିବା ବେଳେ, ପ୍ରତିଟି ମଣିଷ ଦୈନିକ କିଛି ସମୟ ପାଇଁ ଯୋଗ କରିବାର ଆବଶ୍ୟକତା ରହିଥିବା କଥା ଉଲ୍ଲେଖ କରିଥିଲେ। ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ କରଞ୍ଜିଆ ପଞ୍ଚାୟତର ନାଏବ ସରପଞ୍ଚ ସୁକାନ୍ତି ନାୟକ, ପୂର୍ବତନ ନାଏବ ସରପଞ୍ଚ ଜିତେନ ଲେଙ୍କା, ୱାର୍ଡମେମ୍ବର ରେବତୀ ଘୋଷ, ବନଲତା ବେହେରା, ପୂର୍ବତନ ୱାର୍ଡମେମ୍ବର ଦମୟନ୍ତୀ ମଲ୍ଲିକ, ସରକାରୀ ଅଧିକାରୀ ମାନସ କୁମାର ମାଇତିଙ୍କ ସମେତ ଅନେକ ଲୋକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ରାଜ୍ୟସ୍ତରୀୟ ପୋଥି ବିଜ୍ଞାନ କର୍ମଶାଳା

## ପୋଥି ପଢ଼ା ଶିଖିଲେ ତ୍ରିନାଥ ଓ ରିତେଶ

ବାଲେଶ୍ୱର,୨୧।୬(ସମିସ): ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଦଶଦିନିଆ ରାଜ୍ୟସ୍ତରୀୟ ପୋଥି ବିଜ୍ଞାନ କର୍ମଶାଳାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ଛାତ୍ର ସଫଳତାର ସହ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟ ପରିସରରେ ଏହି କର୍ମଶାଳା ହୋଇଥିଲା। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଓଡ଼ିଆ ଏବଂ ସଂସ୍କୃତ ବିଭାଗର ୟୁଜି, ପିଜି ଓ ପିଏଚଡି ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ବରିଷ୍ଠ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଚୀନ ପୋଥିର ସଂରକ୍ଷଣ, ପାଠୋଦ୍ଧାର, ସମ୍ପାଦନା ଓ ଗବେଷଣା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପୋଥିରୁ ପାଠ ଉଦ୍ଧାର, ସ୍ୱତନ୍ତ୍ର ଅକ୍ଷର ତାଲିକା ପ୍ରସ୍ତୁତି ଏବଂ ଆଧୁନିକ ଟେକ୍ନୋଲୋଜି ବ୍ୟବହାର କରି ପାଣ୍ଡୁଲିପିର ପାଠୋଦ୍ଧାର ପ୍ରକ୍ରିୟା କର୍ମଶାଳାର ମୁଖ୍ୟ ଆକର୍ଷଣ ଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟ ସୁପାରିଶକ୍ରମେ ଏଫ୍.ଏମ୍. ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ର ତ୍ରିନାଥ ନନ୍ଦୀ ଓ ରିତେଶ କୁମାର ଦାଶ ଏହି କର୍ମଶାଳାରେ ଭାଗ ନେଇ ସଫଳତାର ସହ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫିରୋଜ କୁମାର ପାଢ଼ୀ, ଓଡ଼ିଆ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ସମଗ୍ର ମହାବିଦ୍ୟାଳୟ ଅଭିନନ୍ଦନ ଜଣାଇଛନ୍ତି।

## ରେଳ ଷ୍ଟେସନରୁ ୨ ନାବାଳକ ଉଦ୍ଧାର



ବାଲେଶ୍ୱର,୨୧।୬(ସମିସ): ବାଲେଶ୍ୱର ଆରପିଏଫ୍ ବାଲେଶ୍ୱର ରେଳ ଷ୍ଟେସନରୁ ଦୁଇ ନାବାଳକଙ୍କୁ ଉଦ୍ଧାର କରିଛି। ଷ୍ଟେସନ ପରିସରରେ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ୍ ସମୟରେ ଏଏସ୍‌ଆଇ ଅଭୟ କୁମାର ମହାଲିକଙ୍କ ନେତୃତ୍ୱାଧୀନ ଆରପିଏଫ ଟିମ୍ ଦୁଇ ଜଣ ପିଲାଙ୍କୁ ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବାର ଦେଖିଥିଲା। ପଚରାଉଚରାରୁ ଜଣାପଡ଼ିଲା ଯେ ସେମାନେ ଏକାକୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଇ ଶ୍ରମିକ ଭାବେ କାମ କରିବାକୁ ଯୋଜନା କରିଥିଲେ। ପିଲାମାନେ ବିପଦରେ ଅଛନ୍ତି ବୋଲି ସନ୍ଦେହ କରି ଆରପିଏଫ ଟିମ୍ ତୁରନ୍ତ ସେମାନଙ୍କୁ ସୁରକ୍ଷା ପାଇଁ ଆରପିଏଫ୍ ପୋଷ୍ଟକୁ ଆଣିଥିଲା। ସେଠାରେ ଦୁଇ ନାବାଳକଙ୍କୁ ବୁଝାସୁଝା କରିବା ସହ ଖାଇବାକୁ ଦିଆଯାଇଥିଲା। ଷ୍ଟେସନ ମ୍ୟାନେଜରଙ୍କୁ ସୂଚନା ଦେଇ ସମସ୍ତ ଆବଶ୍ୟକ କାଗଜପତ୍ର କାମ ସାରିବା ପରେ ରେଳବାଇ ଚାଇଲ୍ଡ ହେଲ୍ପ ଡେସ୍କ ୧୦୯୮ ଜରିଆରେ ଉଦ୍ଧାର ପିଲାଙ୍କୁ ବାଲେଶ୍ୱର ଚାଇଲ୍ଡ ୱେଲଫେୟାର କମିଟି (ସିଡବ୍ଲୁସି)କୁ ହସ୍ତାନ୍ତର କରାଯାଇଛି। ସେଠାରେ ସେମାନଙ୍କ ଯତ୍ନ, ସୁରକ୍ଷା ଓ ଥଇଥାନ ବ୍ୟବସ୍ଥା କରାଯିବ।

## ଯୋଗ ଶିବିର ଓ ସଚେତନତା କାର୍ଯ୍ୟକ୍ରମ



ଭୋଗରାଇ,୨୧।୬(ସମିସ):ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଯୋଗ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନ୍ଥଭଉଁରୀ ଓ ଶ୍ରଦ୍ଧାପୁର ପଞ୍ଚାୟତରେ ବିଶେଷ କରି ଯୋଗ ଶିବିର ଏବଂ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହା ମାନବ ଜୀବନରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରା ବିକାଶରେ ସହାୟକ ହୋଇଥାଏ। କାନ୍ଥଭଉଁରୀ ସରପଞ୍ଚ କିରଣବାଳା ଜେନା, ଶ୍ରଦ୍ଧାପୁର ସରପଞ୍ଚ ପ୍ରତ୍ୟାଶା ପାତ୍ର, ସଦସ୍ୟ ପ୍ରଦୀପ କୁମାର ଦାସ, ଗୌରହରି ମଣ୍ଡଳ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ସମାଜସେବୀ ଚନ୍ଦନ ପାତ୍ର, ଆଇନଜୀବୀ ଶମ୍ଭୁନାଥ ଭଞ୍ଜ, ସମାଜସେବୀ ମଦନ ମୋହନ ଦାସ ମହାପାତ୍ର, ଶିକ୍ଷକ କାର୍ତ୍ତିକ ପାତ୍ର, ସତ୍ୟ କୁମାର ସାମଲ, ବିଜୟ କୁମାର ମହାନ୍ତି, ଗୋପାଳ ସାଁ, ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ମହାନ୍ତି, କାଜଲ ବାସ୍କେ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆରପି, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ଓ ଯୁବକଯୁବତୀମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

କାଳିପଦା: ବାଲିଆପାଳ ବ୍ଲକ୍ ପ୍ରଶାସନ ପକ୍ଷରୁ ଆଜି ବ୍ଲକ୍ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ଯୋଗାଭ୍ୟାସରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜକିଶୋର ଦାସ, ବାଲେଶ୍ୱର ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ବିଶ୍ୱ ହିନ୍ଦୁ ପରିଷଦ ବାଲିଆପାଳ ଖଣ୍ଡ ସଭାପତି ଶ୍ରୀହରି ମଣ୍ଡଳ, କ୍ଷିତୀଶ ଚନ୍ଦ୍ର ଜେନା, ଅଜୟ ସାହୁ, ଅକ୍ଷୟ କୁମାର ପାତ୍ର, ବୀରମାଧବ ଦାସ, ବାସନ୍ତୀ ନାୟକ, ନିର୍ମଳା ପ୍ରଧାନ, ସୁଶାନ୍ତି ସେଠୀ, ମନୋରଞ୍ଜନ ବେହେରା, ବିଶ୍ୱରଞ୍ଜନ ସେଠୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ। ଯୋଗ ଶିକ୍ଷକ ଭାବରେ ଜଗନ୍ନାଥ ଦେ, ବିଜୟ କୁମାର ସାହୁ, ଶ୍ରାବଣୀ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୧।୬(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଆଶା'ରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶାର ପ୍ରତିଷ୍ଠାତା ଡ. ଆମର କୁମାର ପାଳ ପୌରୋହିତ୍ୟ କରିଥିଲେ। "ଆଶା'ର ଚେୟାରମ୍ୟାନ ସରୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉଳ ମୁଖ୍ୟବକ୍ତା, ଶିକ୍ଷକ ନରେନ୍ଦ୍ର ନାଥ ଜେନା, ସମ୍ମାନିତ ଅତିଥି ଦେବସେନା ରାଜ୍ୟର ଯୁବ ଅଧ୍ୟକ୍ଷ ଶଙ୍କର କୁମାର ଜେନା, ଶିକ୍ଷକ ଦାଶରଥି ରାଉତ, ଯୋଗ ଶିକ୍ଷୟିତ୍ରୀ ସୁଭାସିନୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାରତ ବର୍ଷକୁ ରୋଗମୁକ୍ତ କରିବାର ଆହ୍ୱାନକୁ ସ୍ଲୋଗାନ ଦେବା ସହ ୨୦ ମିନିଟ୍ ଯୋଗାଭ୍ୟାସ କରିଥିଲେ। ମଞ୍ଜୁବତି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗାଭ୍ୟାସ ସହ ଜଳାଶୟ ସଫେଇ




ବାଲେଶ୍ୱର,୨୧।୬(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି କର୍ମକ୍ଷେତ୍ରରେ ଅଧିକ ସଫଳତା ହାସଲ କରିପାରିବ ସେନେଇ ବୋଲି ମତପ୍ରକାଶ କରିଥିଲେ। ଯୋଗ ପାଠ୍ୟକ୍ରମ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'ର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଭାଗୀୟ ମୁଖ୍ୟ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିସାମୂହିକ ଯୋଗାଭ୍ୟାସ କରିବା ସହ ପରିସରସ୍ଥିତ ଜଳାଶୟ ସଫା କରିଥିଲେ। ପ୍ରକାଶଯୋଗ୍ୟ, ଚଳିତ ବର୍ଷ ଅନ୍ତର୍ଜାତିକ ଯୋଗ ଦିବସକୁ 'ଯୋଗ ସଙ୍ଗମ' ଶୀର୍ଷକରେ ପାଳନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ପାଳିତ ହେବ। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଇଥିଲା। ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ପ୍ରତିମା ପ୍ରଧାନ, ଡ. ପ୍ରୀତିରଞ୍ଜନ ମାଝୀ, ଡ. ପ୍ରଜ୍ଞା ପଣ୍ଡା ଓ ବସନ୍ତ କୁମାର ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଅନାଥର ଶବସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ

ଜଳେଶ୍ୱର,୨୧।୬(ସମିସ): କିଛିଦିନ ତଳେ ଜଳେଶ୍ୱର ମୁଖ୍ୟ ରାଜପଥରୁ ଜଣେ ଅଚିହ୍ନା ଲୋକର ଶବ ମିଳିଥିଲା। ଦୀର୍ଘ ଚାରିଦିନ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହରେ ରହିବା ପରେ ମଧ୍ୟ ତାଙ୍କର ପରିଚୟ ମିଳି ପାରି ନ ଥିଲା। ଏହାପରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ 'ମେ ଆଇ ହେଲ୍ପ ୟୁ' 'ମୋ ପରିବାର' ମୁଖ୍ୟ ଜଗନ୍ନାଥ ପରିଡ଼ାଙ୍କୁ ଏହି ଅନାଥ ଲୋକର ଶବ ସତ୍କାର ପାଇଁ କହିଥିଲେ। ଏହା ପୂର୍ବରୁ ଅନେକ ଶବସତ୍କାର ଏହି ସାମାଜିକ ସଂଗଠନ ମାଧ୍ୟମରେ ସମ୍ପନ୍ନ ହୋଇଅଛି। ତେଣୁ ସଂଗଠନ ଶବ ସତ୍କାର ପାଇଁ ସମସ୍ତ ଜିନିଷ ବ୍ୟବସ୍ଥା କରିଥିଲେ ଏବଂ ଜଳେଶ୍ୱର ଶାନ୍ତିଆ ଗ୍ରାମରେ ଥିବା ଶବଦାହ କେନ୍ଦ୍ରରେ ସମସ୍ତ କାର୍ଯ୍ୟ ସମ୍ପନ କରିଥିଲେ। ଆବଶ୍ୟକ ଅନୁସାରେ ଶବ ସତ୍କାର ପାଇଁ ଜଳିବା କାଠ ଆଖପାଖରେ



ମିଳୁନାହିଁ। ଦୂରସ୍ଥାନରୁ ଆଣିବାକୁ ପଡୁଛି ଏବଂ ଜଳେଶ୍ୱର ମ୍ୟୁନିସିପାଲ୍‌ଟି ତରଫରୁ କିଛି ସଦସ୍ୟ ସହଯୋଗ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଥାନା ଅଧିକାରୀ ସଞ୍ଜୟ ନାୟକ, ଗଣେଶ ଟୁଡୁ, ସୁବଳ ହେମ୍ବ୍ରମ, ଭଗିରଥ ମାରାଣ୍ଡି, ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଶାଳୀ ମୁହାଣଠାରେ ନୀଳରକ୍ତ କଙ୍କଡ଼ା ଦିବସ




ବାଲେଶ୍ୱର,୨୧।୬(ସମିସ): ସାମାଜିକ ସଂଗଠନ ମୁନ୍ କମ୍ୟୁନିକେସନ ପକ୍ଷରୁ ଅନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ ମହିଶାଳୀ ମୁହାଣଠାରେ ପାଳନ କରାଯାଇଛି। ମୁନ ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁହାଣରେ ଡିଙ୍ଗି, ଭୁଟଭୁଟୀ ମାଲିକ ଓ ସେମାନଙ୍କର କର୍ମଚାରୀମାନଙ୍କୁ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ଓ ଚିକିତ୍ସା ଜଗତ ପାଇଁ ସେମାଙ୍କର ରକ୍ତର ଅବଦାନ ଓ ଜୈବ ବିବିଧତା ଉପରେ ଏମାନଙ୍କ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିବେଶ କର୍ମୀ ଉଦୟ ଭାନୁ ନାୟକ, ମୁରଲୀଧର ମହାନ୍ତି ଯୋଗଦେଇ ଉପକୂଳ ବିକାଶ କାର୍ଯ୍ୟକ୍ରମରେ ବେଳାଭୂମିରେ ବ୍ୟାପକ କଂକ୍ରିଟ ବନ୍ଧ ଫଳରେ ଏମାନଙ୍କ ଅଣ୍ଡା ଦାନ ହ୍ରାସ ଓ ମନୁଷ୍ୟ କୃତ ଜାଲର ଦୁର୍ଘଟଣାରୁ କିପରି ନୀଳରକ୍ତ କଙ୍କଡାର ଜୀବନ ରକ୍ଷା କରାଯାଇ ପାରିବ ସେସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇଥିଲେ। ବିଶେଷ କରି ଏମାନେ ଅଣ୍ଡାଦାନ ପାଇଁ ଏକ ଉତ୍ତମ ଉପକୂଳ ଚୟନ କରୁଥିବାରୁ ସରକାରଙ୍କ ପକ୍ଷରୁ ଉପକୂଳକୁ ଅଭୟରଣ୍ୟ ଭାବେ ବିବେଚନା କରି ବଂଶବୃଦ୍ଧି ପାଇଁ ସତନ୍ତ୍ର ବଜେଟ ବ୍ୟବସ୍ଥା କରିବାକୁ ସମସ୍ତେ ମତ ରଖିଥିଲେ। ଶେଷରେ ଏମାନଙ୍କ ମୃତ୍ୟୁର ମୁଖ୍ୟ କାରଣ ଥିବା ଜାଲ ପାଇଁ ମୁହାଣକୁ ଜାଲମୁକ୍ତ କରାଯାଇ ଜାଲରେ ଛନ୍ଦି ରହିଥିବା ନୀଳରକ୍ତ କଙ୍କଡାକୁ ନଦୀରେ ଛଡ଼ାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜଳଧର ବେହେରା, ଜିତେନ୍ଦ୍ର ଦାସ, କାର୍ତ୍ତିକ ନାୟକ, କରୁଣାକର ଜେନା, ମାଗୁଣି ଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଲୋକଙ୍କୁ ସଚେତନ କରିବ ଆପ୍

ରାଜଘାଟ,୨୧।୬(ସମିସ): ବସ୍ତା ବ୍ଲକ୍ ବାହାର୍ଦା ଡାକବଙ୍ଗଳା ପରିସରରେ ବସ୍ତା ଆମ ଆଦମୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟିର ଜିଲ୍ଲା ସହ ପ୍ରଭାରୀ ପ୍ରବିଣ କାବ୍ୟ, ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣଭାରତ ମଲ୍ଲିକ୍, ସମ୍ପାଦକ ଶ୍ରୀକାନ୍ତ ପାଣି ସରୋଜ ରାଉଳ, ଅମିୟ ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା. ଗମନାଗମନ ପାନୀୟଜଳ ସମସ୍ୟା, ନିଯୁକ୍ତି ଆଦି ନେଇ ବସ୍ତା ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କର ଗାଁ ଲୋକମାନଙ୍କୁ ଅବଗତ କରିବାକୁ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଆମ ଆଦ୍‌ମୀ ଦଳର ବହୁ କର୍ମୀ ଯୋଗ ଦେଇଥିଲେ।

# ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ଘେରିବ ସିପିଆଇଏମ୍

ବାଲେଶ୍ୱର,୨୧।୬(ସମିସ)



ନୂଆବଜାର ସ୍ଥିତ ୟୁନିଅନ୍ କେଣ୍ଟିନ ଶ୍ରମିକ ଭବନଠାରେ ସିପିଆଇଏମର ବାଲେଶ୍ୱର ଜିଲ୍ଲାର କର୍ମୀ ମାନଙ୍କର ଏକ କର୍ମଶାଳା ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ଏକ ବିସ୍ତୃତ ଆଲୋକପାତ କରିଥିଲେ। ଚଳିତ ମାସ ୩୦ତାରିଖ ଜିଲ୍ଲାର ସମସ୍ତ ଥାନା ସାମ୍ନାରେ ପାର୍ଟି ପକ୍ଷରୁ ଗଣବିକ୍ଷୋଭ ସହିତ ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୁନ୍ ୨୫ତାରିଖ ବିକ୍ଷୋଭକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଭତ୍ତା ଦେବାରେ ବିଳମ୍ବ କରିବା, ବିଭିନ୍ନ ଆଳ ଦେଖାଇ ସାମାଜିକ କଲ୍ୟାଣ ଯୋଜନା କାଟିବା, ପ୍ରତିଶ୍ରୁତି ଅନୁଯାୟୀ ମାସିକ ୩,୫୦୦ ଟଙ୍କା ଭତ୍ତା ଦେବା, ସମସ୍ତ ପ୍ରକୃତ ଆବେଦନକାରୀଙ୍କୁ ରାସନକାର୍ଡ ଦେବା, ୩୦୦ ୟୁନିଟ ବିଜୁଳି ଶୁଳ୍କ ଛାଡ଼ କର, ବିଭି ଗ୍ରାମଜୀକୁ ବାତିଲ କରିବା ଓ ମନରେଗା ଆଇନକୁ ପୁନଃପ୍ରଚଳନ କରିବା, କୁଲଡିହା ଅଭୟାରଣ୍ୟ ନାଁରେ ଇକୋ ସେନସିଟିଭ ଅଞ୍ଚଳରୁ ଆଦିବାସୀ ବାସିନ୍ଦାଙ୍କୁ ବିସ୍ଥାପିତ କରିବା ବନ୍ଦ କରିବା, ପେସା ଆଇନକୁ ଲାଗୁକରିବା, କର୍ପୋରେଟ କମ୍ପାନୀ ହାତକୁ ରାଜ୍ୟର ସମସ୍ତ ଜଙ୍ଗଲ ଓ ଖଣି ପାହାଡ଼ ଟେକିଦେବା ବିରୋଧରେ ଜିଲ୍ଲାର ସମସ୍ତ ବ୍ଲକରେ ଘରକୁ ଯାଇ ଆସନ୍ତା ୨ଜୁଲାଇ ଠାରୁ ୧୨ ଜୁଲାଇ ପର୍ଯ୍ୟନ୍ତ ପ୍ରଚାର ଅଭିଯାନ ସହ ଜଳେଶ୍ୱରରେ ଜୁଲାଇ ୧୨ ତାରିଖ, ରେମୁଣାରେ ଜୁଲାଇ ୧୩ ତାରିଖ ଏବଂ ଜୁଲାଇ ୮ ତାରିଖ ନୀଳଗିରିର ତେଲିପାଳ ଠାରେ ବିଶାଳ ବିଶାଳ ଜନ ସମାବେଶ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଆଲୋଚନା ସଭାରେ ପଶ୍ଚିମବଙ୍ଗ ପାର୍ଟି ସମ୍ପାଦକ ମହମ୍ମଦ ସେଲିମ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକ, ବିଜୟ କୁମାର ପାତ୍ର, ପ୍ରେମରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଗୋବିନ୍ଦ ବାରିକ, ହରପ୍ରିୟା ଜେନା, ଅକ୍ଷୟ ମିଶ୍ର, ଦିଲ୍ଲୀପ ଗିରି, ଛାତ୍ର ନେତା ପ୍ରମଥ ପ୍ରାମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

ଆନ୍ତର୍ଜାତିକ ଯୋଗ ଦିବସ

# ଯୋଗ ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ଦାନ










କେନ୍ଦ୍ରାପଡ଼ା,୨୧।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଯୋଗ ମହୋତ୍ସବ ସମିତି ସହଯୋଗରେ ଶ୍ୟାମଗୁଡ଼ିଆସ୍ଥ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗର ଆବଶ୍ୟକତା, ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ଉପରେ ବିଶେଷ ଆଲୋକପାତ କରାଯାଇଥିଲା। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଯୋଗ ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ଦାନ। ଯାହା ଆଜି ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସମ୍ଭବ ହୋଇଥାଏ। ଏହା ଏକ ସୁସ୍ଥ ଓ ସକାରାତ୍ମକ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଓ ଉପଜିଲ୍ଲାପାଳ ଅରୁଣ ନାୟକ ପ୍ରମୁଖ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଗୁରୁତ୍ୱ ଉପରେ ମତ ରଖିଥିଲେ। ଯୋଗ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ସାଧାରଣ ଯୋଗ ପ୍ରୋଟୋକଲ ଅନୁଯାୟୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରଦର୍ଶନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡ଼ା ସଂଘର ପ୍ରତିନିଧି, କ୍ରୀଡ଼ା ଶିକ୍ଷକ, ଯୋଗ ଗୁରୁ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ତଥା ସମାଜର ବିଭିନ୍ନ ବର୍ଗର ୫୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଯୋଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ ଓ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ପ୍ରେରିତ କରାଯାଇଥିଲା। ଏଥିସହିତ ବ୍ଲକ ଓ ପଞ୍ଚାୟତ ସ୍ତରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିବାବେଳେ ପରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ରାଜନଗର:** ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ରାଜନଗର ବ୍ଲକ ପରିସରରେ ଆୟୋଜିତ ଯୋଗ ଶିବିରକୁ ରାଜନଗର ତହସିଲଦାର ଯାଶୁକୃଷ୍ଣ ଦାସ ଉଦ୍‌ଘାଟନ କରି ଯୋଗ ଦିବସର ତାତ୍ପର୍ଯ୍ୟ, ଯୋଗ ହିଁ ପ୍ରତିଟି ମଣିଷର କର୍ମକ୍ଳାନ୍ତ ଜୀବନ ଧାରା ଭିତରେ ଶରୀରକୁ ସୁସ୍ଥ ଓ ପରିପୁଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ ଅଂଶ ଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ। ପ୍ରଶିକ୍ଷିତ ଭାବେ ପଦ୍ମଲୋଚନ ଦାସ, ବାସୁଦେବ ମାଝୀ ଯୋଗଦେଇ ଯୋଗର ବିଭିନ୍ନ ପ୍ରଣାଳୀ ପ୍ରଦର୍ଶନ କରିଥିଲେ। ଶିବିରରେ ଅତିରିକ୍ତ ତହସିଲଦାର ଆଶିଷ ଜେନା, ବରିଷ୍ଠ ସାମ୍ରାଜିକ ଭାସ୍କର ରାଉତରାୟ, କନିଷ୍ଠ ଯନ୍ତ୍ରୀ ଇଂ. ପ୍ରଭାତ ମାଝୀ, ମନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଜନଗରସ୍ଥ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ଶୈଳେନ୍ଦ୍ର ନାରାୟଣ ଫାଉଣ୍ଡ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା। ଅଧ୍ୟକ୍ଷ ଅମିୟ କୁମାର ଦାସ, ଫାଉଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଯୁବ ରେଡକ୍ରସ୍ କାଉନସେଲର ରାଜଶ୍ରୀ ସାମନ୍ତ, ସହ ପରିଚାଳକ ଡ. ଅଧ୍ୟାପକ ପ୍ରସନ୍ନ ଦାସ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରା, ମୁଖ୍ୟ କିରାଣି ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ବିପିନ ପଣ୍ଡା ଓ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା। କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ ଦାସ ଯୋଗଦେଇ ଦୈନନ୍ଦିନ ଜୀବନ ଓ କର୍ମକ୍ଷେତ୍ରରେ ଯୋଗର ଉପଯୋଗିତାକୁ ପ୍ରତିପାଦନ କରିବା ସହ କିପରି ଯୋଗ ପ୍ରାଣାୟାମକୁ ପାଥେୟ କଲେ ସୁସ୍ଥ ଶରୀର ଗଠନ କରିବା ସେ ବିଷୟରେ ଅନ୍ୟ ବନ କର୍ମଚାରୀଙ୍କ ମାଧ୍ୟମରେ ସମାଜକୁ ବାର୍ତ୍ତା ପ୍ରଦାନ କରିଛନ୍ତି। ବନପାଳ ପ୍ରଶାନ୍ତ ସିଂ, ନବୀନ ମଲ୍ଲିକ, ପ୍ରଫୁଲ୍ଲ ମାଝୀ, ପ୍ରକାଶ ଦାସ, କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ ପରିଡା, ଗୋରାଚାନ୍ଦ ସିଂ, ସତୀଶ ଲାକ୍ରା ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏମଏନ ହାଇସ୍କୁଲ ନିକଟରେ ଥିବା ଇଣ୍ଡୋର ଷ୍ଟାଡ଼ିୟମରେ ଆୟୋଜିତ ଯୋଗ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, କନିଷ୍ଠ ଯନ୍ତ୍ରୀ ବନ୍ଦିତା ବେହୁରା, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ, ସିଆରସିସି ସଂଘମିତ୍ରା ନାୟକ, ବ୍ଲକ ବିଏସଏସଓ ସୁଧାଂଶୁ ପ୍ରଧାନ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ଆଡ଼ଭୋକେଟ ପ୍ରମୋଦ ସାହୁ, କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ, ସମାଜସେବୀ ରବୀନ୍ଦ୍ର ସାହୁ, ଏମଏନ ହାଇସ୍କୁଲ ଶିକ୍ଷୟିତ୍ରୀ ଅନୀତା ଧଳ, ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ ସସ୍ମିତା କର ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଗୁରୁ ପୀତାମ୍ବର ପରିଡା, ଚତୁର୍ଭୁଜ ରାଉଳ, ବିଜୟରାଉତ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ। ପ୍ରିୟରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ପରିଡା, ସରୋଜ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ଯୋଗ ଦିବସ ପାଳିତ ହୋଇଥିଲା। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଓ ଡିକେ ବାଲକ୍ରିଷ୍ଣନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ନାୟକ ନାୟକ, ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପ୍ୟାନେଲ ଓକିଲ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଯୋଗ ଦିବସ ପାଳିତ ହୋଇଯାଇଛି। ସବଡିଭିଜନ ହସ୍ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଚନ୍ଦ୍ରଶେଖର ଦାଶ, ପିଏଚଇଓ ନୃସିଂହ ଦାସ, ଏନଏଚଏମ ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ ଦାସ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ଯୋଗ କରିଥିଲେ। ଯୋଗ ଗୁରୁ ସୁଶାନ୍ତ ଧଳ ଯୋଗ ଶିକ୍ଷା ଦେଇଥିଲେ। ନୀଳକଣ୍ଠପୁର ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇଥିଲା। ସରପଞ୍ଚ ମାତାଜୀ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର୍ଷଣ ମାଝୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ପଞ୍ଚାୟତ ବିଜେପି ସଭାପତି ସତ୍ୟପ୍ରିୟ ସୂତାର, ପ୍ରଭାରୀ କ୍ରିଷ୍ଣାଚନ୍ଦ୍ର ପାତ୍ର, ମଣ୍ଡଳ ଉପସଭାପତି ସଞ୍ଜୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବାରଡ଼ାଙ୍ଗ ପଞ୍ଚାୟତ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ସରପଞ୍ଚଙ୍କ ସମେତ ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ ଓ ବହୁ ଯୁବକ ଯୋଗଦେଇ ସାମୂହିକ ଭାବେ ଯୋଗାଭ୍ୟାସ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଶରୀର ଓ ମନକୁ ସୁସ୍ଥ ରଖିବା ସହ ସୁସ୍ଥ ସମାଜ ଗଠନରେ ସହାୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅରବିନ୍ଦ ଜେନା, ପିଇଓ ରୋହିତ ହାସ୍ଦା, ଏଡିଓ ବବିତା ମହାନ୍ତି, ଯୁବନେତା ବିଭୂତି ଭୂଷଣ ରାଉତ, ବୋଧିରାମ ସେଠୀ, ସରୋଜ ଜେନା, ମଳୟ ଲେଙ୍କା, ସଞ୍ଜୟ ଜେନା, ପବିତ୍ର ରାଉତ, ଭରତ ସେଠୀ, ମାନ ରାଉତ, ହାପି ସ୍ୱାଇଁ ଓ ବହୁ ୱାର୍ଡ ମେମ୍ବର, ମହିଳା ଗୋଷ୍ଠୀ ଜନସାଧାରଣ ଉପସ୍ଥିତ ରହି ଯୋଗ ଦିବସର ମହତ୍ତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ।

**ଡେରାବିଶ:** ଆଜି ସମଗ୍ର ବିଶ୍ୱରେ ଯୋଗ ଦିବସ ପାଳନ ହୋଇଥିବାବେଳେ ଡେରାବିଶ ବ୍ଲକ୍ ଅଞ୍ଚଳର ୨୬ଟି ପଞ୍ଚାୟତରେ ପାଳନ ହୋଇଛି। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳେ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ଯଅଁରାବାରିମୂଳ ପଞ୍ଚାୟତରେ ଯୋଗାଭ୍ୟାସ ପାଇଁ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ସରପଞ୍ଚ ଶଙ୍କର୍ଷଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଯୋଗାଭ୍ୟାସରେ ଏଡିଇଓ ସତ୍ୟପ୍ରକାଶ ପାଣି, ଏମ୍‌ବିକେ ତିଳୋତ୍ତମା ମହାପାତ୍ରଙ୍କ ସମେତ ପଞ୍ଚାୟତର ବହୁ ପୁରୁଷ ଓ ମହିଳା ଯୋଗଦେଇଥିଲେ। ବନବିହାରୀ ରାଉତ, ନିମାଇଁ ପରିଡ଼ା, ପ୍ରଭାକର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଡେରାବିଶ:** ବାଲିଆ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା ଯୋଗ ଦେଇଥିଲେ। ବାଲିଆ ପଞ୍ଚାୟତର ସମାଜସେବୀ ଅକ୍ଷୟ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଯୋଗ ଶିବିରରେ ବରିଷ୍ଠ ସମାଜସେବୀ ବିପିନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ଭାବେ ଅନିରୁଦ୍ଧ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ବେହେରା, ବିଶ୍ୱମୋହନ ଦାସ, ସଂଜୟ ସାହୁ, ସୌମ୍ୟରଞ୍ଜନ ଚାନ୍ଦ, ପ୍ରଶାନ୍ତ ସାଥୁଆ, ସତ୍ୟବ୍ରତ ବେହେରା, ରଶ୍ମିରଞ୍ଜନ ରାଉତରାୟ, ରବିନ୍ଦ୍ର ରାଉତ, ପ୍ରଦୀପ ପାତ୍ର, ବିନୋଦ ସିଂ, ଅଶୋକ ପ୍ରଧାନ, ସ୍ୱର୍ଣ୍ଣଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ମହାବିଦ୍ୟାଳୟ ଗାନ୍ଧୀ ମଣ୍ଡପ ପରିସରରେ ଜାତୀୟ ସେବା ଯୋଜନା ଓ ଉଚ୍ଚଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ ପ୍ରଧାନ ଯୋଗ ଶିବିରକୁ ଉଦଘାଟନ କରି ଯୋଗ କେବଳ ଶରୀରର ସୁସ୍ଥତା ନୁହେଁ, ମାନସିକ ଦକ୍ଷତା, ରୋଗ ପ୍ରତିରୋଧକ ଶକ୍ତି ଓ ଆବେଗିକ ସ୍ଥିରତା ବୃଦ୍ଧି ଆଦିରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ,ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀଙ୍କୁ ନେଇ କ୍ରୀଡ଼ା ଶିକ୍ଷକ ଯତୀନ ମହାନ୍ତିଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମନୋଜ ରାଉତ, ଧୀରେନ ଚୌଧୁରୀ, ଅଧ୍ୟାପିକା କାଞ୍ଚନ ସାହୁ, ପ୍ରଗତି ବିଶ୍ୱାଳ, କନିଷ୍ଠ କିରାଣୀ ବିଜୟ ଜେନା, ସାଧୁଚରଣ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ +୨ ବାଳିକା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଡ. ଲୁସିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗରଦପୁର ବ୍ଲକ୍‌ରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ଗରଦପୁର,୨୧।୬(ସମିସ):** ରାଜ୍ୟ ସରକାରଙ୍କ "ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସହ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମାଞ୍ଚଳରେ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇଥିଲା। ଗରଦପୁର ବ୍ଲକର ତଳକୁସୁମା, ତେଣ୍ଡାକୁଡା ଓ ବଡ଼ବେତରା ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ତେଣ୍ଡାକୁଡା ସମିତି ସଭ୍ୟ ବାସୁଦେବ ବେହେରା, ବଡବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ର ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସୁଭଦ୍ରା ଶକ୍ତି ସମାବେଶ ଓ ଶୁଭଦ୍ରା ଶକ୍ତି ସମ୍ବାଦ ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇ ନୂତନ ଯୋଜନା ଓ ସରକାରୀ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।



## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

**ମାର୍ଶାଘାଇ,୨୧।୬(ସମିସ):** ମାର୍ଶାଘାଇ ବ୍ଲକ୍ ପରକୁଳା ଓସଡମା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ବ୍ଲକ ଯୋଗାଣ ଅଧିକାରିଣୀ ପ୍ରିୟଙ୍କା ସାହୁ, ମାର୍ଶାଘାଇ ଅଗ୍ନିଶମ ଅଧିକାରୀ ଦୁର୍ଗାଦତ୍ତ ଦାଶ, ଗୋପୀନାଥ ସେଠୀ, ପିଇଓ ସରୋଜକାନ୍ତ ସାମଲ, ସମିତି ସଭ୍ୟ ସଞ୍ଜୟ ପାତ୍ର, କୈଳାସ ବେହେରା, ପ୍ରଦୀପ ପଣ୍ଡା, ରମେଶ ଦାସ, ସଞ୍ଜୟ ପଣ୍ଡା, ଅଭିରାମ ବେହେରା, ସୁଜାତା ଦାସ, ସ୍ୱେଚ୍ଛାସେବୀ ସଂଗଠନ ପାର ନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ଏମ୍‌ବିକେ ବିଜୟଲକ୍ଷ୍ମୀ ରାଉତ, ଅଙ୍ଗନବାଡ଼ି କର୍ମୀ ମେନେକା ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲ୍ଲା ପରିଗଣିତ ହୋଇଆସୁଛି। ୧୯୯୯ ମହାବାତ୍ୟାରେ ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡ଼ାରେ ମହାବାତ୍ୟା ତାଣ୍ଡବରେ ବହୁ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରତିବର୍ଷ ସାମୁଦ୍ରିକ ଝଡ଼ ଚିରସହଚର ପାଲଟିଛି। ଏହାର ମୁକାବିଲା କରିବାକୁ ମକଡ୍ରିଲ ମାଧ୍ୟମରେ ପରିକଳ୍ପିତ ବାତ୍ୟା "ଦାନା' ମୁକାବିଲା ପାଇଁ ପ୍ରସ୍ତୁତି ଓ ସଚେତନତା କରାଯାଇଥିଲା। ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ, ମାର୍ଶାଘାଇ ଅଗ୍ନିଶମ ବାହିନୀ କର୍ମଚାରୀ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସିଆରପି ସରୋଜିନୀ ପରିଡ଼ା, ଲକ୍ଷ୍ମୀ ଦେଇ, ରମେଶ ସାହୁ, ପ୍ରକାଶ ବେହେରା, ମହେଶ୍ୱର ପଣ୍ଡା, ଅଭିରାମ ବେହେରା, ମନୋଜ ପରିଡ଼ା, ପ୍ରଭାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



● କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ୩୧ତମ ବାର୍ଷିକ ସାଧାରଣ ସଭା

## ଅଂଶୀଦାରଙ୍କୁ ୮ ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ

**କେନ୍ଦ୍ରାପଡ଼ା,୨୧।୬(ସମିସ):** କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୩୧ତମ ବାର୍ଷିକ ସାଧାରଣ ସଭା ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ଡ. ଅପର୍ଣ୍ଣା ମହାନ୍ତି, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ସୁକାନ୍ତ କୁମାର ଦ୍ୱିବେଦୀ, ଅମୂଲ୍ୟ ପ୍ରଧାନ, ସିଦ୍ଧାର୍ଥଶଙ୍କର ଜେନା, ମହେନ୍ଦ୍ର କୁମାର ପରିଡା, ବିଧୁଭୂଷଣ ମହାପାତ୍ର, ସୁଧାଂଶୁଶେଖର ପ୍ରତାପ, କଳ୍ପତରୁ ମହାପାତ୍ର, ଶ୍ରୀକାନ୍ତ କୁମାର ନାୟକ, ରଶ୍ମିରଞ୍ଜନ ଚୌଧୁରୀ ଓ ବୋର୍ଡ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ବିଜୟ କୁମାର ବରାଳ, ସଭ୍ୟ ଦୟାନିଧି ଜେନା ଓ ଶାନ୍ତିସ୍ୱରୂପ ଭୂୟାଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆରାଧ୍ୟ ଦେବତା ବଳଦେବଜୀଉ ସଂପ୍ରଦାୟର ଆଦ୍ୟ ପ୍ରବର୍ତ୍ତକ ମଧୁସୂଦନ ଦାସ ଓ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରଲୋକଗତ ପ୍ରମୁଖ ସଦସ୍ୟ ରବୀନ୍ଦ୍ର ସାହୁ, ଗୌରାଙ୍ଗ ଲେଙ୍କା, ଶିବପ୍ରସାଦ ବିଶ୍ୱାଳ, ସୌର ଚନ୍ଦ୍ର ସାହୁ ପ୍ରମୁଖଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୂର୍ବ ସାଧାରଣ ସଭାର ବିବରଣୀ ପାଠ କରିଥିଲେ। ଏହା ସଠିକ ଭାବେ ଲିପିବଦ୍ଧ ହୋଇଥିବାରୁ ତାହାକୁ ଦୃଢିକରଣ କରାଯାଇଥିଲା। ବ୍ୟାଙ୍କର ସଭାପତି ଆର୍ଥିକ ବର୍ଷ ୨୦୨୫-୨୬ର ବୈଧାନିକ ସମୀକ୍ଷା ବିବରଣୀ ଗ୍ରହଣ ଓ ଅନୁମୋଦନ ୨୦୨୫-୨୬ର ଲାଭାଂଶ ବଣ୍ଟନର ଅନୁମୋଦନ, ୨୦୨୬-୨୭ ଆର୍ଥିକ ବର୍ଷର ଆୟବ୍ୟୟର ଅଟକଳ ଗ୍ରହଣ ଓ ଅନୁମୋଦନ,୨୦୨୫-୨୬ର ଅତିରିକ୍ତ ଆୟବ୍ୟୟର ମଞ୍ଜୁରୀ ପ୍ରଦାନ ନିମନ୍ତେ ସାଧାରଣ ସଭାର ଅନୁମୋଦନ ପାଇଁ ପ୍ରସ୍ତାବ ରଖିଥିଲେ। ଏଥିସହିତ ଗତ ଆର୍ଥିକ ବର୍ଷ ୨୦୨୫-୨୬ର କାର୍ଯ୍ୟାବଳି ଓ ପ୍ରଗତି, ଚଳିତବର୍ଷ ୨୦୨୬-୨୭ ନିମନ୍ତେ ବ୍ୟାଙ୍କର କାର୍ଯ୍ୟକ୍ରମ ବିଷୟରେ ଅଭିଭାଷଣ ମାଧ୍ୟମରେ ଆଲୋକପାତ କରିଥିଲେ। ବ୍ୟାଙ୍କର ସନ୍ତୋଷଜନକ ଆର୍ଥିକ ପ୍ରଗତି/ପ୍ରଦର୍ଶନକୁ ଆଧାର କରି ଅଂଶୀଦାରଙ୍କୁ ବାର୍ଷିକ ଶତକଡା ୮ ପ୍ରତିଶତ ଲାଭାଂଶ ପ୍ରଦାନ କରିବା ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ବ୍ୟାଙ୍କ ପକ୍ଷରୁ ୨ଟି ନୂତନ ଯୋଜନା ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୋର ଷ୍ଟେପ ବ୍ୟାଙ୍କିଂ ସେବା, ନାବାଳକ ପିଲାଙ୍କ ମଧ୍ୟରେ ସଞ୍ଚୟ ଓ ବ୍ୟାଙ୍କିଙ୍ଗ ଅଭ୍ୟାସ ବିକଶିତ କରିବା ପାଇଁ ସ୍ୱତନ୍ତ୍ର ସେବା ଯୋଜନା ପ୍ରଚଳନ କରାଯାଇଥିଲା। ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖାକୁ ବାରଘଣ୍ଟିଆ ବ୍ୟାଙ୍କ ସେବା ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ କରାଇବାକୁ ସୂଚନା ପ୍ରଦାନ କରାଯାଇଥିଲା।



ପ୍ରତିବର୍ଷ ପରି ଚଳିତବର୍ଷ ଜିଲ୍ଲାର ମାଟ୍ରିକ ଟପ୍ପର ଖରିନାସୀ ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ଓ ଓଏଏସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ଅର୍ଜନ କରିଥିବା ଅତସୀ ଅପରାଜିତା, ସୂଚିସ୍ମିତା ନାୟକ, ସ୍ୱାତୀସ୍ମିତା ବେହେରା, ବିଶ୍ୱଜିତ ପ୍ରଣ୍ଡା, ରଶ୍ମିରଞ୍ଜନ ସ୍ୱାଇଁ ଓ ଶୁଭମ ସୌମେନ ସେନାପତିଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୫-୨୬ର ଉତ୍ତମ ପ୍ରଦର୍ଶନ ନିମନ୍ତେ ଚାନ୍ଦୋଲ ଶାଖାର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟାଙ୍କର ବିକାଶ ଓ ସଫଳତାର ମୂଳଦୂଆ ରଚନା କରିଥିବା ପ୍ରତିଷ୍ଠାତା ସଭ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ବିଭିନ୍ନ ଶାଖାର ଆଦର୍ଶ ଗ୍ରାହକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ସହଯୋଗ କାମନା କରାଯାଇଥିଲା। ଅନ୍ୟପକ୍ଷରେ ଜାତୀୟ ଛତ୍ର ସଂଗଠନ ଏନୟୁସିଏଫଡିସି ସହକାରୀ କାଉନସିଲ ବ୍ୟାଙ୍କର ସଭାପତିଙ୍କୁ ମନୋନୀତ କରାଯାଇଥିବାରୁ ସଭ୍ୟମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ସହିତ ସମଗ୍ର ରାଜ୍ୟ ଗର୍ବିତ ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଡା. ବିଶ୍ୱପ୍ରକାଶ କାନୁନଗୋ, ଡ. ସୁନାକର ସାମଲ, ହଳଧର ସେଠୀ, ସରୋଜକାନ୍ତ ସାହୁ, ସରୋଜ ମହାନ୍ତି, ସର୍ବେଶ୍ୱର ସେଠୀ, ଶକ୍ତିକାନ୍ତ ପାତ୍ର, ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶୀଳ ସାମଲ, ଭାଗୀରଥି ଜେନା, ପରେଶ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଏହା କରତାଳି ମାଧ୍ୟମରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ବ୍ୟାଙ୍କର ଉପସଭାନେତ୍ରୀ ଡ. ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ସୁରେଶ ପରିଡା, ମ୍ୟାନେଜର ହିମାଂଶୁ ଲେଙ୍କା, ମିନାକ୍ଷୀ ପାଣି ପ୍ରମୁଖ ସହଯୋଗ କରିଥିଲେ।

## ଚୋରା କେବୁଲ ତାର ବୋଝେଇ ବୋଲେରୋ ଜବତ

**ରାଜକନିକା,୨୧।୬(ସମିସ):** ରାଜକନିକା ପୁଲିସ ଆଜି ଚୋରା କେବୁଲ ତାର ବୋଝେଇ ଏକ ବୋଲେରୋକୁ ଜବତ କରିଛି। ବୋଲେରୋ ଗାଡ଼ିରେ ତାର ବୋଝେଇ ହୋଇ ମଲ୍ଲୀସାହାଡ଼ା ଗ୍ରାମର ଏକ ଦୋକାନକୁ ଯାଉଥିବାବେଳେ ପୁଲିସ ଜବତ କରିଛି। କୌଣସି ସୂତ୍ରରୁ ପୁଲିସ ଖବର ପାଇ ଗୋଡ଼ାଇ ଗୋଡ଼ାଇ ଏହି ଗାଡ଼ିକୁ ଜବତ କରିଥିବାବେଳେ ଜଣଙ୍କୁ ଅଟକ ରଖିଛି। ଅନ୍ୟ ୪ ଜଣ ଖସିଯାଇଥିବାବେଳେ ତଦନ୍ତରେ ବାଧା ପାଇଁ ପୁଲିସ କୌଣସି ସୂଚନା ଦେଇନାହିଁ। ଜବତ ବୋଲେରୋ ରାଜକନିକା ଥାନାରେ ଅଟକ ରହିଛି। ଦୀର୍ଘଦିନ ଧରି ରାଜକନିକା ଥାନା ଅଞ୍ଚଳରେ ଟ୍ରାନ୍ସଫର୍ମର, ସୋଲାର ଲାଇଟ, ବ୍ୟାଟେରୀ, ବିଜୁଳି ତାର, ଲୁହା ପୋଲ ବିଶେଷକରି ପାଣି ପଞ୍ଚାୟତର ମୋଟର ଆଦି ଚୋରି ହେଉଥିବାବେଳେ ଥାନାରେ ଏ ନେଇ ଶତାଧିକ ଅଭିଯୋଗ ହୋଇଛି। ଆଜି ୨୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚୋରା କେବୁଲ କିଣିଥିବା କବାଡ଼ିଆ ଦୋକାନ ମାଲିକ ବୁଲୁ ଶାହଙ୍କୁ ପୋଲିସ ଅଟକ ରଖିବା ସହ ଗାଡିକୁ ଜବତ ରଖି ତଦନ୍ତ ଚଳାଇଛି।

## ବିଜେଡି ନେତା ସୁବାସ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଞ୍ଚୁପାଣ୍ଡବ,୨୧।୬(ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ବିଜେଡି ନେତା ସୁବାସ ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଦୁର୍ଗା ମଣ୍ଡପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସଭାପତିତ୍ୱ କରିଥିବାବେଳେ ଶାନ୍ତନୁ ଦାସ ଗୀତା ପାଠ କରିଥିଲେ। ପ୍ରାକ୍ତନ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଶତ୍ରୁଘନ ଦାସ, କୁଳମଣି ପରିଡ଼ା, ଅବସରପ୍ରାପ୍ତ ଏବିଓ ସଚ୍ଚିକାନ୍ତ ମିଶ୍ର, ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ଚିରରଞ୍ଜନ ଦାସ, ପୂର୍ବତନ ପ୍ରଧାନଶିକ୍ଷକ ବିଧାନ ସାମଲ, ପୂର୍ବତନ ଜିଲ୍ଲାପରିଷଦ ଭବାନୀ ଓଝା, କୈଳାସ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ସ୍ୱର୍ଗତ ସାହୁ ବିଭିନ୍ନ ପ୍ରାଇଭେଟ୍ ମେଡ଼ିକାଲରେ ଆଡିସନାଲ ମ୍ୟାନେଜର ପଦରେ ରହିଥିଲେ। ଗ୍ରାମର ଦୁର୍ଗାପୂଜା କମିଟି ସମ୍ପାଦକ ଭାବେ ପ୍ରାୟ ୪୫ ବର୍ଷ ଧରି କାର୍ଯ୍ୟ ତୁଲାଇ ଥିବାବେଳେ ପଲ୍ଲୀ ମଙ୍ଗଳ ଯୁବକ ସଂଘ ଉପଦେଷ୍ଟା ଓ ବିଜେଡି ଦଳର ନେତା ଭାବେ ଜଣାଶୁଣା ଥିଲେ। ସଭାକୁ ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ପରିଚାଳନା କରିଥିବାବେଳେ ପୁଅ ପ୍ରଭାଞ୍ଜନ ସାହୁ, ବିଶ୍ୱରଞ୍ଜନ ସାହୁ ଉପସ୍ଥିତ ଥିଲେ।

ହରିହର କ୍ଷେତ୍ରରେ ଚାଲିଛି ରଥ ନିର୍ମାଣ

## ନେତ୍ରୋତ୍ସବ ପୂର୍ବରୁ କାମ ସାରିବା ଲକ୍ଷ୍ୟ

ଗରଦପୁର,୨୧।୬(ସମିସ)



ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉ କିଛିଦିନ ବାକି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ମାହାଳ ଗ୍ରାମସ୍ଥ ହରିହର କ୍ଷେତ୍ରରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରଥ ନିର୍ମାଣ କାମ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନେତ୍ରୋତ୍ସବ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି କାରିଗର ଆଶାବ୍ୟକ୍ତ କରିଛନ୍ତି। ମାହାଳ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ନିତ୍ୟ ପୂଜାର୍ଚ୍ଚନା ହୋଇଆସୁଛି। ପାଟକୁରା ନିର୍ବାଚନମଣ୍ଡଳୀର ଏହି ପ୍ରସିଦ୍ଧ ହରିହର କ୍ଷେତ୍ରର ରଥଯାତ୍ରା ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କୁ ଆକର୍ଷିତ କରିଥାଏ। ଏଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେଠାରୁ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳୁଛି। ଚଳିତ ବର୍ଷ ରଥ ନିର୍ମାଣ ଦାୟିତ୍ୱ ପୁରୀ ଧାମର ଅଭିଜ୍ଞ ମହାରଣା ଓ କାରିଗରଙ୍କୁ ଦିଆଯାଇଛି। ମୁଖ୍ୟ କାରିଗର ସତ୍ୟବାଦୀ ମହାରଣା ଓ ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ମନୋଜ ମହାରଣା, ଅଭିମନ୍ୟୁ ସୂତାର, ଜଗନ୍ନାଥ ଓଝା, ଅଶୋକ ସୂତାର ଓ କବିର ସୂତାର ପ୍ରମୁଖ କାରିଗର ନିଜର କାରିଗରୀ ଦକ୍ଷତାର ପରିଚୟ ଦେଇ ରଥଗୁଡ଼ିକୁ ଆକର୍ଷଣୀୟ ରୂପ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ରଥ ଚକ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ପୋଟଳୀ କାର୍ଯ୍ୟ ଜାରି ରହିଛି। ପ୍ରଭୁଙ୍କ ନାମ ସ୍ମରଣ କରି କାରିଗରମାନେ ରଥର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ନେତ୍ରୋତ୍ସବ ପୂର୍ବରୁ ତିନି ରଥ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ ବୋଲି ସେମାନେ ସୂଚନା ଦେଇଛନ୍ତି। ରଥଯାତ୍ରାକୁ ନେଇ ହରିହର କ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ପ୍ରଭୁଙ୍କ ଦର୍ଶନ ଓ ରଥଟଣା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦିନକୁ ଦିନ ବୃଦ୍ଧି ପାଉଛି।